RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-140 ◆BHUBANESWAR ◆SATURDAY ◆16 NOVEMBER 2024 ◆PAGE-14 ◆₹ 6.00
◆ବର୍ଷ-୪୨ ◆ସଂଖ୍ୟା-୧୪୦ ◆ଭୁବନେଶ୍ବର ◆ଶନିବାର ◆୧୬ ନଭେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦




ରାଜ୍ କରିବେ
ଅକ୍ଷୟ
ପୃଷ୍ଠା ୨ ଦେଖନ୍ତୁ...

## ତାପମାତ୍ରା କମିବ, ବେଶୀ ଶୀତ ହେବନି

■ **ଭୁବନେଶ୍ବର,୧୫।୧୧(ସମିସ):** ରାଜ୍ୟରେ ଆଜିଠାରୁ ତାପମାତ୍ରା ହ୍ରାସ ପାଇବ। ଆସନ୍ତା ୫ ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ର କମିବ। ତେବେ ତାପମାତ୍ରା କମିଲେ ମଧ୍ଯ ବିଶେଷ ଶୀତ ପଡ଼ିବ ନାହିଁ। ବର୍ତ୍ତମାନ ଅନେକ ସ୍ଥାନରେ ରାତିର ତାପମାତ୍ରା ସ୍ବାଭାବିକଠାରୁ ଉପରେ ରହୁଛି। ଆଗକୁ ତାପମାତ୍ରା ହ୍ରାସ ହେଲେ ଏହା ସ୍ବାଭାବିକ ସ୍ଥିତିକୁ ଫେରିବ। ତେବେ କିଛି କିଛି ପାହାଡ଼ିଆ ଅଞ୍ଚଳରେ ତାପମାତ୍ରା ଅଧିକ ହ୍ରାସ ହେବା କାରଣରୁ ସ୍ବାଭାବିକଠାରୁ ତଳକୁ ଖସିପାରେ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ଓ ଖରାଟିଆ ରହିବ। ଏହି ସମୟ ମଧ୍ୟରେ ଉଭୟ ଦିନ ଓ ରାତିର ତାପମାତ୍ରା ▶ପୃଷ୍ଠା-୭

## ଦିଲ୍ଲୀ ବାୟୁରେ ବିଷ
## ଦିଲ୍ଲୀରେ ନିଃଶ୍ବାସ ନେବା ମନା!

■ **ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି):** ବିଶ୍ବର ସବୁଠୁ ପ୍ରଦୂଷିତ ରାଜଧାନୀ ଦିଲ୍ଲୀର ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏଠାରେ ନିଃଶ୍ବାସ ନେବା ବିପଜ୍ଜନକ ହୋଇଯାଇଛି। କ୍ରମାଗତ ଦ୍ବିତୀୟ ଦିନରେ ଶୁକ୍ରବାର ଦିଲ୍ଲୀ ବାୟୁ ସବୁଠୁ ବିଷାକ୍ତ ପାଲଟି ଯାଇଛି। ଏହା ଶ୍ବାସକ୍ରିୟା ପାଇଁ ଅନୁପଯୋଗୀ ପାଲଟି ଯାଇଛି। ଘରେ ରହିବାକୁ ଡାକ୍ତର ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ବାହାରକୁ ବାହାରିଲେ ଶ୍ବାସକ୍ରିୟା ସମ୍ବନ୍ଧିତ ରୋଗରେ ହେବାର ସମ୍ଭାବନା ରହିଛି। ପ୍ରଦୂଷଣ ଉପରେ ନଜର ରଖୁଥିବା ▶ପୃଷ୍ଠା-୭

**୫ମ ପର୍ଯ୍ୟନ୍ତ ସ୍କୁଲ୍ ବନ୍ଦ**

**ହରିୟାଣା, ୟୁପି, ରାଜସ୍ଥାନ ବସ୍ ଉପରେ କଟକଣା**



## ଐତିହାସିକ କଟକ ବାଲିଯାତ୍ରା ଉଦ୍‌ଘାଟିତ



## ବିଜେପିର ଆଦିବାସୀ ପ୍ରେମ
# ଦୋଷ ଢାଙ୍କିବାକୁ ମିଛ
## ଓଡ଼ିଶାର ଆଦିବାସୀଙ୍କୁ କେନ୍ଦ୍ର ସରକାରଙ୍କ ଚରମ ପ୍ରତାରଣା

**୧୬୦ରୁ ଊର୍ଦ୍ଧ୍ବ ସମ୍ପ୍ରଦାୟ ଅନୁସୂଚୀତ ଜନଜାତି ମାନ୍ୟତାରୁ ବଞ୍ଚିତ**

**ସ୍ବାଧୀନତାର ୭୫ ବର୍ଷ ପରେ ବି ଉପେକ୍ଷିତ ଆଦିବାସୀ ସମ୍ପ୍ରଦାୟ**

**ହୋ- ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ମିଳିନି ସ୍ଥାନ**

**ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀଙ୍କ ନିରବତା ରହସ୍ୟମୟ**

**ନବୀନ ଗଠନ କରିଥିବା ଏସ୍‌ଡିଏକୁ ଭାଙ୍ଗିଛନ୍ତି ରାଜ୍ୟ ବିଜେପି ସରକାର**

■ **ଭୁବନେଶ୍ବର, ୧୫ ।୧୧ (ସମିସ):** ନିର୍ବାଚନ ସମୟରେ ଦେଇଥିବା ଗୋଟାକ ପରେ ଗୋଟାଏ ପ୍ରତିଶ୍ରୁତି ମିଛ ପ୍ରମାଣିତ ହେବା ପରେ ଏବେ ଦୋଷ ଢ଼ାଙ୍କିବାକୁ ପୁଣି ମିଛ କହିବା ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ରାଜ୍ୟର ଆଦିବାସୀ ବର୍ଗଙ୍କ ପ୍ରତି ଚରମ ପ୍ରତାରଣା ପରେ ସରକାର ପୁଣି ମିଛ କହି ଜନଜାତୀୟ ଗୌରବ ଦିବସରେ ସେମାନଙ୍କୁ ଭୂଆଁ ବୁଲାଇବାକୁ ଉଦ୍ୟମ କରିଛନ୍ତି। ଆଦିବାସୀଙ୍କ କଲ୍ୟାଣ ପ୍ରସଙ୍ଗରେ ପୂର୍ବ ସରକାରଙ୍କ ଉପରେ ଦୋଷ ଲଦିବାକୁ ଯାଇ ସରକାରଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମିଛ କାହାଣୀ କହିବା ଆରମ୍ଭ କରିଛନ୍ତି। ବିଡ଼ମ୍ବନା ହେଉଛି ଜନଜାତି ମାନ୍ୟତାରୁ ଓଡ଼ିଶାର ୧୬୦ରୁ ଉର୍ଦ୍ଧ୍ବ ସମ୍ପ୍ରଦାୟ ବଞ୍ଚିତ ହେବା ଏବଂ ହୋ ଓ ମୁଣ୍ଡାରୀ ପରି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ପୂର୍ବତନ ରାଜ୍ୟ ସରକାରଙ୍କ ଦାବିକୁ କେନ୍ଦ୍ର ଉପେକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ, ତାଙ୍କ ସରକାରର ମନ୍ତ୍ରୀମାନେ ରହସ୍ୟମୟ ନିରବତା ଅବଲମ୍ବନ କରିଛନ୍ତି।

୨୦୧୧ ଜନଗଣନା ଅନୁସାରେ ଓଡ଼ିଶାରେ ଅନୁସୂଚୀତ ବର୍ଗଙ୍କ ଜନସଂଖ୍ୟା ୯୫.୯୦ଲକ୍ଷ। ୨୦୨୪ରେ ଏହି ସଂଖ୍ୟା ୧.୧ କୋଟିରେ ପହଞ୍ଚିଛି। ରାଜ୍ୟର ମୋଟ ଜନସଂଖ୍ୟାର ୨୨.୮୫ ହେଉଛନ୍ତି ଅନୁସୂଚୀତ ଜନଜାତି ବର୍ଗର ଏବଂ ୬୨ ବର୍ଗ ଜନଜାତିଙ୍କ ବ୍ୟତୀତ ୧୩ ଆଦିମ ଆଦିବାସୀ ବର୍ଗ (ପିଜିଭିଟି) ଓଡ଼ିଶାରେ ବସବାସ କରନ୍ତି; ମାତ୍ର ରାଜ୍ୟର ଏହି ବୃହତ୍ତମ ବର୍ଗଙ୍କ ପ୍ରତି କେନ୍ଦ୍ର ବିଜେପି ସରକାର ଯେପରି ଅବହେଳା କରି ଆସିଛନ୍ତି, ରାଜ୍ୟ ସରକାର ମଧ୍ୟ ଅନୁରୂପ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଓଡ଼ିଶାରେ ଥିବା ୧୬୦ରୁ ଅଧିକ ଆଦିବାସୀ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ତାଲିକାରେ ସାମିଲ କରିବା ପାଇଁ ଓଡ଼ିଶା ବାରମ୍ବାର ଦାବି କରିଛି। ବିଜେଡି ସଂସଦୀୟ ଦଳ ବିଭିନ୍ନ ସମୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କୁ ଏଥିନେଇ ଦାବିପତ୍ର ଦେଇଛି। ସଂସଦରେ ଏ ସଂକ୍ରାନ୍ତରେ ବାରମ୍ବାର ଦାବି ଦୋହରାଇଛି। ▶ପୃଷ୍ଠା-୭

## ଦେଶର ଶ୍ରେଷ୍ଠ ତିନି ଥାନା ମଧ୍ୟରେ ପାଟପୁର ସାମିଲ

■ **ଭୁବନେଶ୍ବର/ସାନଖେମୁଣ୍ଡି, ୧୫ ।୧୧ (ସମିସ):** ଦେଶରେ ଶ୍ରେଷ୍ଠ ୩ଟି ଥାନା ମଧ୍ୟରେ ସ୍ଥାନ ପାଇଛି ଗଞ୍ଜାମ ଜିଲ୍ଲାର ପାଟପୁର ଥାନା। ଆସନ୍ତା ନଭେମ୍ବର ୨୯ ତାରିଖରେ ପାଟପୁର ଥାନାକୁ କେନ୍ଦ୍ର ଗୃହମନ୍ତ୍ରୀ ପୁରସ୍କାର ପ୍ରଦାନ କରିବେ।

**୨୯ରେ ଗୃହମନ୍ତ୍ରୀ ଦେବେ ପୁରସ୍କାର**

ଲୋକସେବା ଭବନରେ ଅନୁଷ୍ଠିତ ହେବାକୁଥିବା ଡିଜି ଓ ଆଇଜି ସମ୍ମିଳନୀ ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପୁରସ୍କୃତ କରିବେ। କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ଏଥିପାଇଁ ଡିଜିପି ୱାଇ.ବି. ଖୁରାନିଆଙ୍କୁ ସୂଚନା ଦିଆଯାଇଛି ।

## ଫାଇଲ ଭିତରେ ସାତକୋଶିଆ ସତ
# ମହାବୀର ମରିଗଲା, ସୁନ୍ଦରୀ ଫେରିଗଲା



■ **ଭୁବନେଶ୍ବର, ୧୫।୧୧ (ସମିସ):** ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପକୁ ପୁଣି ମହାବଳ ବାଘ ଫେରିବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଇତିମଧ୍ୟରେ ଶିମିଳିପାଳକୁ ଦୁଇଟି ବାଘୁଣୀ ଆସିସାରିଥିବା ବେଳେ ଖୁବ୍‌ଶୀଘ୍ର ସାତକୋଶିଆରେ ମଧ୍ୟ ଅନ୍ୟ ରାଜ୍ୟରୁ ବାଘ ଆଣି ଛଡ଼ାଯିବ ବୋଲି ନିଷ୍ପତ୍ତି ହୋଇଛି। ନୂଆ ଅତିଥିଙ୍କ ସ୍ବାଗତ ପାଇଁ ପୂରା ସାତକୋଶିଆ ଉତ୍ସୁକତାର ସହ ଚାହିଁ ରହିଥିଲେ ହେଁ ପୂର୍ବ ପ୍ରକଳ୍ପର ବିଫଳତା ପୁଣି ଥରେ ଆହ୍ବାନପୂର୍ଣ୍ଣ ସ୍ଥିତି ଛିଡ଼ା କରାଇଛି। ଅନ୍ୟପଟେ ୨୦୧୮ ମସିହାରେ ବନ ବିଭାଗ ଏଭଳି ଉଦ୍ୟମ କରି ସମ୍ପୂର୍ଣ୍ଣ ବିଫଳ ହେବା ଓ ଏଥିରେ ବହୁ ଅଧିକାରୀଙ୍କ ଅବହେଳା ପଦାରେ ପଡ଼ିଥିଲେ ମଧ୍ୟ ଏଥିପାଇଁ କେହି ଉତ୍ତରଦାୟୀ ନ ରହିବା ସ୍ଥିତିକୁ ଆହୁରି ଗୋଳମାଳିଆ କରୁଛି। ଏସବୁ ଭିତରେ ସାତକୋଶିଆ ପାଇଁ ପୁନର୍ବାର ଯେଉଁ ସୁନେଲି ସ୍ବପ୍ନ ବନ ବିଭାଗ ଦେଖାଉଛି, ତାହା କେତେ ସଫଳ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ଏଯାଏଁ ଦୋଷୀଙ୍କ ବିରୁଦ୍ଧରେ ହେଲାନି କାର୍ଯ୍ୟାନୁଷ୍ଠାନ**

**ଏନ୍‌ଟିସିଏର ନିର୍ଦ୍ଦେଶକୁ ଚାପି ରଖିଛି ବନ ବିଭାଗ**

ଓଡ଼ିଶାରେ ମହାବଳ ବାଘ ବଂଶ ବୃଦ୍ଧି କରିବା ଓ ବ୍ୟାଘ୍ରଶୂନ୍ୟ ହେବାକୁ ବସିଥିବା ସାତକୋଶିଆର ଗରିମା ଅକ୍ଷୁଣ୍ଣ ରଖିବା ଉଦ୍ୟମରେ ୨୦୧୮ ମସିହାରେ ମଧ୍ୟପ୍ରଦେଶରୁ ୨ଟି ମହାବଳ ବାଘ ମହାବୀର ▶ପୃଷ୍ଠା-୭

## ଟାଙ୍ଗିଆରେ ହାଣି ବୃଦ୍ଧଙ୍କୁ ବୀଭତ୍ସ ହତ୍ୟା

■ **ରାଇରଙ୍ଗପୁର, ୧୫ ।୧୧ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କୁ ଟାଙ୍ଗିଆରେ ହାଣି ଅତି ବୀଭତ୍ସଭାବେ ହତ୍ୟା କରାଯାଇଛି। ସୂଚନା ଅନୁସାରେ, ତିରିଂ ଥାନା ଅଞ୍ଚଳ ଜଂଘିଆ ଗାଁର କେଦାର ଗଡ଼ସରା (୬୫) ଗୁରୁବାର ସକାଳେ ବିଲକୁ ଧାନ କାଟିବା ପାଇଁ ଯାଇଥିଲେ; ହେଲେ ସେ ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ବି କୌଣସି ପତ୍ତା ପାଇ ନ ଥିଲେ।

ଶୁକ୍ରବାର ସକାଳେ ତାଙ୍କ ପତ୍ନୀ ସୁଦ୍ରା ଗଡସରା ନିଜ ସ୍ବାମୀଙ୍କ ରକ୍ତାକ୍ତ ମୃତଦେହକୁ ଦେଖି ପ୍ରଥମେ ପରିବାରକୁ ଖବର ଦେଇଥିଲେ। ଏହି ଖବର ପାଇ ତିରିଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଗଡସରାଙ୍କ ଦେହରେ ଗଭୀର କ୍ଷତ ରହିଥିବାରୁ ତାଙ୍କୁ କେହି ହତ୍ୟା କରିଥିବା ଜଣାପଡିଛି। ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।


## ଦିବ୍ୟାଙ୍ଗଙ୍କ ପାଇଁ ରୋଲ୍ ମଡେଲ୍ ଇପ୍‌ସିତା




# ୱେଷ୍ଟରୁ ବେଷ୍ଟ

■ **ଭୁବନେଶ୍ବର, ୧୫।୧୧ (ସମିସ):** ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ଶାରୀରିକ ଅକ୍ଷମତା। ସାଧାରଣ ବ୍ୟକ୍ତିଙ୍କଠାରୁ ଶାରୀରିକ ଭାବେ ସେ ସମ୍ପୂର୍ଣ୍ଣ ଭିନ୍ନ ହୋଇଥିଲେ ହେଁ ଦୃଢ଼ ମନୋବଳ ଆଜି ତାଙ୍କୁ ସ୍ବତନ୍ତ୍ର ପରିଚୟ ଦେଇଛି। ମନରେ ଆଗ୍ରହ ଓ ଇଚ୍ଛାଶକ୍ତି ଥିଲେ ସଫଳତାର ଶୀର୍ଷରେ ପହଞ୍ଚିବାକୁ ଶାରୀରିକ ଅକ୍ଷମତା କେବେ କି ପ୍ରତିବନ୍ଧକ ହୋଇ ନ ପାରେ ବୋଲି ପ୍ରମାଣିତ କରିବା ସହ ଅନ୍ୟ ଦିବ୍ୟାଙ୍ଗମାନଙ୍କ ପାଇଁ ସେ ଆଜି ରୋଲ୍ ମଡେଲ୍ ପାଲଟିଛନ୍ତି। ଅନୁଗୋଳ ଜିଲ୍ଲାର ଇପ୍‌ସିତା ବାରିକ୍। ପିଲାଦିନରୁ ସେ ସଳଖି ଛିଡ଼ା ହୋଇପାରନ୍ତିନି। କିନ୍ତୁ ତାଙ୍କ ହାତର ଯାଦୁକରୀ ସ୍ପର୍ଶରେ ଜୀବନ୍ତ ରୂପ ନେଇଛି ବହୁ ଅଦରକାରୀ ଜିନିଷ। ଆମେ ଫିଙ୍ଗି ଦେଉଥିବା ବିଭିନ୍ନ ବର୍ଜ୍ୟବସ୍ତୁକୁ ସେ ସାଇତି ରଖି ତାହାକୁ ସେ କେବଳ ନୂଆ ରୂପ ଦେଇନାହାନ୍ତି; ବରଂ ଏହା ତାଙ୍କ ପାଇଁ ରୋଜଗାରର ମାଧ୍ୟମ ସାଜିଛି। ଏହି ▶ପୃଷ୍ଠା-୭

**ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ଶାରୀରିକ ଅକ୍ଷମତା**



ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଉପୁଜିବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରରୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୮୨୧- ମେକ୍ସିକୋ ସ୍ୱାଧୀନ ହେଲା।
- ୧୯୪୫- ସାରା ବିଶ୍ୱରେ ଐତିହାସିକ ତଥା ସାଂସ୍କୃତିକ ସ୍ଥଳଗୁଡ଼ିକର ସଂରକ୍ଷଣ ପାଇଁ ୟୁନେସ୍କୋ ଗଠନ କରାଗଲା।
- ୨୦୦୬- ବର୍ଷେ ପରେ ଚୀନ୍ ସରକାର ୱିକିପିଡିଆ ୱେବ୍‌ସାଇଟ୍‌କୁ ଅନ୍‌ବ୍ଲକ୍ କରିଦେଲେ।
- ୨୦୧୩- ୱାଶିଙ୍ଗଟନ୍‌ରେ ଜଣେ ଦୁର୍ବୃତ୍ତ ନୌସେନା ଶିବିରରେ ୧୨ ଜଣଙ୍କୁ ଗୁଳିକରି ହତ୍ୟା କଲା।



## ଜାତୀୟ ପ୍ରେସ୍ ଦିବସ

ଏକ ସ୍ୱାଧୀନ ଓ ମୁକ୍ତ ଗଣମାଧ୍ୟମ ହେଉଛି ଏକ ଶକ୍ତିଶାଳୀ ଗଣତନ୍ତ୍ରର ଚାରିଟି ସ୍ତମ୍ଭ ମଧ୍ୟରୁ ଅନ୍ୟତମ। ଗଣତନ୍ତ୍ର ଶାସନର ସଫଳତା ଚାରୋଟି ସ୍ତମ୍ଭ ଉପରେ ନିର୍ଭର କରେ। ସେମାନେ ହେଲେ – ବ୍ୟବସ୍ଥାପିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଓ ଗଣମାଧ୍ୟମ। ପ୍ରଥମ ସ୍ତମ୍ଭଟି ରାଷ୍ଟ୍ର ପାଇଁ ନୀତି ନିର୍ଦ୍ଧାରଣ କରିବେ, ଦ୍ୱିତୀୟ ସ୍ତମ୍ଭ ନୀତିକୁ କାର୍ଯ୍ୟକାରୀ କରିବେ, ତୃତୀୟ ସ୍ତମ୍ଭଟି ନ୍ୟାୟ ବ୍ୟବସ୍ଥା ପାଇଁ ଦାୟୀ ରହିବେ ଓ ଚତୁର୍ଥ ସ୍ତମ୍ଭ ସତର୍କ ପ୍ରହରୀ ଭାବେ କାର୍ଯ୍ୟ କରିବେ। ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତରଦାୟିତ୍ୱ ସବୁଠାରୁ ବେଶୀ। ଆଜିର ସମୟରେ ଗଣମାଧ୍ୟମର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ନାଗରିକମାନଙ୍କର ଅଧିକାର, ଜନସମୁଦାୟଙ୍କ ସମସ୍ୟା, ଅସୁବିଧା ବିଷୟରେ ଗଣମାଧ୍ୟମ ସ୍ୱର ଉତ୍ତୋଳନ କରିଥାଏ। ଏହାବାଦ୍ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା, ସମାଜରେ ନୈତିକତା ବଜାୟ ରଖିବା ଗଣମାଧ୍ୟମର ବଡ଼ କର୍ତ୍ତବ୍ୟ। ଗଣମାଧ୍ୟମ ଯେତେ ସ୍ୱାଧୀନ ହେବ, ଗଣତନ୍ତ୍ର ସେତେ ସୁଦୃଢ଼ ହେବ। ପ୍ରତିକୂଳ ବ୍ୟବସ୍ଥା ସତ୍ତ୍ୱେ ସାମ୍ବାଦିକମାନେ ଜନସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରିଥାନ୍ତି। ସାମ୍ବାଦିକତାର ମୌଳିକ ନୀତି ହେଉଛି ପାଠକ ତଥା ଦର୍ଶକଙ୍କ ନିକଟରେ ସତ୍ୟ, ବସ୍ତୁନିଷ୍ଠ, ସଠିକ ଓ ନିରପେକ୍ଷ ସୂଚନା ପହଞ୍ଚାଇବା। ଏହି ପରିପ୍ରେକ୍ଷୀରେ ଜାତୀୟ ପ୍ରେସ୍ ଦିବସ ପାଳନ ଅନେକ ଗୁରୁତ୍ୱ ବହନ କରେ। ୧୯୬୬ ମସିହା ଜୁଲାଇ ୪ ତାରିଖରେ ପ୍ରଥମ କରି ଭାରତର ପ୍ରେସ୍ କମିସନ ଗଠିତ ହୋଇଥିଲା। ସେହିବର୍ଷ ନଭେମ୍ବର ମାସ ୧୬ ତାରିଖରୁ ପ୍ରେସ୍ ପରିଷଦ ବିଧିବଦ୍ଧ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଥିଲା ଏବଂ ସେହିଦିନକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଉଛି। ଦେଶର ସାମ୍ବାଦିକମାନେ ଯେପରି କୌଣସି ବାହ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ନ ହେବେ, ସେଥିପାଇଁ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ କାମ କରିଆସୁଛି। 'ପ୍ରେସ୍ କାଉନ୍‌ସିଲ୍' ହେଉଛି ସମ୍ବାଦପତ୍ରଗୁଡ଼ିକର ନୈତିକ ପ୍ରହରୀ। ଯଦି କୌଣସି ବ୍ୟକ୍ତିଙ୍କୁ ଖବରକୁ ନେଇ ଆପତ୍ତି ଥାଏ, ତେବେ ସେ ପ୍ରେସ୍ କାଉନ୍‌ସିଲ୍ ନିକଟରେ ଅଭିଯୋଗ କରିପାରିବେ। ଅପରପକ୍ଷେ ଯେକୌଣସି ସମ୍ବାଦପତ୍ର ମଧ୍ୟ ସରକାର ବା ଅନ୍ୟ କାହାର ଅବାଞ୍ଛିତ ହସ୍ତକ୍ଷେପ, ବଳପ୍ରୟୋଗ ଓ କଟକଣା ଆଦି ବିରୋଧରେ ଅଭିଯୋଗ କରିପାରିବେ। ୧୯୫୬ ମସିହାରେ ସରକାର ପ୍ରଥମ ଥର ପାଇଁ ପ୍ରେସ୍ କମିସନ୍ ବସାଇଥିଲେ ଓ ପ୍ରେସ୍ କାଉନ୍‌ସିଲ୍ କରିବା ନିମନ୍ତେ ସୁପାରିଶ୍ କରିଥିଲେ, ଯାହା ଗଠନ ହେବା ପାଇଁ ଏକ ଦଶନ୍ଧି ଲାଗିଥିଲା। ଗଣତନ୍ତ୍ରକୁ ସୁସ୍ଥ ଭାବରେ ବଜାୟ ରଖିବା ପାଇଁ ଗଣମାଧ୍ୟମକୁ ମୁକ୍ତ ଏବଂ ଅବାଧ ଭାବେ କାର୍ଯ୍ୟ କରିବାର ସ୍ୱାଧୀନତା ଦେବା ଦରକାର। ଜାତୀୟ ପ୍ରେସ୍ ଦିବସ ଅବସରରେ ଏ ବିଷୟଟି ପ୍ରତି ସମସ୍ତେ ସଚେତନ ହେବା ଦରକାର।




## ୨୦୨୫ରେ ବକ୍ସ ଅଫିସ୍‌ରେ ରାଜ୍ କରିବେ ଅକ୍ଷୟ

୨୦୨୪ ଶେଷ ହେବାକୁ ବସିଲାଣି। ହେଲେ ଏ ବର୍ଷ ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମଗୁଡ଼ିକ କିଛି ଭଲ ବ୍ୟବସାୟ କରିନାହିଁ। ତାଙ୍କ ଅଭିନୀତ ତିନୋଟି ଫିଲ୍ମ (ଖେଲ ଖେଲ ମେଁ, ସରଫିରା, ବଡେ ମିଆଁ ଛୋଟେ ମିଆଁ) ଫ୍ଲପ୍ ସାବ୍ୟସ୍ତ ହୋଇଛି। ଅପରପକ୍ଷରେ 'ସ୍ତ୍ରୀ-୨'ରେ ସେ ଅତିଥି କଳାକାର ଭାବେ ନଜର ଆସିଥିଲେ। ଏହା ବକ୍ସ ଅଫିସ୍‌ରେ ହିଟ୍ ସାବ୍ୟସ୍ତ ହୋଇଛି। ୨୦୨୫ରେ ଅକ୍ଷୟ ବକ୍ସ ଅଫିସ୍‌ରେ ରାଜ୍ କରିବେ ବୋଲି ଚର୍ଚ୍ଚା ହେଉଛି। ୨୦୨୫ରେ 'ସ୍କାଏ ଫୋର୍ସ' ଅକ୍ଷୟଙ୍କ ପ୍ରଥମ ଫିଲ୍ମ ଭାବେ ଆସିବ। ଏହା ଜାନୁଆରୀ ୨୪ରେ ରିଲିଜ୍ ହେବ। ଅକ୍ଷୟଙ୍କ ଅଭିନୀତ 'ଶଙ୍କରା' ମଧ୍ୟ ଆସନ୍ତା ବର୍ଷ ରିଲିଜ୍ ହେବ। ଏଥିରେ ଅକ୍ଷୟଙ୍କ ସହ ଆର୍. ମାଧବନ୍ ଓ ଅନନ୍ୟା ପାଣ୍ଡେ ନଜର ଆସିବେ। ଏହା ମାର୍ଚ୍ଚ ୧୪ରେ ଆସିବ। ଏହାପରେ ଅକ୍ଷୟଙ୍କ 'ହାଉସ୍‌ଫୁଲ୍-୫' ଆସିବ। 'ହାଉସ୍‌ଫୁଲ୍' ଭାରତର ଏକ ବଡ଼ କମେଡି ସିରିଜ୍। ଜୁନ୍ ୬ରେ ଏହା ପରଦାକୁ ଆସିବ। ସେହିଭଳି ଆସନ୍ତା ବର୍ଷ 'ଜଲିଏଲ୍‌ଏଲ୍‌ବି'ର ସିକ୍ୱେଲ 'ଜଲିଏଲ୍‌ଏଲ୍‌ବି-୩'ରେ ମଧ୍ୟ ସେ ନଜର ଆସିବେ। ଏହା ଏପ୍ରିଲ୍ ୧୦ ରେ ମୁକ୍ତିଲାଭ କରିବ। ଏଥିରୁ ୨୦୨୫ରେ ଅକ୍ଷୟ ବକ୍ସ ଅଫିସ୍‌ରେ ରାଜ୍ କରିବେ ବୋଲି ଏବେଠୁ ଚର୍ଚ୍ଚା ହେବାକୁ ଲାଗିଲାଣି।

ଆଜି ଆସିଥିଲେ...

## ବିପ୍ଳବୀ ଜନନେତା ପ୍ରାଣନାଥ ପଟ୍ଟନାୟକ



ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ବିଧାୟକ ତଥା ଶିକ୍ଷାବିତ୍ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ ସାମ୍ୟବାଦ ନୀତିର ଥିଲେ ପରମ ପୂଜାରୀ। ସେ ଭାରତୀୟ ସ୍ୱାଧୀନତା ସଂଗ୍ରାମ, ଓଡ଼ିଶା କୃଷକ ଆନ୍ଦୋଳନ, ଓଡ଼ିଶାର ସାମ୍ୟବାଦ ଆନ୍ଦୋଳନ, ଗଡ଼ଜାତ ପ୍ରଜା ଆନ୍ଦୋଳନ, ଓଡ଼ିଶା ଭାଗଚାଷୀ ଆନ୍ଦୋଳନ ଓ ଓଡ଼ିଶା ଶିକ୍ଷା ଆନ୍ଦୋଳନରେ ଭାଗ ନେଇ ଶ୍ରେଣୀହୀନ ସମାଜ ଗଠନ ପାଇଁ ଆନ୍ଦୋଳନ କରିଥିଲେ। ସେ ଥିଲେ ଆଜୀବନ ସଂଗ୍ରାମୀ। ଓଡ଼ିଶାର ବୀରମାଟି ଖୋର୍ଦ୍ଧାକୁ ପ୍ରାଣନାଥ ବାବୁ ଜୀବନଠାରୁ ଅଧିକ ଭଲ ପାଉଥିଲେ। ତାଙ୍କ ଅନ୍ୟ ଏକ ସାଧନା ଥିଲା ଶିକ୍ଷାର ପ୍ରସାର। ଏହି ସାଧନାର ସିଦ୍ଧି ହେଉଛି ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ମହାବିଦ୍ୟାଳୟ। ପ୍ରାଣନାଥ ପଟ୍ଟନାୟକ ୧୯୦୫ ମସିହା ଆଜିର ଦିନରେ ପୁରୀ ଜିଲ୍ଲା କଣାସ ଅନ୍ତର୍ଗତ ଡିମିରି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ମଦନ ମୋହନ ପଟ୍ଟନାୟକ ଏବଂ ମାତା ଚିତ୍ରାଦେବୀ। ସେ ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ସମାପନ କରିଥିଲେ। ପରେ ସେ କଣାସ ଏବଂ ପୁରୀ ଜିଲ୍ଲା ସ୍କୁଲରେ ପାଠ ପଢ଼ିଥିଲେ। ପୁରୀ ଜିଲ୍ଲା ସ୍କୁଲରେ ଗୋପବନ୍ଧୁଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ନର ନାରାୟଣ ସେବା ହିଁ ଭଗବତ୍ ସେବା, ଏହି ମୂଳମନ୍ତ୍ରର ପ୍ରେରଣା ପାଇଥିଲେ ସେ ଗୋପବନ୍ଧୁଙ୍କଠାରୁ। ଆଜୀବନ ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକ ଓଡ଼ିଶାରେ ବୈପ୍ଳବିକ ଚେତନାର ଅଗ୍ରଦୂତ ଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମ କାଳରେ ସେ ଦଶ ଥର ବନ୍ଦୀ ଜୀବନ କାଟିଥିଲେ। ବନ୍ଦୀଶାଳା ମଧ୍ୟରେ ଥିବା ସମୟରେ ସେ ୪୫ ଦିନ ଅନଶନ ଚଳାଇଥିଲେ। ସେ ଓଡ଼ିଶାରେ କଂଗ୍ରେସ-ସମାଜବାଦୀ ପାର୍ଟିର ପ୍ରଥମ ସଭାପତି ଥିଲେ। ୧୯୬୫-୬୬ ମସିହାରେ ଗ୍ରୀଷ୍ମକାଳରେ ପ୍ରାଣନାଥ କଳାହାଣ୍ଡି ଓ ବଲାଙ୍ଗିରର ଦୁର୍ଭିକ୍ଷ ପ୍ରପୀଡ଼ିତ ଅଞ୍ଚଳରେ ଜନସେବାରେ ମୁଖ୍ୟ ଭୂମିକା ନେଇଥିଲେ। ସମାଜକୁ ଅର୍ଥନୈତିକ ଗୋଲାମୀରୁ ମୁକୁଳାଇବା ପାଇଁ ପ୍ରାଣନାଥ କୃଷକ ସଭା ଗଠନ କରିଥିଲେ। ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ମାଳତୀ ଚୌଧୁରୀ, ଗୁରୁଚରଣ ପଟ୍ଟନାୟକ ଓ ସୁରେନ୍ଦ୍ର ନାଥ ଦ୍ୱିବେଦୀ ପ୍ରମୁଖ ସଂଗ୍ରାମୀମାନଙ୍କ ସହ ମିଶି ଓଡ଼ିଶାରେ କଂଗ୍ରେସ ସାମ୍ୟବାଦୀ ପାର୍ଟି ଗଠନ କରିଥିଲେ। ସେ ଏହାର ପ୍ରଥମ ଅଧିବେଶନରେ ଏହାର ସଭାପତି ଦାୟିତ୍ୱ ତୁଲାଇଥିଲେ। ଭଗବତୀ ଚରଣ ଓ ଗୁରୁଚରଣଙ୍କ ସହିତ ମିଶି ସେ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରିଥିଲେ। ୧୯୩୭ ମସିହା ନିର୍ବାଚନରେ ପ୍ରାଣନାଥ ଖୋର୍ଦ୍ଧାରୁ କଂଗ୍ରେସ ପ୍ରାର୍ଥୀ ରୂପେ ସ୍ୱାଧୀନତା ପୂର୍ବ ପ୍ରଥମ ବିଧାନସଭାକୁ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୧୯୫୧ ମସିହାରେ ପୁଣିଥରେ ବିଧାନସଭାକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ଏହି ସାମ୍ୟବାଦୀ ନେତାଙ୍କର ୧୯୭୦ ମସିହା ଅକ୍ଟୋବର ୫ ତାରିଖରେ ଦେହାନ୍ତ ହୋଇଥିଲା।

## ସୁମନ

## କାର୍ତ୍ତିକ ଯେ ଅଟେ ଶ୍ରେଷ୍ଠ ମାସ



ପ୍ରଦୀପ୍ତ କୁମାର ଦାସ

ନାରଦୀୟ ପୁରାଣରେ କାର୍ତ୍ତିକ ଯେ
ଅଟେ ଶ୍ରେଷ୍ଠ ମାସ -
ହୋଇଥାଏ ଅନୁଷ୍ଠିତ ଏ ମାସରେ
ରାଧାକୃଷ୍ଣ ରାସ,
ସଭିଏଁ ତ କହିଥାନ୍ତି ଏହା ଅଟେ
ଧରମର ମାସ -
ସେଥିପାଇଁ ଆମିଷକୁ ନର ନାରୀ
କରନ୍ତିନି ଗ୍ରାସ,
ବୋଇତ ବନ୍ଦାଣ ସାଥେ କରିଥାନ୍ତି
ସର୍ବେ ଦୀପଦାନ -
ପ୍ରଭାତ ସମୟେ ଲୋକେ ଜଳାଶ୍ରୟେ
କରିଥାନ୍ତି ସ୍ନାନ,
ବଡ଼ଓଷା ହୋଇଥାଏ ପୂଜାପାନ୍ତି
ରାଧା ଦାମୋଦର -
ସାତ୍ତ୍ୱିକ ଭାବରେ ବାସେ ଏ ସମୟେ
ଗାଆଁରୁ ସହର,
ଜଗଦ୍ଧାତ୍ରୀ ମାଆଙ୍କର ସ୍ଥାନେ ସ୍ଥାନେ
ହୁଏ ଆବିର୍ଭାବ -
କାର୍ତ୍ତିକ ପୂର୍ଣ୍ଣିମା ଦିନ ଭସାଯାଏ
ସୁସଜ୍ଜିତ ନାବ,
ସୁପ୍ରସିଦ୍ଧ ବାଲିଯାତ୍ରା ଅନୁଷ୍ଠିତ
ହୁଅଇ କଟକେ
ନାନାଜାତି ଆଲୋକରେ ସେସ୍ଥାନର
ଶୋଭାଯେ ଝଟକେ। ■

- କଣ୍ଟାବଣିଆ, ଯାଜପୁର
ମୋ - ୯୪୩୭୮୫୪୧୭୫

## କାର୍ତ୍ତିକ ମାସ



ମନୀଷା ପଣ୍ଡା

ଆଶ୍ୱିନ ସରିକି କାର୍ତ୍ତିକ ହେଲା,
ସିରି ସିରି ବାଆ ଦେଖ ବହିଲା
ଆମ ଗାଁ କୁ ଆସିଲା ଶୀତ,
ଜେଜେ ମା' ଯାଏ ନଈକୁ ଗାଧୋଇ,
ଗାଇ ନାନା ଢଗ ଗୀତ।
ସାହି ସାରା ଆମ ଯେତେକ ବୁଢ଼ୀ,
ରମା ମା', କନକ, ସେବତୀ ଖୁଡ଼ୀ।
ପାହାନ୍ତା ଗାଧୁଆ ପାଇଁ,
ଅନ୍ଧାର ରାତିରେ ନଈକୁ ଯାଆନ୍ତି
କେତେ ଡକାଡକି ହୋଇ।
ଗାଧୋଇ ସାରିକି ଘରକୁ ଫେରି
ତୁଳସୀ ମୂଳରେ ବସନ୍ତି ଘେରି।
ରାଧା ଦାମୋଦର କରନ୍ତି ପୂଜା
ଚିତା ମୁରୁଜରେ ଚଉଁରା ସଜା।
ଗୁଆ ପାନ ଦୀପ ଡଙ୍ଗା ସଜାଇ
ଭସାନ୍ତି ଆ-କା-ମା-ବୈ ଯେ କହି
ପାଳନ୍ତି ପଞ୍ଚୁକ ବଡ଼ ଆଦରେ
ପୂଜା ପାଠ ନୀତି ନାନା ବିଧିରେ।
ସଞ୍ଜ ଗଡ଼ି ଯେବେ ଆସନ୍ତି ଶଶି
ଶିଖିଚୂଳ ସଙ୍ଗେ ରାଧିକା ମିଶି
ରାସ ଗୀତ ଗାଇ ଆନନ୍ଦ ମନେ
ଭୁଲିଯାନ୍ତି ଦୁଃଖ ଯେତେ ଜୀବନେ। ■



ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

## ଫୁଟୁରୁର ମୃତ୍ୟୁ ଦେଲା ଉଚିତ ଶିକ୍ଷା






କାଳିକିଙ୍କର

ମଧୁବାବୁ ଓ ମାଧବୀ ଦେବୀ ଘରକୁ ଆସି ବସିଛନ୍ତି କି ନାହିଁ କିଏ ଘର ଭିତରୁ କହିଲା, ମୁଁ ଅଛି ମୁଁ ଅଛି। ମୁଁ ଅଛି? କିଏ ରେ ତୁ? ମୁଁ ଫୁଟୁରୁ ମାଆ। ତୁମେ ସବୁ ଘରେ ନ ଥିଲାବେଳେ ମୋର ବାପା ଫିରିଙ୍ଗି ଓ ମାଆ କୁଇନ୍ ତୀର୍ଥ କରିବାକୁ ଚାଲିଗଲେ। ମୁଁ ରହିଲି ଘର ଜଗିବା ପାଇଁ। ଆରେ ତୁ ତ ଛୋଟଟିଏ ଥିଲୁ ଫୁଟୁରୁ। ଥିଲି, ଏବେ କେଡୁଟିଏ ହେଲିଣି। ଦେଖନ୍ତୁ, ଘରେ ଗୋଟିଏ ମୂଷା ନ ଥିବ! ସମସ୍ତଙ୍କୁ ମୁଁ ଖାଇ ପ୍ରାୟ ଶେଷ କରି ଦେଇଛି। ମୋର ଖାଦ୍ୟ ହୋଇଯାଇଛି ଓ ଘରେ ସେମାନେ କୌଣସି ଜିନିଷର କ୍ଷତି କରିପାରି ନାହାନ୍ତି। ବାଃ, ତୁ ତ ବଢ଼ିଆ କାମ କରିଛୁରେ ଫୁଟୁରୁ। ଫିରିଙ୍ଗି ଓ କୁଇନ ଆସିଲେ ତାଙ୍କୁ କହି ତୋତେ ଆମ ସାଙ୍ଗରେ ସହରକୁ ନେଇଯିବୁ। ତୁ ଯିବୁ? ଫୁଟୁରୁ କହିଲା- 'ମୁଁ ସେ ସହର ନଗର ଜାଣେନି ମାଆ। ଏଇଠି ମୋର ଜନ୍ମ, ଏଇଠି ହେବ ମୋର ମରଣ। ମୋ ଜନ୍ମମାଟି ମୋ ପାଇଁ ଖୁବ୍ ଆପଣାର। ଏଇଠି ମଲେ ସ୍ୱର୍ଗସୁଖ ମିଳିବ।' ମାଧବୀ ଦେବୀ କହିଲେ, 'ସତରେ କେଡେ ବଡ଼ କଥା କହିଲା ଏ ଫୁଟୁରୁ। ସବୁ ମଣିଷ ଯଦି ଏମିତି ତାଙ୍କର ଜନ୍ମମାଟି ପ୍ରତି ଭଲପାଇବା ରଖନ୍ତେ, ତେବେ ଖୁବ୍ ଭଲ ହୁଅନ୍ତା।' ଫୁଟୁରୁକୁ କ୍ଷୀର ପିଇବାକୁ ଦେଲେ ମାଧବୀ ଦେବୀ। ସେ ଖୁସିମନରେ ପିଇଲା। ମାଛ ମିଶେଇ ଭାତ ଦେଲେ, ସେ ଖୁସି ମନରେ ଖାଇଲା। ମଧୁବାବୁ ଓ ମାଧବୀ ଦେବୀଙ୍କ କାର୍ ବାହାରେ ଛିଡ଼ା ହୋଇଥିଲା। ଡ୍ରାଇଭର ତା' ଭିତରେ ଶୋଇ ପଡ଼ିଥିଲା। ଫୁଟୁରୁ ମନେ ମନେ ଖୁସି ହେଉଥିଲା। ଏଇଟା ଆମ ଗାଡ଼ି। ମୁଁ ଯାଉଛି ଟିକିଏ ଏଇ ଗାଡ଼ି ତଳେ ଶୋଇପଡ଼ିବି। ଭଲ ନିଦ ହେବ। ଆମ ନିଜ ଗାଡ଼ି, ତେଣୁ କେହି କିଛି କହିବେ ନାହିଁ। ଖୁସି ମନରେ ମ୍ୟାଉଁ ମ୍ୟାଉଁ କରି ଗାଡ଼ି ତଳେ ଶୋଇ ପଡ଼ିଲା ଫୁଟୁରୁ। ତାକୁ ନିଦ ଧରିଗଲା। କେତେ ଘଣ୍ଟା ପରେ ମନ୍ଦିର ଯିବାପାଇଁ ବାହାରିଲେ ମାଧବୀ ଓ ମଧୁବାବୁ। ଡ୍ରାଇଭର ଗାଡ଼ି ଆଗକୁ ନେଲା ଯେ, ଫୁଟୁରୁର ବିକଳ ସ୍ୱରଟିଏ ଶୁଣାଗଲା। ଓଃ, ମରିଗଲି ! ମାଧବୀ ଦେବୀ ଗାଡ଼ିରୁ ଓହ୍ଲେଇ ଦେଖିଲେ ନିରୀହ ଫୁଟୁରୁଟା ଗାଡ଼ି ଚକ ପାଖରେ ଶୋଇଥିଲା ଯେ, ଚାପିହୋଇ ମରିଗଲା। ସମସ୍ତେ ତଳକୁ ଓହ୍ଲେଇ ଆସିଲେ। ମଧୁବାବୁ ଓ ମାଧବୀ ଦେବୀ ଡ୍ରାଇଭରକୁ କହିଲେ, ତୁ ଗାଡ଼ି ଚଳେଇବାର ସାଧାରଣ ନିୟମ ଜାଣିନୁ। ଯେଉଁଥିପାଇଁ ମୋର ଏ ପିଲାଟିକୁ ମାରିଦେଲୁ। ଗାଡ଼ି ଗଡ଼େଇବା ଆଗରୁ ଦେଖିନିଅ ଯେ, ଚକ ପାଖରେ ବା ଗାଡ଼ି ତଳେ କିଏ ଅଛି କି ନାହିଁ ! ହୁଏତ ମଣିଷ ପିଲାଟିଏ ବି ଖେଳିବା ପାଇଁ ତଳକୁ ଯାଇପାରେ ! ମୋର ଭୁଲ ହୋଇଗଲା ମାଆ। ଫୁଟୁରୁର ମୃତ୍ୟୁ ମୋତେ ଉଚିତ ଶିକ୍ଷାଦେଲା। ଚାଲନ୍ତୁ, ମନ୍ଦିରରେ ଯାଇ ତା' ଆତ୍ମାର ତୃପ୍ତିପାଇଁ ଶ୍ରାଦ୍ଧ ପୂଜାଟିଏ କରିବା। ■

ସୌଭାଗିନୀ ନିବାସ, ରଟିଲୋ, ପୁରୀ
ମୋ-୮୨୪୯୨୧୬୦୬୭।

## କୁନି ହାତରେ ତୁଳୀ






ପ୍ରିୟାଂଶୀ ମହାରଣା
ଷଷ୍ଠ ଶ୍ରେଣୀ
ବିବେକାନନ୍ଦ ଶିକ୍ଷା କେନ୍ଦ୍ର
ନିମାପଡ଼ା






ଉପମିତା ଦାସ
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର





ଶାନ୍ତନୁ ଶାନ୍ତିସ୍ୱରୂପ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





ନବ୍ୟା
ଅଷ୍ଟମ ଶ୍ରେଣୀ
ଡିପିଏସ୍
ନଖରା

## ପ୍ରହେଳିକା

- ଦୀପ ଜଳୁଥାଏ ଅତି ଉର୍ଦ୍ଧ୍ୱରେ
ବାଉଁଶ ଅଗରେ ହାଣ୍ଡି ଭିତରେ
ଆଲୋକିତ କରେ ନିଜ ଜ୍ୟୋତିରେ
ପୁଣ୍ୟ ଓ ପବିତ୍ର ଦୀପଟି ସିଏ
ନାମଟି ତାହାର କହିବ କିଏ ?

ଉ-ଆକାଶ ଦୀପ

- କଦଳୀ ପଟୁଆରେ ହୁଏ ତିଆରି
ପାନ ଗୁଆ ଖଇର ସେଥିରେ ଭରି
ଧୂପ ଦୀପ ଫୁଲ ଚନ୍ଦନ ଦେଇ
ରଖିଥାନ୍ତି ତାକୁ କେତେ ସଜେଇ
କାର୍ତ୍ତିକ ପୁନେଇ ପ୍ରାତଃ ସକାଳେ
ଭସାଉଥାନ୍ତି ତାକୁ ନେଇ ନଦୀରେ

ଉ-କାର୍ତ୍ତିକ ଡଙ୍ଗା

- ମାସ ଯାକ ହବିଷ୍ୟ କରିନି ଯିଏ
ଶେଷ ପାଞ୍ଚ ଦିନରେ କରଇ ସିଏ
ସାତ୍ତ୍ୱିକ ଭୋଜନ ଆହାର କରି
ପୂଜା ପାଠ କରେ ପ୍ରଭୁ ସୁମରି
ପାଞ୍ଚ ଦିନ ସେ ବ୍ରତ ପାଳିତ ହୁଏ
ନାମଟି ତାହାର କହିବ କିଏ ?

ଉ- ପଞ୍ଚୁକ



- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ-୮୩୧୦୩୨୮୩୪୫

# ବୋଇତ ଦେଲା ଅଦ୍ଭୁତ ଦୁଃଖ

## ବନାଞ୍ଚଳରେ ହାତୀଛୁଆ ମୃତ

### ମାସକରେ ମଲେଣି ଦୁଇ

**ତେଲକୋଇ,୧୫ା୧୧(ସମିସ):** କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଗଜରାଜ ଅସୁରକ୍ଷିତ ହୋଇପଡିଛନ୍ତି। ଦିନକୁ ଦିନ ହାତୀ ମୃତ୍ୟୁ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଦୁଇ ସପ୍ତାହ ପୂର୍ବରୁ ଗୋଟିଏ ଦୁଇ



ବର୍ଷିୟା ହାତୀ ଛୁଆର ମୃତ୍ୟୁ ଘଟିଥିବା ବେଳେ ଆଜି ପୁଣି ଏକ ହାତୀ ଶାବକର ମୃତଦେହ ଉଦ୍ଧାର ହୋଇଛି। ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ ରାଣୀବଡ଼ା ସଂରକ୍ଷିତ ଜଙ୍ଗଲ ଟାଙ୍ଗିରୀ ଗ୍ରାମ ଦୁବନାଳି ସାହି ପତ୍ରଫଡି ନିକଟରୁ ଏହି ମୃତ ହାତୀଶାବକ ଠାବ ହୋଇଛି। ଖବର ପାଇ ତେଲକୋଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ହାତୀ ଶାବକଟି ଦୁଇରୁ ତିନି ମାସର ହୋଇଥିବା ବନ ବିଭାଗ ଆକଳନ କରିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଏକ ପ୍ରାଣୀ ବିଶେଷଜ୍ଞ ଦଳ ଶନିବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେଲକୋଇ ବନାଞ୍ଚଳରେ ଏବେ ଦୁଇଟି ଦଳରେ ୫୮ଟି ହାତୀ ରହିଛନ୍ତି। ଗୋଟିଏ ଦଳରେ ୪୦ଟି ରହିଥିବାବେଳେ ଆଉ ଗୋଟିଏ ଦଳରେ ୧୮ଟି ହାତୀ ରହୁଛନ୍ତି। ମୃତ ହାତୀ ଶାବକ ୪୦ ଟିକିଆ ଦଳର ହୋଇଥିବା ବନବିଭାଗ କହିଛି। ଉଭୟ ହାତୀ ପଲ ବିମଳା ସେକ୍ସନ ବନ୍ଧନ ଝରି ସଂରକ୍ଷିତ ଜଙ୍ଗଲରେ ଡେରା ପକାଇ ଥିବା ଜଣା ପଡିଛି।

## ୩ ଶିଶୁଙ୍କ ସଲିଳ ସମାଧି

**ବସ୍ତା ବ୍ଲକ/ରାଜଘାଟ/ଖଇରା, ୧୫ା୧୧ (ସମିସ):** ପବିତ୍ର ରାହାସ ପୂର୍ଣ୍ଣମୀ ଅବସରରେ ଗାଁଠୁ ସହର ଉତ୍ସବ ମୁଖର ହୋଇଥିବାବେଳେ ବାଲେଶ୍ୱର ଜିଲ୍ଲାରେ ପୋଖରୀରେ ବୁଡ଼ି ୩ ଶିଶୁଙ୍କ ମୃତ୍ୟୁ ଘଟିଛି। ବସ୍ତା ଅଞ୍ଚଳରେ ଦୁଇ ଶିଶୁକନ୍ୟା ଏବଂ ଖଇରା ଅଞ୍ଚଳରେ ଏକ ଶିଶୁପୁତ୍ରର ମୃତ୍ୟୁ ଘଟିଛି।

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ପଣିଶାପଡା ଗ୍ରାମର ମହେଶ୍ୱର ଦାସଙ୍କ ନାତୁଣୀ ଦିବ୍ୟାଂଶୀ (୩) ଏବଂ ମାନସ ନନ୍ଦଙ୍କ ଝିଅ ଗେଲ୍ଲୁ (୩) ଉଭୟ ଖେଳୁଥିବାବେଳେ ପରିବାର ଲୋକଙ୍କ ଦୃଷ୍ଟି ଆଢୁଆଳରେ ପାଖରେ ଥିବା ପୋଖରୀକୁ ଡଙ୍ଗା ଉଠାଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ। ଦୁଇ ପିଲାଙ୍କୁ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଦିବ୍ୟାଂଶୀକୁ ଉଦ୍ଧାର କରି ତାଙ୍କ ପରିବାର ଲୋକେ ବସ୍ତା ହସ୍ପିଟାଲକୁ ଆଣିଥିବା ବେଳେ ଗେଲ୍ଲୁକୁ ଉଦ୍ଧାର କରାଯାଇ ରାସଗୋବିନ୍ଦପୁର ହସ୍ପିଟାଲକୁ ନିଆ ଯାଇଥିଲା। ହେଲେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସ ବସ୍ତା ହସ୍ପିଟାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିବା ଜଣାପଡିଛି। ଅନ୍ୟପଟେ ରାସଗୋବିନ୍ଦପୁରରେ ଥିବା ଗେଲ୍ଲୁର ମୃତଦେହକୁ ସନ୍ଧ୍ୟାରେ ବସ୍ତା ହସ୍ପିଟାଲକୁ ଅଣାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି। ଏହି ଘଟଣାର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସେହିପରି ଖଇରା ବ୍ଲକ୍ ସାଉଣ୍ଡିଆ ଗ୍ରାମର ମଧୁସୂଦନ ମଲ୍ଲିକଙ୍କ ଚାରି ବର୍ଷର ଶିଶୁ ଆଶୁତୋଷ ଅପରାହ୍ନ ୨ଟାରେ ପୋଖରୀରୁ ଡଙ୍ଗା କାଢ଼ିବା ବେଳେ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକ ଉଦ୍ଧାର କରି ସୋର ମେଡିକାଲ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଡଙ୍ଗାଭସା ଅଘଟଣରେ ୫ ମୃତ

## ପଇସା ସଂଗ୍ରହ ବେଳେ ବୁଡ଼ିଗଲା ନାବାଳିକା

**ମାଲକାନଗିରି,୧୫ ।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମାରେ ଲୋକେ ଡଙ୍ଗାରେ ପଇସା ରଖି ଭସାଉଥିବାବେଳେ ପୋଖରୀରେ ପଶି ସେହି ପଇସା ସଂଗ୍ରହ କରୁଥିବା ଜଣେ ନାବାଳିକାଙ୍କର ପାଣିରେ ବୁଡି ମୃତ୍ୟୁ ଘଟିଛି। ମାଲକାନଗିରି ଜିଲ୍ଲା ସଦର ଥାନା ଅନ୍ତର୍ଗତ ଚମ୍ପାନଗର ଗ୍ରାମର କୁମାରୀ ହନ୍ତାଲଙ୍କ ଝିଅ ସାବିତ୍ରୀ ଗ୍ରାମ ନିକଟ ବନ୍ଧରେ ଭାସୁଥିବା ଡଙ୍ଗାରୁ ଖୁଚୁରା ପଇସା ସଂଗ୍ରହ କରିବାକୁ ଅନ୍ୟ କେତେକ ଛୋଟ ପିଲାଙ୍କ ସହ ପାଣିରେ ପଶିଥିଲେ। ମାତ୍ର ସାବିତ୍ରୀଙ୍କ ଗୋଡ଼ ଖସିଯିବାରୁ ସେ ଗଭୀର ଜଳ ମଧ୍ୟକୁ ପଶି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରୁ ନାବାଳିକାଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପାଣିରେ ବୁଡ଼ି ଶିଶୁ ମୃତ, ଜଣେ ନିଖୋଜ

**ସାଲେପୁର/କଟକ, ୧୫ ।୧୧(ସମିସ):** କଟକ ଜିଲ୍ଲାରେ ଆଜି କାର୍ତ୍ତିକ ପୂର୍ଣ୍ଣମୀରେ ଅଘଟଣ ଘଟିଛି। ଡଙ୍ଗା ଭସାଇବା ବେଳେ ପାଣିରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଶିଶୁ ଖବର ଲେଖା ହେବା ସୁଦ୍ଧା ନିଖୋଜ ଥିବା ଜଣାପଡ଼ିଛି। ଖବରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଛାଣିପୁର ପଞ୍ଚାୟତ କରମୁଆଁ ଗ୍ରାମର ପ୍ରଦୀପ ଭୋଇଙ୍କ ପୁତ୍ର ନୀତିଶ କୁମାର ଭୋଇ(୪) ପଞ୍ଚାୟତ ପୋଖରୀକୁ ଡଙ୍ଗା ଭସାଇବାକୁ ପରିବାର ଲୋକଙ୍କ ସହ ଭୋର ସମୟରେ ଯାଇଥିଲେ। ପରେ ଭସାଇଥିବା ଡଙ୍ଗାଟି ଉକ୍ତ ପୋଖରୀରୁ ଆଣିବା ପାଇଁ ଯାଇଥିବା ବେଳେ ପୋଖରୀ ପାଣିରେ ବୁଡ଼ିଯାଇଥିଲେ। ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ସଦସ୍ୟମାନେ ଶିଶୁପୁତ୍ରକୁ ବହୁ ଖୋଜାଖୋଜି କରିବା ପରେ ପୋଖରୀ ପାଣିରୁ ଗୁରୁତର ଅବସ୍ଥାରେ ତାକୁ ଉଦ୍ଧାର କରିଥିଲେ। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆଣିଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କଟକ ତାଳଦଣ୍ଡା କେନାଲରେ ଡଙ୍ଗା ଭସାଇବାକୁ ଯାଇ ନୂଆବଜାର ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ରୁଦ୍ରପ୍ରକାଶ ପରିଡା ମଧ୍ୟ କେନାଲରେ ବୁଡି ନିଖୋଜ ହୋଇଯାଇଛନ୍ତି। ଏ ସମ୍ପର୍କରେ ଖବର ପାଇ ଅଗ୍ନିଶମ ଟିମ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ ମଧ୍ୟ ଖବର ଲେଖା ହେବା ସୁଦ୍ଧା ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରାଯାଇପାରିନି।

### ମୁଖ୍ୟମନ୍ତ୍ରୀଙ୍କ ଠାରୁ ଜବାବ ଲୋଡ଼ିଲା ବିଜେଡି

## ବିଜେପି ନେତା କ'ଣ ଆଇନରୁ ଉର୍ଦ୍ଧ୍ୱରେ ?



**ରାଜ୍ୟପାଳଙ୍କ ପୁଅର ମାଡ ଘଟଣାରେ ସରକାର ଚୁପ୍ ରହିଲେ**

**କ୍ଷମତାର ଅହଂକାର ଦେଖାଉଥିବା ଜୟନାରାୟଣଙ୍କ ପ୍ରତି ଦରଦ**

**ଆଗୁଆ ଜାମିନ ଆବେଦନ ରଦ୍ଦ ପରେ କି ପଦକ୍ଷେପ ନେବେ?**

**ଭୁବନେଶ୍ୱର,୧୫ ।୧୧(ସମିସ):** ଓଡିଶାରେ ଆଇନ୍‌ର ଶାସନ ଚାଲିଛି ନା ବିଜେପିର? ଆଇନ୍ ସମସ୍ତଙ୍କ ପାଇଁ ସମାନ ନା ବିଜେପି ନେତାମାନଙ୍କ ପାଇଁ ଭିନ୍ନ? ସୁପ୍ରିମ୍ କୋର୍ଟଙ୍କ ଆଦେଶ ସରକାର ପାଳନ କରିବେ ନା ଅଣଦେଖା କରିଦେବେ? ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଏହାର ଜବାବ୍ ଦେବା ଆବଶ୍ୟକ ବୋଲି ବିଜେଡି କହିଛି। ବିଜେପି ବିଧାୟକ ଜୟନାରାୟଣ ମିଶ୍ର ମହିଳା ଇନ୍ସପେକ୍ଟରଙ୍କୁ ମାଡ଼ ମାରିବା ଘଟଣାରେ ସୁପ୍ରିମ୍‌କୋର୍ଟ ଦେଇଥିବା ଟିପ୍ପଣୀ ଉପରେ ଶୁକ୍ରବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି ଯେ ବିଜେପିର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ଗଣମାଧ୍ୟମରେ ଯେଉଁ ମନ୍ତବ୍ୟ ଦେଉଛନ୍ତି ତାହା ତାଙ୍କ କ୍ଷମତାର ଅହଙ୍କାରକୁ ଦର୍ଶାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପ୍ରକାଶ ପାଇଲା ପରେ ଶ୍ରୀ ମିଶ୍ର ଏଭଳି ମନ୍ତବ୍ୟ ଦେଇ ପରୋକ୍ଷରେ ନିଜକୁ ଆଇନଠାରୁ ଉର୍ଦ୍ଧ୍ୱରେ ବୋଲି ପ୍ରମାଣିତ କରିଛନ୍ତି। ସମସ୍ତଙ୍କ ପାଇଁ ଆଇନ ସମାନ ବୋଲି ଉକ୍ତିକୁ ବିଜେପି ସରକାର ମିଛ ବୋଲି ଆଇନ ସମସ୍ତଙ୍କ ପାଇଁ ସମାନ, ଉକ୍ତିଟିକୁ ରାଜ୍ୟ ବିଜେପି ସରକାର ଭୁଲ ବୋଲି ପ୍ରମାଣିତ କରିଛନ୍ତି। ଅଭିଯୁକ୍ତ ବିଜେପି ନେତାଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସରକାର ରାଜ୍ୟର ସାଧାରଣ ଲୋକ ଓ ବିଜେପି ନେତାଙ୍କ ମଧ୍ୟରେ ଆଇନର ତାରତମ୍ୟ ଥିବା ସ୍ପଷ୍ଟ କରି ଦେଇଛନ୍ତି । ତେଣୁ ଦେଶର ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ବଳବତ୍ତର ରହିବ ନା ରାଜନୈତିକ ଲୋକଙ୍କ ପାଇଁ ଆଇନ୍ ଅନୁସାରେ ପଦକ୍ଷେପ ନିଆଯିବ ନାହିଁ, ତାହାକୁ ସରକାର ରାଜ୍ୟର ଜନସାଧାରଣଙ୍କ ଆଗରେ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଦେବ କହିଛନ୍ତି।

ପ୍ରତାପ ଦେବ ପୁଣି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଗୃହ ବିଭାଗର ଦାୟିତ୍ୱରେ ଅଛନ୍ତି । ମାତ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନାହିଁ। ଏହା କ'ଣ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନ ଉଠାଉ ନାହିଁ କି ? ତେଣୁ ସର୍ବୋଚ୍ଚ ନ୍ୟାୟାଳୟର ରାୟ ପ୍ରକାଶ ପାଇବା ପରେ, ଏହି ମାମଲାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କ'ଣ, ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ଦରକାର। ପୂର୍ବରୁ ଜଣେ ସରକାରୀ କର୍ମଚାରୀଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବାର ଅଭିଯୋଗ ଆସିବା ପରେ ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ଏବେ ଜଣେ କର୍ତ୍ତବ୍ୟରତ ମହିଳା ପୁଲିସ ଅଧିକାରୀଙ୍କୁ ଜୟନାରାୟଣଙ୍କ ମାଡ଼ ଘଟଣାରେ ସୁପ୍ରିମକୋର୍ଟଙ୍କ ଆଗୁଆ ଜାମିନ ଖାରଜ ସତ୍ତ୍ୱେ ରାଜ୍ୟ ସରକାର ନିରବ ରହି ବିଜେପି ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ତେଣୁ ଏହି ପରିସ୍ଥିତି ଲାଗି ରହିଲେ ପୁଲିସ ଆଗାମୀ ଦିନରେ ଆଇନ ଶୃଙ୍ଖଳା ରକ୍ଷା କରିବାରେ ସଫଳ ହେବ ନାହିଁ। କାଲି ଯଦି ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ଖରାପ ହୁଏ ତା ହେଲେ ସେଥିପାଇଁ ମୁଖ୍ୟମନ୍ତ୍ରୀ ଦାୟୀ ରହିବେ। ଓଡ଼ିଆ ଅସ୍ମିତାକୁ ନାରା କରି କ୍ଷମତାକୁ ଆସିଥିବା ବିଜେପି ରାଜ୍ୟକୁ ଲଜ୍ଜିତ ଓ ନିନ୍ଦିତ କରୁଛି। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବ୍ୟକ୍ତିଗତ ପରାକାଷ୍ଠା ସାମ୍ନାକୁ ଆସିବା ଦରକାର ଓ ରାଜ୍ୟ ସରକାର ତାଙ୍କର ଆଭିମୁଖ୍ୟ ତୁରନ୍ତ କରିବା ଆବଶ୍ୟକ ବୋଲି ଶ୍ରୀ ଦେବ କହିଛନ୍ତି ।

### ■ ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କଲେ ବିରୋଧୀ

## ସରକାରଙ୍କ ନିରବତା ଅପରାଧୀଙ୍କ ମନୋବଳ ବଢ଼ାଇବ: କଂଗ୍ରେସ

**ଭୁବନେଶ୍ୱର,୧୫ ।୧୧(ସମିସ):** ମହିଳା ପୁଲିସ ଅଧିକାରୀଙ୍କୁ ସମ୍ବଲପୁର ବିଧାୟକ ତଥା ବରିଷ୍ଠ ବିଜେପି ନେତା ଜୟ ନାରାୟଣ ମିଶ୍ର ମାଡ଼ ମାରିବା ଘଟଣାରେ ଜାମିନ୍ ଆବେଦନ ଉପରେ ବିଚାର କରି ସୁପ୍ରିମ୍ କୋର୍ଟ ଦେଇଥିବା ରାୟ ଠାରୁ ଅଧିକ ଚର୍ଚ୍ଚିତ ହୋଇଛି ଖୋଦ୍ ଅଭିଯୁକ୍ତ ବିଧାୟକଙ୍କ ମୁହଁ ଫୁଟାଣି। ଏହି ଘଟଣା ପାଇଁ ବିଭିନ୍ନ ଆଡୁ ସମାଲୋଚନାର ଶରବ୍ୟ ହେଉଥିଲେ ସୁଦ୍ଧା ଅଦାଲତଙ୍କୁ ଅବମାନନା କରି ତାଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି। ରାଜ୍ୟରେ ଏକ ଖରାପ ପରମ୍ପରା ସୃଷ୍ଟି ହୋଇଛି । ପୁଲିସର ମନୋବଳ ଭାଙ୍ଗୁଛି, ଅପରାଧୀ ବଳ ପାଉଛନ୍ତି। ଏହି ଘଟଣାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ସରକାରଙ୍କ ଠାରୁ ତାଙ୍କ ଅଭିମୁଖ୍ୟ ନେଇ ସ୍ପଷ୍ଟୀକରଣ ଦାବି କରିଛନ୍ତି। ପୁଲିସ ଓ ଆଇନକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଦଳୀୟ ନେତାଙ୍କ ସୁରକ୍ଷାକୁ କାହିଁକି ଅଗ୍ରାଧିକାର ଦିଆଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ବରିଷ୍ଠ କଂଗ୍ରେସ୍ ନେତା ଜୟଦେବ ଜେନା କହିଛନ୍ତି, ଆଇନ୍ ଶୃଙ୍ଖଳା କଥା ଖାଲି କହିଦେଲେ ହେବ ନାହିଁ କାମରେ କରି ଦେଖାଇବା ଆବଶ୍ୟକ। ଯଦି କୌଣସି ଆଳ ଦେଖାଇ ସୁପ୍ରିମ୍ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ କରିବା ନେଇ ସରକାର ପଛଘୁଞ୍ଚା ଦିଅନ୍ତି ଅବା ପକ୍ଷପାତିତା କରନ୍ତି ତା ହେଲେ ଏହାର ପ୍ରଭାବ ସାରା ରାଜ୍ୟର ଆଇନ୍ ଶୃଙ୍ଖଳା ସ୍ଥିତି ଉପରେ ପଡିବ। ଯଦି ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଅନ୍ତି ତା ହେଲେ ଆମେ ଜାଣିବା ଯେ ରାଜ୍ୟରେ ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣରେ ରଖିବା ପାଇଁ ସରକାର ଯତ୍ନବାନ୍ ଅଛନ୍ତି। ମୁଖ୍ୟମନ୍ତ୍ରୀ ଦଳୀୟ ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରହି କାମ କରିବା ଉଚିତ ବୋଲି ଶ୍ରୀ ଜେନା କହିଛନ୍ତି।

**ମାନସିକ ଭାବେ ବିଜେପି ଓ ଆରଏସ୍‌ଏସ୍ ମହିଳା ବିରୋଧୀ: ସିପିଏମ୍**

ସିପିଏମ୍ ନେତ୍ରୀ ତାପସୀ ପ୍ରହରାଜ କହିଛନ୍ତି, ମାନସିକ ଭାବେ ବିଜେପି ଏବଂ ଆରଏସ୍‌ଏସ୍ ହେଉଛନ୍ତି ମହିଳା ବିରୋଧୀ। ବେଟି ବଚାଓ, ବେଟି ପଢ଼ାଓ ସେମାନଙ୍କ ପାଇଁ କେବଳ ଏକ ନାରା ମାତ୍ର। ଖାଲି ଜୟନାରାୟଣ ମିଶ୍ରଙ୍କ ଘଟଣା ନୁହେଁ, ଅତୀତରେ ଅନେକ ଉଦାହରଣ ରହିଛି। ପୂର୍ବତନ ବିରୋଧୀ ଦଳ ଉପ-ମୁଖ୍ୟ ସଚେତକ ବିଷ୍ଣୁ ସେଠୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଭଳି ଅନେକ ନେତା ଉଦାହରଣ ରଖିଯାଇଛନ୍ତି। ଦଳୀୟ ମନୋଭାବ ସେମାନଙ୍କ କାର୍ଯ୍ୟରେ ପ୍ରତିଫଳିତ ହୋଇଛି। ସେଥିପାଇଁ ଆରଏସଏସରେ କୌଣସି ମହିଳାଙ୍କ ସ୍ଥାନ ନାହିଁ। ଦେଶରେ ମନୁବାଦୀ ଶାସନ ଆଣିବା ପାଇଁ ବିଜେପି ଚାହୁଁଛି ବୋଲି ଶ୍ରୀମତୀ ପ୍ରହରାଜ କହିଛନ୍ତି।

### ଝିଣ୍ଟିକା ମାରି ବଣି ପୋଷିବେ ସରକାର

## କର୍ମଚାରୀଙ୍କ ପ୍ରଶିକ୍ଷଣ ଭତ୍ତା ବନ୍ଦକଲା ଅର୍ଥ ବିଭାଗ

**ଭୁବନେଶ୍ୱର,୧୫ ।୧୧(ସମିସ):** ପାଞ୍ଚ ମାସ ପୁରି ସରକାରଙ୍କୁ ୬ ମାସ ଚାଲିଲା । ମାତ୍ର ନିର୍ଦ୍ଦିଷ୍ଟ ଭାବରେ କୌଣସି ଲକ୍ଷ୍ୟଭେଦୀ ବିକାଶମୂଳକ କାର୍ଯ୍ୟ ପରିବର୍ତ୍ତେ ରାଜ୍ୟ ସରକାର କେବଳ ରଙ୍ଗ ବଦଳା, ନୀତି ବଦଳା ଆଦି କାମରେ ମାତିଛନ୍ତି । ରାସ୍ତା ମରାମତି କରାଯାଉ ନାହିଁ, ଲୋକମାନେ ରାସ୍ତାରେ ଯିବା ପାଇଁ ସମସ୍ୟା ଭୋଗୁଛନ୍ତି; ମାତ୍ର ରାସ୍ତା ଉପରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋଥିବା ବିଶାଳ ବିଶାଳ ଗେରୁଆ ଫଳକ ଲଗାଯାଇ ଏହା ସାଧାରଣ ଲୋକଙ୍କ ସମ୍ପତ୍ତି ବୋଲି ପ୍ରଦର୍ଶିତ ହେଉଛି । ଏପଟେ ମନ୍ତ୍ରୀଙ୍କୁ ବିଳାସମୟ ଓ ଆରାମଦାୟକ ବିମାନଯାତ୍ରା ପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରୁଛନ୍ତି, ଅନ୍ୟପକ୍ଷରେ ପ୍ରଶାସନର ଦକ୍ଷତା ବୃଦ୍ଧି ନିମନ୍ତେ କର୍ମଚାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଆଉ ଭତ୍ତା ପ୍ରଦାନ କରାଯିବ ନାହିଁ ବୋଲି ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ରାଜ୍ୟ ସରକାରଙ୍କ ଏହି ଦ୍ୱୈତ ଭୂମିକା ଏବେ ସାଧାରଣ ଲୋକଙ୍କ ମନରେ ବିଭିନ୍ନ ସନ୍ଦେହ ସୃଷ୍ଟି କରିଛି । ପୂର୍ବରୁ କିଛି ବିଭାଗର କର୍ମଚାରୀଙ୍କ ଘରଭଡ଼ା ଆଲାଉନ୍ସ ବନ୍ଦ କରାଯାଇଥିଲା, ଏବେ ପ୍ରଶିକ୍ଷଣ ଭତ୍ତା ବନ୍ଦ ପରେ ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ସ୍ୱାଭାବିକ ଅନେକ ପ୍ରଶ୍ନ ଜାଗ୍ରତ ହୋଇଛି।

ରାଜ୍ୟ ସରକାରଙ୍କର ବିଭିନ୍ନ ପ୍ରଶିକ୍ଷଣ ଅନୁଷ୍ଠାନରେ କର୍ମଚାରୀ ତଥା ଅଧିକାରୀମାନଙ୍କୁ ଆଉ ପ୍ରଶିକ୍ଷଣ ଭତ୍ତା ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି ଓ ଅର୍ଥ ବିଭାଗ ଏହି ନିଷ୍ପତ୍ତି ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ଦସ୍ତଖତରେ ଜାରି ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପ୍ରଶିକ୍ଷଣ ଅନୁଷ୍ଠାନର ଅଧିକାରୀ, କର୍ମଚାରୀମାନଙ୍କ ପ୍ରଶିକ୍ଷଣ ଭତ୍ତା (ଟ୍ରେନିଂ ଆଲାଉନ୍ସ) ଏବଂ ଅତିରିକ୍ତ ଭତ୍ତାକୁ ତତ୍କାଳ ପ୍ରଭାବରୁ ବନ୍ଦ କରାଯାଉଛି। ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନ୍‌ଷ୍ଟ୍ରେସନ୍, ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍ସ ମ୍ୟାନେଜମେଣ୍ଟ, ବିଜୁ ପଟ୍ଟନାୟକ ଷ୍ଟେଟ୍ ପୁଲିସ ଏକାଡେମୀ, ଓଡିଶା ଜୁଡିସିଆଲ ଏକାଡେମୀ ସମେତ ସ୍କୁଲ, କଲେଜ, ବିଭିନ୍ନ ଏକାଡେମୀ ଆଦି ସଂସ୍ଥାନରେ ପ୍ରଶିକ୍ଷଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ମିଳୁଥିବା ଭତ୍ତା ପ୍ରତ୍ୟାହାର କରାଯାଉଛି। କେଉଁ ପରିସ୍ଥିତିରେ କର୍ମଚାରୀ ଅଧିକାରୀଙ୍କ ଭତ୍ତା ବନ୍ଦ କରାଗଲା ତାହା ସରକାର ସ୍ପଷ୍ଟ କରି ନାହାନ୍ତି। ତେବେ ଏହି ପଦକ୍ଷେପ ପ୍ରଶିକ୍ଷଣ ସଂସ୍ଥାର ଗୁଣାତ୍ମକ ଉପଲବ୍ଧି ଉପରେ ପ୍ରଭାବ ପକାଇବ ବୋଲି କୁହାଯାଇଛି।

**ଏପଟେ ମନ୍ତ୍ରୀଙ୍କ ବିମାନ ଯାତ୍ରା ହେବ ଆରାମଦାୟକ**

**ସାଧାରଣ ଭଡ଼ାଠାରୁ ବିଜନେସ କ୍ଲାସ ଟିକଟ ଚାରିଗୁଣା**

ଦୁଇ ଦିନ ତଳେ ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀମଣ୍ଡଳ ସଦସ୍ୟଙ୍କ ବିଳାସପୂର୍ଣ୍ଣ ବିମାନ ଯାତ୍ରା କରିବାରେ ଥିବା ପ୍ରତିବନ୍ଧକକୁ ହଟାଇଛନ୍ତି। ମନ୍ତ୍ରୀମାନେ ସାଧାରଣ ଆସନ ବଦଳରେ ବିଜନେସ୍ କ୍ଲାସ୍‌ରେ ଯାତ୍ରା କରିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି । ବିମାନ ଯାତ୍ରା ପାଇଁ ଯାହା ଖର୍ଚ୍ଚ ହେଉଥିଲା ସେଥିରେ ଚାରି ଗୁଣା ବ୍ୟୟଭାର ବହନ କରିବାକୁ ସରକାର ପ୍ରସ୍ତୁତ, ମାତ୍ର ଦକ୍ଷ ପ୍ରଶାସନ ସୁନିଶ୍ଚିତ କରୁଥିବା ପ୍ରଶିକ୍ଷଣ ଅନୁଷ୍ଠାନଗୁଡିକୁ କର୍ମଚାରୀଙ୍କ ପ୍ରଶିକ୍ଷଣ ଭତ୍ତା ବନ୍ଦ କରି ସରକାର କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି, ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## ସୀମାନ୍ତରେ ଜଣେ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି, ୧୫ ।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲ୍ଲା ପୁଲିସ ନିକଟରେ ଜଣେ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ମାଓ ସଂଗଠନର ସକ୍ରିୟ ସଦସ୍ୟ ସୋଡି ମାଡକା। ମିଲିସିଆ ସଦସ୍ୟ ଭାବେ ଦୁଲେଡ ଆରପିସି ସଂସ୍ଥାରେ ସୋଡି କାର୍ଯ୍ୟରତ ଥିଲେ। ସେ ଆଜି ସୁକମା ପୁଲିସ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ପୁଲିସ ଦ୍ୱାରା ଚାଲିଥିବା ମାଓ ଦମନ କାର୍ଯ୍ୟକ୍ରମ 'ଘରକୁ ଫେରିଆସ ଅଭିଯାନ' ଓ ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ ଅନୁପ୍ରାଣିତ ହେବା ସହ ମାଓ ସଂଗଠନରେ ନିର୍ଯାତନା ଓ ନିରୀହ ଆଦିବାସୀଙ୍କୁ ପୁଲିସ ସୂଚନାଦାତା ସନ୍ଦେହରେ ହତ୍ୟାର ମ୍ରିୟମାଣ ହୋଇ ଦଳ ଛାଡିଥିବା କହିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସୋଡି ମାଡକାକୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୁଲିସ କହିଛି।

## ଶିମିଳିପାଳର ସଫ୍ଟ ଏନ୍‌କ୍ଲୋଜର୍‌ରେ 'ଜିନତ୍'



**ବାରିପଦା, ୧୫ ।୧୧(ସମିସ):** ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପକୁ ମହାରାଷ୍ଟ୍ରରୁ ଆସିଥିବା ଅନ୍ୟ ଏକ ମହାବଳ ବାଘୁଣୀ 'ଜିନତ୍'କୁ ସଫ୍ଟ ଏନକ୍ଲୋଜରେ ଶୁକ୍ରବାର ସକାଳେ ଛଡାଯାଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ମହାବଳ ବାଘର ବଂଶ ବୃଦ୍ଧି ଲକ୍ଷ୍ୟରେ ମହାରାଷ୍ଟ୍ରର ଚନ୍ଦ୍ରଗିରି ରାଜ୍ୟର ତଡବା ଜଙ୍ଗଲରୁ ବାଘୁଣୀକୁ ଅଣାଯାଇଛି। ଶୁକ୍ରବାର ସକାଳ ୯ଟା ବେଳେ ଦକ୍ଷିଣ ବନଖଣ୍ଡର ଚହଲା ନିକଟ କୋର ଅଞ୍ଚଳରେ ପ୍ରସ୍ତୁତ ସଫ୍ଟ ଏନକ୍ଲୋଜରରେ ତାକୁ ଛଡାଯାଇଛି। ବିଭାଗ ପକ୍ଷରୁ ଏହାର ନାମ ଜିନତ୍ (ଟିଂ୧୬୩ ଏସ୨ ଏଫ) ରଖାଯାଇଥିବା ବେଳେ ବୟସ ୩ ବର୍ଷ। ସଫ୍ଟ ଏନକ୍ଲୋଜରରେ ବାଘୁଣୀ ସୁସ୍ଥ ଭାବେ ଚଳପ୍ରଚଳ କରୁଥିବା ନେଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆଗାମୀ ଦୁଇ ସପ୍ତାହ ପର୍ଯ୍ୟନ୍ତ ବାଘୁଣୀ 'ଜିନ୍‌ତ'ର ଗତିବିଧି ଓ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯିବ। ଏହାପରେ ପିସିସିଏଫଙ୍କ ନିର୍ଦ୍ଦେଶକ୍ରମେ ଟ୍ରାପଚିପ ସହିତ ଶିମିଳିପାଳ ଅଭୟାରଣ୍ୟର କୋର ଜଙ୍ଗଲରେ ବାଘୁଣୀ 'ଜିନତ'କୁ ଛଡାଯିବ ବୋଲି ଜଣାପଡିଛି। ତେବେ ବାଘବଂଶ ବୃଦ୍ଧି ପାଇଁ ଆଗକୁ ଶିମିଳିପାଳକୁ ଅଧିକରୁ ଅଧିକ ବାଘ ଅଣାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆଗକୁ ଆହୁରି ୨ଟି ବାଘୁଣୀ ଓ ଗୋଟିଏ ବାଘ ଆସିବାକୁ ଥିବାବେଳେ ଜଳବାୟୁ ଓ ସ୍ଥିତିକୁ ଦେଖି ସେମାନଙ୍କୁ ରଖାଯିବ। ସାତକୋଶିଆ ସମେତ ଡେବ୍ରିଗଡ଼ ଜଙ୍ଗଲରେ ମଧ୍ୟ ବାଘ ଛଡ଼ାଯିବା ଯୋଜନା ରହିଛି




ସକାଳ THE SAKALA



## ରାଜନଗରର ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜା






# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ପାଳିତ

■ ଚିତ୍ରୋତ୍ପଳା ବୋଇତ ବନ୍ଦାଣ ମହୋତ୍ସବ

**ଗରଦପୁର,୧୫।୧୧(ସମିସ):** ଗରଦପୁର ବ୍ଲକ ପର୍ଯ୍ୟଟନ କ୍ଷେତ୍ର ଗଦାଧର ପୀଠରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଗଦାଧର ଉନ୍ନୟନ ପରିଷଦ ଓ ପାଟକୁରା ପ୍ରଗତି ମଞ୍ଚ ପକ୍ଷରୁ ୭ମ ବାର୍ଷିକ ବୋଇତ



ବନ୍ଦାଣ ମହୋତ୍ସବ ପାଳିତ ହୋଇଯାଇଛି। ମହୋତ୍ସବର ସଭାପତି ପ୍ରକୃତିବନ୍ଧୁ ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅତିଥିମାନଙ୍କ ଦ୍ୱାରା ଏହା ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ବିଜେପି ନେତା ମାନସ ମହାନ୍ତି, ରଞ୍ଜିତ ଆଚାର୍ଯ୍ୟ, ନାରୀନେତ୍ରୀ ମନିଷା ପଣ୍ଡା, ଆଇନଜୀବୀ ଶିବପ୍ରସାଦ ସିଂ, ତଳକୁସମା ପଞ୍ଚାୟତ ସରପଞ୍ଚ ପ୍ରଭାତି ନଳିନୀ ଜେନା, ଅଧ୍ୟାପକ ପ୍ରଦୀପ ଜେନା, ଆଦିକନ୍ଦ ଲେଙ୍କା, ଉମେଶ ଓଝା, ବସନ୍ତ ମାହାଳୀ, ସୀତାକାନ୍ତ ନାୟକ ଓ ପ୍ରଭାତ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

■ କୈବର୍ତ୍ତ ସମାଜର ବୋଇତ ବନ୍ଦାଣ ଉତ୍ସବ

**ମାର୍ଶାଘାଇ:** ମାର୍ଶାଘାଇ ବ୍ଲକ ଶାସନିପଡ଼ା ନିକଟରେ ଚିତ୍ରୋତ୍ପଳା ନଦୀ ଘାଟରେ କେନ୍ଦ୍ରାପଡ଼ା ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ବରିଷ୍ଠ ବୈଜ୍ଞାନିକ ସନ୍ତୋଷ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପୁଲିସ ଅଧିକାରୀ ନାରାୟଣ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ କୈବର୍ତ୍ତ ସମାଜର ସମ୍ପାଦକ ପ୍ରହଲ୍ଲାଦ ବେହେରା, ନିଖିଳ ଓଡିଶା କୈବର୍ତ୍ତ ସଂଘର ଜଗତସିଂହପୁର ଜିଲ୍ଲା ସଭାପତି



କୈଳାସ ବେହେରା, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦ୍ୱୀପର ଅଧିକାରୀ ପୁଷ୍କର ବେହେରା, ଆଇନଜୀବୀ ରବିନାରାୟଣ ଚୌଧୁରୀ,ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଶୋକ ବେହେରା, ତାଳସଙ୍ଗା ସରପଞ୍ଚ ଅଶାନ୍ତି ସ୍ୱାଇଁ, ଇଞ୍ଜିନିୟର ଅକ୍ଷୟ ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭାପତି ନଗେନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟା ଭାରତୀ ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ଆୟୋଜକ କମିଟି ସମ୍ପାଦକ ଦିଲୀପ କୁମାର ମହାପାତ୍ର, ପରକୁଳା ସମିତି ସଭ୍ୟ ସଞ୍ଜୟ ପାତ୍ର, କୁଳମଣି ବେହେରା, ମନୋରଞ୍ଜନ ଦଳାଇ, ବିଜୟ ବେହେରା, ଧିରେନ ବେହେରା, ଉପେନ୍ଦ୍ର ବେହେରା, ଫକୀର ବେହେରା, କୁମର ବେହେରା, ପ୍ରମୋଦ ବେହେରା, ଚିରଞ୍ଜୀବି ବେହେରା, ପାଟଳିପଙ୍କର ଗରାମ ମୁଖ୍ୟ ପାଗଳ ବେହେରା, ଦିବାକର ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଭୋର ସମୟରୁ ଭଜନ ସମାରୋହ, ନୃତ୍ୟ ପ୍ରତିଯୋଗିତା କରାଯାଇଥିବା ବେଳେ ୧୭ଟି ଦଳ ମଧ୍ୟରେ ନୌକା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୈଷ୍ଣବ ବେହେରା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ପ୍ରଦୀପ ବେହେରା ଦ୍ୱିତୀୟ ଏବଂ ଅଙ୍କୁର ତରାଇ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।

■ ଲୁଣାନଦୀ ଘାଟରେ ବୋଇତ ବନ୍ଦାଣ ଉତ୍ସବ

**କେନ୍ଦ୍ରାପଡ଼ା:** ଶୁକ୍ରବାର ସକାଳ ୭ଘଟିକା ସମୟରେ



କଳପଡା ଲୁଣାନଦୀ ଘାଟରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆଜି ପ୍ରତ୍ୟୁଷରୁ କଳପଡା ଲକ୍‌ଠାରୁ ଅତିଥିମାନଙ୍କୁ ଏକ ବର୍ଣ୍ଣାଢ୍ୟ ପଟୁଆରରେ ନଦୀକୂଳ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ନଦୀକୂଳରେ ସୁସଜ୍ଜିତ ମଞ୍ଚରେ ସମିତିର ମୁଖ୍ୟ ଉପଦେଷ୍ଟା ସୁରେନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ କେନ୍ଦ୍ରାପଡାରେ ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ନୌବାଣିଜ୍ୟ ପରମ୍ପରାକୁ ସ୍ମରଣ କରାଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, କେନ୍ଦ୍ରାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରଶ୍ମିତା ସେଠୀ, ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସ୍ମିତା ସାମଲ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ସମିତି ସଭ୍ୟ ଶିବ ପ୍ରସାଦ ସାହାଣୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଭାପତି ସୁନିଲ କୁମାର ଜେନା, କାର୍ଯ୍ୟକାରୀ ସଭାପତି ରଞ୍ଜିତ କୁମାର ସାହାଣୀ, ଉପସଭାପତି ଗୌତମ ସ୍ୱାଇଁ, ସମ୍ପାଦକ ପ୍ରଭାତ ରଞ୍ଜନ ସ୍ୱାଇଁ, କଳ୍ପତରୁ ନାୟକ, ମାଥନ ସ୍ୱାଇଁ, ଶୁଭେନ୍ଦୁ ସ୍ୱାଇଁ, ପ୍ରଭୁ ବରାଳ, ସାହିବ ସ୍ୱାଇଁ, ସରୋଜକାନ୍ତ ରାଉତ, ପ୍ରକାଶ ଜେନା, ପ୍ରମୋଦ ସ୍ୱାଇଁ, ସତ୍ୟନାରାୟଣ ପ୍ରଧାନ, କେଦାର ମହନ୍ତି, ଅଭିଜିତ ସ୍ୱାଇଁ, ବିଶ୍ୱଜିତ ସ୍ୱାଇଁ, ଅଭିଜିତ ନାୟକ, ରାଜେନ୍ଦ୍ର ଜେନା, ସୁଦାମ ବାରିକ, ଅବିନାଶ ସ୍ୱାଇଁ, ଲିଟନ ସ୍ୱାଇଁ, ଲଲାଟ କେଶରୀ ସାମଲ, ବିଶ୍ୱଜିତ ନାୟକ, ହିମାଂଶୁ ନାୟକ, ଭବାନୀ ଶଙ୍କର ସ୍ୱାଇଁ, ଶତ୍ରୁଘନ ସାହାଣୀ, ଚିରଞ୍ଜୀବ ମହାନ୍ତି, ସୌମ୍ୟ ପ୍ରଧାନ, ଦେବଦତ୍ତ, ଗଣେଶ, ଶେଖର, ରାଜା, କୈଳାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସହ ସମ୍ପାଦକ ଜୀବନଜ୍ୟୋତି ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସାତ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସହ ସମ୍ପାଦକ ଜୀବନଜ୍ୟୋତି ଜେନା ଜଣାଇଛନ୍ତି।

■ କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବକୁ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଉଦ୍‌ଘାଟନ କରିଛନ୍ତି। ସେ ପ୍ରଥମେ ଗୋବରୀ ନଦୀରେ ବୋଇତ ବନ୍ଦାଣ କରିଥିଲେ। ଗୋବରୀ ନଦୀ ହେଉଛି କେନ୍ଦ୍ରାପଡାର ଗଙ୍ଗା। ନୌବାଣିଜ୍ୟର ଇତିହାସକୁ ଉତ୍ତର ପିଢିମାନେ କାଳ୍ପନିକ ଘଟଣା ନ ଭାବି ଏହାର ଇତିହାସକୁ ଜାଣିଲେ ଆମର ମାନସିକତା ଶାଣିତ ହେବ ବୋଲି ସେ କହିଥିଲେ। ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମହେଶ ପାଢୀ ସଭା ଆହ୍ୱାନ କରିଥିବା ବେଳେ କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ସଞ୍ଜୟ କୁମାର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦକିଶୋର ପରିଡା, ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଲିଲିତା ଦାସ, ସିଡିଏମଓ ପ୍ରମୋଦ କୁମାର ପ୍ରହରାଜ, କେନ୍ଦ୍ରାପଡା ପୌରାଧ୍ୟକ୍ଷ ସରିତା ସାହୁ, କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, କପାଳେଶ୍ୱର ଗ୍ରାମ ପଞ୍ଚାୟତର ସରପଞ୍ଚ



କଳ୍ପନା ମହାନ୍ତି, ଜିଲ୍ଲା ପରିଷଦ ୮ ନଂ ଜୋନ ସଭ୍ୟ ରଶ୍ମିରଞ୍ଜନ ରାଉତ ଏବଂ ୬ ନଂ ଜୋନ ସଭ୍ୟ ନିର୍ମଳା ମହାନ୍ତି ପ୍ରମୁଖ ଯୋଗଦାନକରିଥିଲେ। ବାଲିଯାତ୍ରା ମହୋତ୍ସବ ମୁଖପତ୍ର- ୨୦୨୪କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉପସଭାପତି ଧିରେନ୍ଦ୍ର ଦାସ, ଟୁଟୁ ଗେରୁ, ଶ୍ରୀଧର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଉପ ସଭାପତି ଅଭିମନ୍ୟୁ ଗୋଛାୟତ ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସହ ସମ୍ପାଦକ କିଶୋର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ, ସହ କୋଷାଧ୍ୟକ୍ଷ ପଞ୍ଚାନନ ଗେରୁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ସିଂହ, ମୃତ୍ୟୁଞ୍ଜୟ ସାହୁ, ରାଜୁ କୁବେର, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଅଭିମନ୍ୟୁ ଗୋଛାୟତ, ରାମଚନ୍ଦ୍ର ବାରିକ, ଲାଲବାବୁ, ଦୁର୍ଯ୍ୟୋଧନ ଗେରୁ, ଶ୍ରୀଧର କୁମାର ଭୋଳ, କୈଳାସ ଗେରୁ, ପୀତବାସ ବେହେରା, ସାଂସ୍କୃତିକ ସମ୍ପାଦକ ସତ୍ୟପ୍ରିୟ ଦାସ, ଲୋପାମୁଦ୍ରା ବାରିକ, ପ୍ରଦୀପ୍ତ ମହାନ୍ତି, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶୀନାଥ ରାଉତରାୟ, ମହେନ୍ଦ୍ର ଆଚାର୍ଯ୍ୟ, ମିଡିଆସେଲ ସମ୍ପାଦକ ଅଲେଖ ନାୟକ ଓ ଲକ୍ଷ୍ମୀକାନ୍ତ ନାୟକ, ପୀତବାସ ବେହେରା, ରମଣୀ ରଞ୍ଜନ ରାଉତରାୟ, ପୀତବାସ ଦାସ, ଶତ୍ରୁଜିତ ନାୟକ, ମୃତ୍ୟୁଞ୍ଜୟ ମହାନ୍ତି, ତ୍ରିଲୋଚନ ଦାସ, ପଞ୍ଚାନନ ଦାସ, ଶରତ କୁମାର ରାଉତ, ମଦନମୋହନ ସାହୁ, ସରୋଜକାନ୍ତ ସାହୁ, ମହେନ୍ଦ୍ର ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁ, ଅକ୍ଷୟପ୍ରିୟ ଦାସ, ଦୁର୍ଯ୍ୟୋଧନ ଗେରୁ, ସେକ ରିଙ୍କୁ ସମେତ ବହୁ ଲୋକ ଯୋଗ ଦେଇଥିଲେ।

## ରେଳଧାରଣାରେ କଟି ଯୁବକ ମୃତ



**ମାର୍ଶାଘାଇ,୧୫।୧୧(ସମିସ):** ମାର୍ଶାଘାଇ ରୋଡ଼ର କେନାଲ ବ୍ରିଜ୍ ନିକଟସ୍ଥ ରେଳଧାରଣାରେ ବନଜ ସ୍ୱାଇଁ(୪୫) ନାମକ ଜଣେ ବ୍ୟକ୍ତିଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଦେଖିବାକୁ ମିଳିଛି। ଶୁକ୍ରବାର ଅପରାହ୍ନରେ ରେଳଧାରଣରେ ମାଲବାହୀ ଦୁର୍ଘଟଣାରେ ତାଙ୍କର ମୃତ୍ୟୁଘଟିଛି । ମୃତ ବ୍ୟକ୍ତି ଜଣକ ବନଜର ଘର ମାର୍ଶାଘାଇ ଥାନା ଗିରଙ୍ଗ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଖବରପାଇ ପୁଲିସ ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ କରିଛନ୍ତି । ରେଳଧାରଣାରେ ଯୁବକର ମୃତ୍ୟୁ ହେତୁ ଘଟଣାର ତଦନ୍ତଭାର ପାରାଦୀପ ଜିଆରପି ପୁଲିସକୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

## ପଟ୍ଟାମୁଣ୍ଡାଇ ବୋଇତ ବନ୍ଦାଣ ଉତ୍ସବ




**ପଟ୍ଟାମୁଣ୍ଡାଇ,୧୫।୧୧(ସମିସ):** ନୌବାଣିଜ୍ୟ ପରମ୍ପରାର ଅନନ୍ୟ କାର୍ଯ୍ୟକ୍ରମ ବୋଇତ ପଟ୍ଟାମୁଣ୍ଡାଇ ବନ୍ଦାଣ ଉତ୍ସବ ପଟ୍ଟାମୁଣ୍ଡାଇ କଳା ସଂସ୍କୃତି, ପରମ୍ପରା ଓ ଅସ୍ମିତାର ପ୍ରତୀକ ହୋଇଥିବାରୁ ସମ୍ପ୍ରତି ବୋଇତ ବନ୍ଦାଣ ଉତ୍ସବକୁ ସରକାରୀ ସ୍ୱୀକୃତି ପ୍ରଦାନ ପାଇଁ ଦାବି ଉଠିଛି। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ଆନୁକୂଲ୍ୟରେ କାର୍ତିକ ପୂର୍ଣ୍ଣିମା ଅବସରରେ ବ୍ରାହ୍ମଣୀ ସେତୁ ନିକଟରେ ମହା ସମାରୋହରେ ଅନୁଷ୍ଠିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହି ଦାବି ଉପସ୍ଥାପିତ କରିଛନ୍ତି। ଆଜି ପ୍ରତ୍ୟୁଷରୁ ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ ସାଧବ/ସାଧବାଣୀଙ୍କ ସହିତ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ଓ ଅନ୍ୟାନ୍ୟ ନେତୃ ମଣ୍ଡଳୀ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ବିକାଶ ପରିଷଦ ସଭାପତି ଗୋପୀ ବଲ୍ଲଭ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ତଥା 'ସୁବାର୍ତ୍ତା'ର ସଂପାଦକ ପ୍ରଦ୍ୟୁମ୍ନ ଶତପଥି ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ବେଦମନ୍ତ୍ର ପାଠ କରିଥିଲେ ଓ ବିକାଶ ପରିଷଦର ବରିଷ୍ଠ ସଭ୍ୟ ଚିତରଞ୍ଜନ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଂପାଦକ ଆଡଭୋକେଟ ଗୋପିନାଥ ତ୍ରିପାଠୀ ସଂପାଦକୀୟ ବିବରଣୀ ପାଠ କରିଥିଲେ। କବି ସଚିତ୍ର କୁମାର ବେହୁରା ସ୍ୱାଗତଭାଷଣ ଓ ଅତିଥି ପରିଚୟ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ନୃତ୍ୟ ପ୍ରତିଯୋଗୀମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ବିଚାରକ ଭାବେ ବିଶିଷ୍ଟ ତବଲା ଗୁରୁ ସମୀର ରଞ୍ଜନ ଦାସ, ମୁନା ପ୍ରଧାନ, ଗୋବିନ୍ଦ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

■ ପଟ୍ଟାମୁଣ୍ଡାଇ ବିଡିଓଙ୍କ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା

## ଥାନାରେ ଜ୍ୟୋତିଙ୍କ ଆତ୍ମସମର୍ପଣ

**ପଟ୍ଟାମୁଣ୍ଡାଇ,୧୫।୧୧(ସମିସ):** ପଟ୍ଟାମୁଣ୍ଡାଇ ବିଡ଼ିଓ ଶୁଭ୍ରାଂଶୁ ସାହୁଙ୍କ ବ୍ଲକ କାର୍ଯ୍ୟାଳୟ ମଧ୍ୟରେ ଗଣ୍ଡଗୋଳ ଘଟଣାରେ ସରପଞ୍ଚ ଓ ସମିତି ସଭ୍ୟଙ୍କ ଅନଶନ ତୃତୀୟ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ଚାଲିଥିବା ବେଳେ ଅଭିଯୁକ୍ତ ଜ୍ୟୋତିପ୍ରକାଶ ପ୍ରଧାନ ଆଜି ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକରେ ସୃଷ୍ଟି ଅଚଳବସ୍ଥା ଦୂର କରିବା ସହିତ ଆମରଣ ଅନଶନ ସମାପ୍ତ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ତାଙ୍କର ପ୍ରତିନିଧି ଭାବେ କେନ୍ଦ୍ରାପଡ଼ା ତହସିଲଦାର, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ ଓ ଏସଡିପି ଓ କ୍ଷମା ସାଗର ପଣ୍ଡାଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଏହି ଅଧିକାରୀମାନେ ପଟ୍ଟାମୁଣ୍ଡାଇ ବ୍ଲକ ଅନଶନ ସ୍ଥଳରେ ପହଞ୍ଚି ଅନଶନରତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିଥିଲେ ମଧ୍ୟ ଅଭିଯୁକ୍ତ ଗିରଫ ନହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅନଶନକାରୀମାନେ ଅଡ଼ି ବସିବାରୁ ଆଲୋଚନା ବିଫଳ ହୋଇଥିଲା। ଅନ୍ୟ ପକ୍ଷରେ କେନ୍ଦ୍ରାପଡ଼ା ଅତିରିକ୍ତ ଏସ୍‌ପି, ପଟ୍ଟାମୁଣ୍ଡାଇ ଏସଡିପିଓଙ୍କ ଉପସ୍ଥିତିରେ ଜ୍ୟୋତି ପ୍ରକାଶ ଥାନାରେ ଆତ୍ମସମର୍ପଣ କରିବା ପରେ ପ୍ରଶାସନିକ ଅଧିକାରୀମାନେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ଆଜିର ଅନଶନରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ପ୍ରିୟବ୍ରତ ଓଝା, ସନ୍ତୋଷ କୁମାର ସେଠୀ, ସଂଗ୍ରାମ କେଶରୀ ବାରିକ, ବନୋଜ ସେଠୀ ଅନିଲ ଲେଙ୍କା, ନରେଶ ମଲିକ, ଶତ୍ରୁଘ୍ନ ମଲିକ, ଦେବବ୍ରତ ନାୟକ ଜ୍ଞାନ ରଞ୍ଜନ ଖଣ୍ଡାୟୀ, ସସ୍ମିତା ସେଠୀ ବୁଦ୍ଧିରାମ ବେହେରା, ରମେଶ ମଲ୍ଲିକ କଳ୍ପନା ଜେନା, ରଂଜିତା ସାହୁ ଗଣେଶ ଦାସ, ସ୍ମୃତିରେଖା ସ୍ୱାଇଁ, ଅନୁସୂୟା ନାଥ, ଦମୟନ୍ତୀ ସାମନ୍ତରାୟ, ସନ୍ତୋଷୀନୀ ଜେନା, ନିରୁପମା ଦାସ, ଅନ୍ନପୂର୍ଣ୍ଣା ସେଠୀ, ପଦ୍ମିନୀ ବେହେରା, ମମତା ସାମଲ, ଯଶମତି ରାଉତ ଏବଂ ସମିତି ସଭ୍ୟ ଅଭୟ ସ୍ୱାଇଁ, ସୁରେଶ ଜେନା, ଶଶାଙ୍କଶେଖର ବିଶ୍ୱାଳ, ବିଶ୍ୱରଂଜନ ଭୂୟାଁ , ମାନସ ମଳିକ , ସୁନୀଲ ସାମନ୍ତରାୟ , କୈଳାସ ପରିଡା , ସୁବାସ ବାରିକ , ନିରଞ୍ଜନ ବାରିକ , ରାମଚନ୍ଦ୍ର ସେଠୀ, ସ୍ମୃତିମୟୀ ମଲିକ, ଡଲି ପରିଡା, ସୁମିତ୍ରା ସାହୁ, ପ୍ରମିଳା ଖଟୁଆ, ପଦ୍ମଜାପ୍ରିୟଦର୍ଶନୀ କର ସାମିଲ ହୋଇଛନ୍ତି।

**ଜିଲ୍ଲାପାଳଙ୍କ ପ୍ରତିନିଧି ସହିତ ଆଲୋଚନା ବିଫଳ**

■ ମା'ମାଟିଆମଙ୍ଗଳା ପୀଠ ବୋଇତ ବନ୍ଦାଣ ଉତ୍ସବ


## 'ନୌବାଣିଜ୍ୟ ପରମ୍ପରାର ମୂକସାକ୍ଷୀ ରାଜନଗର'

**ରାଜନଗର, ୧୫।୧୧(ସମିସ):** ଅବଲୁପ୍ତ ଐଶ୍ୱର୍ଯ୍ୟର ଅନନ୍ୟ ପରମ୍ପରା ହେଉଛି ଆମ ନୌବାଣିଜ୍ୟ। ନୌବାଣିଜ୍ୟ ପରମ୍ପରାର ପ୍ରମୁଖ ମୁକସାକ୍ଷୀ ହେଉଛି ରାଜନଗର। ବଙ୍ଗୋପସାଗର ତଟବର୍ତ୍ତୀ କିମ୍ବଦନ୍ତୀର ସ୍ୱର୍ଣ୍ଣିମ ସ୍ୱାକ୍ଷର ତଅପୋଇର ବଂଶଧର ସାତଭାୟା। କେଉଁ କାଳରୁ ସାଗରତଟରୁ ଆମ ସୌଦାଗରମାନେ ବଙ୍ଗୋପସାଗରରେ ବୋଇତ ନେଇ ଦରିଆପାରି ଦେଶରେ ବଣିଜ କରିବା ପାଇଁ ଯାଇଥାନ୍ତି। ତେଣୁ ନୌ ବାଣିଜ୍ୟ କ୍ଷେତ୍ରରେ ରାଜନଗର ପରମ୍ପରାର ଗୌରବ ବହନ କରିଥାଏ ବୋଲି ମା'ମାଟିଆ ମଙ୍ଗଳାଙ୍କ ପୀଠରେ ମାଟିଆମଙ୍ଗଳା ଯୁବ ପରିଷଦ ପକ୍ଷରୁ ଅନୁଷ୍ଠିତ ବୋଇତବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି। ମାଟିଆ ମଙ୍ଗଳା ଯୁବ ପରିଷଦର ସଭାପତି ଅପୂର୍ବ ରଂଜନ ରାଉଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାନସଭା ସଚିବ ଦାଶରଥି ଶତପଥି, ଯୁଗ୍ମ ସଚିବ ଅଭୟ କୁମାର ମହାନ୍ତି, ପଣ୍ଡିତ ହୃଷିକେଶ ରଥ, ସରପଞ୍ଚ ଚିତରଂଜନ ପଣ୍ଡା, ସମିତିସଭ୍ୟା ସସ୍ମିତା ସ୍ୱାଇଁ, ନଳିନୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ, ଅଧ୍ୟାପିକା ଭଗବତୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ମା' ମାଟିଆମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା ପରେ ହଂସୁଆ ନଦୀ ମୂଳରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାଧବପୁଅ ମାନଙ୍କୁ ବନ୍ଦାପନା କରାଯିବା ପରେ ସେମାନେ ସୁସଜ୍ଜିତ ନୌକାରେ ଯାତ୍ରା କରିଥିଲେ।

# ବାୟାକଣ ସ୍କୁଲ ପଡ଼ିଆରେ ମୁରୁଜ ପ୍ରତିଯୋଗିତା




**ଡେରାବିଶ, ୧୫।୧୧(ସମିସ):** ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବାୟାକଣ ସ୍କୁଲ ପଡ଼ିଆରେ ପଞ୍ଚାୟତସ୍ତରୀୟଚତୁର୍ଥବାର୍ଷିକ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ଶିଶିର ସାମଲଙ୍କ ଉଦ୍ୟମରେ ଆୟୋଜିତ ଏହି ମୁରୁଜ ପ୍ରତିଯୋଗିତାରେ ପଞ୍ଚାୟତର ମୋଟ ୧୭ ଗୋଟି ଦଳ ଭାଗ ନେଇଥିଲେ। ବିଚାରକମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ତିନୋଟି ଦଳକୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ଦଳରେ ରଶ୍ମିତା ଷଣ୍ଢ, ଭାଗ୍ୟଶ୍ରୀ ସାହୁ ଓ ପୁଜାରିଣୀ ସାହୁ ଭାଗନେଇଥିବା ବେଳେ ଦ୍ୱିତୀୟ ହୋଇଥିବା ଦଳରେ ପୂର୍ଣ୍ଣିମା ମହାରଣା ଓ ମଧୁସ୍ମିତା ବେହେରା ଭାଗ ନେଇଥିଲେ। ସେହିପରି ଗାୟତ୍ରୀ ଦ୍ୱିବେଦୀ ତୃତୀୟ ସ୍ଥାନ



ଅଧିକାର କରିଥିଲେ। ଶେଷରେ କୃତୀ ଦଳଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୱାର୍ଡ ସଭ୍ୟ କୈଳାସ ଚନ୍ଦ୍ର ସାହାଣୀ, ରାଜବଲ୍ଲଭ ସାହୁ, ଆର୍ତ୍ତତ୍ରାଣ ଜେନା, ସମବାୟବିତ୍ ବିମଳକାନ୍ତ ତ୍ରିପାଠୀ, ସୌମେନ୍ଦ୍ର ସାହୁ, ମିଶନଶକ୍ତିର ସଭାପତି, ସମ୍ପାଦିକା, ଏମ୍‌ବିକେ, ବ୍ୟାଙ୍କମିତ୍ର ଓ ସିଆରସିମାନେ ପରିଚାଳନା କରିଥିଲେ। ସୁଧାକର ସାହୁ, ଉମେଶ ଷଣ୍ଢ, ଅକ୍ଷୟ ଷଣ୍ଢ, ପ୍ରମୋଦ ସାହୁ, ଚକ୍ରଧର ସାହୁ ପରିଚାଳନାରେ ସହଯୋଗ କରିଥିଲେ। ଜଜ୍‌ଭାବେ ବନଜା ଭଦ୍ର, ନିରଞ୍ଜନ ତ୍ରିପାଠୀ, ରଶ୍ମିତା ନାୟକ କାର୍ଯ୍ୟ ନିର୍ବାହ କରିଥିଲେ।



# ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ

**କେନ୍ଦ୍ରାପଡ଼ା,୧୫ ।୧୧(ସମିସ):** ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ ଓ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ପ୍ରଶାସନ(କଲ୍ୟାଣ ବିଭାଗ) କେନ୍ଦ୍ରାପଡ଼ା ପକ୍ଷରୁ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥିଭାବେ କେନ୍ଦ୍ରାପଡ଼ା ଲୋକସଭା ସାଂସଦଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଉପଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେରାବିଶ ବିଡିଓ ନମିତା ବାରିକ, ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, କେନ୍ଦ୍ରାପଡ଼ା ତହସିଲଦାର ତାପସ କୁମାର ଦେହୁରି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ଓ ବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ଗାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକ ଉପଲକ୍ଷେ ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନର ଶୁଭାରମ୍ଭ ଆଭାସୀ ମାଧ୍ୟମରେ କରିଥିଲେ। ସ୍ୱାଧୀନତା ସଂଗ୍ରାମର ସ୍ୱର୍ଣ୍ଣିମ ଇତିହାସରେ ଜନଜାତିର ଯେଉଁ ଗୌରବମୟ ଯୋଗଦାନ ରହିଛି ତାକୁ ମନେ ପକାଇ ଦେବାକୁ କେନ୍ଦ୍ର ସରକାରଙ୍କ ଏହା ହେଉଛି ଏକ ମହତ୍ୱପୂର୍ଣ୍ଣ ପ୍ରୟାସ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ମତବ୍ୟକ୍ତ କରିଥିଲେ । ଜନଜାତି ବର୍ଗର ବ୍ୟକ୍ତିବିଶେଷଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିପାରିଲେ ଜିଲ୍ଲା, ରାଜ୍ୟ ଓ ଦେଶ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ବୋଲି ସେ ମଧ୍ୟ ମତବ୍ୟକ୍ତ କରିଥିଲେ ।ଉକ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସମସ୍ତ ବ୍ଲକରୁ ଆସିଥିବା ସମସ୍ତ ଜନଜାତି ବର୍ଗର ବ୍ୟକ୍ତି, ବ୍ଲକ ମଙ୍ଗଳ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତା, ଗଣମାଧ୍ୟମର ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

## ବିଶ୍ୱ ମଧୁମେହ ଦିବସ ପାଳିତ




ଅନୁଗୋଳ, ୧୫ ।୧୧(ସମିସ): ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା ଏବଂ ରୋଟାରୀ କ୍ଲବ ଅନୁଗୋଳ ରୟାଲ୍ ତରଫରୁ ବିଶ୍ୱ ମଧୁମେହ ଦିବସ ତଳମୂଳପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଛି । ମଧୁମେହ ବିଶ୍ୱର ଏକ ସର୍ବବ୍ୟାପକ ରୋଗ ଏବଂ ଏହି ମାରାତ୍ମକ ରୋଗ ବିଶୃଙ୍ଖଳିତ ଜୀବନଶୈଳୀ ଯୋଗୁଁ ହୋଇଥାଏ । ଏହାକୁ ବଂଶଗତ ରୋଗ ଭାବେ ଚିକିତ୍ସା ବିଜ୍ଞାନ ବିବେଚନା କରିଛି । ମଧୁମେହ ଆକ୍ରାନ୍ତ ରୋଗୀ କିପରି ଡାକ୍ତରଙ୍କ ପାଖରେ ପହଞ୍ଚି ନିଜ ଉପଚାର ଏବଂ ଗ୍ରାମରେ ସଚେତନତା ମାଧ୍ୟମରେ ରୋଗୀଙ୍କୁ ଅବଗତ କରି ଆକ୍ରାନ୍ତ ବ୍ୟକ୍ତି କିପରି ଆରୋଗ୍ୟ ଲାଭ କରିପାରିବେ ସେ ସମ୍ପର୍କରେ ଭେଷଜ ବିଶେଷଜ୍ଞ ଡା. ପ୍ରଫୁଲ୍ଲ କୁମାର ସାହୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସଚେତନତା ବାର୍ତ୍ତା ନେଇ ୱାକାଥନ୍ ଆୟୋଜିତ ହୋଇଥିଲା । କ୍ଲବ ସଭାପତି ରୋଟାରିଆନ ମଧୁ ଗୁପ୍ତା ଆଗାମୀ ଦିନରେ କ୍ଲବ ତରଫରୁ ଆଖପାଖ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ । ସମ୍ପାଦିକା ବାଣୀ ଦେବ, ଡା. ପ୍ରଭାତ କୁମାର ପଣ୍ଡା, ହରଗୋବିନ୍ଦ ମହାପାତ୍ର, ଡା. ମାଇକେଲ ଜନ, ଅନିଲ ଗୁପ୍ତା, ନୀହାର ରଞ୍ଜନ ପ୍ରସାଦ, ମଧୁସୂଦନ ଶର୍ମା, ରାଜେଶ ସରଳିଆ ଏବଂ ଭାରତୀୟ ଚିକିତ୍ସକ ସଂଘ ତରଫରୁ ଡା. ବିଶ୍ୱଜିତ ସାମଲ, ଡା. ତରୁଣ କୁମାର ସାହୁ, ଡା. ସସ୍ମିତା ସାହୁ, ଡା. ପ୍ରସନ୍ନ ମହାନ୍ତି, ଡା. ନୀଳକଣ୍ଠ ସାହୁ, ଡା. ସୁଷମା ଚୌଧୁରୀ, ଡା. ସୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ପରିଚାଳନା କରିଥିଲେ । ତଳମୂଳ ଗ୍ରାମ ପପୁଲାର ଗ୍ରୁପର ଅଜିତ ସାହୁ, ନିରଞ୍ଜନ ସାହୁ, ଅଜୟ ସାହୁ, ରିଙ୍କୁ ସାହୁ ଏବଂ ମେଡିସିନ ରିପ୍ରେଜେଣ୍ଟେଟିଭ ସହଯୋଗ କରିଥଲେ । ୪୩୫ ଗ୍ରାମବାସୀଙ୍କ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । କ୍ଲବର ମିଳନ କୁମାର ଅଗ୍ରୱାଲ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ବଜାଜର ସିଏନ୍‌ଜି ଚାଳିତ ବାଇକ୍‌ର ବଜାର ପ୍ରବେଶ



ଅନୁଗୋଳ, ୧୫ ।୧୧(ସମିସ): ବଜାଜ ଅଟୋ ପକ୍ଷରୁ ପ୍ରଥମ ସିଏନଜି ଚାଳିତ ବାଇକ୍ ଫ୍ରିଡମ୍-୧୨୫ ଅନୁଗୋଳରେ ବଜାର ପ୍ରବେଶ କରିଛି । ଅନୁଗୋଳ ସହର ଯମୁନା ବଜାଜ ଶୋ'ରୁମରେ ଏହାର ବିଧିବଦ୍ଧ ଭାବେ ଉନ୍ମୋଚନ ହୋଇଛି । କାର୍ଯ୍ୟକ୍ରମରେ ଏମଭିଆଇ ବିଭୁରଞ୍ଜନ ନାୟକ, ଭାରତ ପେଟ୍ରୋଲିୟମ ମ୍ୟାନେଜେର ବିବେକ କାୟାଣ୍ଡେ, ଯମୁନା ବଜାଜ ମାଲିକ ଗିରିଜା ଶଙ୍କର ଅଗ୍ରୱାଲ, ବଜରଙ୍ଗଲାଲ ଅଗ୍ରୱାଲ ଉପସ୍ଥିତ ଥିଲେ । ଏହି ଗାଡ଼ି ଗ୍ୟାସ ଓ ପେଟ୍ରୋଲ ଉଭୟ ଇନ୍ଧନରେ ଚାଲିପାରିବ । ଏଥିରେ ୨ କେଜି ଗ୍ୟାସ ଟାଙ୍କି ସହ ପେଟ୍ରୋଲ ଟାଙ୍କି ରହିଛି । ୧ କେଜି ଗ୍ୟାସରେ ଏହି ବାଇକ୍ ୧୦୦ କିଲୋମିଟରରୁ ଅଧିକ ଯାଇପାରିବ । ଉଭୟ ଗ୍ୟାସ ଓ ପେଟ୍ରୋଲରେ ମୋଟ ୩୩୦ କିଲୋମିଟର ଦୂରତା ଅତିକ୍ରମର କ୍ଷମତା ରହିଛି ଏହି ବାଇକ୍‌ର । ଅନ୍ୟାନ୍ୟ ସୁବିଧା ମଧ୍ୟରେ ଏଲଇଡି ଲାଇଟ, ଡିଜିଟାଲ ମିଟର, ବ୍ଲୁଟୁଥ କନେକ୍ସନ ଗାଡ଼ିରେ ରହିଛି । ବଜାରକୁ ୩ ପ୍ରକାର ଗାଡ଼ି ପ୍ରବେଶ କରିବା ସହ ୫ଟି ରଙ୍ଗର ଗାଡ଼ି ଉପଲବ୍ଧ ଅଛି । ଏହି ବାଇକ୍ ସାଧାରଣ ବାଇକ୍‌ଠାରୁ ପ୍ରାୟ ୫୦ ପ୍ରତିଶତ ପ୍ରଦୂଷଣ କମ୍ ରହିବ ।

## କାର୍ତ୍ତିକ ପୂର୍ଣ୍ଣିମାରେ ଶୈବପୀଠ ଲୋକାରଣ୍ୟ



ପାଲଲହଡ଼ା, ୧୫ ।୧୧(ସମିସ): ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପାଲଲହଡ଼ା ଉପଖଣ୍ଡର ସମସ୍ତ ଶୈବପୀଠ ଲୋକାରଣ୍ୟ ହୋଇପଡ଼ିଥିଲା । ଶୁକ୍ରବାର ଭୋରରୁ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଣ କରି ବିଭିନ୍ନ ନଦୀନାଳରେ ଡଙ୍ଗା ଭସାଇଥିଲେ । ଖୁଲୁଡ଼ି ବାବା ଗିରୀଶ୍ୱର ଶୈବପୀଠ, ତିରିବ, ପାଲଲହଡ଼ା, ଖମାର ଆଦି ଶୈବପୀଠଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମିଥିଲା । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତଙ୍କୁ ଅନ୍ନଭୋଗ ବଣ୍ଟନ କରାଯାଇଥିଲା ।

### ଅଭୟାରଣ୍ୟରୁ ବିସ୍ଥାପିତ ହେବେ ଆଉ ୫ ଗ୍ରାମର ୯୫୦ ପରିବାର

# ଭୂଗୋଳରୁ ହଜିଯିବ ପୁରୁଣାକୋଟ ପଞ୍ଚାୟତ

ଅନୁଗୋଳ, ୧୫ ।୧୧(ସଂଗ୍ରାମ ଦାସ)

ଅନୁଗୋଳ ବ୍ଲକ ପୁରୁଣାକୋଟ ଥାନା ଅଞ୍ଚଳ ସାତକୋଶିଆ ଅଭୟାରଣ୍ୟ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ପାଇଁ ପୂର୍ବରୁ ୫ ଗ୍ରାମର ପ୍ରାୟ ୭୦୦ ପରିବାର ବାସଚ୍ୟୁତ ହୋଇ ବିସ୍ଥାପିତ ହୋଇଛନ୍ତି । ଏହି ୫ ଗ୍ରାମରୁ ରାଇଗୋଡ଼ା, କଟରଙ୍ଗ ଏବଂ ଟୁଲୁକା ରାଜସ୍ୱ ଗ୍ରାମ ହୋଇଥିବା ବେଳେ ଅଶନବାହାଳ ଓ ଭୁର୍କୁଣ୍ଡି ଜଙ୍ଗଲ ଗ୍ରାମ ଅଟେ । ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏହି ୫ ଗ୍ରାମ ବିସ୍ଥାପନ ପରେ ତୃତୀୟ ପର୍ଯ୍ୟାୟରେ ଆଉ ୫ ରାଜସ୍ୱ ଗ୍ରାମର ୯୫୦ ପରିବାରକୁ ବିସ୍ଥାପନ କରାଯିବା ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଗତବର୍ଷ ନଭେମ୍ବର ୪ର ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କ ଚିଠି ନଂ ୬୭୪୪ ଅନୁଯାୟୀ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକଙ୍କୁ ବିସ୍ଥାପନ ପାଇଁ ୧୯୦ କୋଟି ଟଙ୍କା କ୍ଷତିପୂରଣ ପ୍ୟାକେଜ୍ ଅନୁଦାନ ମାଗିଛନ୍ତି । ଏହି ୧୯୦ କୋଟି ଟଙ୍କାରୁ ୯୫୦ ପରିବାରକୁ କ୍ଷତିପୂରଣ ବାବଦ ପ୍ରତି ପରିବାରକୁ ୨୦ ଲକ୍ଷ ଟଙ୍କା ହିସାବରେ ଦିଆଯିବ । ଏହି ୫ ଗ୍ରାମରୁ ଗୋପାଳପୁର ୧୮୫ ପରିବାର ପାଇଁ ୩୭ କୋଟି, ପୁରୁଣାକୋଟର ୨୯୦ ପରିବାର ପାଇଁ ୫୮ କୋଟି, ଛୋଟକେଇର ୨୩୦ ପରିବାର ପାଇଁ ୪୬ କୋଟି, ସାଲରର ୮୫ ପରିବାର ପାଇଁ ୧୭ କୋଟି ଏବଂ ମଝିପଡ଼ାର ୧୬୦ ପରିବାର ପାଇଁ ୩୨ କୋଟି ଟଙ୍କା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ସାତକୋଶିଆ ବନଖଣ୍ଡ ଅଧିକାରୀ ବିସ୍ଥାପନ କ୍ଷତିପୂରଣ ପ୍ୟାକେଜ୍ ଅନୁଦାନ ପାଣ୍ଠି ମାଗିବା ପରେ ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟଜୀବ ତତ୍ତ୍ୱାବଧାରକ ଗତବର୍ଷ ଡିସେମ୍ବର ୯ରେ ଚିଠି ନଂ ୧୨୭୫୮ ବଳରେ ସରକାରଙ୍କୁ ଆବଶ୍ୟକ ପାଣ୍ଠି ମାଗିଥିବା ଜଣାଯାଇଛି । ଇତିମଧ୍ୟରେ ସାତକୋଶିଆ ବନଖଣ୍ଡକୁ କ୍ଷତିପୂରଣ ପ୍ୟାକେଜ୍ ଆସିଯାଇଥିବା ବିଶେଷ ସୂତ୍ରରୁ ଜଣାଯାଇଛି । ଗୋପାଳପୁର ଗ୍ରାମ ବିସ୍ଥାପନ ନେଇ ଗତ ଅଗଷ୍ଟରେ ପଲ୍ଲୀସଭା ହୋଇଛି । ଅବଶ୍ୟ ପଲ୍ଲୀସଭାର ଆହ୍ୱାନ ଏକ ଅଗଣତାନ୍ତ୍ରିକ ଓ ଆଇନ୍

- **ଗ୍ରାମକୁ ବିଭାଜନ କରାଯାଇ ବିସ୍ଥାପନ ସଫଳ କରାଯାଉଥିବା ଅଭିଯୋଗ**
- **ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନକୁ ଜୋର୍ ଜବରଦସ୍ତରେ ପରିଣତ କରାଯାଇଛି**

ସମ୍ମତ ନ ଥିବା ନେଇ ହାଇକୋର୍ଟରେ ୨ ମାମଲା ଏବଂ ମାନବ ଅଧିକାର କମିଶନଙ୍କ ନିକଟରେ ଆଉ ୨ ମାମଲା ରୁଜୁ ହୋଇଛି । ହାଇକୋର୍ଟ ୨ଟି ଯାକ ମାମଲାରେ ୩ ମାସ ମଧ୍ୟରେ ପୁନର୍ବିଚାର ପୂର୍ବକ ଏକ ନିର୍ଦ୍ଦେଶ କରି ଆବେଦନକାରୀଙ୍କୁ ୨ ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଗୋପାଳପୁର ଗ୍ରାମର ଅକ୍ଷୟ କୁମାର ପୃଷ୍ଟିଙ୍କ ସମେତ ୫ ଆବେଦନକାରୀଙ୍କ ମାମଲାରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ୩ ମାସ ମଧ୍ୟରେ ପୁନର୍ବିଚାର ପୂର୍ବକ ଏକ ନିର୍ଦ୍ଦେଶ କରି ଆବେଦନକାରୀଙ୍କୁ ଜଣାଇବାକୁ ହାଇକୋର୍ଟ କହିଛନ୍ତି । ଅନୁରୂପ ଭାବେ ଗୋପାଳପୁର ଗ୍ରାମରେ ୭୦ରୁ ୮୦ ପ୍ରତିଶତ ଜମିଜମା ରେକର୍ଡ ଥିବା ପ୍ରଜା ବରୁଣ କୁମାର ବିଶୋଇଙ୍କ ସମେତ ୧୬ ଜଣଙ୍କ ରୁଜୁ ହୋଇଥିବା ମାମଲାରେ ହାଇକୋର୍ଟ ଅନୁଗୋଳ ବିଡିଓଙ୍କୁ ପଲ୍ଲୀସଭା ସମ୍ବନ୍ଧୀୟ ପୁନର୍ବିଚାର ପୂର୍ବକ ଏକ ନିର୍ଦ୍ଦେଶ କରି ୩ ମାସ ମଧ୍ୟରେ ଫଇସଲା ପାଇଁ କହିଛନ୍ତି । ଓଡ଼ିଶା ମାନବ ଅଧିକାର କମିଶନଙ୍କ ନିକଟରେ ଗୋପାଳପୁର ଗ୍ରାମ ବିସ୍ଥାପନ ନେଇ ୨ ମାମଲା ରୁଜୁ ହୋଇଥିବା ବେଳେ ଅନୁଗୋଳ ଜିଲ୍ଲାପାଳ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି ।

ହାଇକୋର୍ଟଙ୍କ ଖଣ୍ଡପୀଠର ଅର୍ଡର ଗତ ମାସ ୧୮ ତାରିଖ ହୋଇଥିବା ବେଳେ ଅଦ୍ୟାବିଧି ଅନୁଗୋଳ ବିଡିଓ ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ କୌଣସି ଅର୍ଡର କିମ୍ବା ଫଇସଲା କରି ନ ଥିବା ଜଣାଯାଇଛି । ମାତ୍ର ଗୋପାଳପୁର ଗ୍ରାମରେ ସର୍ଭେ କରିବାକୁ ରାଜସ୍ୱ ଓ ବନ ବିଭାଗ ଯାଇଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି । ପ୍ରକାଶ ଥାଉକି ପୁରୁଣାକୋଟ ପଞ୍ଚାୟତ ଟୁଲୁକା ଓ ଭୁର୍କୁଣ୍ଡି ଗ୍ରାମ ବିସ୍ଥାପନ ପରେ ସାଲର, ଗୋପାଳପୁର ଓ ଛୋଟକେଇ ଗ୍ରାମ ବିସ୍ଥାପନ ପାଇଁ କ୍ଷତିପୂରଣ ଅନୁଦାନ ଆସିଛି । ଏହି ସବୁ ଗ୍ରାମ ବିସ୍ଥାପନ ହେଲେ ପୁରୁଣାକୋଟ ପଞ୍ଚାୟତ ଭୂଗୋଳ ପୋଥିରୁ ହଜିଯିବ । ତୃତୀୟ ପର୍ଯ୍ୟାୟରେ ୫ ଗ୍ରାମ ପାଇଁ ଆସିଥିବା କ୍ଷତିପୂରଣ ପ୍ୟାକେଜ୍ ପାଣ୍ଠି ଆଦୌ ବିନିଯୋଗ ହୋଇ ନ ଥିବା ବେଳେ ଟିକରପଡ଼ା ଗ୍ରାମ ବିସ୍ଥାପନ ନେଇ ପଲ୍ଲୀସଭାର ଆହ୍ୱାନ ପାଇଁ ଅନୁଗୋଳ ବିଡିଓ ଟିକରପଡ଼ା ପଞ୍ଚାୟତକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି । ଗ୍ରାମ ବିସ୍ଥାପନ ଏକ ସ୍ୱେଚ୍ଛାକୃତ ମତାମତ ଏବଂ ଏହାକୁ ସ୍ୱେଚ୍ଛାକୃତ ବିସ୍ଥାପନ ଆଇନଗତ ଭାବେ କୁହାଯାଉଥିବା ବେଳେ ଗ୍ରାମବାସୀଙ୍କ କୌଣସି ମତାମତ ନ ନେଇ ବନ ବିଭାଗ ପର୍ଯ୍ୟାୟକ୍ରମେ ଅନୁଦାନ ପାଣ୍ଠି ମାଗିବା ଏବଂ ସରକାରୀ ଭାବେ ପାଣ୍ଠି ମଞ୍ଜୁରୀ ଦିଆଯାଇଥିବା ଗ୍ରାମ ବିସ୍ଥାପନ ଏକ ଜୋରଜବରଦସ୍ତ ସୁଚିନ୍ତିତ ସରକାରୀ ଯୋଜନା ବୋଲି ଜଣାପଡ଼ିଛି । ଜଣେ ବନ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି ଯେ ପମ୍ପାସରଠାରୁ ଟିକରପଡ଼ା ଯାଏଁ ଥିବା ସମସ୍ତ ଗ୍ରାମକୁ ବିସ୍ଥାପନ କରାଯାଇ ଏହାକୁ ବାଘଙ୍କ ନିରାପଦ ଆଶ୍ରୟସ୍ଥଳୀର କୋର୍ ଏରିଆ କରାଯିବା ପାଇଁ ସମସ୍ତ କ୍ଷେତ୍ର ପ୍ରସ୍ତୁତି ହୋଇଛି । ଅନ୍ୟପକ୍ଷରେ ଗ୍ରାମବାସୀ ଭିଟାମାଟି ନ ଛାଡ଼ିବା ପାଇଁ ଲିଖିତ ଅଭିଯୋଗ ସହିତ ବିଭିନ୍ନ ସମୟରେ ଆନ୍ଦୋଳନ କରୁଛନ୍ତି । ଗ୍ରାମ ବିସ୍ଥାପନ ନେଇ କୌଣସି ଠୋସ୍ ଆଲୋଚନା କରା ନ ଯାଇ ଏକପ୍ରକାର ବିଭାଜନ କରାଯାଉଛି । ଫଳରେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଭୟଙ୍କର ବିବାଦ ଦେଖାଯିବା ସହ ଏହା ଉଗ୍ରରୂପ ଧାରଣ କରୁଛି । ଗୋପାଳପୁର ଗ୍ରାମ ବିସ୍ଥାପନ ନେଇ ଉଭୟ ସପକ୍ଷ ଓ ବିପକ୍ଷବାଦୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଥାନାରେ ସମାଧାନ ହୋଇଥିବା ଖବର ରହିଛି । ଆଗକୁ ବିସ୍ଥାପନ କାର୍ଯ୍ୟକ୍ରମର ରୂପ କ'ଣ ହେବ ତାହା ଭବିଷ୍ୟତ ହିଁ କହିବ ।

## ଧାନ ପରେ ଏବେ ପନିପରିବା ଉପରେ ହାତୀପଲଙ୍କ ନଜର

ଅନୁଗୋଳ, ୧୫ ।୧୧(ସମିସ): ଚାଷୀଙ୍କ ଚିନ୍ତା ବଢ଼ାଇ ଦେଲେଣି ହାତୀପଲ । କେତେବେଳେ ଧାନ ଫସଲ ନଷ୍ଟ କରୁଛନ୍ତି ତ କେତେବେଳେ ଘରେ ପଶି ଯାଉଛନ୍ତି । ଅନୁଗୋଳ ବନଖଣ୍ଡ ଶାବଳଭଙ୍ଗା

- **ବାଡ଼ ଭାଙ୍ଗି ଘରେ ପଶିଲେ**
- **ସମସ୍ତ ପନିପରିବା ନଷ୍ଟ କଲେ**

ଗ୍ରାମରେ କିଛି ହାତୀପଲଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି । ଗ୍ରାମର କିଛି ଚାଷୀଙ୍କ ବାଡ଼ିରେ ପଶି ହାତୀପଲ କଦଳୀ, ସଜନା, କାକୁଡ଼ି, ବାଇଗଣ, ଶାଗ, ହରଡ଼ ଆଦି ଏକର ଏକର ଫସଲ ନଷ୍ଟ କରିଦେଇଛନ୍ତି । ଚାଷୀଙ୍କ କହିବା କଥା, ଗୁରୁବାର ବିଳମ୍ବିତ ରାତିରେ ହାତୀ ଆସି ଏସବୁ ଫସଲ ନଷ୍ଟ କରିଛନ୍ତି । ପାଖରେ ବନ କର୍ମଚାରୀ ଥାଇ ମଧ୍ୟ କିଛି କରିପାରିଲେ ନାହିଁ । ସେ ହାତୀ ଘଉଡ଼ାଇବେ କ'ଣ କେବଳ ଦେଖଣାହାରି ସାଜିଥିଲେ । ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହେଇଛି । ପ୍ରଶାସନ ଏହାର



ସଠିକ ତଦନ୍ତ କରି କ୍ଷତିପୂରଣ ଯୋଗାଇଦେବାକୁ ଚାଷୀ ଦାବି କରିଛନ୍ତି । ଏପଟେ ଅଞ୍ଚଳରୁ ପ୍ରାୟ ୬ ମାସ ହେଲାଣି ହାତୀପଲ ଯାଉନାହାନ୍ତି । ଏଥିପ୍ରତି ବନବିଭାଗ କୌଣସି ପଦକ୍ଷେପ ନେଉନାହିଁ । କେବଳ ଫସଲ ନଷ୍ଟ ହେଲେ ଅନୁକମ୍ପା ରାଶି ଯୋଗାଇଦେବାକୁ କହି ହାତବାନ୍ଧି ବସୁଛନ୍ତି ଯାହାକି ସେତକ ବି ଠିକ୍ ଭାବେ ମିଳିପାରୁନାହିଁ । ବର୍ତ୍ତମାନ ସମୟରେ ଘରୁ ବାହାରକୁ ବାହାରିବାକୁ ଡର ଲାଗିଲାଣି । ଶୀଘ୍ର ଏ ଅଞ୍ଚଳରୁ ହାତୀ ନ ଘଉଡ଼ାଇଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ନାଲକୋ ନଗର, ୧୫ ।୧୧(ସମିସ): ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସଶସ୍ତ୍ର ସଂଗ୍ରାମ ଅଗ୍ରଦୂତ ଧର୍ତ୍ତିଆବା ସହିଦ ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ବିର୍ସା ମୁଣ୍ଡାଙ୍କ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତିରେ ନାଲକୋ ସିପିପି ଜିଜିଏମ (ଓଆଣ୍ଡଏମ) ସଚ୍ଚିଦାନନ୍ଦ ମିଶ୍ର ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ବିର୍ସା ମୁଣ୍ଡାଙ୍କ ସଂଘର୍ଷ କାହାଣୀ ଉପରେ ସେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଜିଏମ (ଏଚ ଆଣ୍ଡ ଏ) ଶୁଭେନ୍ଦୁ କୁମାର ନାୟକ, ପିଆରଓ ଶୀତଲ ସମୀର ମାଝୀ, ଅଫିସର ସଂଘ ସଭାପତି ବନମାଳୀ ସେଠୀ, ପ୍ରତାପ ଚନ୍ଦ୍ର ମଲ୍ଲିକ, ନାଲକୋ ଏମ୍ପ୍ଲଇଜ ସଂଘ ସଭାପତି ନିର୍ମଳ ସାମଲ, ସମ୍ପାଦକ ରଞ୍ଜିତ କୁମାର ସାହୁ, ମନୋଜ ସ୍ୱାଇଁ, ଏଏମଏସ ସଭାପତି ମୁନା ସାମଲ, ସମ୍ପାଦକ ବିନୋଦ ସାମଲ, ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସଂଘ ସଭାପତି କେଦାର ଦେହୁରୀ, ଦେଶାଉଲି ମହିଳା ସଂଗଠନ କର୍ମକର୍ତ୍ତା ପ୍ରମୁଖ ସ୍ୱର୍ଗତ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ମହିଳା ସଂଘ ରଙ୍ଗୋଲିରେ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ର ଅଙ୍କନ କରିଥିଲେ ।

## ମହୁମାଛି ଆକ୍ରମଣରେ ୪ ଗୁରୁତର

କଣିହାଁ, ୧୫ ।୧୧(ସମିସ): ରେଙ୍ଗାଲି ଡ୍ୟାମ ପାଖ ରାସ୍ତାରେ ଯାଉଥିବା ସମୟରେ ଶୁକ୍ରବାର ସକାଳେ ମହୁମାଛି ଆକ୍ରମଣରେ ୪ ଯୁବକ ଆହତ ହୋଇଛନ୍ତି । ସେମାନଙ୍କୁ ସ୍ଥାନୀୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହତ ବ୍ୟକ୍ତିମାନେ ହେଲେ ଲକ୍ଷ୍ମୀଧର ସାମଲ, କୃଷ୍ଣଚନ୍ଦ୍ର ମହାନ୍ତି, ନାରାୟଣ ଗୌନ୍ତିଆ ଓ ପୃଥ୍ୱୀରାଜ ରାଉତରାୟ । ଏମାନେ ରେଙ୍ଗାଲିସ୍ଥିତ ଏକ ଘରୋଇ ଗ୍ୟାସ ବିତରଣ କମ୍ପାନୀରେ କାର୍ଯ୍ୟ କରନ୍ତି । ଇ-କେୱାଇସି କରିବା ପାଇଁ ଏମାନେ କର୍ଣ୍ଣପାଳ ଅଭିମୁଖେ ଯାଉଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଛନ୍ତି ।

## ନାଲକୋରେ ବୋଇତ ବନ୍ଦାଣ ଉତ୍ସବ

ନାଲକୋ ନଗର, ୧୫ ।୧୧(ସମିସ): ପବିତ୍ର କାର୍ତ୍ତିକ ମାସ ଶୈବ ଉପାସକଙ୍କ ଧାର୍ମିକ ମାସ ହୋଇଥାଏ । ଧର୍ମ, ଭକ୍ତି ଓ ସମର୍ପଣର ମାସ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ଶୁଦ୍ଧପୂତ ଜୀବନଚର୍ଯ୍ୟା ମଧ୍ୟରେ ଈଶ୍ୱରଙ୍କୁ ଅନୁଭବ କରିବାର ଏକ ସାଂସ୍କୃତିକ ବିଧାନର ଅନ୍ୟନାମ କାର୍ତ୍ତିକ ବ୍ରତ । ଅରୁଆ ଚାଉଳ, ମୁଗ, କଦଳୀ, ଓଉ, ସାରୁ, ଏବଂ ଓଲୁଅରେ ପ୍ରସ୍ତୁତ ହୁଏ ହବିଷ୍ୟାନ୍ନ । ପୂର୍ଣ୍ଣିମା ଦିନ ଓଡ଼ିଆମାନେ ପ୍ରାତଃ ସ୍ନାନ ସାରି ନଦୀ, ସମୁଦ୍ରରେ ପ୍ରତୀକ ଡଙ୍ଗା ଭସାଇଥାଉ । କଳିଙ୍ଗର ନୌବାଣିଜ୍ୟ ପରମ୍ପରାକୁ ମନେପକାଇ ଗାଇଥାଉ 'ଆ-କା-ମା-ବୈ ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧର୍ମ ମୋର' । ପରେ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରି ସମସ୍ତଙ୍କ ଶୁଭ ମନାସିଥାଉ । ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ନାଲକୋ ନଗର ଜଗନ୍ନାଥ ମନ୍ଦିର, ତଥା ଆଖପାଖ ଅଞ୍ଚଳ କାଣ୍ଡସର କପିଳେଶ୍ୱର ମନ୍ଦିର, ବଳରାମ ପ୍ରସାଦ ଈଶାନେଶ୍ୱର ମନ୍ଦିର, କନ୍ୟାବେଢ଼ା କପିଳେଶ୍ୱର ମନ୍ଦିର, ନୂଆପଡ଼ା, କୁରୁଡୋଲ, କୁଲାଡ଼, କହ୍ନେଇନଗର, ଡେଲି ମାର୍କେଟ, ଗିରାଙ୍ଗ, ତୁରଙ୍ଗ ପ୍ରଭୃତି ଅଞ୍ଚଳରେ ଶ୍ରଦ୍ଧାଳୁମାନେ ପ୍ରତ୍ୟୁଷରୁ ଜଳାଶୟଗୁଡ଼ିକରେ ଡଙ୍ଗା ଭସାଣ କରି ଠାକୁର ଦର୍ଶନ କରିଥିଲେ । ମନ୍ଦିର କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ହୋଇଥିଲା । ନାଲକୋ ଜଗନ୍ନାଥ ମନ୍ଦିର ପରିସର ପୁଷ୍କରଣୀରେ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଛି । ମନ୍ଦିର ପରିଚାଳନା କମିଟି ସଭାପତି ତଥା ଇଡି ଏସ ସୁବ୍ରମଣ୍ୟମ ନରେଲା ଓ ମନ୍ଦିର କମିଟିର ସମସ୍ତ ସଦସ୍ୟଙ୍କ ସହଯୋଗରେ ଶ୍ରଦ୍ଧାଳୁମାନେ ବୋଇତ ବନ୍ଦାଣ କରିଥିଲେ । ମନ୍ଦିର ପରିସରରେ କମିଟି ପକ୍ଷରୁ ଭଜନକୀର୍ତ୍ତନ ପରିବେଷଣ ହୋଇଥିଲା । ନାଲକୋ ଜଗନ୍ନାଥ ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତ ପ୍ରସାଦ ସେବନରେ ସାମିଲ ହୋଇଥିଲା । ସୁରକ୍ଷା ଦୃଷ୍ଟିରୁ ନାଲକୋ ସିଆଇଏସ୍‌ଏଫ, ଦମକଳ ବିଭାଗ, ନାଲକୋ ଥାନା ପୁଲିସ ଓ ନାଲକୋ ଠିକା ସୁରକ୍ଷା କର୍ମୀ ନିୟୋଜିତ ଥିଲେ । ଏହି ଅବସରରେ ଚତୁର୍ଦ୍ଧାମୂର୍ତ୍ତି ରାଜରାଜେଶ୍ୱରୀ ବେଶ (ସୁନାବେଶ)ରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ନାଲକୋ ନଗର ତାରିଣୀ ମନ୍ଦିରରେ ହୋମଯଜ୍ଞ ହୋଇଥିଲା । ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ଆୟୋଜନ ହୋଇଥିଲା ।

## ଜନଜାତୀୟ ଗୌରବ ଦିବସ ପାଳିତ

ପାଲଲହଡ଼ା, ୧୫ ।୧୧(ସମିସ): ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ଶୁକ୍ରବାର ପାଲଲହଡ଼ା ଷ୍ଟାଡିୟମରେ ପାଳିତ ହୋଇଛି । ଏଥିରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି, ବିଡିଓ ଦିଲୀପ କୁମାର ବାଡ଼ା, ତହସିଲଦାର ଆକାଂକ୍ଷା ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ନୋଡାଲ ଅଧିକାରୀ ଦିଲୀପ କୁମାର ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଅତିଥିମାନେନ ବୀର ବିର୍ସା ମୁଣ୍ଡାଙ୍କ ଅବଦାନ ଓ ସଙ୍ଘର୍ଷର କାହାଣୀ ବର୍ଣ୍ଣନା କରିଥିଲେ । ଜନଜାତୀୟ ଗୌରବ ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ୧୭ ବିଭାଗର ୨୫ ଯୋଜନାର ସିଧାସଳଖ ସମସ୍ତ ସୁବିଧା ଅନୁସୂଚିତ ଜନଜାତିଙ୍କ ପାଖରେ ପହଞ୍ଚାଇବାକୁ ସଂକଳ୍ପ ନିଆଯାଇଥିଲା । ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ୩୬୧ ଆଦିବାସୀ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ନୂତନ ଗୃହ ପ୍ରବେଶ, ଆଧାର କାର୍ଡ, ଜନଧନ ଯୋଜନା, ଇତ୍ୟାଦି ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା । କ୍ରର୍ଯ୍ୟକ୍ରମରେ ଜିଲ୍ଲା ଏବଂ ଉପଖଣ୍ଡସ୍ତରୀୟ ବହୁ ଅଧିକାରୀ ତଥା ଆଦିବାସୀ ଭାଇଭଉଣୀ ଯୋଗଦେଇଥିଲେ ।

### ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଯାପିତ

# ପୁରୁଣା ଓଡ଼ିଆ ଗୀତରେ ମତୁଆଲା ହେଲେ ଦର୍ଶକ



ଅନୁଗୋଳ, ୧୫ ।୧୧(ସମିସ)

ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ 'କଳାକାର' ଦ୍ୱାରା ଆୟୋଜିତ ୩୯ତମ ବୋଇତ ବନ୍ଦାଣ ମହୋତ୍ସବ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଛି । ମୁଖ୍ୟଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ଉଦ୍‌ଯାପନୀ ସନ୍ଧ୍ୟାକୁ ଶୁଭାରମ୍ଭ କରିଥିଲେ । କଳାକାର ସଭାପତି ବୀରେନ୍ଦ୍ର କୁମାର ପ୍ରଧାନ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଦିବଂଗତ କଳାକାର ସଦସ୍ୟଙ୍କ ଆତ୍ମାର ସଦଗତି ପାଇଁ ଏକ ମିନିଟ ନିରବ ପ୍ରାଥନା କରାଯାଇଥିଲା । ପରେ କଳାକାର ପକ୍ଷରୁ ପାରମ୍ପରିକ ସଙ୍ଗୀତ ଓ ବୋଇତ ବନ୍ଦାଣ ନୃତ୍ୟନାଟିକା ପରିବେଷଣ କରାଯାଇଥିଲା । ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା । ବରିଷ୍ଠ କଣ୍ଠଶିଳ୍ପୀ ତାନସେନ ସିଂ, ଅନୁଗୋଳର ବରିଷ୍ଠ ଚିତ୍ରକର, ସଙ୍ଗୀତଜ୍ଞ ଲମ୍ବୋଦର ନାଏକଙ୍କୁ କଳାକାର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅତିଥିମାନେ ଉଭୟଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଚାନ୍ଦ ନା ତୁମେ ତାରା..., ଯାହାକୁ ମୁଁ ଏତେ ଭଲ ପାଉଛି..., ଝୁମକା ଟିକେ ତୁ ତ ହଲେଇ ଦେ..., ନଈ ସେପାରି କନକ ଗୋରି ପରି ପୁରୁଣା ହିଟ୍ ଓଡ଼ିଆ ସଙ୍ଗୀତରେ ଦର୍ଶକ ଝୁମିଥିଲେ । ନୃତ୍ୟାୟନୀ, ନୃତ୍ୟନୀଳୟ, ସମର୍ପଣ ଏକାଡେମୀର ଛାତ୍ରଛାତ୍ରୀମାନେ ନୃତ୍ୟନାଟିକା ଓ ନୃତ୍ୟ ପରିବେଷଣ କରିଥିଲେ । ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ

- **ସମ୍ବର୍ଦ୍ଧିତ ହେଲେ କଣ୍ଠଶିଳ୍ପୀ ତାନସେନ ସିଂ ଓ ଚିତ୍ରଶିଳ୍ପୀ ଲମ୍ବୋଦର ନାଏକ**

ଅତିଥି ପୁରସ୍କୃତ କରିଥିଲେ । ମୁଖ୍ୟ ଉପଦେଷ୍ଟା ଭୂପେଶ ଚନ୍ଦ୍ର ପ୍ରଧାନ, ଡ. କୃଷ୍ଣଚନ୍ଦ୍ର ଦାସ, କ୍ଷୀରୋଦ ପାତ୍ର ଉପସ୍ଥିତ ଥିଲେ । ସଭା ପରେ ଦଳଗତ ଲୋକନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ । ସମ୍ବଲପୁରୀ, ବିହୁ, ଆସାମୀ, ଆଦିବାସୀ ଗୀତର ତାଳେ ତାଳେ ପ୍ରତିଯୋଗୀଙ୍କ ମନମୁଗ୍ଧକର ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଭରପୁର ମନୋରଞ୍ଜନର ଖୋରାକ ଯୋଗାଇଥିଲା । ବୈରାଗୀ ଚରଣ ମଲ୍ଲୀକ, ଇନ୍ଦିରା ଦାସ ଓ ପ୍ରତ୍ୟୁଷା ରଥ ମଞ୍ଚ ପରିଚାଳନା କରିଥିଲେ । ଉପସଭାପତି କାମାକ୍ଷାପ୍ରସାଦ ଜେନା ଧନ୍ୟବାଦ ଦେଇଥିଲେ । ଦେବବ୍ରତ ପଟ୍ଟନାୟକ, ପ୍ରଶାନ୍ତ ରଥ, ଅନିତା ସିଂହଦେଓ, ପ୍ରଫୁଲ୍ଲ ଦାସ, ରୁଚିର କୁମାର ବରାଳ, ସନ୍ତୋଷ କୁମାର ନାୟକ, ଅଜୟ କୁମାର ସାହୁ, ବିଦେଶୀ ନାୟକଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



# ଦାଦନଗଡ଼ରେ ସରୁନି ଦାଦନଙ୍କ ଦୁଃଖ



**ବଲାଙ୍ଗିର,୧୫ ।୧୧(ସମିସ):** ବଲାଙ୍ଗିର ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ପ୍ରତିଦିନ ବହୁ ସଂଖ୍ୟାରେ ଦାଦନ ରାଜ୍ୟ ବାହାରକୁ ବେଆଇନ ଭାବେ ଚାଲାଣ ହେଉଛନ୍ତି। ଖବର ପାଇ ପୁଲିସ ଚଢ଼ଉ କରି କିଛି ସଂଖ୍ୟାରେ ଦାଦନ ଶ୍ରମିକଙ୍କୁ ଉଦ୍ଧାର ମଧ୍ୟ କରୁଛି। ସେମାନଙ୍କୁ ନେଉଥିବା ସର୍ଦ୍ଦାରମାନଙ୍କୁ ଗିରଫ କରି ଉଦ୍ଧାର ଶ୍ରମିକଙ୍କୁ ଘରେ ଛାଡୁଛି। ଏହା ସତ୍ତ୍ୱେ ମଧ୍ୟ ଶ୍ରମିକ ଚାଲାଣ ବନ୍ଦ ବନ୍ଦ ହେଉନି। ସ୍ଥିତି ଏମିତି ଯେ ଶ୍ରମିକମାନେ ପଞ୍ଜୀକରଣ କରି ବାହାରକୁ ଯିବା ପାଇଁ ମଧ୍ୟ ଚାହୁଁନାହାନ୍ତି। ପଞ୍ଜୀକରଣ ପାଇଁ ଶ୍ରମ କାର୍ଯ୍ୟାଳୟକୁ ଗଲେ ସେମାନଙ୍କୁ ସହଯୋଗ କରିବା ବଦଳରେ ଶୋଷଣ କରାଯାଉଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବେଆଇନ ହେଉ ପଛେ ପେଟ ପାଇଁ ଦାଦନ ସାଜିବାକୁ ସେମାନେ ବାହାରିପଡୁଛନ୍ତି। ଅନ୍ୟପକ୍ଷରେ ପଞ୍ଜୀକରଣ ସଂଖ୍ୟା ଦେଖି ଶ୍ରମ ବିଭାଗ ବି ଚୁପ। ସେହିପରି ରାଜ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ହୋଇଥିବା ଟାସ୍କଫୋର୍ସର ବି କୌଣସି କାମ ଆଜି ଯାଏଁ ଦେଖିବାକୁ ମିଳିନାହିଁ।

ବଲାଙ୍ଗିର ଜିଲ୍ଲା ଦାଦନଗଡ଼ ପରିଚୟ ପାଇବା ପରେ ଦାଦନ ସମସ୍ୟା ଏକ ବ୍ୟାଧିରେ ପରିଣତ ହୋଇଛି। ପ୍ରତିବର୍ଷ ବହୁ ସଂଖ୍ୟାରେ ଶ୍ରମିକ ରାଜ୍ୟ ବାହାରକୁ କାମ କରିବାକୁ ଯାଇଥାନ୍ତି। ସେଠାରେ ଅନେକ ପ୍ରକାର ଠକେଇ, ନିର୍ଯାତନାର ଶୀକାର ହୋଇଥାନ୍ତି। ଏହାକୁ ରୋକିବାକୁ ସରକାରୀସ୍ତରରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି ସତ କିଛି ବି ସଫଳତା ମିଳିନାହିଁ। ପୂର୍ବବର୍ଷ ପରିସଂଖ୍ୟାନ ଅନୁସାରେ ଜିଲ୍ଲାର ପ୍ରାୟ ଦୁଇ ଲକ୍ଷ ଶ୍ରମିକ କୋଭିଡ ସମୟରେ ଘରକୁ ଫେରିଥିଲେ। ପରେ ସେମାନେ ପୁଣି ରାଜ୍ୟ ବାହାରକୁ କାମ ପାଇଁ ଚାଲିଯାଇଥିଲେ। ବଲାଙ୍ଗିର ଜିଲ୍ଲାର ବଙ୍ଗୋମୁଣ୍ଡା, ତୁରେକେଲା, ଖପ୍ରାଖୋଲ, ବେଲପଡା, ପାଟଣାଗଡ ଓ ମୁରିବାହାଲ ବ୍ଲକ୍‌ରୁ ବହୁ ସଂଖ୍ୟାରେ ଶ୍ରମିକ ବାହାର ରାଜ୍ୟକୁ କାମକରିବାକୁ ଯାଇଥାନ୍ତି।ଶ୍ରମିକମାନେ ଯେମିତି ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ନଯିବେ ସେଥିପ୍ରତି ପ୍ରଶାସନିକସ୍ତରରେ ମଧ୍ୟ ଉଦ୍ୟମ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହୋଇଛି। ଚଳିତ ବର୍ଷ ମଧ୍ୟ ବହୁ ସଂଖ୍ୟାରେ ଶ୍ରମିକ

## ପଞ୍ଜୀକରଣ କରିବାକୁ ଶ୍ରମିକ ନାରାଜ; ପ୍ରଶାସନ ବଦଳରେ ସର୍ଦ୍ଦାର ଭରସା

## ଚଳିତ ବର୍ଷ ମାତ୍ର ୬ ହଜାର ଶ୍ରମିକଙ୍କ ପଞ୍ଜୀକରଣ

ପ୍ରତିଦିନ ଦାଦନ ସର୍ଦ୍ଦାରମାନଙ୍କ ଜରିଆରେ ଚାଲାଣ ହେଉଥିବା ବେଳେ ପୁଲିସ ଓ ଶ୍ରମ ବିଭାଗର ଟିମ୍ ଚଢ଼ଉ କରି କିଛି ସଂଖ୍ୟାର ଶ୍ରମିକଙ୍କୁ ଉଦ୍ଧାର କରୁଛନ୍ତି।କିନ୍ତୁ ଚାଲଣ ଉପରେ ରୋକଲାଗି ପାରୁନି। ଜିଲ୍ଲା ପାଇଁ ଦାଦନ ଏକ ବଡ ସମସ୍ୟା ହୋଇଥିବା ବେଳେ ଶ୍ରମ ବିଭାଗ ରୋକିବାକୁ ଉଦ୍ୟମ ହିଁ କରୁନଥିବା ଅଭିଯୋଗ ହୋଇଛି। ବିଭାଗୀୟ ସୂଚନା ଅନୁସାରେ ଦାଦନ ଯିବା ପୂର୍ବରୁ ଶ୍ରମିକମାନେ ପଞ୍ଜୀକରଣ କରିବା କଥା। ପଞ୍ଜିକୃତ ସର୍ଦ୍ଦାରମାନେ ମଧ୍ୟ ଶ୍ରମିକଙ୍କ ସୂଚନା ପ୍ରଦାନ କରିବା କଥା କିନ୍ତୁ ସେସବୁ କେବଳ ସଚେତନତାରେ ସୀମିତ ରହିଛି। ପରିସ୍ଥିତି ଏମିତି ଯେ ଚଳିତ ବର୍ଷ ଶ୍ରମିକ ପଞ୍ଜୀକରଣ କରିବାକୁ ମଧ୍ୟ ଶ୍ରମିକ ଅମଙ୍ଗ ହୋଇଛନ୍ତି। ସୂଚନା ଅନୁସାରେ ଚଳିତ ବର୍ଷ ପ୍ରାତୟ ୬ହଜାର ଶ୍ରମିକ ପଞ୍ଜୀକରଣ କରିଛନ୍ତି। ପୂର୍ବ ବର୍ଷମାନଙ୍କରେ ସଂଖ୍ୟା ୨୫ ରୁ ୩୦ ହଜାର ରହୁଥିବା ବେଳେ ଏବର୍ଷ ସଂଖ୍ୟା ଢ଼େର କମିଛି। ଏବିଷୟରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କୁ ପଚାରିବାରୁ ଶ୍ରମିକ ପଞ୍ଜୀକରଣ ସଂଖ୍ୟା କମ ଅଛି ମାନେ ଆଉ ଦାଦନ ଶ୍ରମିକ ବାହାରକୁ ଯାଉନାହାନ୍ତି ।ସେମାନେ ଏଠାରେ ରହି କାମ କରୁଛନ୍ତି ବୋଲି କହିଛନ୍ତି। ଯଦି ଏହା ସତ ତେବେ ନିୟମିତ ଭାବେ ଉଦ୍ଧାର ଶ୍ରମିକ ସଂଖ୍ୟା ବଢୁଛି କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ବିଭାଗୀୟ ଅଧିକାରୀଙ୍କ ହାଲୁକା ମନ୍ତବ୍ୟ ଅନ୍ୟପଟେ ଦାଦନ ଉପରେ ରାଜ୍ୟ ସରକାରଙ୍କ ଫୋକସ ରହିଛି। ତଥାପି ଦାଦନ ଚାଲାଣ କାହିଁକି କମୁନାହିଁ ବୋଲି ସମାଜସେବୀମାନେ ପ୍ରଶ୍ନ କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଦାଦନ ଉପରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଯାଇଥିବା ବେଳେ ଉକ୍ତ ଟାସ୍କଫୋର୍ସର କୌଣସି ରୂପରେଖ ସ୍ପଷ୍ଟ ହେଉନି।

# ମାନସ ରଞ୍ଜନ ସାମଲଙ୍କୁ 'ବାଲ୍ ସାହିତ୍ୟ ପୁରସ୍କାର

**ଭୁବନେଶ୍ୱର,୧୫।୧୧(ସମିସ):** ବିଶିଷ୍ଟ ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲଙ୍କୁ ୨୦୨୪ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ମର୍ଯ୍ୟାଦାଜନକ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ନଭେମ୍ବର ୧୪ ଓ ୧୫ ତାରିଖ ଦୁଇ ଦିନ ଧରି କେନ୍ଦ୍ର ସାହିତ୍ୟ ଅକାଦେମୀ ପକ୍ଷରୁ ଲକ୍ଷ୍ନୌରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ 'ଶିଶୁ ସାହିତ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ସମ୍ପର୍କିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସାହିତ୍ୟ ଅକାଦେମୀର ସଭାପତି ମାଧବ କୌଶିକ ପୁରସ୍କାର ସ୍ୱରୂପ ଶ୍ରୀ ସାମଲଙ୍କୁ ଉତ୍ତରୀୟ, ସ୍ମୃତିଫଳକ ଓ ନଗଦ ଅର୍ଥରାଶି ସହ ସମ୍ବର୍ଦ୍ଧିତ କରିଥିଲେ। ବିଶିଷ୍ଟ ଲେଖକ ଓ ଗବେଷକ ସୂର୍ଯ୍ୟ ପ୍ରସାଦ ଦୀକ୍ଷିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅକାଦେମୀର ଉପସଭାପତି କୁମୁଦ ଶର୍ମା, ସଚିବ କେ. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ୨୪ଟି ଭାରତୀୟ ଭାଷାର ଶିଶୁ ସାହିତ୍ୟିକମାନଙ୍କୁ ବାଲ୍ ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।




ସୂଚନା ଅନୁସାରେ, ଶ୍ରୀଯୁକ୍ତ ସାମଲ ୨୦ରୁ ଅଧିକ ମୌଳିକ ପୁସ୍ତକ ତଥା ୨୫୦ରୁ ଅଧିକ ଅନୁବାଦ ପୁସ୍ତକର ସ୍ରଷ୍ଟା। ସେ ୩୭ ବର୍ଷ ଧରି ଶିଶୁ ଓ କିଶୋର ସାହିତ୍ୟ ପତ୍ରିକା 'ଝୁମୁକା'ର ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ଏଥିସହ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ 'ଆମ ସ୍କୁଲ', 'ପରିବର୍ତ୍ତନ' ଓ 'ସୁରଭି'ର ମଧ୍ୟ ସମ୍ପାଦନା କରିଛନ୍ତି। ପୂର୍ବରୁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଏନ୍‌ସିଇଆର୍‌ଟି ଜାତୀୟ ପୁରସ୍କାର, ପ୍ରଜାତନ୍ତ୍ର ବିଷୁବ ମିଳନ ମୀନା ବଜାର ପୁରସ୍କାର, ରାଜଧାନୀ ପୁସ୍ତକ ମେଳା, ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର ଆଦି ସମ୍ମାନ ଗ୍ରହଣ କରିଛନ୍ତି।

# ସୁନାବେଶରେ ଝଟକିଲେ ମହାପ୍ରଭୁ

**ପୁରୀ,୧୫।୧୧(ସମିସ):** ଶେଷ ହେଲା ଧର୍ମମାସ କାର୍ତ୍ତିକ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶୁକ୍ରବାର ରତ୍ନସିଂହାସନରେ ବିରାଜିତ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହୋଇଛି। ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କର ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ତେବେ ଅପରାହ୍ନରେ ବଡ଼ ମହାସ୍ନାନ ଯୋଗୁ

## ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ଠାକୁରଙ୍କ ଦର୍ଶନ ବନ୍ଦ ରହିଥିଲା। ଫଳରେ ପ୍ରାୟ ୨ ଘଣ୍ଟା ସୁନାବେଶ ଦର୍ଶନରୁ ବଞ୍ଚିତ ରହିଥିଲେ ଭକ୍ତ। ମହାସ୍ନାନ ପୂଜା ସରିବା ପରେ ପୁନଶ୍ଚ ଦର୍ଶନ ଆରମ୍ଭ ହୋଇଥିଲା।



ଗୁରୁବାର ସ୍ୱତନ୍ତ୍ର ନୀତି ଥିବାରୁ ଠାକୁରଙ୍କ ପହୁଡ଼ ହୋଇ ନ ଥିଲା। ତେଣୁ ଶୁକ୍ରବାର ଭୋର ୫ଟା ୫୦ରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅବକାଶ ପୂଜା ପରେ ରୋଷହୋମ ସାରି ଦାରୁଦିଅଁଙ୍କ ସୁନାବେଶ ଆରମ୍ଭ ହୋଇଥିଲା। ପୁଷ୍ପାଳକ ସେବକମାନେ ବିଭିନ୍ନ ରତ୍ନ ଅଳଙ୍କାର ଓ ପାଟ ବସ୍ତ୍ରରେ ଠାକୁରଙ୍କୁ ରାଜରାଜେଶ୍ୱର ବେଶରେ ଭୂଷିତ କରିଥିଲେ। ଏହି ବେଶରେ ଶ୍ରୀବିଗ୍ରହ ବହୁବିଧ ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ସୁବର୍ଣ୍ଣ ଶ୍ରୀଭୂଜ, ଶ୍ରୀପୟର, କାନ, କଦମ୍ବମାଳି, ହରିଡା କଦମ୍ବମାଳି, ବାହାଡା ମାଳି, ତାବିଜ ମାଳି, ବାଘ ନଖିମାଳୀ, ସେବତୀ ମାଳି, ହଳମୂଷଳ, ଚକ୍ର, ତ୍ରିଶାଖା, ଅଳକା, ଶ୍ରୀମୁଖ ପଦ୍ମ, ରୁପା ଶଙ୍ଖ, ଓଡ଼ିଆଣି, ଚନ୍ଦ୍ରସୂର୍ଯ୍ୟ, ତିଳକ (ଚିତା), ଘାଘଡା ମାଳି, କୁଣ୍ଡଳ ଓ ତଡଗୀ ଲାଗି ହୋଇଥିଲେ। ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣ କିରୀଟ ଶୋଭା ପାଉଥିଲା।

ସୂଚନାଥାଉ କି, ବର୍ଷକ ମଧ୍ୟରେ ମହାପ୍ରଭୁଙ୍କର ପାଞ୍ଚଥର ସୁନାବେଶ ଅନୁଷ୍ଠିତ ହୋଇଥାଏ। ତନ୍ମଧ୍ୟରୁ କାର୍ତ୍ତିକ ପୂର୍ଣ୍ଣିମାରେ ହେଉଥିବା ସୁନାବେଶ ଅନ୍ୟତମ। ସେହପରି ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ଦିନ ରଥ ଉପରେ ସୁନାବେଶ ହେଉଥିବାବେଳେ ଆଶ୍ୱିନ ଶୁକ୍ଳ ଦଶମୀ, ପୌଷ ପୂର୍ଣ୍ଣିମା ଏବଂ ଦୋଳ ପୂର୍ଣ୍ଣିମାରେ ଠାକୁର ରତ୍ନସିଂହାସନରେ ସୁନାବେଶ ହୋଇଥାନ୍ତି।

# ଆଜିଠୁ ପୁଣି ଚାରିଦ୍ୱାର ଦେଇ ପ୍ରବେଶ

## ସେବକ ପରିବାର ସବୁ ଦ୍ୱାର ଦେଇ ପ୍ରବେଶ ଏବଂ ପ୍ରସ୍ଥାନ କରିପାରିବେ

**ପୁରୀ,୧୫।୧୧(ସମିସ):** ଶନିବାରଠାରୁ ପୁଣି ଭକ୍ତ ଶ୍ରୀମନ୍ଦିର ଚାରିଦ୍ୱାର ଦେଇ ପ୍ରବେଶ କରିପାରିବେ। କାର୍ତ୍ତିକ ମାସରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି କେବଳ ସିଂହଦ୍ୱାରରେ ଭକ୍ତଙ୍କୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଶୁକ୍ରବାର ଶେଷ ହୋଇଛି ଧର୍ମମାସ କାର୍ତ୍ତିକ। ତେଣୁ ପୁନଶ୍ଚ ବୈଠକ ବସି ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, କାର୍ତ୍ତିକ ମାସ ପରବର୍ତ୍ତୀ ଦର୍ଶନ ବ୍ୟବସ୍ଥା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ବିନୀତ୍ ଅଗ୍ରୱାଲଙ୍କ ସମେତ ଶ୍ରୀମନ୍ଦିର ତଥା ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ନଭେମ୍ବର ୧୬ ଅର୍ଥାତ୍ ଶନିବାରଠାରୁ ସମସ୍ତ ଚାରିଦ୍ୱାରରେ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ। ସେହିପରି ସିଂହଦ୍ୱାର ବ୍ୟତୀତ ଅନ୍ୟ ତିନି ଦ୍ୱାରରେ ହିଁ ପ୍ରସ୍ଥାନ କରିବେ। ସିଂହଦ୍ୱାରରେ ଶ୍ରଦ୍ଧାଳୁଙ୍କ ପ୍ରସ୍ଥାନ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସେବକ ତଥା ତାଙ୍କ ପରିବାରବର୍ଗ ସମସ୍ତ ଦ୍ୱାରରେ ପ୍ରବେଶ ତଥା ପ୍ରସ୍ଥାନ କରିପାରିବେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ନାଟମଣ୍ଡପରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଏବେ ବିଚାରାଧୀନ ରହିଛି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପରିଚାଳନା କମିଟିଙ୍କ ପରାମର୍ଶ ଓ ଅନୁମୋଦନ ପରେ ଏହା କାର୍ଯ୍ୟକାରୀ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଦର୍ଶନ ସବୁ କାର୍ତ୍ତିକ ବ୍ରତ ସମାପନ କରିଛନ୍ତି। ଚଳିତବର୍ଷ କାର୍ତ୍ତିକ ମାସରେ ନୀତିକାନ୍ତି ସମ୍ପାଦନ, ଦର୍ଶନ ଶୃଙ୍ଖଳା ତଥା ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥାରେ ସହଯୋଗ ପାଇଁ ସେବକ ନିଯୋଗ, ଶ୍ରୀମନ୍ଦିର ତଥା ଜିଲ୍ଲା ଏବଂ ପୁଲିସ ପ୍ରଶାସନର ସମସ୍ତ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବିଶେଷକରି ଅଗଣିତ ଭକ୍ତଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

# ସରିଲା ବ୍ରତ: ଘରକୁ ଫେରିଗଲେ ହବିଷ୍ୟାଳୀ



**ପୁରୀ,୧୫।୧୧(ସମିସ):** ସରିଯାଇଛି ଧର୍ମ ମାସ କାର୍ତ୍ତିକ। ଏହି ପୁଣ୍ୟ ମାସର ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ପବିତ୍ର ମହୋଦଧିରେ ଡଙ୍ଗା ଭସାଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଏମାନଙ୍କ ମଧ୍ୟରେ ରହିଥିଲେ ହଜାର ହଜାର ହବିଷ୍ୟାଳୀ, ଯେଉଁମାନେ ମହାପ୍ରଭୁଙ୍କୁ ଦର୍ଶନ କରି ସେମାନଙ୍କ ବ୍ରତ ଶେଷ କରିଛନ୍ତି। ଏକମାସ ଧରି ପୁରୀର ବିଭିନ୍ନ ମଠ, ଧର୍ମଶାଳା ଏବଂ ସରକାରୀ ରହଣି କେନ୍ଦ୍ରରେ ରହିଥିବା ହବିଷ୍ୟାଳି ଏବେ ଘରକୁ ଫେରିଯାଇଛନ୍ତି। ସେମାନଙ୍କୁ ସାଥୀରେ ନେବା ଲାଗି ଶୁକ୍ରବାର ଦିନତମାମ୍ ୪ଟି ଆଶ୍ରୟସ୍ଥଳୀ (ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ଅକ୍ଷୟପାତ୍ର ଫାଉଣ୍ଡେସନ ଏବଂ ମୋଚିସାହିସ୍ଥିତ ପୌରସଂସ୍ଥା କଲ୍ୟାଣ ମଣ୍ଡପ) ସମ୍ମୁଖରେ ଲାଗିଥିଲା ସମ୍ପର୍କୀୟଙ୍କ ଭିଡ଼। ରହଣି କେନ୍ଦ୍ର ଫାଟକ ସମ୍ମୁଖରେ ବନ୍ଧୁ, ପରିଜନ ଡେରା ପକାଇଥିଲେ।

ଶ୍ରୀକ୍ଷେତ୍ରରେ ଏହି ମାସକ ରହଣି ମଧ୍ୟରେ ଅନେକ ଅଚିହ୍ନା ମୁହଁକୁ ଆପଣାଇ ନେଇଥିଲେ ବହୁ ହବିଷ୍ୟାଳୀ। ସଞ୍ଜ, ସକାଳେ ଯାହାଙ୍କ ସହ ମିଶି ଚଉରାମୂଳେ ରାଇଦାମୋଦର ପୂଜା କରୁଥିଲେ, ଏକାଠି ମହାପ୍ରସାଦ ସେବନ କରୁଥିଲେ ଆଉ ସୁଖଦୁଃଖ ବାଣ୍ଟୁଥିଲେ। ସେମାନଙ୍କଠାରୁ ବିଦାୟ ନେବାର ମୁହୂର୍ତ୍ତ ଥିଲା ବେଶ୍ କଷ୍ଟଦାୟକ, ଯାହାକି ରହଣି କେନ୍ଦ୍ରଗୁଡ଼ିକୁ ଦେଖିଲେ ଏହା ବାରି ହୋଇପଡୁଥିଲା। ଘରକୁ ଫେରୁଥିବାବେଳେ ଅନେକଙ୍କ ଆଖିରୁ ଝରିପଡୁଥିଲା ସ୍ନେହର ଲୁହ। କିଏ କାହାକୁ କୋଳେଇ ନେଇ ଗାଲ ଥାପୁଡାଇ ଦେଉଥିଲେ ତ ଆଉ କିଏ କାଲିଆ ଚାହିଁଲେ ପୁଣି ଆରବରଷକୁ ଦେଖାହେବ କହି କାନ୍ଦି ପକାଉଥିଲେ। ଏହି ସ୍ନେହ ଓ ଆଦର କେବଳ ହବିଷ୍ୟାଳୀଙ୍କ ମଧ୍ୟରେ ସୀମିତ ନ ଥିଲା ରହଣି କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ବି ଛୁଇଁ ଯାଇଥିଲା। ଦିନତମାମ୍ କେନ୍ଦ୍ରଗୁଡ଼ିକ ସମ୍ମୁଖରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା।

# ଡିଜିପି, ଆଇଜି ସମ୍ମିଳନୀ ପାଇଁ ସୁରକ୍ଷା ସମୀକ୍ଷା କଲେ ଡିଜିପି

**ଭୁବନେଶ୍ୱର,୧୫ ।୧୧(ସମିସ):** ଆସନ୍ତା ୨୯ରେ ହେବାକୁ ଥିବା ସର୍ବ ଭାରତୀୟ ଡିଜିପି ଏବଂ ଆଇଜି ସମ୍ମିଳୀନ ପାଇଁ ପୁଲିସ ପକ୍ଷରୁ ପ୍ରସ୍ତୁତ ଜୋରଦାର କରାଯାଇଛି। ବିଶେଷକରି ସୁରକ୍ଷା ଉପରେ ଅଧିକ ଫୋକ୍‌ସ କରିଛି କମିଶନରେଟ୍ ପୁଲିସ। ଏ ନେଇ ଶୁକ୍ରବାର ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଆସୁଥିବାରୁ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସୁରକ୍ଷା ପାଇଁ ରାଜଧାନୀରେ ୪୦ ପ୍ଲାଟୁନ୍‌ରୁ ଅଧିକ ପୁଲିସ ଫୋର୍ସ ମୁତୟନ କରାଯିବ। ସବୁ ଦିଗକୁ ଦେଖି ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇପାରେ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଏ ନେଇ ଡିଜିପି ଶ୍ରୀ ଖୁରାନିଆ କହିଛନ୍ତି ଯେ ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଡିଜିପିମାନେ ଯୋଗଦେବେ। ୩ ଦିନ ଧରି ଏହା ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ବୈଠକରେ ୨୫ରୁ ୩୦ଟି ପ୍ରସଙ୍ଗ ଉପରେ ବିସ୍ତୃତ ଭାବେ ଆଲୋଚନ କରାଯିବ। ମାଓବାଦୀ ମୁକାବିଲା, ସାଇବର ସୁରକ୍ଷା, ଆନ୍ତଃରାଜ୍ୟ ସମ୍ପନ୍ୱୟ, ପୁଲିସ ଟେକ୍ନୋଲୋଜି, ନିଶା କାରବାର, ଆତଙ୍କବାଦ ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ ବୋଲି ଡିଜିପି କହିଛନ୍ତି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପୁଲିସ ଡିଜିଙ୍କ ସମେତ ବିଏସ୍‌ଏଫ, ଡିଜି, ସିଆର୍‌ପିଏଫ ଓ ସିଆଇଏସ୍‌ଏଫ ଡିଜି, ଏନ୍‌ଆଇଏ ମୁଖ୍ୟ, ଆଇବି ମୁଖ୍ୟ ଏବଂ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ସମସ୍ତ ଏଜେନ୍ସିର ମୁଖିଆ ଏହି ବୈଠକରେ ଯୋଗଦେବେ ବୋଲି ଡିଜିପି କହିଛନ୍ତି।

# କୋଣାର୍କ ଏକ୍ସପ୍ରେସକୁ ବାଲେଶ୍ୱର ଯାଏଁ ସମ୍ପ୍ରସାରଣ ଦାବିକଲା ଓଡ଼ିଆ ସମାଜ

**ବାରିପଦା,୧୫ ।୧୧(ସମିସ):** ମୁମ୍ବଇ-ଭୁବନେଶ୍ୱର କୋଣାର୍କ ଏକ୍ସପ୍ରେସକୁ ବାଲେଶ୍ୱର ଯାଏ ସମ୍ପ୍ରସାରଣ କରିବାକୁ ମୁମ୍ବଇ ଓଡିଆ ସମାଜ ଦାବି କରିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ମୁମ୍ବଇ ଗସ୍ତ ସମୟରେ ସେଠାରେ ବସବାସ କରୁଥିବା ଓଡିଆ ସମାଜର ଏକ ପ୍ରତିନିଧି ଦଳ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ମୁମ୍ବଇରେ ପାଖାପାଖି ୫୦ ହଜାର ଓଡିଆ ଲୋକ ବସବାସ କରୁଛନ୍ତି। ଏଥିମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା (ଉତ୍ତର ଓଡିଶା)ର ମୂଳ ବାସିନ୍ଦା। ଉତ୍ତର ଓଡିଶାରୁ ମୁମ୍ବାଇକୁ ସଂଯୋଗ କରୁଥିବା ସିଧାସଳଖ ଟ୍ରେନ ନ ଥିବାରୁ ସମସ୍ତେ ଭୁବନେଶ୍ୱରକୁ ଆସି କୋଣାର୍କ ଏକ୍ସପ୍ରେସ ଦେଇ ଯାତ୍ରା କରିଥାନ୍ତି। ଏଥିପାଇଁ ବନ୍ଧୁବାନ୍ଧବ ଓ ପରିବାରକୁ ନେଇ ଯାତାୟାତ ସମୟରେ ଅନ୍ୟ ଟ୍ରେନ ଧରି ପୂର୍ବରୁ ପହଞ୍ଚିବା ସହ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ଭଳି ନାନା ଅସୁବିଧା ସମ୍ମୁଖୀନ ହେବାକୁ ପଡିଥାଏ। ରେଳବାଇର ଆଧୁନିକୀକରଣ ହେଉଥିବା ବେଳେ, ମୁମ୍ବାଇରୁ ବାଲେଶ୍ୱର ପର୍ଯ୍ୟନ୍ତ ଗୋଟିଏ ବି ସିଧାସଳଖ ଟ୍ରେନ୍ ନାହିଁ। ଏଣୁ କୋଣାର୍କ ଏକ୍ସପ୍ରେସକୁ ଯଥାଶୀଘ୍ର ଭୁବନେଶ୍ୱରରୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି କରିଛନ୍ତି। ପ୍ରତିନିଧି ଦଳରେ ମୀରା ଭୟଣ୍ଡାର ଓଡିଆ ସେଲ୍ ଅଧ୍ୟକ୍ଷ ମୁକ୍ତିକାନ୍ତ ବାରିକ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



# ମନ୍ତ୍ରୀ ଆସିଲେ, ପୁରୁଣା କଥା ଦୋହରାଇଲେ / ୫ ବର୍ଷ ତଳୁ ଗଡୁଛି ଅନେକ ପ୍ରକଳ୍ପ

**ଭୁବନେଶ୍ୱର,୧୫ ।୧୧(ସମିସ):** ଓଡିଶାରେ ଡବଲ ଇଞ୍ଜିନ୍ ସରକାର ଆସିବା ପରେ ସବୁ କାମ ଡବଲ ସ୍ପିଡ୍‌ରେ ହେବ ବୋଲି ଜନେ ଆଶା କରିଥିଲେ। କିନ୍ତୁ ଡବଲ ଇଞ୍ଜିନ୍ ସରକାରରେ ଖାଲି ଡବଲ ଘୋଷଣା କରାଯାଉଛି। ପୂର୍ବରୁ କେନ୍ଦ୍ର ସରକାର ଓଡିଶା ପାଇଁ ଅନେକ କିଛି ଘୋଷଣା କରୁଥିଲେ କିନ୍ତୁ କାମରେ ତାହା ପ୍ରତିଫଳିତ ହେଉନଥିଲା। ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାରୁ ହୁଏତ ଏଥର ଘୋଷଣା କାର୍ଯ୍ୟକାରୀ ହେବ ବୋଲି ଲୋକେ ଆଶା ବାନ୍ଧିଛନ୍ତି। ଆଜି ଠାରୁ ଭୁବନେଶ୍ୱର ଉଦ୍‌ଯାପିତ ହେଉଥିବା ଦୁଇ ଦିନିଆ ଅକ୍ଷୟଶକ୍ତି ଚିନ୍ତନ ଶିବିରରେ ଯୋଗଦେବା ଅବସରରେ କେନ୍ଦ୍ର ନୂତନ ଓ ନବୀକରଣୀୟଶକ୍ତି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଅନେକ ପୁରୁଣା କଥାକୁ ଦୋହରାଇଛନ୍ତି। ଓଡିଶାକୁ ଅକ୍ଷୟଶକ୍ତିର ହବ୍ କରାଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ମନ୍ତ୍ରୀ କହିଥିଲେ ଯେ ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ସୌର ଶକ୍ତିରେ ଆଲୋକିତ ହେବ। ଗୋପାଳପୁର, ପାରାଦ୍ୱୀପରେ ସବୁଜ ହାଇଡ୍ରୋଜେନ୍ କେନ୍ଦ୍ର ଗଢ଼ି ଉଠିବ। ହୀରାକୁଦ ଜଳଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ ସାରା ରାଜ୍ୟରେ କରାଯିବ। ଆଜି ମନ୍ତ୍ରୀ ଘୋଷଣା କରିଥିବା ଅନେକ ପ୍ରକଳ୍ପ ବହୁ ପୁରୁଣା ହେଲାଣି ଏବଂ ଯଦି ଠିକଣା ସମୟରେ କାର୍ଯ୍ୟକାରୀ ହେଉଥାନ୍ତା ତା ହେଲେ ଓଡିଶାରେ ଅକ୍ଷୟଶକ୍ତି ଉତ୍ପାଦନ

## ସମୀକ୍ଷା ଓ ଘୋଷଣାରେ ଚାଲିଛି ସବୁଜ ଶକ୍ତି କ୍ଷେତ୍ରରେ ନିବେଶ

ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିଥାନ୍ତା। କୋଣାର୍କ ସୂର୍ଯ୍ୟ ମନ୍ଦିରରେ ସୌର ଶକ୍ତି ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ୨୦୨୦ ମସିହାରୁ ଘୋଷଣା ହେଲାଣି। କେନ୍ଦ୍ର ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରାଳୟ ମନ୍ତ୍ରାଳୟ ପକ୍ଷରୁ କୁହାଯାଇ ଥିଲା ଯେ କୋଣାର୍କ ସୂର୍ଯ୍ୟ ମନ୍ଦିର ସମେତ ସମଗ୍ର ସହରକୁ ସୌରଶକ୍ତି ଯୋଗାଇ ଦିଆଯିବ। କୋଣାର୍କ ସୂର୍ଯ୍ୟ ନଗରୀ ନାମରେ ପରିଚୟ ପାଇବ। ସେହିପରି ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ସୌର ଶକ୍ତି, ପବନ ଶକ୍ତି ପ୍ରକଳ୍ପ ସମ୍ପର୍କରେ ଏନ୍‌ଡିଏ ସରକାର କ୍ଷମତାକୁ ଆସିବା ପରଠାରୁ ଆଲୋଚନା ହୋଇ ଆସୁଛି। ଓଡିଶାର ଅନ୍ୟୁନ ୬ ଜିଲ୍ଲାରେ ଥିବା ଜଳ ଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ମନ୍ତ୍ରାଳୟ ସମୀକ୍ଷା କରି ଆସୁଛି। ହେଲେ ଏସବୁ ସମୀକ୍ଷା ବାସ୍ତବତାର ସକାଳ ଦେଖିପାରୁ ନାହିଁ। ଆଜି ବିଭିନ୍ନ ରାଜ୍ୟ ସରକାର ଏବଂ ଶତାଧିକ ନିବେଶକଙ୍କ ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ ଏସବୁ ପ୍ରକଳ୍ପ କାର୍ଯ୍ୟକାରୀ କରିବା ଲାଗି ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି। ତେବେ ମନ୍ତ୍ରୀଙ୍କର ଏହି ଘୋଷଣା ପ୍ରକୃତରେ କାର୍ଯ୍ୟକାରୀ ହେବ ନା ପୂର୍ବ ଭଳି କେବଳ ଘୋଷଣାରେ ରହିଯିବ ତାହା ସମୟ କହିବ। କିନ୍ତୁ ଏଥିପାଇଁ ଅନ୍ତତଃ ଉଦ୍ୟମ ଆରମ୍ଭ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ଅକ୍ଷୟଶକ୍ତିର ଆବଶ୍ୟକତା ସାରା ଦୁନିଆ ବୁଝୁଛି। ଅନେକ ଦେଶ ଏହି କ୍ଷେତ୍ରରେ ବହୁତ ଆଗକୁ ଗଲେଣି। ମୋଦୀ ସରକାରଙ୍କ ପ୍ରଥମ ପାଳିରୁ ଅକ୍ଷୟଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ପାଇଁ ଉଦ୍ୟମ କରାଯାଉଛି। ହେଲେ ପଛରେ ରହି ଯାଇଛି ଓଡିଶା। ସବୁ ଭିତ୍ତିଭୂମି ଥାଇ ଓଡିଶାରେ ପ୍ରକଳ୍ପ ଆଗକୁ ବଢ଼ିପାରୁ ନାହିଁ। ଅପରନ୍ତୁ ବିଜେଡି ସରକାର ଅମଳରେ ଗ୍ରୀନ୍ ହାଇଡ୍ରୋଜେନ୍, ଗ୍ରୀନ୍ ଆମୋନିଆ, ସୌର ପ୍ରକଳ୍ପ ପାଇଁ ପୁଞ୍ଜିନିବେଶ ପ୍ରସ୍ତବାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ଅଧିକାଂଶ ପ୍ରକଳ୍ପରେ କାମ ଆରମ୍ଭ ହେଲାଣି। ଆସନ୍ତା ବର୍ଷ ସୁଦ୍ଧା ଗୋପାଳପୁର ଶିଳ୍ପାଞ୍ଚଳରେ ରାଜ୍ୟର ପ୍ରଥମ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରକଳ୍ପର ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ସେହିପରି ଗ୍ରୀନ୍ ଆମୋନିଆ ଆଧାରିତ ପ୍ରକଳ୍ପର କାମ ମଧ୍ୟ ଆଗେଇ ଚାଲିଛି। ଦେଶର ପ୍ରମୁଖ ଶିଳ୍ପ ସଂସ୍ଥା ଏହି କ୍ଷେତ୍ରରେ କାମ ଆରମ୍ଭ କରିଛନ୍ତି। ଏପରିସ୍ଥଳେ କେନ୍ଦ୍ର ସରକାରଙ୍କ ଘୋଷଣା ରାଜନୀତି କେତେଦୂର ଲୋକଙ୍କ ଆକାଂକ୍ଷା ପୂରଣ କରୁଛି ତାହା ସମୟ କହିବ।

# ପିଏମ୍ ଜନମନ ଯୋଜନାରେ ନୂଆ ରୂପ ପାଇବ ଶକଟା

**ରାୟଗଡ଼ା,୧୫।୧୧(ସମିସ):** ଆସ୍ପିରେସନ ବ୍ଲକ ପ୍ରୋଗ୍ରାମ (ଏବିପି)ରେ ୭ଟି ପିଏମ୍ ଜନମନ ଆଦର୍ଶ ଗ୍ରାମ ବିକାଶ ପାଇଁ ଆଦିବାସୀ ବ୍ୟାପର ମନ୍ତ୍ରଣାଳୟଙ୍କ ସହଯୋଗରେ ନୀତି ଆୟୋଗଙ୍କ ଦ୍ୱାରା ଚୟନ କରାଯାଇଛି। ଏଥିରେ ଗ୍ରାମଗୁଡିକର ଭିତିଭୂମି, ଜୀବିକା ସୁଯୋଗ ଏବଂ ବିଶେଷ ଭାବରେ ଦୁର୍ବଳ ଜନଜାତି ଗୋଷ୍ଠୀ(ପିଭିଟିଜି) ପାଇଁ ଅତ୍ୟାବଶ୍ୟକ ସେବା ବୃଦ୍ଧି ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକର ନିୟମଗିରି ପାହାଡ଼ ପାଦ ଦେଶରେ ଥିବା ଶକଟା ଗ୍ରାମକୁ ଚୟନ କରାଯାଇଛି। ପିଏ ଜନମନ ଯୋଜନାରେ ହସ୍ତକ୍ଷେପ, ଆର୍ଥିକ ଅର୍ନ୍ତର୍ଭୁକ୍ତ, ଜୀବିକା ସୁବିଧା ଏବଂ ବୃଦ୍ଧ ଏବଂ ଭିନ୍ନକ୍ଷମଙ୍କ ପାଇଁ ସହାୟକ ପ୍ରଯୁକ୍ତିବିଦ୍ୟା ଉପକରଣ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ମୁନିଗୁଡା ବ୍ଲକ ଶକଟା ଗ୍ରାମରେ ବେସଲାଇନ ସର୍ଭେ ପ୍ରକାରେ ଗ୍ରାମରେ ଆଦିମ ଜନଜାତି ଡଙ୍ଗରିଆ କନ୍ଧ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଉକ୍ତ ଗ୍ରାମରେ ୧୫୯ ଜଣ ଲୋକେ ରହିଥିବା ବେଳେ ୪୫ଟି ଘର ରହିଛି। ଏହି ଗ୍ରାମରେ ୩୪ଟି ପରିବାରଙ୍କ କଚ୍ଚାଘର ରହିଥିବା ବେଳେ ୪୩ଟି ଘରେ ଟ୍ୟାପ ଯୋଗେ ପାନୀୟ ଜଳର ସୁବିଧା ନାହିଁ। ସେହିପରି ୫ଟି ଘରେ ବିଜୁଳି ସଂଯୋଗ ମଧ୍ୟ ନାହିଁ। ଗ୍ରାମରେ ଥିବା ୪୫ଟି ଘର ପରିବାର ସମସ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ପିଏମ୍ ଜନମନ ଯୋଜନା ଅନ୍ତର୍ଗତରେ ଗ୍ରାମରେ ୮ ଜଣଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବାକୁ ଯୋଜନା ରହିଥିବା ବେଳେ ଏହି ଯୋଜନାରେ ୩ଟି ଘର ନିର୍ମାଣଧୀନ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ରହିଛି। ସେହିପରି ଗ୍ରାମରେ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା ଉପଲବ୍ଧ ରହିଛି। ବିଜୁଳି ସଂଯୋଗ ନ ଥିବା ୫ଟି ଘରକୁ ଟିପିଏସଓଡିଏଲ ପକ୍ଷରୁ ଯଥାଶୀଘ୍ର ବିଜୁଳି ସଂଯୋଗ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ପ୍ରଶାସନ ସୂଚନା ଦେଇଛି। ପିଏ ଯୋଜନା ଅନ୍ତର୍ଗତରେ ଗ୍ରାମର ମିନୁ କାଡ୍ରକାଙ୍କ ଘର ପୂର୍ବରୁ ପକ୍କା ଘର ହୋଇ ନଥିବା ବେଳେ ଯୋଜନା କାର୍ଯ୍ୟକାରୀ ହେବା ପରେ ମିନୁଙ୍କ ପରିବାର ପକ୍କା ଘରେ ରହୁଥିବା ଦେଖିବାକୁ ମିଳିଛି।

### ଜୟ ବିଜୟ ଦ୍ୱାରରେ ମଇଳା

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୧୫।୧୧(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଜୟ ବିଜୟ ଦ୍ୱାର ପାହାଚରେ ମଇଳା ପଡ଼ିଥିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବ ହୋଇଛି। ଫଳରେ ଏହି ସମୟରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ବଞ୍ଚିତ ହୋଇଥିଲେ ଭକ୍ତ।

ଶୁକ୍ରବାର ଥିଲା କାର୍ତ୍ତିକ ପୂର୍ଣ୍ଣିମା। ତେଣୁ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେବା ସମ୍ଭାବନା ଥିବାବେଳେ ଭୋର ୫ଟା ୫୦ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ମଇଲମ, ତଡ଼ପଲାଗି ଏବଂ ମଧ୍ୟାହ୍ନ ୧୨ଟା ୫୦ରେ ବାଲଧୂପ ସରିଥିଲା। ଏହାପରେ ଅପରାହ୍ନ ୧ଟା ୧୦ରେ ବନ୍ଦାପନା ପ୍ରସାଦ ମଇଲମ ହୋଇଥିଲା। ଅପରାହ୍ନ ୩ଟା ୨୦ରେ ପ୍ରଥମ ଭୋଗମଣ୍ଡପ ସରିବା ପରେ ଭିତର କାଠରୁ ଦର୍ଶନ ଚାଲିଥିଲା। ଏହି ସମୟରେ ଜୟ ବିଜୟ ଦ୍ୱାର ଭିତର ପାଶ୍ୱର୍ ପାହାଚରେ ମଇଳା ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସେହିଠାରୁ ନୀତି ଅଟକା ଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ସନ୍ଧ୍ୟା ୬ଟା ୧୦ରେ ମହାସ୍ନାନ ପୂଜା କରିଥିଲେ। ୬ଟା ୨୦ରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହାପରେ ଭକ୍ତମାନଙ୍କ ଦର୍ଶନ ପୁଣି ସ୍ୱାଭାବିକ ହୋଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।



# ଲୁଗା ଦୋକାନରେ ଅଗ୍ନିକାଣ୍ଡ; ଜଳିଗଲେ ମାଲିକ

**ଜଟଣୀ,୧୫।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମାରେ ଅଘଟଣ। ଲୁଗା ଦୋକାନରେ ଅଗ୍ନିକାଣ୍ଡ ଘଟି ମାଲିକଙ୍କ ମୃତ୍ୟୁ ହୋଇଥିବା ବେଳେ ଲକ୍ଷାଧିକ ଟଙ୍କାର ଜିନିଷ ପୋଡ଼ି ପାଉଁଶ ହୋଇଯାଇଛି। ଶୁକ୍ରବାର ଖୋର୍ଦ୍ଧା ଜିଲ୍ଲା ଜଟଣୀ ରାଜା ବଜାରରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଅଗ୍ନିକାଣ୍ଡରେ ଗୁରୁତର ଦୋକାନ ମାଲିକ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବିଦ୍ୟୁତ୍ ସର୍ଟସର୍କିଟ୍ କାରଣରୁ ନିଆଁ ଲାଗିଥିବା ଅଗ୍ନିଶମ ବାହିନୀ ସନ୍ଦେହ କରୁଛି।

ସୂଚନାଅନୁଯାୟୀ, ଜଟଣୀ ରାଜାବଜାରସ୍ଥିତ ଗୌରୀ ଗାର୍ମେଣ୍ଟର ମାଲିକ ସୂର୍ଯ୍ୟକାନ୍ତ ଉପରେ ମହଲାରେ ଥିବା ଷ୍ଟୋର ରୁମ୍‌ରେ ଶୋଇଥିଲେ। ଆଜି ଦିନତମାମ ରାଜା ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିବା ବେଳେ ଅପରାହ୍ନ ୪ଟା ସମୟରେ ହଠାତ୍ ତଳ ଗାର୍ମେଣ୍ଟରୁ ଧୀରେ ଧୀରେ ଧୂଆଁ ବାହାରିଥିଲା। ପରେ ଜୋର୍‌ରେ ଧୂଆଁ ବାହାରିବା ସହ ଦୋକାନ ଭିତରୁ ନିଆଁ ବାହାରିଥିଲା। ଦୋକାନରେ ଥିବା ଲୁଗା ପଟାରେ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳି ଉଠିଥିଲା। ବଜାର ବନ୍ଦ ହେତୁ କେହି ନଥିବାରୁ ନିଆଁ ଲିଭାଇବା ବିଳମ୍ବ ହୋଇଥିଲା। ଅନ୍ୟପଟେ ନିଆଁ ଏତେ ଜୋରରେ ଲାଗି ଯାଇଥିଲା ଯେ ତାପରେ ପାଖକୁ କେହି ଲୋକ ଯିବା ସମ୍ଭବ ହୋଇ ନଥିଲା। ପରେ ସ୍ଥାନୀୟ ଲୋକେ ମିଶି ପାଣି ପକାଇ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ନିଆଁ ଲିଭି ନଥିଲା। ଖବର ପାଇ ଘଟଣାସ୍ଥଳରେ ଜଟଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ପାଣି ପକାଇଥିଲେ। କିନ୍ତୁ ଅଧାରୁ ଅଗ୍ନିଶମ ଗାଡ଼ିରୁ ପାଣି ସରି ଯାଇଥିଲା। ହେଲେ ସେ ପର୍ଯ୍ୟନ୍ତ ଉପର ମହଲାରେ ଥିବା ସୂର୍ଯ୍ୟକାନ୍ତ ଘର ଭିତରେ ରହିଯାଇଥିଲେ। ନିଆଁ ଲିଭିବା ପରେ ସ୍ଥାନୀୟ ଲୋକ, ପୁଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ସିଡ଼ି ପକାଇ ଉପରକୁ ଚଢ଼ିଥିଲେ। ଷ୍ଟୋର ରୁମ୍ ଭିତର ପଟୁ ତାଲା ପଡ଼ିଥିବା ବେଳେ ଶାବଳ ମାଧ୍ୟମରେ ଗ୍ରିଲ୍ ଭଙ୍ଗା ଯାଇଥିଲା। ରୁମ୍ ଭିତରୁ ଗୁରୁତର ଅବସ୍ଥାରେ ମାଲିକ ସୂର୍ଯ୍ୟକାନ୍ତଙ୍କୁ ଉଦ୍ଧାର କରି ପ୍ରଥମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା।



# ନାବାଳିକାକୁ ଦୁଷ୍କର୍ମ ପରେ ପଥରରେ ଛେଚି ହତ୍ୟା

### ଅଭିଯୁକ୍ତ ଗିରଫ; ଜଙ୍ଗଲରୁ ମିଳିଲା ମୃତଦେହ

**ପାଇକମାଳ ୧୫ ।୧୧ (ସମିସ) :** ପାଇକମାଳ ଅଞ୍ଚଳରେ ଘଟିଛି ଏକ ଅମାନୁଷିକ ଘଟଣା । ଜଣେ ଯୁବକ ଚାରି ବର୍ଷର ଝିଅକୁ ଦୁଷ୍କର୍ମକରିବା ପରେ ହତ୍ୟାକରି ଜଙ୍ଗଲରେ ଫୋପାଡ଼ି ଦେଇଥିବା ଘଟଣା ସାମ୍ନାକୁ ଆସିଛି। ପାଇକମାଳ ଥାନା ଅନ୍ତର୍ଗତ ସୋଢ଼ା ଗ୍ରାମର ପ୍ରଶାନ୍ତ ବରିହା (୨୧) ନାବାଳିକାକୁ ଚକଲେଟ ଦେବି କହି ଟେକିନେଇ ଯାଇଥିଲା ସୋଢ଼ା ଗ୍ରାମର ଡୁଙ୍ଗୁରି ଜଙ୍ଗଲକୁ। ସେଠାରେ ଦୁଷ୍କର୍ମ କରି ଚାରି ନାବାଳିକାକୁ ପଥରରେ ଛେଚି ଅତି ଅମାନୁସିକ ଭବେ ହତ୍ୟାକରି ଜଙ୍ଗଲରେ ଫିଙ୍ଗି ଦେଇଥିଲା। ଝିଅ ନଥିବା ଦେଖି ତା'ର ମା' ଖୋଜାଖୋଜି କରି ନପାଇବାରୁ ସ୍ୱାମୀ ଉପେନ୍ଦ୍ରଙ୍କୁ କହିଥିଲେ। ପରେ ନିକଟସ୍ଥ ଜଙ୍ଗଲରେ କିଏ ଗୋଟିଏ ଛୁଆକୁ ମାରି ପକାଇ ଦେଇଥିବା ଜଣାପଡ଼ିବା ପରେ ପାଇକମାଳ ଥାନାକୁ ଖବର ଦିଆଯାଇଥିଲା। ଜଙ୍ଗଲରୁ ପୁଲିସ ନାବାଳିକାର ମୃତଦେହ ଉଦ୍ଧାର କରିଛି। ସୋଢ଼ା ଗ୍ରାମକୁ ପୁଲିସ ଯାଇ ଛାନଭିନ୍ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ଘଟଣାର ଅନୁସନ୍ଧାନ ଚାଲିଛି ବୋଲି ପାଇକମାଳ ଥାନା ଅଧିକାରୀ କହିଛନ୍ତି।

### କାଠ ବ୍ୟବସାୟୀଙ୍କ ଗଳିତ ମୃତଦେହ ଉଦ୍ଧାର ଘଟଣା

# କାଠ ଟଙ୍କା ନ ଦେବାରୁ କରିଥିଲେ ହତ୍ୟା

**ପଟ୍ଟାଙ୍ଗି,୧୫।୧୧(ସମିସ):** ପଟ୍ଟାଙ୍ଗି ବ୍ଲକ୍ ଶୁଙ୍କି ଘାଟି ରାସ୍ତା ପାଖ ଜଙ୍ଗଲରୁ ଜୟପୁର କାଠ ବ୍ୟବସାୟୀଙ୍କ ଗଳିତ ମୃତ ଦେହ ଉଦ୍ଧାର ପରେ ଶୁକ୍ରବାର ଘଟଣାର ଖୁଲାସା କରିଛି ପଟ୍ଟାଙ୍ଗି ପୁଲିସ। ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। କାଠ ନେଇ ଟଙ୍କା ଦେଇନଥିବା ଯୋଗୁଁ ତାଙ୍କୁ ଅଭିଯୁକ୍ତମାନେ ହତ୍ୟା କରିଥିବା ପୁଲିସ ସୂଚାଇଛି। ଅଭିଯୁକ୍ତମାନେ ହେଲେ ଚନ୍ଦକା ପଞ୍ଚାୟତ ଅନ୍ତର୍ଗତ ଗୁଗାନୁଆଗୁଡ଼ା ଗ୍ରାମର ତିରୁପତି ସିକ୍କାଡିଆ(୨୯), ନିନା ସାରା(୨୪), ସୋନୁ ସିକ୍କାଡ଼ିଆ(୨୭), ନାରୀ ସାରି (୨୪)ଏବଂ ଦେଓପଟ୍ଟାଙ୍ଗି ଗ୍ରାମର କାର୍ତ୍ତିକ ଗୁଣ୍ଡା (୩୫) ବୋଲି ଜଣାପଡ଼ିଛି। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନଙ୍କୁ କାଠ ବାବଦରେ ଜୟପୁର ସହର ମାଦଳାସାହି ନିବାସୀ ରାଧାକୃଷ୍ଣ ମହାପାତ୍ରଙ୍କ ଠାରୁ ଦୁଇ ଲକ୍ଷରୁ ଉର୍ଦ୍ଧ ଟଙ୍କା ମିଳିବାକୁ ଥିଲା। ଘଟଣା ଦିନ ମୃତ ବ୍ୟବସାୟୀ ରାଧାକୃଷ୍ଣଙ୍କୁ ସେମାନେ ମିଶି ଟଙ୍କା ମାଗିଥିଲେ। ସେ ନଦେବାରୁ ଚନ୍ଦକା ଗ୍ରାମକୁ ଯିବା ରାସ୍ତାର ଅଶ୍ୱସ୍ଥ ଗଛ ନିକଟରେ ତାଙ୍କ ବେକ ଚିପି ହତ୍ୟା କରିଥିଲେ। ପରେ ବାଇକ ଯୋଗେ ମୃତ ଶରୀରକୁ ସୁଙ୍କି ଘାଟିକୁ ନେଇ ତଳ ଜଙ୍ଗଲକୁ ଫିଙ୍ଗି ଦେଇଥିବା ଅଭିଯୁକ୍ତମାନେ ସ୍ୱୀକାର କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି। ଅଭିଯୁକ୍ତମାନେ ମୃତକଙ୍କ ବାଇକଟିକୁ ଆଣି ମାଡ଼ାୱାଲାସା ଗ୍ରାମରେ ରଖିଥିଲେ। ଉକ୍ତ ବାଇକଟିକୁ ଜବତ କରାଯାଇଥିବା ପୁଲିସ



**୫ ଗିରଫ ସହ କୋର୍ଟଚାଲାଣ**

ସୂଚନା ଦେଇଛି। ଉକ୍ତ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଲିସ କହିଛି। ପ୍ରକାଶ ଥାଉକି, ଜୟପୁର ସହର ମାଦଳାସାହି ନିବାସୀ ରାଧାକୃଷ୍ଣ ମହାପାତ୍ର ଗତ ରବିବାର ଦିନ ନିଜ ମୋଟର ସାଇକେଲ ଯୋଗେ ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଦେଓପଟ୍ଟାଙ୍ଗି ଅଞ୍ଚଳକୁ କିଛି ଗଛ କିଣିବାକୁ ଯାଇଥିଲେ। ସେଦିନ ଅପରାହ୍ନ ୪ଟା ପରେ ବ୍ୟବସାୟୀ ମହାପାତ୍ରଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କ ଯୋଗାଯୋଗ ହୋଇପାରି ନଥିଲା। ପରେ ଜୟପୁର ଟାଉନ ଥାନାରେ ମୃତ ମହାପାତ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଜୟପୁର ପୁଲିସ ପଟ୍ଟାଙ୍ଗି ପୁଲିସର ସହାୟତାରେ ତାଙ୍କୁ ଖୋଜା ଖୋଜି ଆରମ୍ଭ କରିଥିଲା। ଦୀର୍ଘ ଚାରି ଦିନ ପରେ ଗୁରୁବାର ବ୍ୟବସାୟୀଙ୍କ ଗଳିତ ମୃତ ଦେହକୁ ପୁଲିସ ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ସୁଙ୍କି ଘାଟି ୨୬ ନଂ ଜାତୀୟ ରାଜପଥ ତଳ ଜଙ୍ଗଲରୁ ଉଦ୍ଧାର କରିଥିଲା।

# ଦୁଇ ମାଓସ୍ତୂପ ଧ୍ୱଂସକଲେ ଯବାନ

**ମାଲକାନଗିରି,୧୫ ।୧୧(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓ ସ୍ତୂପକୁ ଧ୍ୱଂସ କରିଛନ୍ତି ଯବାନ। ସୂଚନା ଅନୁଯାୟୀ, ବିଜାପୁର ଜିଲ୍ଲାର ଡିଆରଜି, ଏସଟିଏଫ୍, କୋବ୍ରା ଏବଂ କାରିପୁର ଯବାନଙ୍କ ମିଳିତ ଦଳ ନୂତନ ଭାବେ ପ୍ରତିଷ୍ଠିତ ସୁରକ୍ଷା କ୍ୟାମ୍ପ କୋଣ୍ଡାପାଲ୍ଲୀରୁ ମାଓ ବିରୋଧୀ ତଲାସି ଅଭିଯାନ କରିବାବେଳେ କୋଣ୍ଡାପାଲ୍ଲୀ ଗ୍ରାମ ନିକଟ ଜଙ୍ଗଲରେ ଦୁଇଟି ମାଓସ୍ତୂପ ଦେଖିବାକୁ ପାଇଥିଲେ। ବିରାଟ କାୟ ଦୁଇ ମାଓସ୍ତୂପକୁ ମାଓବାଦୀମାନେ ତିଆରି କରିଥିବାବେଳେ ସେଠାରେ ସେମାନେ ଅନେକ ସମୟରେ ମେଳି, ବିଭିନ୍ନ ମାଓ ଦିବସ ପାଳନ କରୁଥିଲେ। ମାଓ ସ୍ତୂପଟି ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ଜାହିର କରୁଥିବା ବେଳେ ଯବାନମାନେ ଏହାକୁ ଧ୍ୱଂସ କରିଛନ୍ତି। ମାଓ ସ୍ତୂପ ଭାଙ୍ଗିବା ପରେ ସ୍ଥାନୀୟ ଲୋକେ ନିଜ ଅଞ୍ଚଳ ମାଓ ମୁକ୍ତ ହେବ ବୋଲି ଆଶା ପ୍ରକଟ କରିଛନ୍ତି।





# ପୁତୁରା ମୃତ୍ୟୁ ଖବର ଶୁଣି ଟଳିପଡ଼ିଲେ ଦାଦା

**ରାମଚନ୍ଦ୍ରପୁର,୧୫ ।୧୧(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ତିଗିରିଆ ଗ୍ରାମରେ ଏକ ଅଭାନୀୟ ତଥା ଦୁଃଖଦ ଘଟଣା ଘଟି ଯାଇଛି। ଗ୍ରାମର ମହେଶ୍ୱର ବେହେରା(୪୨) ଗାଡି ଡ୍ରାଇଭର ଭାବେ ନିଜର ଜୀବିକା ନିର୍ବାହ କରି ଆସୁଥିଲେ, ଗାଡ଼ି ଚଳାଉଥିବା ବେଳେ ହଠାତ ଅସୁସ୍ଥ ଅନୁଭବ କରିବାରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହେଲେ ପରିବାର ଲୋକଙ୍କ ଠାରୁ ପୁତୁରା ମହେଶ୍ୱରଙ୍କ ମୃତ୍ୟୁ ଖବର ଶୁଣି ଦାଦା ଗୌରାଙ୍ଗ ବେହେରା(୮୪) ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

**AFFIDAVIT**

I, Manoranjan Misra, S/o-Late Padmanabha Mishra, resident of Flat No- 1502,Tower No - 6,Vipul Gardens, Ghatikia, Bhubaneswar, Pin No -751003, Dist - Khurda, Odisha. declare by this affidavit No -13, dated-14/11/2024. that now onwards I shall be known as **MANORANJAN MISHRA** for all future purposes.

**AFFIDAVIT**

I, Sek Nasiruddin, S/o-Shaikh Islauddin,Vill/Po-Rajpur, Ps - Jaleswar, Dist -Baleswar, Pin No -756032,Odisha. declare by this affidavit No -137,dated-14/11/2024.that now onwards I shall be known as **SHAIKH NASIRUDDIN** for all future purposes

**AFFIDAVIT**

I Pramod Jena aged 39yrs , s/o - Baidhar Jena , Vill- Kampagarh Ps. Bari- Ramchandrapur Dist. Jajpur declared by affidavit no 1995 ,dtd on 29/10/2024 sworne before the Executive Magistrate Bari that Pramod Jena and Pramod Kumar Jena is one and same. Now onwards My name is Pramod Jena for all purposes.

Pramod Jena

**AFFIDAVIT**

I, Kamini Biswal, W/o - Krishna Chandra Biswal resident of Gurujanga, Po - Gengutia, Dist - Dhenkanal, Pin-759013, Odisha declare by this affidavit No. 70, dated- 14/11/2024 that now onwards I shall be known as **KAMINI BEHERA** for all future purpose.

**LOST**

By virtue of an affidavit, I Saibani Maharana, W/o. Jambheswar Maharana, aged 56 years, Aadhaar No. 230932591349 residing At-Fasula, PO-Syamsundarpur, PS-Khallikote, Dist-Ganjam, Odisha, Pin-761030, do hereby solemnly affirm and state that, on dtd. 10.03.2014 Original Registered Sale Deed of Mouza-Fasula, Khata No.91, Plot No. 1733 (Document No. 2108/2008/1) dtd. 01.09.2008 has been lost somewhere else on the way, while I was returning from Balugaon towards Fasula (Khallikote). That, inspite of my best effort I could not traced it out which is beyond recovery. If found by anybody kindly contact in the above address.

**AFFIDAVIT**

By virtue of an Affidavit sworn before the Executive Magistrate, Bhadrak dtd.12.11.2024.I JASHODA RANI JENA,Address of Village- Jasobantapur, P.O. Anijo, P.S. Agarpara, Dist. Bhadrak, Odisha, Pin-756115, Aadhar No. 287285746301 declare that I have changed my name from JYOTIPRABHA PANDIT to JASHODA RANI JENA. Henceforth, I shall be known as **JASHODA RANI JENA** for all purposes.

**AFFIDAVIT**

I, Prasanta Rout, S/o- Late Jagabandhu Rout resident of At Plot No-145, Lane-1, Delta Square, Paika Nagar, Ps-Khandagiri, Bhubaneswar, Dist-Khurda, Pin Code-751003, Odisha declared by the affidavit No. 2090, dated-14/11/2024 that now onwards i shall be known as **PRASANTA KUMAR ROUT** for all future purposes.

**AFFIDAVIT**

I, Anoja Kumar Mohanty, C/o-Kshetra Mohan Mohanty resident of Flat No.202, Kripalu Residency, Kalarahanga, Bhubaneswar, Odisha, Pin Code-751024 declared by the affidavit No.712, dated-14/11/2024 that now onwards i shall be known as **ANOJ KUMAR MOHANTY** for all future purposes.

**AFFIDAVIT**

I, Harekrishna Das, S/o-Krushna Chandra Das, resident of Plot No.2, Flat No-5, Baba Mohalla, Aya Nagar, South Delhi, Pin-110047, Delhi declared by the affidavit No. 2088, dated-13/11/2024 that now onwards I shall be known as **HAREKRUSHNA DAS** for all future purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତାପମାତ୍ରା କମିବ...

ସାମାନ୍ୟ କମିପାରେ। ଭୁବନେଶ୍ୱର ସମେତ ଉପକୂଳରେ ଆସନ୍ତା ୧୭-୧୯ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୧.୫ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି। ସେହିପରି ଆଭ୍ୟନ୍ତରୀଣ ଦକ୍ଷିଣରେ ୧୮-୨୦ ତାରିଖ ମଧ୍ୟରେ ୧ରୁ ୨ ଡିଗ୍ରୀ କମି ପରବର୍ତ୍ତୀ ୪ ଦିନ ଅପରିବର୍ତ୍ତିତ ରହିବ। ଉତ୍ତର ଆଭ୍ୟନ୍ତରୀଣରେ ୧୮-୨୦ ମଧ୍ୟରେ ପ୍ରାୟ ୧ ଡିଗ୍ରୀ କମିବ। ଅନ୍ୟପଟେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ପଶ୍ଚିମ ସୁମାତ୍ରା ମଝିରେ ୧୯ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୧ କିମ୍ବା ୨୨ରେ ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ସହ ଏହା ତାମିଲନାଡୁ ଓ ସଂଲଗ୍ନ ଉପକୂଳ ଆଡ଼କୁ ମୁହାଁଇବ ଏବଂ ଘନୀଭୂତ ହେବ। ଏହା ଫଳରେ ଓଡ଼ିଶାରେ ୨୪ରୁ ପାଗ ମେଘୁଆ ରହିବାକୁ ଥିବା ବେଳେ ଉତ୍ତର ଓଡ଼ିଶାରେ ୨୫ରୁ ମେଘୁଆ ରହିବ। ତେବେ ଆସନ୍ତା ୧୦ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଗଭୀର ଶୀତ କିମ୍ବା କୁହୁଡ଼ି ହେବାର ସମ୍ଭାବନା ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ରାଉରକେଲା ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୧୩.୯ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନଗୁଳରେ ୧୪.୬ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୧୫ ଓ ଫୁଲବାଣୀରେ ମଧ୍ୟ ୧୫ ଡିଗ୍ରୀ ରେକର୍ଡ ହୋଇଛି।

### ଦିଲ୍ଲୀରେ ନିଃଶ୍ୱାସ...

୩୯ ଟି ଷ୍ଟେସନ ମଧ୍ୟରୁ ୩୨ଟିର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅତ୍ୟନ୍ତ ଗମ୍ଭୀର ରହିଛି। ସ୍ଥିତିକୁ ଦେଖି ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ୍ ଛୁଟି କରିଦିଆଯାଇଛି। ଅନ୍‌ଲାଇନରେ ପାଠ ପଢ଼ାଇବା ପାଇଁ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଏୟାର କମିଶନ ଫର୍ ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ) ଏନ୍‌ସିଆର ଅର୍ଥାତ୍ ହରିୟାଣା, ଉତ୍ତର ପ୍ରଦେଶ ଏବଂ ରାଜସ୍ଥାନରୁ ଦିଲ୍ଲୀ ଆସୁଥିବା ବସ୍ ଉପରେ କଟକଣା ଲଗାଇ ଦେଇଛନ୍ତି। ତେବେ ସିଏନ୍‌ଜି ଏବଂ ଇଲେକ୍‌ଟ୍ରିକ୍ ଗାଡ଼ି ସହିତ ବିଏସ୍-୬ ଡିଜେଲ ବସ୍‌କୁ କଟକଣା ମୁକ୍ତ ରଖାଯାଇଛି।

ଏପରି ସମୟରେ ଆମେରିକା ବୈଜ୍ଞାନିକ ହିରେନ ଜେଠୱା ଦିଲ୍ଲୀର ଉପଗ୍ରହ ଚିତ୍ର ସେୟାର କରିଛନ୍ତି। ଗୁରୁବାରର ଏହି ଚିତ୍ରରେ ଦିଲ୍ଲୀ ପ୍ରଦୂଷଣ ବଳୟରେ ଥିବା ଦେଖାଯାଉଛି। ହିରେନଙ୍କ ଫଟୋକୁ ନାସା ପକ୍ଷରୁ ମଧ୍ୟ ସେୟାର କରାଯାଇଛି। ଅନ୍ୟପକ୍ଷରେ ଦିଲ୍ଲୀରେ ଆଜିଠାରୁ ଗ୍ରେଡେଡ ରେସ୍‌ପନ୍ସ ଆକ୍ସନ ପ୍ଲାନ (ଗ୍ରାପ୍-୩) କାର୍ଯ୍ୟକାରୀ ହୋଇଛି। ଏହା ଅଧିନରେ ଦିଲ୍ଲୀ-ଏନ୍‌ସିଆରରେ ନିର୍ମାଣ, ଖନନ ଏବଂ ଭଙ୍ଗାରୁଜା ହୋଇପାରିବ ନାହିଁ। ଦିଲ୍ଲୀ, ଗୁରୁଗ୍ରାମ, ଫରିଦାବାଦ, ଗାଜିଆବାଦ ଏବଂ ଗୌତମବୁଦ୍ଧନଗରରେ ବିଏସ୍-୩ ପେଟ୍ରୋଲ ଏବଂ ବିଏସ-୪ ଡିଜେଲ ଗାଡ଼ି ଚାଲିପାରିବ ନାହିଁ। ଏହା ମଧ୍ୟରେ ଭିଡ଼ରୁ ବର୍ତ୍ତିବା ଲାଗି କେନ୍ଦ୍ର, ଏମ୍‌ସିଡି ଏବଂ ଦିଲ୍ଲୀ ସରକାରୀ କର୍ମଚାରୀଙ୍କ ପାଇଁ ଅଲଗା ଅଲଗା ସମୟ ଧାର୍ଯ୍ୟ କରାଯାଇଛି।

### ଦୋଷ ଢାଙ୍କିବାକୁ...

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଅନେକ ବାର ଏଥିଲାଗି ଅନୁରୋଧ କରିଛନ୍ତି। ଏହା ସତ୍ତ୍ୱେ ଏହାପ୍ରତି କେନ୍ଦ୍ରର ବିଜେପି ସରକାର ଗୁରୁତ୍ୱ ଦେଇନାହିଁ କିମ୍ବା ରାଜ୍ୟର ବିଜେପି ସାଂସଦମାନେ ଏ ସମ୍ପର୍କରେ ଥରଟିଏ ବି ସ୍ୱର ଉତ୍ତୋଳନ କରିନାହାନ୍ତି । ଏବେ ରାଜ୍ୟର ବିଜେପି ସରକାର ମଧ୍ୟ ଅନୁରୂପ ଭାବରେ ଏହି ଅବହେଳାରେ ନିଜକୁ ସାମିଲ କରିଛି।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦାବି ପରେ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟର ଅଧିକାରୀଙ୍କ ଟିମ୍ ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କ ପ୍ରସ୍ତାବ ଅନୁଧ୍ୟାନ କରିଥିଲେ। ପିଭିଟିଜି ପାଇଁ ବଜେଟରେ ବ୍ୟୟବରାଦ କରିବା ଏବଂ ୧୬୦ରୁ ଅଧିକ ଆଦିବାସୀ ସମ୍ପ୍ରଦାୟକୁ ଏସ୍‌ଟି ତାଲିକାରେ ସ୍ଥାନ ଦେବା ପାଇଁ ମଧ୍ୟ ଓଡ଼ିଶାର ଦାବି ସମ୍ପର୍କରେ ଅଧିକାରୀମାନେ ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ ତର୍ଜମା କରିଥିଲେ। ୨୦୧୪ରେ ଟାସ୍କ ଫୋର୍ସକୁ ଓଡ଼ିଶା ଦେଇଥିବା ତଥ୍ୟ ସମ୍ପର୍କରେ ବି ଏହି ବୈଠକରେ ଆଲୋଚନା ହୋଇଥିଲା। କନ୍ଧ କୁମ୍ଭାର, ଝୋଡ଼ିଆ/ଜୋଡିଆ/ଜଡିଆ ଏବଂ ଝଡିଆ, ଚୁକ୍‌ଟି ଭୁଞ୍ଜିଆ, ସଅର, ମାଙ୍କିଡିଆ, ପୋରଜା ଓ ବେରାଙ୍ଗ ଝୋଡିଆ ପାରୋଜା, ଦୁରୁଆ ଏବଂ ପହରିଆ ଭଳି ସମ୍ପ୍ରଦାୟକୁ ଜନଜାତି ମାନ୍ୟତା ଦେବାକୁ ତତ୍କାଳୀନ ରାଜ୍ୟ ସରକାର ଆବଶ୍ୟକ ଦସ୍ତାବିଜ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ୨୦ଟି ଆଦିବାସୀ ସମ୍ପ୍ରଦାୟ ଯଥା ତାମୋଡିଆ ଭୁମିଜ, ତମାଡିଆ ଭୁମିଜ, ତାମୁଣ୍ଡିଆ ଭୁମିଜ, ଜାମୁଳିଆ ଭୁମିଜ, ଜାମୁଡିଆ ଭୁମିଜ, ତାନଲା ଗଉଡ଼, ଦୋରା/ଅନତି ଦୋରା/ଏନାଟି ଦୋରା, ସଅର, କୁଇ (କନ୍ଧ), କଉର, ରାଜୁଆଳ/ରାଜୁଆଡ, କୋନ୍ଧ ରେଡ୍ଡୀ/ କୋନ୍ଧ ରେଡି, ପୁଟିୟା/ପୁଟିଆ/ଦୁଳିଆ/ଧୁଳିଆ/ପୁଟିଆ ପାଇକ/ଧୁଳିଆ ପାଇକ, କଳାଙ୍ଗା, ତମାଡିଆ/ତାମୁଡିଆ, ଭଗତା, ବୁକ୍ତା, ଭୋଗଟା, ନକାସିଆ, ଭଞ୍ଜାପୁରଣଙ୍କ ସମ୍ପର୍କରେ ତଥ୍ୟ ପ୍ରମାଣ ଭିତ୍ତିକ କାଗଜପତ୍ର ମନ୍ତ୍ରାଳୟକୁ ଓଡ଼ିଶା ସରକାର ଦେଇଥିଲେ। ଏହା ସତ୍ତ୍ୱେ ବର୍ଷ ପରେ ବର୍ଷ ବିତିଛି ସିନା ଏହି ସମ୍ପ୍ରଦାୟକୁ ଜନଜାତି ମାନ୍ୟତା ମିଳି ନାହିଁ।

ଅନ୍ୟପକ୍ଷରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର ଆଦିବାସୀମାନଙ୍କର କଲ୍ୟାଣ ଏବଂ ବିକାଶ ଲାଗି ଅନେକ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରିବା ସହ ରାଜ୍ୟର ୯ ଟି ଆଦିବାସୀ ବହୁଳ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଓ ମାଲକାନଗିରିରେ ସ୍ପେଶାଲ ଡେଭଲପମେଣ୍ଟ କାଉନସିଲ (ଏସ୍‌ଡିସି) ପ୍ରତିଷ୍ଠା କରିଥିଲେ। ଏହି ପରିଷଦ ସମୂହରେ ୧୧୭ଟି ବ୍ଲକ୍, ୨୦୨୨ ଗ୍ରାମ ପଞ୍ଚାୟତ, ୧୮୬୮୭ ଗ୍ରାମ ଏବଂ ୧୪.୦୫ ଲକ୍ଷ ଅନୁସୂଚିତ ଜନଜାତିର ଲୋକ ସାମିଲ ହୋଇଥିଲେ। ବିଜେପି ସରକାର ଆସିବା ପରେ ଏହି ସ୍ୱତନ୍ତ୍ର ବିକାଶ ପରିଷଦକୁ ଭାଙ୍ଗି ଦିଆଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ସୁନ୍ଦରଗଡ଼କୁ ପ୍ରତିନିଧିତ୍ୱ କରୁଛନ୍ତି। ଅନ୍ୟତମ ଆଦିବାସୀ ପ୍ରବଣ ଜିଲ୍ଲା କେନ୍ଦୁଝରରୁ ନିର୍ବାଚିତ ହୋଇଛନ୍ତି ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହା ସତ୍ତ୍ୱେ ଓଡିଶାର ଆଦିବାସୀ ଅବହେଳିତ ହେବା ଓ ସେମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ନ ମିଳିବା ବିଡ଼ମ୍ବନା ନୁହେଁ ତ ଆଉ କ'ଣ?

### ମହାବୀର ମରିଗଲା...

ଓ ସୁନ୍ଦରୀକୁ ଅଣାଯାଇଥିଲା। ରାଜ୍ୟରେ ପ୍ରଥମ ଥର ପାଇଁ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକ୍ରିୟାରେ ଏହି ପଦକ୍ଷେପ ନିଆଯାଇଥିଲା। ହେଲେ ଏଠାରେ ଅତି ଚତୁରତାର ସହ ମହାବୀର ବାଘକୁ ଶିକାରୀମାନେ ଲୁହା ତାର ଫାଶରେ ଶିକାର କରିଥିଲେ। ପରବର୍ତ୍ତୀ ସମୟରେ ସୁନ୍ଦରୀ ବାଘୁଣୀ ମଣିଷ ମାରିଥିବା ନେଇ ସ୍ଥାନୀୟ ଲୋକେ ଦାବି କରିବା ସହ ପ୍ରବଳ ଜନଅସନ୍ତୋଷ ଆଗରେ ହାର୍ ମାନି ବନ ବିଭାଗ ଏହି ବାଘକୁ ମଧ୍ୟପ୍ରଦେଶକୁ ଫେରାଇ ଦେବାକୁ ବାଧ୍ୟ ହୋଇଥିଲା। ଏଭଳି ବିଫଳତାପୂର୍ଣ୍ଣ ଘଟଣା ପରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପରେ ରାଜ୍ୟ ବନ ବିଭାଗର ଅପରାଗତା ପଦାରେ ପଡ଼ିଥିଲା। କାରଣ ତତ୍କାଳୀନ ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ମହାବୀରକୁ ଶିକାରୀମାନେ ମାରିଥିବା କଥାକୁ ମାନି ନ ଥିଲେ, କିନ୍ତୁ ଏନ୍‌ଟିସିଏ ତା'ର ଅନୁସନ୍ଧାନରୁ ମହାବୀର ଫାଶରେ ପଡ଼ି ମରିବା ଏବଂ ଟ୍ରାକିଂ ଠିକ୍ ଭାବରେ ହୋଇ ନ ଥିଲା ବୋଲି ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ। ଏମିତି କି ଏହି ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକ୍ରିୟା ଓ ଏହି ପ୍ରକଳ୍ପରେ ଆର୍ଥିକ ଅନିୟମିତତାର ମଧ୍ୟ ଗନ୍ଧ ଉଠିଥିଲା। ସାତକୋଶିଆରେ ବ୍ୟାଘ୍ର ସ୍ଥାନାନ୍ତରଣ ପ୍ରକଳ୍ପ ପାଇଁ ପ୍ରାୟ ୨୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଗୋଟିଏ କାମ ପାଇଁ ମଞ୍ଜୁର ହୋଇଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରିବା କଥା ଖୋଦ୍ ଏନ୍‌ଟିସିଏ ଧରିଥିଲା ଏବଂ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ଏନ୍‌ଟିସିଏ ରିପୋର୍ଟରେ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଅଧିକାରୀମାନଙ୍କୁ ଦାୟୀ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲା। କେବଳ ସେତିକି ନୁହେଁ; ୨୦୦୭ ମସିହାରେ ସାତକୋଶିଆରେ ୧୨ଟି ମହାବଳ ବାଘ ଥିଲେ। କିନ୍ତୁ ୨୦୧୮ ରେ ମଧ୍ୟପ୍ରଦେଶରୁ ୨ଟି ବାଘ ଆଣି ଛାଡ଼ିବା ବେଳକୁ ଏଠାରେ ମାତ୍ର ଗୋଟିଏ ବାଘୁଣୀ ଥିଲା। ପୂର୍ବରୁ ଥିବା ଏତେ ବାଘ ଏଠାରୁ କୁଆଡ଼େ ଗଲେ ବା କିଏ ମାରିଲା ସେଇ କୌଣସି ଘଟଣା ଲୋକଲୋଚନକୁ ଆସିଲା ନାହିଁ।

ଏସବୁ ଭିତରେ ସାତକୋଶିଆକୁ ମଧ୍ୟପ୍ରଦେଶରୁ ମହାବଳ ବାଘ ଅଣାଯିବାକୁ ଇତିମଧ୍ୟରେ ୬ବର୍ଷ ବିତିଯାଇଥିଲେ ହେଁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିଫଳତା ପାଇଁ ଜଣଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ପୁଣିଥରେ ସାତକୋଶିଆକୁ ତା'ର ପୂର୍ବ ଗୌରବ ଫେରାଇବା ପାଇଁ ବନ ବିଭାଗର ପୁନଃପ୍ରୟାସ ପରିବେଶବିତ୍ ଏବଂ ବୁଦ୍ଧିଜୀବୀ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ୱେଷ୍ଟରୁ ବେଷ୍ଟ...

ଇଚ୍ଛାଶକ୍ତି ତାଙ୍କୁ କେବଳ ଆତ୍ମନିର୍ଭରଶୀଳ କରିନାହିଁ; ବରଂ ପ୍ରତ୍ୟେକ ଦିବ୍ୟାଙ୍ଗଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ପିଲାଦିନରୁ ଦିବ୍ୟାଙ୍ଗ ଇପ୍‌ସିତା ନିଜର ପ୍ରତ୍ୟେକ କାର୍ଯ୍ୟ ପାଇଁ ଅନ୍ୟର ସାହାରା ଲୋଡୁଥିଲେ। ଝିଅର ଭବିଷ୍ୟତକୁ ନେଇ ପରିବାର ଲୋକେ ସର୍ବଦା ଚିନ୍ତାରେ ରହୁଥିଲେ। କାରଣ ମାଆବାପାଙ୍କ ସାହାରା ବିନା ସେ ଘରୁ ପଦାକୁ ବାହାରି ପାରନ୍ତି ନାହିଁ। ଝିଅକୁ ଭଲ କରିବାକୁ ପରିବାର ଲୋକେ ବହୁ କଷ୍ଟ କରିଥିଲେ ସୁଦ୍ଧା ସଫଳ ହୋଇ ନ ଥିଲେ। ବହୁ କଷ୍ଟରେ ଗାଁ ସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ଅନୁଗୋଳ ମହିଳା ମହାବିଦ୍ୟାଳୟରେ +୨ ଶ୍ରେଣୀରେ ନାମ ଲେଖାଇଥିଲେ ଇପ୍‌ସିତା। ସେହିଠାରେ ହିଁ ଜୀବନର ମୋଡ଼ ବଦଳାଇବାକୁ ଦୃଢ଼ ନିଷ୍ପତ୍ତି ନେଇ ନିଜ ଗୋଡ଼ରେ ନିଜେ ଛିଡ଼ା ହେବାକୁ ସ୍ଥିର କରିଥିଲେ ଇପ୍‌ସିତା। ସେଠାରେ ଏକା ଏକା ହଷ୍ଟେଲରେ ରହି ନିଜକୁ ଉଭୟ ମାନସିକ ଓ ଶାରୀରିକ ଭାବେ ଶସକ୍ତ ହେବାକୁ ଅଭ୍ୟାସ କଲେ। ୨୦୨୨ ମସିହାରେ ୬୮ ପ୍ରତିଶତ ମାର୍କ ରଖି +୨ ପାସ୍ କରିଥିଲେ। ଆଗକୁ ପଢ଼ିବାର ଇଚ୍ଛା ଥିଲେ ବି ବାପାଙ୍କ ସ୍ୱଳ୍ପ ରୋଜଗାରରେ ସାନ ଭାଇର ପାଠପଢ଼ାରେ ଯେମିତି କୌଣସି ଅସୁବିଧା ନ ହେବ, ସେଥିପାଇଁ ସେ ନିଜ ପାଠପଢ଼ାରେ ଡୋରୀ ବାନ୍ଧିଦେଲେ।

ବାପାଙ୍କୁ ଆର୍ଥିକ କ୍ଷେତ୍ରରେ ସହଯୋଗ କରିବାକୁ ଇପ୍‌ସିତା ଆରମ୍ଭ କଲେ କ୍ରାଫ୍ଟ ଡିଜାଇନ୍। ବିନା ପ୍ରଶିକ୍ଷଣରେ ନିଜ ଘରୁ ବାହାରୁଥିବା ପ୍ଲାଷ୍ଟିକ ବୋତଲ, ଧୂପକାଠି ଖୋଳ, ନଡ଼ିଆ ସଢ଼େଇ, ପଲିଥିନ୍, ଅଦରକାରୀ କାଗଜରୁ ତିଆରି କଲେ ଭଳି କି ଭଳି ଘରସଜା ସାମଗ୍ରୀ। ତାଙ୍କ ହାତ ତିଆରି ଜିନିଷଗୁଡ଼ିକ ବେଶ୍ ମନଲୋଭା ହୋଇଥିଲା ଏବଂ ଏହାକୁ ନେଇ ବ୍ୟବସାୟ କରିବାକୁ ସ୍ଥାନୀୟ ଲୋକେ ତାଙ୍କୁ ଉତ୍ସାହିତ କରିଥିଲେ। ୨ବର୍ଷ ହେବ ଇପ୍‌ସିତା ଜନ୍ମଦିନ, ବିବାହ ବାର୍ଷିକୀ ସମେତ ପର୍ବପର୍ବାଣୀ ଉପଲକ୍ଷେ ଆକର୍ଷଣୀୟ ଉପହାର ତିଆରି କରିବା ଆରମ୍ଭ କରିଛନ୍ତି। ଏଥିପାଇଁ ତାଙ୍କ ନିକଟକୁ ବହୁ ବରାଦ ଆସୁଛି ଏବଂ ସେ ବରାଦ ମୁତାବକ ଜିନିଷ ତିଆରି କରି ଗ୍ରାହକଙ୍କୁ ଯୋଗାଉଛନ୍ତି। ଆଗକୁ ଅନ୍‌ଲାଇନ୍ ମାଧ୍ୟମରେ ତାଙ୍କ ହାତ ତିଆରି ଘରସଜା ସାମଗ୍ରୀ ବିକ୍ରିବଟା କରିବାର ଯୋଜନା ରଖିଥିବା କହନ୍ତି ଇପ୍‌ସିତା। ଅନ୍ୟ ଦିବ୍ୟାଙ୍ଗ ପିଲାଙ୍କୁ ଆତ୍ମନିର୍ଭର କରିବା ପାଇଁ ତାଙ୍କର ଏହି କଳାକୁ ମାଗଣାରେ ପ୍ରଶିକ୍ଷଣ ଦେବାର ମଧ୍ୟ ଇଚ୍ଛା ରହିଥିବା ସେ କହିଛନ୍ତି। ଭୁବନେଶ୍ୱରରେ ଆୟୋଜିତ 'ଅଞ୍ଜଳି' କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା ଇପ୍‌ସିତାଙ୍କ ଏହି ନିଖୁଣ କାରୁକାର୍ଯ୍ୟର ଝଲକ। ତାଙ୍କର ଏହି ସଫଳତାର ରହସ୍ୟ ସଂପର୍କରେ ଇପ୍‌ସିତା କହନ୍ତି, ଜଣେ ଶାରୀରିକ ଭାବେ ସକ୍ଷମ ହେଲେ ଯେ ସଫଳତା ଓ ଆତ୍ମନିର୍ଭରଶୀଳ ହୋଇପାରିବ ତାହା ନୁହେଁ; ବରଂ ସଂଘର୍ଷ ହିଁ ସଫଳତାର ଚାବିକାଠି। ଏହାକୁ ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ଆପଣେଇବା ଉଚିତ।

# ସମ୍ପାଦକୀୟ



ସ୍ୱାଧୀନ ଭାରତର ଅନନ୍ୟ ଉପଲବ୍ଧି ମଧ୍ୟରୁ ମୁକ୍ତ ଗଣମାଧ୍ୟମ ଅନ୍ୟତମ।
-ସବାନା ଆଜ୍‌ମୀ

ସକାଳ THE SAKALA

## ଦିଲ୍ଲୀ ବାୟୁ ପ୍ରଦୂଷଣର ଚେତାବନୀ

ମାତ୍ରାଧିକ ଜୀବାଶ୍ମ ଇନ୍ଧନର ବ୍ୟବହାର, ଅପରିଣାମଦର୍ଶୀ ବିଳାସପୂର୍ଣ୍ଣ ଜୀବନଶୈଳୀ ଓ ଅନିୟନ୍ତ୍ରିତ ନିର୍ମାଣ କାର୍ଯ୍ୟ ଆଦିର ପରାଭବ କ'ଣ ହୋଇପାରେ ତାହା ଗତ କିଛିବର୍ଷ ଧରି ଦିଲ୍ଲୀବାସୀ ଭୋଗୁଛନ୍ତି ଏବଂ ସାରା ଦୁନିଆବାସୀ ଦେଖୁଛନ୍ତି। ରାଜଧାନୀ ଦିଲ୍ଲୀରେ ସାଂଘାତିକ ବାୟୁ ପ୍ରଦୂଷଣ ଘଟଣା ନୂଆ ନୁହେଁ। ବିଶେଷକରି ଶୀତଦିନେ କୁହୁଡ଼ି ଓ ପଡ଼ୋଶୀ ରାଜ୍ୟମାନଙ୍କର ନଡ଼ାପୋଡ଼ି ଜନିତ ଧୂଆଁ ଦେଶର ରାଜଧାନୀର ବାୟୁମଣ୍ଡଳକୁ ଅଧିକ ପ୍ରଦୂଷିତ କରିଦିଏ। ଚଳିତ ବର୍ଷ ମଧ୍ୟ ସେଠାରେ ଏହି ଘଟଣାର ପୁନରାବୃତ୍ତି ଘଟିଛି ଏବଂ ବାୟୁ ପ୍ରଦୂଷଣ ଲଗାତାର ତୃତୀୟଦିନ ପାଇଁ ସଙ୍କଟଜନକ ସ୍ଥିତିକୁ ଚାଲିଯାଇଛି। ପରିବେଶବିତ୍‌ମାନଙ୍କ ମତରେ ଚଳିତ ବର୍ଷ ଦୀପାବଳୀ ଆଗୁଆ ଆସିଥିବାରୁ ଏବଂ ହିମାଳୟ ପର୍ବତମାଳାରୁ ଆସୁଥିବା ପବନର ବେଗ ଅତି ମନ୍ଥର ଥିବାରୁ ଦିଲ୍ଲୀ ଆକାଶ ଉପରେ କୁହୁଡ଼ିର ଚାଦର ଆସ୍ଥାନ ଜମାଇ ବସିଛି। ଏହି ସମୟରେ ଯେଉଁ ବର୍ଷା ହେବା କଥା ତାହାର ମଧ୍ୟ ଦେଖାନାହିଁ। ତେଣୁ ଚଳିତ ବର୍ଷ ପ୍ରଦୂଷଣ ଆଗୁଆ ଅନୁଭୂତ ହୋଇଛି।

ଅପରପକ୍ଷରେ ଗତାନୁଗତିକ ଢଙ୍ଗରେ ପ୍ରଦୂଷଣର ମୁକାବିଲା ପାଇଁ ଦିଲ୍ଲୀ ବାହାରୁ ଆସୁଥିବା ଟ୍ରକ୍ ଓ ସମସ୍ତ ବ୍ୟାବସାୟିକ ଚାରିଚକିଆ ଯାନଗୁଡ଼ିକର ଚଳାଚଳ ଉପରେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କଟକଣା ଜାରି କରାଯାଇଛି। ମହାନଗରରେ ସମସ୍ତ ନିର୍ମାଣ ଓ ଭଙ୍ଗା କାର୍ଯ୍ୟ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପଡ଼ୋଶୀ ପଞ୍ଜାବ ଓ ହରିଆଣାକୁ ନଡ଼ାପୋଡ଼ି ଉପରେ ସାମୟିକ ନିଷେଧାଦେଶ ଜାରି କରିବା ପାଇଁ ଦିଲ୍ଲୀ ସରକାର ଅନୁରୋଧ କରିଛନ୍ତି। ଗତବର୍ଷ ତୁଳନାରେ ବର୍ତ୍ତମାନର ସ୍ଥିତି ଏ ପର୍ଯ୍ୟନ୍ତ ସେତେଟା ଉତ୍କଟଜନକ ସ୍ତରରେ ପହଞ୍ଚି ନଥିଲେ ହେଁ ସଙ୍କଟ ଟଳିନାହିଁ। ଶୀତିଦିନିଆ କୁହୁଡ଼ି ଆହୁରି କିଛି ଦିନ ରାଜତ୍ୱ କରିବାର ସମ୍ଭାବନା ଥିବାରୁ ହୁଏତ ଚଳିତ ବର୍ଷର ଦିଲ୍ଲୀ ବାୟୁ ପ୍ରଦୂଷଣ ନୂଆ ରେକର୍ଡ ସ୍ଥାପନା କରିପାରେ।

ବିଡ଼ମ୍ବନା ହେଉଛି ଘଟଣା ଘଟି ସାରିବା ପରେ ଏପରିକି ସାଂଘାତିକ ହେବା ପରେ ହିଁ ଆମ ଦେଶର ନୀତି ନିର୍ଦ୍ଧାରକମାନଙ୍କର ମୁଣ୍ଡରେ ଚେତା ପଶେ। ଦିଲ୍ଲୀ ବାୟୁ ପ୍ରଦୂଷଣର କାରଣମାନ ମଧ୍ୟ ସମସ୍ତଙ୍କୁ ଜଣାଅଛି। ପ୍ରାୟ ପ୍ରତିବର୍ଷ ଏଭଳି ସ୍ଥିତି ସୃଷ୍ଟି ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଏ ଏବଂ ଶୀତ ଦିନ ଯିବା ପରେ ସମସ୍ତେ ପରିସ୍ଥିତିକୁ ଭୁଲି ଯାଆନ୍ତି। ଏହି ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ପାଇଁ ଦୀର୍ଘକାଳୀନ ଯୋଜନା ନ କରି କେବଳ ତାଳିପକା ବ୍ୟବସ୍ଥା କାମ ଦେବ ନାହିଁ। ସେହିପରି କେବଳ ପଞ୍ଜାବ ଓ ହରିଆଣାର ନଡ଼ାପୋଡ଼ିକୁ ଦିଲ୍ଲୀ ବାୟୁପ୍ରଦୂଷଣର ମୁଖ୍ୟ କାରଣ ବୋଲି ଅଭିଯୋଗ କେବଳ ଆତ୍ମପ୍ରବଞ୍ଚନା ମାତ୍ର। ଏକଦା ଚୀନ୍‌ର ବେଜିଂ ସହର ମଧ୍ୟ ବାୟୁ ପ୍ରଦୂଷଣରେ ସାରା ବିଶ୍ୱରେ କୁଖ୍ୟାତି ଅର୍ଜନ କରିଥିଲା। କିନ୍ତୁ ଦୃଢ଼ ମନୋବଳ, କଡ଼ା ସକାରୀ କଟକଣା ଓ ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କଠୋର କାର୍ଯ୍ୟାନୁଷ୍ଠାନର ନିରନ୍ତର ପ୍ରଭାବରେ ସେହି ସହର ଏବେ କେବଳ ସେହି ଅପଖ୍ୟାତିକୁ ଦୂରେଇ ଦେଇ ନାହିଁ, ବରଂ ଉତ୍ତମ ପ୍ରଦୂଷଣ ପରିଚାଳନାରେ ପ୍ରଶଂସା ସାଉଁଟିଛି। କିନ୍ତୁ ଭାରତରେ ଏଭଳି ରାଜନୈତିକ କିମ୍ବା ପ୍ରଶାସନିକ ତତ୍ପରତା ବିରଳ।

ନିକଟରେ ସମାପ୍ତ ଦୀପାବଳୀର ଉଦାହରଣ ନିଆଯାଇପାରେ। ଦିଲ୍ଲୀର ଉତ୍କଟ ବାୟୁ ପ୍ରଦୂଷଣରେ ଆତସବାଜିର ପ୍ରଭାବ ଆହୁରି ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଥିବାରୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଗତ ଚାରିବର୍ଷ ଧରି ଦିଲ୍ଲୀରେ ଆତସବାଜୀର କିଣାବିକା ଓ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରିଛନ୍ତି। କିନ୍ତୁ ଚଳିତବର୍ଷ ମଧ୍ୟ ଗତବର୍ଷମାନଙ୍କର ପୁନରାବୃତ୍ତି ଘଟିଲା ଏବଂ ସମସ୍ତଙ୍କ ଆଖି ସାମ୍ନାରେ ଖାମଖିଆଲି ଭାବେ ବିପୁଳ ପରିମାଣରେ ବାଣ ଫୁଟିଲା। ପୁଲିସ୍, ପ୍ରଶାସନ, ଖୋଦ୍ ଅଦାଲତ ମଧ୍ୟ କିଂକର୍ତ୍ତବ୍ୟବିମୂଢ଼ ହୋଇ ଦେଖଣାହାରୀ ସାଜିବା ହିଁ ସାର ହେଲା। ଯେଉଁଠାରେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶର ଉଲ୍ଲଙ୍ଘନ ହେଉଛି ଆମେ ଦାୟୀ କରିବା କାହାକୁ? ଆହୁରି ଉଦ୍‌ବେଗଜନକ ଘଟଣା ହେଉଛି ଗତବର୍ଷ ଯେଉଁ ପରିବାରର ପିଲାମାନେ ଗତବର୍ଷ ପ୍ରଦୂଷଣଜନିତ ଉତ୍କଟ ଶ୍ୱାସରୋଗରେ ଆକ୍ରାନ୍ତ ହୋଇ ଡାକ୍ତରଖାନାମାନଙ୍କରେ ଚିକିତ୍ସାଧୀନ ଥିଲେ ସେହି ପରିବାର ଚଳିତ ବର୍ଷ ମଧ୍ୟ ବାଣ ଫୁଟା ନିଶାକୁ ସମ୍ବରଣ କରି ପାରି ନଥିବା ଦିଲ୍ଲୀର ଏକ ସମ୍ବାଦ ସରବରାହ ସଂସ୍ଥାର ରିପୋର୍ଟରେ ପ୍ରକାଶ ପାଇଛି। ସେହିପରି ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ୨୦୨୧ରେ ସଂସଦରେ ନୀତି ନିର୍ଦ୍ଧାରଣ କରାଯାଇଥିଲା। ବିଶେଷକରି ପ୍ରଦୂଷଣ ସୃଷ୍ଟିକାରୀ ଟ୍ରକ୍‌ଗୁଡ଼ିକର ଯାନ୍ତ୍ରିକ ଉନ୍ନତିକରଣ ପାଇଁ ଯୋଜନା ହୋଇଥିଲା ଏବଂ ବିଏସ୍ ୪ ଡିଜେଲ୍ ଇଞ୍ଜିନ ଚାଳିତ ଯାନଗୁଡ଼ିକୁ ରାସ୍ତାରୁ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ ହଟାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨୦୨୪ ସରିବାକୁ ବସିଥିବା ବେଳେ ଏହି ଲକ୍ଷ୍ୟ ଯେ ସୁଦୂର ପରାହତ ତାହା ଉଲ୍ଲେଖ ଅନାବଶ୍ୟକ।

ଦିଲ୍ଲୀର ବାୟୁ ପ୍ରଦୂଷଣ ସମସ୍ୟା ଏବେ ଅନ୍ୟ ରାଜ୍ୟ ପାଇଁ ମଧ୍ୟ ସତର୍କଘଣ୍ଟି ହୋଇଛି। ବେଳ ହୁଁ ନ ଚେତିଲେ ଦେଶର ପ୍ରାୟ ସବୁ ବଡ଼ ବଡ଼ ସହର ଦିଲ୍ଲୀ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି। ବିଗତ ଦିନମାନଙ୍କରେ ବାୟୁର ସ୍ୱଚ୍ଛତା ମାନ ସୂଚକାଙ୍କରେ ମୁମ୍ବାଇ, ବେଙ୍ଗାଲୁରୁ ଏପରିକି ଭୁବନେଶ୍ୱରର ସ୍ଥିତି ଉଦ୍‌ବେଗଜନକ ରହି ଆସୁଛି। ତେଣୁ ଚୋର ଗଲା ପରେ ଯାଇ କବାଟ କିଳିବା ବୁଦ୍ଧି ପରିହାର କରି ଆଗୁଆ ପଦକ୍ଷେପ ନେବାର ସମୟ ଆସିଯାଇଛି।

ବାୟୁ ପ୍ରଦୂଷଣର ସବୁଠାରୁ ବଡ଼ କାରଣ ହେଉଛି ଜୀବାଶ୍ମ ଇନ୍ଧନର ବ୍ୟବହାର। ଉଲ୍ଲେଖ ଅନାବଶ୍ୟକ ଯେ ସର୍ବାଧିକ ପ୍ରଦୂଷଣ ସୃଷ୍ଟିକାରୀ ଏହି ଇନ୍ଧନର ବ୍ୟବହାର ଗାଡ଼ିମୋଟରରେ ସର୍ବାଧିକ। ସାମ୍ପ୍ରତିକ ସମୟରେ ଜନସଂଖ୍ୟା ତୁଳନାରେ ମୋଟର ଯାନର ଅନୁପାତ ବଢ଼ିଚାଲିଛି। ପ୍ରତିଯୋଗିତାପୂର୍ଣ୍ଣ ଚଳଚଞ୍ଚଳ ଜୀବନରେ ମୋଟରଗାଡ଼ି ବ୍ୟବହାର ଏକପ୍ରକାର ଅପରିହାର୍ଯ୍ୟ ହୋଇପଡ଼ିଛି। ଏହି ପୃଷ୍ଠଭୂମିରେ ବ୍ୟକ୍ତି ପିଛା ଗୋଟିଏ ଗାଡ଼ି ବଦଳରେ ଅନେକଙ୍କ ପାଇଁ ଏକ ବା ସାଧାରଣ ପରିବହନ ବ୍ୟବସ୍ଥାର ଅଧିକ ପ୍ରସାର ହେବା ସହିତ ସେଥିପ୍ରତି ଲୋକଙ୍କ ମାନସିକତା ଓ ସଚେତନତା ସୃଷ୍ଟି ହେବା ଆବଶ୍ୟକ। ବିଶେଷକରି ସରକାରୀ ସ୍ତରରେ ଏହି ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁ କରିବା ଦରକାର। ଏହାଛଡ଼ା ବ୍ୟାଟେରି ଚାଳିତ ଇଞ୍ଜିନଯୁକ୍ତ ଗାଡ଼ି ବା ଇ-ଭେହିକଲ୍‌ର ଅଧିକ ପ୍ରଚଳନ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ପ୍ଲାଷ୍ଟିକ୍ ବର୍ଜ୍ୟ ମଧ୍ୟ ଆଉ ଏକ ଗୁରୁତର ସମସ୍ୟା। ଏହା ଯେତେ କମ୍ ହେବ, ଏପରିକି ଆଦୌ ବ୍ୟବହାର କରା ନ ଯିବ ସେଥିପ୍ରତି ପ୍ରଶାସନ କଡ଼ା ଦୃଷ୍ଟି ଦେବା ଆବଶ୍ୟକ। ସର୍ବୋପରି ଏସବୁ କ୍ଷେତ୍ରରେ ଜନସାଧାରଣ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ। କାରଣ ସମସ୍ୟା ସେମାନଙ୍କଠାରୁ ଓ ସେମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ବେଳେ ଏହାର ପରାଭବ ମଧ୍ୟ ସେମାନଙ୍କୁ ହିଁ ଭୋଗିବାକୁ ପଡୁଛି।

## ବିଦ୍ୟୁତ୍ ଦୁରୁପଯୋଗ ଏକ ସାମାଜିକ ଅପରାଧ



**ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା**

ସମଗ୍ର ବିଶ୍ୱରେ ଏବେ ଶକ୍ତିସଂକଟ ଏକ ଗୁରୁତର ସମସ୍ୟା ରୂପେ ମୁଣ୍ଡ ଟେକିଛି। ଦ୍ରୁତ ଶିଳ୍ପାୟନ, ନଗରୀକରଣ, ଯାନବାହନ ସଂଖ୍ୟା ବୃଦ୍ଧି ଏବଂ ଆମ ଆଧୁନିକ ଜୀବନଧାରା ହେତୁ ଏହା ବଢ଼ି ବଢ଼ି ଚାଲିଛି। ଆଗାମୀ ଗୋଟିଏ ଦୁଇଟି ଦଶକ ମଧ୍ୟରେ ତାହା ଅତି ଉତ୍କଟ ରୂପ ନେବ ବୋଲି ଆଶଙ୍କା କରାଯାଏ। ବିଶେଷକରି ଚୀନ୍ ଓ ଭାରତ ଭଳି ଦ୍ରୁତ ବିକାଶଶୀଳ ଦେଶ ଏହାଦ୍ୱାରା ଘୋର ପ୍ରଭାବିତ ହେବେ। ସେଥିପାଇଁ ଏବେ ବିକଳ୍ପ ଶକ୍ତିର ଉତ୍ସମାନଙ୍କ ସନ୍ଧାନ ଓ ବିକାଶ ଚାଲିଛି। କିନ୍ତୁ ସେଗୁଡ଼ିକ ଯଥାଶୀଘ୍ର ପାରମ୍ପରିକ ଉତ୍ସଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କରିବାକୁ ସମର୍ଥ ହେବ ବୋଲି ବିଶ୍ୱାସ ଆସୁନାହିଁ।

ସାଧାରଣ ଭାବେ ପାରମ୍ପରିକ ଶକ୍ତିର ମୁଖ୍ୟ ଉତ୍ସଠାରୁ ଆରମ୍ଭ କରି ଆମ ଦୈନନ୍ଦିନ ଜୀବନ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଶକ୍ତିର ଯେଉଁ ସୁବିଧାଜନକ ରୂପଟି ବ୍ୟବହାର ହୋଇଥାଏ, ତାହା ହେଲା ବିଦ୍ୟୁତ୍। ଯଦିଓ ଜଳବିଦ୍ୟୁତ୍ କେନ୍ଦ୍ର ଓ ପରମାଣୁ ଶକ୍ତି କେନ୍ଦ୍ରରୁ ଏହା କିଛି ମାତ୍ରାରେ ଉତ୍ପାଦନ କରାଯାଉଛି, ତଥାପି ଏହାର ମୁଖ୍ୟ ଉତ୍ସ ହୋଇ ରହିଛି କୋଇଲା ଏବଂ ଖଣିଜ ତୈଳ ଓ ବାଷ୍ପକୁ ଇନ୍ଧନ ରୂପେ ବ୍ୟବହାର କରୁଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର। ଅନ୍ୟପକ୍ଷରେ ଏ ପଦ୍ଧତି ଏତେଟା ଦକ୍ଷ ନୁହେଁ। ଉଦାହରଣ ସ୍ୱରୂପ କୋଇଲାରେ ଗଚ୍ଛିତ ଶକ୍ତିକୁ ଶହେ ପ୍ରତିଶତ ବୋଲି ମନେ କରାଗଲେ ତହିଁରୁ ମାତ୍ର ୩୦-୩୫ ଶତାଂଶ ବିଦ୍ୟୁତ୍ ଶକ୍ତିକୁ ରୂପାନ୍ତରିତ ହୋଇଥାଏ ଏବଂ ୧୫ ରୁ ୨୦ ଶତାଂଶ ଗ୍ରାହକ ନିକଟରେ ପହଞ୍ଚେ। ପୁନଶ୍ଚ ଏହାର ଉତ୍ପାଦନ ପ୍ରକ୍ରିୟା ଅତ୍ୟନ୍ତ ପରିବେଶ ପ୍ରଦୂଷଣକାରୀ। ଅନ୍ୟପକ୍ଷରେ ଜଳବିଦ୍ୟୁତ୍ କେନ୍ଦ୍ର ପାଇଁ ପ୍ରତିଷ୍ଠା କରାଯାଉଥିବା ନଦୀବନ୍ଧ ବା ଆନିକଟ ଯୋଜନା ଅରଣ୍ୟକ୍ଷୟ, ବିସ୍ଥାପନ, ପରିସଂସ୍ଥା ଅବକ୍ଷୟ ଇତ୍ୟାଦି ସହିତ ଭୂମିକମ୍ପର ଆଶଙ୍କା ବୃଦ୍ଧି କରାଯାଉଥିବା ବେଳେ ପରମାଣବିକ ଶକ୍ତି କେନ୍ଦ୍ରମାନଙ୍କଠାରୁ ନିର୍ଗତ ହୁଏ ବିପଜ୍ଜନକ ତେଜଷ୍କ୍ରିୟ ବର୍ଜ୍ୟବସ୍ତୁ। ଏହାବ୍ୟତୀତ ସୌର ଓ ବାୟୁଶକ୍ତି ଏବେ ବି ନିର୍ଭରଯୋଗ୍ୟ ହୋଇପାରିନାହିଁ।

ବର୍ତ୍ତମାନ ସର୍ବାଧିକ ବିଦ୍ୟୁତ୍ ଉତ୍ପାଦନ (୭୫%) କରୁଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରମାନଙ୍କରୁ ନିର୍ଗମନ ଘଟିଥାଏ ବିବିଧ ଭୟଙ୍କର ପ୍ରଦୂଷଣକାରୀ ବାଷ୍ପୀୟ, ତରଳ ଓ କଠିନ ଆବର୍ଜନା। ଉଦାହରଣ ସ୍ୱରୂପ ଆମ ଦେଶରେ ଥିବା ୧୨୧ ଜିଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ସାମର୍ଥ୍ୟ ସମ୍ପନ୍ନ ୧୧୧ଟି କୋଇଲାଭିତ୍ତିକ ବୃହତ୍ ତାପଜ ବିଦ୍ୟୁତ୍ କେନ୍ଦ୍ରମାନଙ୍କରେ ବାର୍ଷିକ ବ୍ୟବହୃତ ହୁଏ ପ୍ରାୟ ୫୫୦ ନିୟୁତ୍ ଟନ୍‌ରୁ ଅଧିକ କୋଇଲା ଏବଂ ଏଗୁଡ଼ିକରୁ ନିର୍ଗତ ହୁଏ ପ୍ରାୟ ୬୦୦ କିଲୋଟନ୍ ବିପଜ୍ଜନକ ୨.୫ ମାଇକ୍ରୋ ମିଟର ବ୍ୟାସ ବିଶିଷ୍ଟ ବାୟୁରେ ଭାସମାନ ସୂକ୍ଷ୍ମ କଠିନ କଣିକା ବା 'ପାର୍ଟିକୁଲେଟ୍ ମାଟର୍', ପ୍ରାୟ ୨୧୦୦ କିଲୋଟନ୍ ସଲ୍‌ଫର ଡାଇଅକ୍‌ସାଇଡ୍, ୨୦୦୦ କିଲୋଟନ୍ ଯବକ୍ଷାରଜାନର ଅକ୍‌ସାଇଡ୍ ସମୂହ, ୧୧୦୦ କିଲୋଟନ୍ କାର୍ବୋନ ମନୋକ୍‌ସାଇଡ୍, ୧୦୦ କିଲୋଟନ୍ ଉଦ୍‌ବାୟୀ ଜୈବ ପଦାର୍ଥ ଏବଂ ୬୬୫ ନିୟୁତ ଟନ୍ ଏକ ନମ୍ବର ଜାଗତିକ ଉଷ୍ଣତା ବୃଦ୍ଧିକାରୀ ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ। ଏହି ଧୂଆଁ ପ୍ରତିବର୍ଷ ପ୍ରାୟ ୧ ଲକ୍ଷ ୧୫ ହଜାର ଲୋକଙ୍କର ଅକାଳମୃତ୍ୟୁର କାରଣ ହୋଇଥାଏ। ଫଳରେ ଅପଚୟ ଘଟିଥାଏ ପ୍ରାୟ ୨୫ ହଜାର କୋଟି ଟଙ୍କାର ମାନବସମ୍ବଳ।

ବିଦ୍ୟୁତ୍ ବିନିଯୋଗ କ୍ଷେତ୍ରରେ ସଂଯମ ଏ ସମସ୍ୟାଗୁଡ଼ିକୁ କିଛି ମାତ୍ରାରେ ଲାଘବ କରିପାରନ୍ତା। କିନ୍ତୁ କ୍ଷୋଭର ବିଷୟ ଯେ ଆମେ ଏଥିପ୍ରତି ଯଥେଷ୍ଟ ସଚେତନ ଥିବାର ମନେହୁଏ ନାହିଁ। ବିଶେଷକରି ସଚେତନ ନାଗରିକ ବୋଲାଉଥିବା ବୁଦ୍ଧିଜୀବୀ ତଥା ସମାଜର ଉଚ୍ଚବର୍ଗର ଲୋକେ ଏ ବିଷୟରେ ଅଧିକ ଅଚେତନ ମନେହୁଅନ୍ତି। ଅତଏବ ସେହିମାନେ ହିଁ ବିଦ୍ୟୁତ୍‌ର ଅଧିକ ଦୁରୁପଯୋଗ କରନ୍ତି। ଏଥିପାଇଁ ବିଲ୍ ଭରଣା କରିବାକୁ କିଛି ଟଙ୍କା ଅଧିକ ଦେବାକୁ ତାଙ୍କର ପରବାୟ ନଥାଏ ଏବଂ ତାହା ଦେଉଥିବାରୁ ଏତଦ୍ୱାରା ସେମାନେ କିଛି ଅନ୍ୟାୟ କରୁଛନ୍ତି ବୋଲି ଭାବନ୍ତି ନାହିଁ। ତେବେ ତାଙ୍କର ବୁଝିବା ଦରକାର ଯେ ଏହା ଏକ ସାମାଜିକ ଅପରାଧ। ଏହା ବେପରୁଆ ଗାଡ଼ି ଚଳାଇ କାହାରିକୁ ମାରିଦେଲା ପରେ କିଛି କ୍ଷତିପୂରଣ ଦେଇ ସେଥିରୁ ଖସିଲା ଭଳି ଅପକର୍ମଟିଏ। ଏହା ଦ୍ୱାରା କେହି ପାପରୁ ମୁକ୍ତ ହୁଏ ନାହିଁ।

କିଛିଦିନ ତଳେ ଆମ ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ନିମ୍ନ ଆୟକାରୀ ପରିବାରମାନଙ୍କରେ (ମାସିକ ଆୟ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ) ଦୈନିକ ବିଜୁଳିବତୀ (୨୦ ୱାଟ୍), ସିଲିଂ ଫ୍ୟାନ୍ (୬୦ ୱାଟ୍) ଏବଂ ଟେଲିଭିଜନ (୧୦୦ ୱାଟ୍) ଯଥାକ୍ରମେ ହାରାହାରି ୨.୫, ୭.୧ ଏବଂ ୨.୦ ଘଣ୍ଟା ବିନା ଉପଯୋଗରେ ଚାଲୁ ରହିଥାଏ। ଅନ୍ୟପକ୍ଷରେ ପରବର୍ତ୍ତୀ ଆୟକାରୀ ବର୍ଗ (୧୫୦୦୦ ରୁ ୨୫୦୦୦ ଟଙ୍କା ପର୍ଯ୍ୟନ୍ତ) ସେହି ଏକା ସମୟ ଏବଂ ମଧ୍ୟମ ଆୟକାରୀବର୍ଗ (୨୫୦୦୦ ରୁ ୪୦୦୦୦ ଟଙ୍କା) ଯଥାକ୍ରମେ ୩.୨, ୨.୭ ଏବଂ ୨.୦ ଘଣ୍ଟା ବିଜୁଳି ଶକ୍ତିର ଦୁରୁପଯୋଗ କରିଥା'ନ୍ତି। ଉଚ୍ଚଆୟକାରୀ ବର୍ଗଙ୍କ (ମାସିକ ୪୦୦୦୦ ଅଧିକ ଟଙ୍କା) ଘରେ ଏହି ବୈଦ୍ୟୁତିକ ଉପକରଣଗୁଡ଼ିକ ଯଥାକ୍ରମେ ୪, ୩ ଏବଂ ୨ ଘଣ୍ଟା ସହିତ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏସି (୧୫୦୦ ରୁ ୧୮୦୦ ୱାଟ୍) ଓ କମ୍ପ୍ୟୁଟର (ପ୍ରାୟ ୧୫୦ ୱାଟ୍) ଦୈନିକ ଯଥାକ୍ରମେ ୨ଘଣ୍ଟା ଓ ୩ ଘଣ୍ଟା ଅଯଥାରେ ଚାଲୁ ରହିଥାଏ। ଧନିକବର୍ଗଙ୍କ ଦ୍ୱାରା ବିଦ୍ୟୁତ୍‌ଶକ୍ତିର ଏପ୍ରକାର ଦୁରୁପଯୋଗ କେବଳ ଅମ ରାଜ୍ୟ ବା ଦେଶ ମଧ୍ୟରେ ସୀମିତ ନୁହେଁ, ସାରା ଦୁନିଆରେ ଏହା ଘଟି ଚାଲିଛି। ସେଇଥିପାଇଁ ବିଶ୍ୱର ମାତ୍ର ୨.୫ ଶତାଂଶ ଲୋକ ବାସ କରୁଥିବା ଧନୀ ଦେଶ ଆମେରିକା ସମସ୍ତ ଶକ୍ତିର ୧୫-୧୬ ଶତାଂଶ ଉପଭୋଗ କରିଥାଏ, ଯାହାର ଅନେକ ଭାଗ ପ୍ରକୃତରେ ଦୁରୁପଯୋଗ ହୋଇଥାଏ।

ବିଦ୍ୟୁତ୍ ଶକ୍ତିର ଏ ପ୍ରକାର ଅପବ୍ୟବହାର ବିଭିନ୍ନ ଦୃଷ୍ଟିରୁ ଏକ ଦୁରୁହ ସାମାଜିକ ଅପରାଧ। ପ୍ରଥମତଃ, ଏହା ଅନେକ ସ୍ଥଳେ ଗ୍ରାହକମାନଙ୍କୁ ସରକାରୀ ପ୍ରୋତ୍ସାହନରେ କମ୍ ଦାମ୍‌ରେ ଯୋଗାଇ ଦିଆଯାଏ। ଏହି ଅର୍ଥ ସାଧାରଣ କରଦାତାଙ୍କଠାରୁ ଆସେ, ଯାହାକି ସମାଜ ପାଇଁ କଲ୍ୟାଣ କାର୍ଯ୍ୟରେ ବିନିଯୋଗ ହେବା ପାଇଁ ଉଦ୍ଦିଷ୍ଟ। ଏ ଦୃଷ୍ଟିରୁ ବିଚାର କଲେ ବିଦ୍ୟୁତ୍ ଶକ୍ତିର ଅପବ୍ୟବହାରକାରୀମାନେ ପରୋକ୍ଷରେ ଜାତୀୟ ସମ୍ପତ୍ତିର ଅପଚୟ ଘଟାଇବା ଅପରାଧରେ ଅପରାଧୀ।

ଦ୍ୱିତୀୟତଃ, ବିଦ୍ୟୁତ୍ ଉତ୍ପାଦନ ଓ ବିତରଣ ପ୍ରକ୍ରିୟା ବହୁଳ ଭାବେ ପ୍ରଦୂଷଣକାରୀ। ପରିବେଶ ଓ ପରିସଂସ୍ଥାଠାରୁ ଆରମ୍ଭ କରି ଏହା କୃଷି, ଜଳସମ୍ପଦ, ଜନସ୍ୱାସ୍ଥ୍ୟ ଓ ମାନବ ସମ୍ବଳ ଉପରେ କ୍ଷୟକାରୀ ପ୍ରଭାବ ପକାଇଥାଏ। ଜାଗତିକ ଉଷ୍ମତା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରକୁ ମଧ୍ୟ ଏହାର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅତଏବ ବିଦ୍ୟୁତ୍‌ର ଦୁରୁପଯୋଗ କେବଳ ବର୍ତ୍ତମାନ ପିଢ଼ି ପାଇଁ ନୁହେଁ, ଆଗାମୀ ପିଢ଼ିମାନଙ୍କ ପାଇଁ ମଧ୍ୟ କ୍ଷତିକାରକ।

ତୃତୀୟତଃ, ଆମ ଦେଶରେ ବିଦ୍ୟୁତ୍ ଆବଶ୍ୟକତା ବାର୍ଷିକ ପ୍ରାୟ ୬/୭ ପ୍ରତିଶତ ହାରରେ ବଢ଼ି ଚାଲିଥିବା ବେଳେ ଏହାର ଉତ୍ପାଦନ ଲାଗି ବ୍ୟବହୃତ କୋଇଲାଭିତ୍ତିକ ପାରମ୍ପରିକ ଇନ୍ଧନର ଉତ୍ସ ଦ୍ରୁତ ନିଃଶେଷ ହେବାରେ ଲାଗିଛି। ବିଶ୍ୱର ଅନ୍ୟାନ୍ୟ ଦେଶମାନେ ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ। ଏଣୁ ବିଦ୍ୟୁତ୍‌ର ଯେତେ ଅପବ୍ୟବହାର କରାଯିବ, ତାହା ସେତେଶୀଘ୍ର ଶେଷ ହୋଇଯିବ ଏବଂ ଶକ୍ତି ସଂକଟ ସେତେ ଅଧିକ ଉଗ୍ର ରୂପ ଧାରଣ କରିବ। ଫଳରେ ଅତ୍ୟାବଶ୍ୟକ କ୍ଷେତ୍ରକୁ ମଧ୍ୟ ତାହା ଯୋଗାଇବା କଷ୍ଟକର ହେବ। ଆମକୁ ମନେ ରଖିବାକୁ ହେବ ଯେ ପ୍ରଗତିର ଧମନୀୟ ରକ୍ତ ହେଲା ଶକ୍ତି ବା ଉର୍ଜା। ଏଣୁ ଏହାର ଦୁରୁପଯୋଗ ଆମ ଅର୍ଥନୀତିକୁ ପ୍ରତ୍ୟକ୍ଷଭାବେ ପ୍ରଭାବିତ କରିବ।

ଶେଷରେ ଆମେ ହୃଦୟଙ୍ଗମ କରିବା ଉଚିତ ଯେ ଆମ ଦେଶର ପ୍ରାୟ ୨୫ ପ୍ରତିଶତ ଲୋକ ବିଦ୍ୟୁତ୍ ବ୍ୟବହାର ସୁଯୋଗରୁ ବଞ୍ଚିତ। ଆମେ ତାହାର ଯେତେ ଦୁରୁପଯୋଗ କରିବା ସେମାନଙ୍କ ପାଖରେ ତାହା ପହଞ୍ଚିବାର ସମ୍ଭାବନା ସେତେ ଦୂରରୁ ଦୂରକୁ ଘୁଞ୍ଚିବ। ଏକ ସନ୍ତୁଳିତ ସମାଜ ପାଇଁ ଏହା ଶୁଭଙ୍କର ନୁହେଁ। ଏ ସମସ୍ତ କଥା ବିଚାରକୁ ନେଇ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଦ୍ୟୁତ୍ ଅପବ୍ୟବହାର କାରୀମାନେ ସଚେତନ ହେବା ଉଚିତ। ବିଦ୍ୟୁତ୍ ବିଲ୍ ପଇଠ କରିଦେଲା ପରେ ସେମାନଙ୍କ ଦାୟିତ୍ୱ ସମ୍ପୂର୍ଣ୍ଣ ହୋଇଗଲା ବୋଲି ଭାବିବା ଆଦୌ ଠିକ୍ ନୁହେଁ। ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ପରିବାରଗୁଡ଼ିକ ସାଧାରଣତଃ ଉଚ୍ଚ ଆୟକାରୀ ବର୍ଗର। ସେମାନେ ଅଧିକ ଶିକ୍ଷିତ, ସଚେତନ ଏବଂ ଦାୟିତ୍ୱବୋଧ ସମ୍ପନ୍ନ। ଏଣୁ ସମାଜ ତାଙ୍କଠାରୁ ଏ ଦିଗରେ ଅଧିକ ସଂଯମ ଓ ସଚେତନତା ଆଶା କରେ। ଏହା ପୂରଣ କରିବା ସେମାନଙ୍କର ନୈତିକ ଦାୟିତ୍ୱ।

ଘରୋଇ ବା କଳକାରଖାନା ବ୍ୟତୀତ ଅନ୍ୟାନ୍ୟ ବହୁ ସମ୍ପୂର୍ଣ୍ଣ ଅନାବଶ୍ୟକ କ୍ଷେତ୍ରରେ ମଧ୍ୟ ବିଦ୍ୟୁତ୍‌ର ଅପବ୍ୟବହାର କରାଯାଉଛି। ଏବେ ଚାରିଆଡ଼େ ଚାଲିଥିବା ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏହା ଦିନରେ କରାଯାଇପାରନ୍ତା। ସେହିପରି ବହୁ ତଥାକଥିତ ସାଂସ୍କୃତିକ/ମନୋରଞ୍ଜନ କାର୍ଯ୍ୟକ୍ରମରେ ଅନାବଶ୍ୟକ ଭାବେ ବିଦ୍ୟୁତ୍‌ର ଘୋର ଅପବ୍ୟବହାର କରାଯାଉଛି। ଏହାର ବିରୋଧ କରିବା ପ୍ରତ୍ୟେକ ସଚେତନ ନାଗରିକର ସାମାଜିକ କର୍ତ୍ତବ୍ୟ।

**ଭୁବନେଶ୍ୱର, ମୋ: ୯୯୩୭୩୦୧୪୬୦**

## କୋପ୍-୨୯ରେ ପରମାଣୁ ଶକ୍ତି ପ୍ରସ୍ତାବ



**ଇଂ ମାୟାଧର ସ୍ୱାଇଁ**

ବର୍ତ୍ତମାନର ସବୁଠାରୁ ବଡ଼ ପାରିବେଶିକ ସମସ୍ୟା ହେଉଛି ଜାଗତିକ ଉଷ୍ମତା ବୃଦ୍ଧି ଏବଂ ତତ୍‌ଜନିତ ଜଳବାୟୁ ପରିବର୍ତ୍ତନ। ଅନ୍ତର୍ଜାତୀୟ ସ୍ତରରେ ଅନେକ ଆଲୋଚନା ଓ ବିମର୍ଶ ପରେ ୨୦୧୫ ମସିହାରେ ପ୍ୟାରିସ୍‌ଠାରେ ଅନୁଷ୍ଠିତ ଜଳବାୟୁ ସମ୍ମିଳନୀରେ ଏକ ନିର୍ଦ୍ଧାରଣାତ୍ମକ ନିଷ୍ପତ୍ତି ନିଆଯାଇଥିଲା, ଯାହା 'ପ୍ୟାରିସ୍ ରାଜିନାମା' ନାମରେ ଜଣା। ଏଠାରେ ଏହି ଶତାବ୍ଦୀର ଶେଷ ସୁଦ୍ଧା ପୃଥିବୀର ଉଷ୍ମତା ବୃଦ୍ଧିକୁ ଶିଳ୍ପ ସଭ୍ୟତା ଆରମ୍ଭ ସମୟ ତୁଳନାରେ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବା ପାଇଁ ସ୍ଥିର କରାଗଲା ଏବଂ ପ୍ରତ୍ୟେକ ଦେଶ ସେହି ଲକ୍ଷ୍ୟ ନେଇ କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ଘୋଷଣା କରିଛନ୍ତି। ଏହାପରେ ଅନ୍ୟ ଏକ ଅଧିବେଶନରେ ୨୦୫୦ ମସିହା ସୁଦ୍ଧା ନେଟ୍ ଶୂନ ଉତ୍ସର୍ଜନ ହାସଲ କରିବା ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଛି। ବିଭିନ୍ନ ଉତ୍ସରୁ ବାୟୁମଣ୍ଡଳକୁ ଯେତିକି ପରିମାଣର କାର୍ବନ ନିର୍ଗତ ହୁଏ, ଯଦି ସେହି ପରିମାଣର କାର୍ବନ ପ୍ରାକୃତିକ ଉପାୟରେ ଅବଶୋଷିତ ହୁଏ, ତାହାହେଲେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ଆଉ ବୃଦ୍ଧି ପାଇବ ନାହିଁ। ଏହା ହେଉଛି ନେଟ୍ ଜିରୋ ବା ଶୂନ ଉତ୍ସର୍ଜନ।

ପ୍ରତିବର୍ଷ ପୃଥିବୀର ସମସ୍ତ ଦେଶ ଗୋଟିଏ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା କରି ଏହାର ନିରାକରଣ ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରିଥା'ନ୍ତି। ଏହା ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କୋପ୍) ଆନୁକୂଲ୍ୟରେ ଅନୁଷ୍ଠିତ ହେଉଛି। ଗତବର୍ଷ ଦୁବାଇଠାରେ ଏହା ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ(କୋପ୍-୨୯) ଆଜରବାଇଜନର ରାଜଧାନୀ 'ବାକୁ'ଠାରେ ନଭେମ୍ବର ୧୧ ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ବିଭିନ୍ନ ଦେଶର ସରକାରୀ ପ୍ରତିନିଧି, ଜଳବାୟୁ ବୈଜ୍ଞାନିକ, ଅଣ-ସରକାରୀ ସଂଗଠନର ସଭ୍ୟ ପ୍ରମୁଖ ଭାଗ ନେଉଛନ୍ତି।

କାର୍ବନ ଉତ୍ସର୍ଜନର ଏକ ବଡ଼ ଭାଗ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ହୋଇଥାଏ। ଏଣୁ ତାପଜ ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନକୁ କ୍ରମଶଃ ହ୍ରାସ କରି ଅଧିକ ପରିମାଣରେ ଅଣ-ଜୀବାଶ୍ମ ଉତ୍ସରୁ ବିଦ୍ୟୁତ୍ ଉତ୍ପାଦନ ପାଇଁ ଗୁରୁତ୍ୱ ଦିଆଯାଉଛି। ଦୁଇଟି ପ୍ରମୁଖ ଅଣ-ଜୀବାଶ୍ମ ଓ ଅକ୍ଷୟ ଶକ୍ତି ଉତ୍ସ ହେଉଛି ପବନ ଶକ୍ତି ଓ ସୌର ଶକ୍ତି। କିନ୍ତୁ ଏହି ଦୁଇ ଉତ୍ସ ପ୍ରକୃତି ଉପରେ ନିର୍ଭରଶୀଳ କରିଥାଏ ଏବଂ ସମସ୍ତ ତାପଜ ବିଦ୍ୟୁତ୍ ଉତ୍ପାଦନକୁ ଏହା ପରିପୂରଣ କରିପାରିବା ସମ୍ଭବ ନୁହେଁ। ଅନ୍ୟ ଏକ ବିକଳ୍ପ ଅଣ-ଜୀବାଶ୍ମ ଉତ୍ସ ହେଉଛି ପରମାଣୁ ଶକ୍ତି।

ପରମାଣୁ ବିଭାଜନ ପ୍ରକ୍ରିୟାରେ ଅଳ୍ପ ପରିମାଣର ୟୁରାନିୟମରୁ ଅଧିକ ପରିମାଣର ବିଦ୍ୟୁତ୍ ଉତ୍ପାଦିତ ହୋଇପାରୁଛି। ଏଣୁ 'ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା' (ଆଇଏଇଏ) ପରମାଣୁ ବିଦ୍ୟୁତ୍ ଶକ୍ତିର ବହୁଳ ବ୍ୟବହାର ପାଇଁ 'କପ୍-୨୯'କୁ ଏକ ପ୍ରସ୍ତାବ ଦେଇଛି। ଏହାର ମହାନିର୍ଦ୍ଦେଶକ ରାଫେଲ ମେରିଆନୋ ଗ୍ରୋସି ନିଜେ ସମ୍ମିଳନୀରେ ଉପସ୍ଥିତ ରହି ଏହି ପ୍ରସ୍ତାବ ଆଗତ କରିଛନ୍ତି। ସେ ଦୃଢ଼ ଭାବରେ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନର ପ୍ରତିକାର ପାଇଁ ପରମାଣୁ ଶକ୍ତି ହେଉଛି ଏକ ଉତ୍ତମ ବିକଳ୍ପ। ବାକୁ ର ପାଭିଲିୟନ୍‌ରେ ପରମାଣୁ ବ୍ୟବହାର ପ୍ରଦର୍ଶନ ସହିତ ଏହାର ଅଭିଜ୍ଞ ଇଞ୍ଜିନିୟର ଓ ବୈଜ୍ଞାନିକମାନେ ନେଟ୍-ଜିରୋ ଉତ୍ସର୍ଜନ ପାଇଁ ପରମାଣୁ ବିଦ୍ୟୁତ୍‌ର ଅବଦାନକୁ ବୁଝାଉଛନ୍ତି। 'କୋପ୍-୨୮'ରେ ନେଟ୍-ଜିରୋ ପାଇଁ ପରମାଣୁ ଶକ୍ତିର ଉପଯୋଗିତା ପାଇଁ ବିଭିନ୍ନ ରାଷ୍ଟ୍ରର ନେତାମାନେ ସହମତ ହୋଇଥିଲେ। ଏଣୁ କୋପ୍ ୨୯ରେ ଏଥିପାଇଁ ଏକ ବିଧିବଦ୍ଧ ନିଷ୍ପତ୍ତି ଓ ଘୋଷଣା ପାଇଁ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ପ୍ରସ୍ତାବ ଦେଇଛି। ଯେଉଁ ଦେଶରେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ନାହିଁ କିମ୍ବା ସେମାନଙ୍କ ପାଖରେ ଏହାର ପ୍ରଯୁକ୍ତିବିଦ୍ୟା ନାହିଁ, ସେହି ଦେଶଗୁଡ଼ିକରେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନରେ ସାହାଯ୍ୟ କରିବା ପାଇଁ ଏହା ମଧ୍ୟ ଘୋଷଣା କରିଛି।

ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ଚଳିତ ବର୍ଷ ମାର୍ଚ୍ଚ ମାସରେ ବେଲଜିୟମ ସରକାରଙ୍କ ସହିତ ମିଶି ସେଠାକାର ବ୍ରସେଲ୍‌ସଠାରେ ପ୍ରଥମ 'ଆଣବିକ ଶକ୍ତି ସମ୍ମିଳନୀ' ଆୟୋଜନ କରିଥିଲା। ଏଥିରେ ତିରିଶରୁ ଅଧିକ ଦେଶର ନେତା ଏକାଠି ହୋଇ ଜଳବାୟୁ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ପରମାଣୁ ବିଦ୍ୟୁତ୍ ଉପରେ ପୁଞ୍ଜି ନିବେଶ କରିବା ପାଇଁ ନିଷ୍ପତ୍ତି କରିଥିଲେ। 'କୋପ୍ ୨୯'ରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା ପ୍ରସ୍ତାବ ଦେଇଛି ଯେ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ପାଇଁ ଅନ୍ତର୍ଜାତୀୟ ସ୍ତରରେ ପୁଞ୍ଜି ବିନିଯୋଗ ହେବା ଦରକାର।

୧୯୫୧ ମସିହାରେ ପୃଥିବୀର ପ୍ରଥମ ପରମାଣୁ ବିଦ୍ୟୁତ୍ କେନ୍ଦ୍ର ସ୍ଥାପିତ ହୋଇଥିଲା। ଫଳରେ ଆମ ପାଖରେ ଏହି ପ୍ରଯୁକ୍ତିବିଦ୍ୟାର ୭୫ ବର୍ଷର ଅଭିଜ୍ଞତା ଅଛି। ବର୍ତ୍ତମାନ ସମଗ୍ର ପୃଥିବୀରେ ତିରିଶଟି ଦେଶରେ ୪୪୦ଟି ପରମାଣୁ ରିଆକ୍ଟର କାର୍ଯ୍ୟ କରୁଛି ଏବଂ ଏଗୁଡ଼ିକର ମିଳିତ ପ୍ରତିଷ୍ଠିତ କ୍ଷମତା ହେଉଛି ୩, ୯୧, ୭୦୦ ମେଗାୱାଟ୍। ଏହା ହେଉଛି ପୃଥିବୀର ମୋଟ୍ ବିଦ୍ୟୁତ୍ ଉତ୍ପାଦନ କ୍ଷମତାର ପ୍ରାୟ ୨୦ ପ୍ରତିଶତ। ସୂଚନାଯୋଗ୍ୟ ଯେ ମୋଟ୍ ବିଦ୍ୟୁତ୍ ଉତ୍ପାଦନର ପ୍ରାୟ ୬୦ ପ୍ରତିଶତ ହେଉଛି ତାପଜ ବିଦ୍ୟୁତ୍। ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ପ୍ରତିକାର ନିମିତ୍ତ ଏହାକୁ ହ୍ରାସ କରାଯିବା ଆବଶ୍ୟକ। ପରମାଣୁ ଶକ୍ତିର ଅଗ୍ରଗତି ପାଇଁ 'କ୍ଷୁଦ୍ର ପରମାଣୁ ରିଆକ୍ଟର' ବିକାଶ କରାଯାଇଛି, ଯାହାର କ୍ଷମତା ୨୦୦ ମେଗାୱାଟ୍ ମଧ୍ୟରେ ହୋଇଥାଏ ଏବଂ ଏହାର ନିର୍ମାଣ ସମୟ ବହୁତ କମ୍ ହୋଇଥାଏ। ମୋଟ୍ ଉପରେ ଦେଖିଲେ ପୃଥିବୀର ଶକ୍ତି ଚାହିଦା ପୂରଣ କରିବା ସଂଗେ ସଂଗେ ପରିବେଶକୁ ସୁସ୍ଥ ରଖିବା ପାଇଁ ପରମାଣୁ ଶକ୍ତିର ଅଧିକ ବ୍ୟବହାର ନିହାତି ଆବଶ୍ୟକ।

**ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪**

## ଜାତୀୟ ପ୍ରେସ ଦିବସର ଅନୁଚିନ୍ତା

**କେଶବ ଚନ୍ଦ୍ର ନାୟକ**

୧୯୯୭ ମସିହାରୁ ନଭେମ୍ବର ୧୬ ତାରିଖକୁ ପ୍ରତିବର୍ଷ ଆମେ 'ଜାତୀୟ ପ୍ରେସ ଦିବସ' ଭାବେ ଭାରତରେ ପାଳନ କରି ଆସୁଛୁ। ସ୍ୱାଧୀନ ଭାରତର ପ୍ରଥମ ପ୍ରେସ କମିଶନଙ୍କ ୧୯୫୬ ସୁପାରିସ ଅନୁଯାୟୀ ପ୍ରେସ କାଉନ୍‌ସିଲ୍ ଆଇନ୍ ୧୯୬୫ ପ୍ରଣୀତ ହୋଇଥିଲା। ଜରୁରୀ ପରିସ୍ଥିତି ସମୟରେ ଏହାର ସ୍ୱାଧୀନତା ଉପରେ ଅଙ୍କୁଶ ଲାଗିଥିଲା ଏବଂ ପୁନର୍ବାର ୧୯୭୯ ମାର୍ଚ୍ଚ ପହିଲାରୁ ନୂତନ ପ୍ରେସ କାଉନସିଲ ଗଠନ ହୋଇ ଅଦ୍ୟାବଧି ଚାଲିଆସୁଛି। ଜଷ୍ଟିସ୍ ଜେ.ଆର.ମୁଧୋଲକର ଥିଲେ ଏହାର ପ୍ରଥମ ଅଧ୍ୟକ୍ଷ। ପ୍ରେସ୍ କାଉନସିଲର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗଣମାଧ୍ୟମର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ଓ ପ୍ରକାଶିତ ଖବରର ଗୁଣାତ୍ମକ ମାନର ସୁରକ୍ଷା କରିବା।

ଇଷ୍ଟ ଇଣ୍ଡିଆ ଶାସନ କାଳରେ ଚାକିରିରୁ ଇସ୍ତଫା ଦେଇ ୧୭୮୦ ମସିହାରେ ଜେମସ୍ ଅଗଷ୍ଟସ୍ ଜାନୁୟାରୀ ୨୯ ତାରିଖରେ ପ୍ରଥମେ 'ବେଙ୍ଗଲ ଗେଜେଟ୍' ସମ୍ବାଦପତ୍ର ପ୍ରକାଶ କରିଥିଲେ। କମ୍ପାନୀର ପ୍ରିୟାପ୍ରୀତି ତୋଷଣ, ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ୧୮୩୮ ମସିହାରେ ରେଭରେଣ୍ଡ ଲେସି ନାମକ ଜଣେ ଇଂରେଜୀ ପାଦ୍ରୀଙ୍କ ଉଦ୍ୟମରେ ଓଡ଼ିଶାରେ ପ୍ରଥମ ହସ୍ତଚାଳିତ ମୁଦ୍ରଣ ଯନ୍ତ୍ର ପ୍ରଚଳନ ହେଲା। ଏହାକୁ 'ମିଶନପ୍ରେସ୍' ନାମକରଣ କରାଗଲା। ୧୮୪୯ ମସିହାରେ ପ୍ରଥମ ଓଡ଼ିଆ ପତ୍ରିକା 'ଜ୍ଞାନରୁଣ' ତାଙ୍କର ଉଦ୍ୟମରେ ପ୍ରକାଶ ପାଇଲା। ୧୮୫୬ରେ ଅନ୍ୟ ଏକ ପତ୍ରିକା 'ପ୍ରବୋଧଚନ୍ଦ୍ରିକା' ପ୍ରକାଶିତ ହେଲା। ୧୮୬୬ ମସିହାରେ ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଭାବେ ପଣ୍ଡିତ ଗୌରୀଶଙ୍କର ରାୟଙ୍କ ସମ୍ପାଦନାରେ ସାପ୍ତାହିକ 'ଉତ୍କଳ ଦୀପିକା' ଅବିସ୍ମରଣୀୟ। ୧୮୬୮ରେ ବାଲେଶ୍ୱରରୁ 'ସମ୍ବାଦବାହିକା', ୧୮୭୯ରେ 'ଉତ୍କଳ ହିତୈଷିଣୀ' ୧୮୮୯ରେ 'ସମ୍ବଲପୁର ହିତୈଷିଣୀ' ଆଦି ସମ୍ବାଦପତ୍ର ପ୍ରକାଶ ପାଇଲା। ବ୍ରହ୍ମପୁରରୁ ଶଶିଭୂଷଣ ରଥଙ୍କ ସମ୍ପାଦନାରେ ୧୩ ଏପ୍ରିଲ୍ ୧୯୧୩ରେ ସାପ୍ତାହିକ 'ଆଶା' ପ୍ରକାଶ ପାଇଲା ପରେ ୧୯୨୮ ଏପ୍ରିଲ୍ ୧୩ ତାରିଖରେ ଦୈନିକ ହେଲା। ୧୯୧୯ ରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରଚେଷ୍ଟାରେ ସାପ୍ତାହିକ 'ସମାଜ' ପ୍ରକାଶିତ ହେଲା, ଯାହା ୧୯୩୦ ମସିହାରେ ଦୈନିକ ହେଲା। ପରବର୍ତ୍ତୀ ସମୟରେ ଏପରି ଅନେକ ଦୈନିକ, ସାପ୍ତାହିକ, ପାକ୍ଷିକ ଓ ମାସିକ ସମ୍ବାଦପତ୍ର/ପତ୍ରିକା ପ୍ରକାଶିତ ହୋଇ ଓଡ଼ିଆ ଗଣମାଧ୍ୟମକୁ ଋଦ୍ଧିମନ୍ତ କରିଛି। ବର୍ତ୍ତମାନ ଓଡ଼ିଶାରୁ ୧୦୭ ଗୋଟି ଦୈନିକ ସମ୍ବାଦପତ୍ର ପ୍ରକାଶ ପାଉଥିବା ବେଳେ ୨୭୪ଟି ସାପ୍ତାହିକ ପ୍ରକାଶ ପାଉଛି।

ଓଡ଼ିଶାରେ ଆକାଶ ବାଣୀ ୧୯୪୮ରେ କଟକଠାରେ ପ୍ରତିଷ୍ଠା ହେଲା। ୧୯୬୨ରେ ବିବିଧ ଭାରତୀ, ୧୯୭୫ରେ କମର୍ସିଆଲ ବ୍ରଡ୍‌କାଷ୍ଟିଂ ମାନ୍ୟତା ପାଇ ଏବେ ଓଡ଼ିଶାରେ ୧୧ ଗୋଟି ଆକାଶ ବାଣୀ କେନ୍ଦ୍ର ରହିଛି। ସେଗୁଡ଼ିକ ହେଲା କଟକ, ଜୟପୁର, ସମ୍ବଲପୁର, ଭବାନୀପାଟଣା, ବାରିପଦା, କେଉଁଝର, ରାଉରକେଲା, ବଲାଙ୍ଗିର, ବାଲେଶ୍ୱର, ବ୍ରହ୍ମପୁର ଓ ପୁରୀ। ସେହିପରି ଓଡ଼ିଶାରେ ୧୯୮୨ରେ ସରକାରଙ୍କ ଉଦ୍ୟମରେ ଦୂରଦର୍ଶନ ପ୍ରସାରଣ କରାଗଲା। ଏହାପରେ ବିଭିନ୍ନ ଘରୋଇ ସଂସ୍ଥାଙ୍କ ଉଦ୍ୟମରେ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାମାନ ପ୍ରତିଷ୍ଠିତ ହୋଇଛି। ମୁଦ୍ରିତ ଗଣମାଧ୍ୟମ ଭଳି ବୈଦ୍ୟୁତିକ ଗଣମାଧ୍ୟମର ଭୂମିକା କିଛି କମ୍ ନୁହେଁ। ପ୍ରତିଯୋଗିତା ମୂଳକ ଭାବେ ଜନସାଧାରଣଙ୍କୁ ତାଜା ସମ୍ବାଦ ଯୋଗାଇ ଦେଇ ଆସୁଛନ୍ତି।

ଅନ୍ୟକୁ ଆଲୋକ ଦେଖାଇ ଆସୁଥିବା ସାମ୍ବାଦିକମାନେ ଅନେକାଂଶରେ ଅବହେଳିତ ବୋଲି ଅଭିଯୋଗ ହେଉଛି। ସେମାନଙ୍କ ଭବିଷ୍ୟତର ସାମାଜିକ ଓ ଆର୍ଥିକ ସୁରକ୍ଷା ଚିନ୍ତା ହିଁ ଆଜିର ଅନୁଚିନ୍ତା।

**(ସଭାପତି, ଉତ୍କଳ ସାହିତ୍ୟ ସଂସଦ)**
**ମାଲକାନଗିରି, ମୋ: ୯୪୩୭୭୭୯୪୪୭**

ଯୋଗାଯୋଗ ଠିକଣା
NEWS & INFO: news@thesakala.com
CIRCULATION: circulation@thesakala.com
ADVERTISEMENT: advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୮ ଘଣ୍ଟାର ଡିଜିଟାଲ ଆରେଷ୍ଟ; ଲୁଟିନେଲେ ୧୦ କୋଟି



ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ଦେଶରେ ସାଇବର ଠକେଇ ମାମଲା ବଢ଼ିବାରେ ଲାଗିଛି। ଏହା ଠକେଇର ବଳିଷ୍ଠ ମାଧ୍ୟମ ପାଲଟି ଯାଇଛି।ଠକ ଏହାକୁ ମାଧ୍ୟମ କରି ସର୍ବସ୍ୱ ଲୁଟି ନେଉଛନ୍ତି। ରାଜଧାନୀ ଦିଲ୍ଲୀର ରୋହିଣୀ ଅଞ୍ଚଳର ସେକ୍ଟର-୧୦ରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ଜଣେ ୭୨ ବର୍ଷୀୟ ଅବସରପ୍ରାପ୍ତ ଇଞ୍ଜିନିୟର ଡିଜିଟାଲ ଆରେଷ୍ଟର ଶିକାର ହୋଇଛନ୍ତି। ସାଇବର ଠକ ଏହି ବୃଦ୍ଧଙ୍କୁ ୮ ଘଣ୍ଟା କାଳ ଡିଜିଟାଲ ଆରେଷ୍ଟ ନାଁରେ ଅଟକ ରଖିଥିଲେ। ଏହି ସମୟରେ ୧୦ କୋଟି ଟଙ୍କା ଲୁଟି ନେଇଥିଲେ। ସୂଚନା ଅନୁଯାୟୀ ଅବସରପ୍ରାପ୍ତ ଇଞ୍ଜିନିୟରଙ୍କୁ ନିଜ ଘରେ ଡିଜିଟାଲ ଆରେଷ୍ଟ କରି ଠକେଇ କରିଛନ୍ତି। ଏବେ ଦିଲ୍ଲୀ ପୁଲିସର ସାଇବର ସେଲ ଏତଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଛି। ତଦନ୍ତ ସମୟରେ ୧୦ କୋଟିରୁ ପ୍ରାୟ ୬୦ ଲକ୍ଷ ଟଙ୍କା ଜବତ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ ଠକେଇ ବିଦେଶରୁ ସାଇବର କଲ ବୃଦ୍ଧଙ୍କୁ ଫୋନ କରିଥିଲେ। ମାତ୍ର ଭାରତରେ ଥିବା ତାଙ୍କ ସହଯୋଗୀ ତାଙ୍କୁ ସୂଚନା ଦେଇଥିଲେ। ତାଇୱାନରୁ ଆସିଥିବା ପାର୍ସଲ ନାଁରେ ବୃଦ୍ଧଙ୍କୁ କଲ ଆସିଥିଲା। ଏହି ପାର୍ସଲକୁ ମୁମ୍ବଇ ବିମାନବନ୍ଦରରେ ଜବତ କରାଯାଇଥିବା କୁହାଯାଇଥିଲା। ଏଥିରୁ ନିଷିଦ୍ଧ ନିଶାଦ୍ରବ୍ୟ ମିଳିଛି। ପରେ ବୃଦ୍ଧଙ୍କୁ ଡିଜିଟାଲ ଆରେଷ୍ଟ କରାଯାଇଥିଲା। ମାମଲାରୁ ମୁକୁଳାଇବା ପାଇଁ ଟଙ୍କା ପଠାଇବାକୁ କୁହାଯାଇଥିଲା। ବିଭିନ୍ନ ଆକାଉଣ୍ଟକୁ ୧୦.୩ କୋଟି ଟଙ୍କା ପଠାଇବାରୁ ବୃଦ୍ଧଙ୍କୁ ଛଡ଼ା ଯାଇଥିଲା।

ପରବର୍ତ୍ତୀ ସମୟରେ ସେ ପରିବାର ସଦସ୍ୟଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଏ ନେଇ ଅକ୍ଟୋବର ପ୍ରଥମ ସପ୍ତାହରେ ପୁଲିସକୁ ଅଭିଯୋଗ କରାଯାଇଥିଲା। ଅଭିଯୁକ୍ତ ଜାଣିବାକୁ ପାଇଥିଲେ ଯେ ବୃଦ୍ଧଙ୍କ ପୁଅ ଦୁବାଇରେ ଓ ଝିଅ ସିଙ୍ଗାପୁରରେ କାମ କରୁଥିଲେ। ଏଥିପାଇଁ ସେମାନଙ୍କ ନାଁରେ ମଧ୍ୟ ବୃଦ୍ଧଙ୍କୁ ଧମକ ଦେଇଥିଲେ।

### ୱାଏନାଡ଼ ଭୂସ୍ଖଳନ

## ଜାତୀୟ ବିପର୍ଯ୍ୟୟ ଘୋଷଣାକୁ କେନ୍ଦ୍ରର ନା

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ୱାଏନାଡ଼ ଭୂସ୍ଖଳନକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବାକୁ କେନ୍ଦ୍ର ସରକାର ମନା କରିଦେଇଛନ୍ତି। ଏହାକୁ ନେଇ ଗତ ୧୦ ତାରିଖରେ କେନ୍ଦ୍ର ଗୃହରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କେରଳ ସରକାରଙ୍କୁ ଚିଠି ଲେଖିଥିଲେ। ଚିଠିରେ କୁହାଯାଇଥିଲା ଯେ ଏସ୍‌ଡିଆରଏଫ୍-ଏନ୍‌ଡିଆରଏଫ୍‌ର ବର୍ତ୍ତମାନର ମାର୍ଗଦର୍ଶିକା ଅନୁଯାୟୀ କୌଣସି ବିପର୍ଯ୍ୟୟକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରାଯାଇପାରିବ ନାହିଁ। କାରଣ ଏଥିରେ ଏ ନେଇ କୌଣସି ନିୟମ ନାହିଁ। ଏହା ପୂର୍ବରୁ ଅଗଷ୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖା ଯାଇ ଜାତୀୟ ବିପର୍ଯ୍ୟୟ ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏବେ କେନ୍ଦ୍ରର ଏହି ନିଷ୍ପତ୍ତିକୁ ୱାଏନାଡ଼ର କଂଗ୍ରେସ ସାଂସଦ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବିରୋଧ କରିଛନ୍ତି। କେନ୍ଦ୍ର ଅନ୍ୟାୟ କରୁଥିବା ଅଭିଯୋଗ ଲଗାଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୯ ରାତିରେ ହୋଇଥିବା ଏହି ଭୂସ୍ଖଳନରେ ୪୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ୬ ବନ୍ଧୁଙ୍କ ମୃତ୍ୟୁ



ଡେରାଡୁନ, ୧୫।୧୧ (ଏଜେନ୍ସି): ଉତ୍ତରାଖଣ୍ଡ ଡେରାଡୁନରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ୭ ବନ୍ଧୁ ଆସୁଥିବା ଏକ କାର୍ ଟ୍ରକକୁ ଧକ୍କା ଦେଇଥିଲା। ଏଥିରେ ୬ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ। ନଭେମ୍ବର ୧୨ରେ ଏହି ଘଟଣା ଘଟିଥିବା ବେଳେ ଏବେ ଏହାର ସମ୍ପୂର୍ଣ୍ଣ ବିବରଣୀ ଶୁକ୍ରବାର ସାମ୍ନାକୁ ଆସିଛି।ସୂଚନା ଅନୁଯାୟୀ ୭ ବନ୍ଧୁ ଏକ ପାର୍ଟିରେ ସାମିଲ ହୋଇ ଫେରୁଥିବାବେଳେ ରାତି ୧ଟା ୩୦ମିନିଟରେ ଏନଜିସି ଛକରେ ଏହି ଦୁର୍ଘଟଣା ଘଟଥିଲା। ବେଗ ଅଧିକ ଥିବାରୁ ଗାଡ଼ି ଚଳାଉଥିବା ଯୁବକ ନିୟନ୍ତ୍ରଣ ହରାଇଥିଲେ। ଏହାଦ୍ୱାରା କାରଟି ଟ୍ରକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଏହା ଏତେ ଜୋରଦାର ଥିଲା ଯେ ଭିତରେ ବସିଥିବା ୭ଜଣ ସାଙ୍ଗ ବାହାରକୁ ଛିଟିକି ପଡ଼ିଥିଲେ। କାହାର ମୁଣ୍ଡଗଣ୍ଡି ଅଲଗା ହୋଇ ଯାଇଥିଲା ତ ଆଉ କାହାର ଅଙ୍ଗପ୍ରତ୍ୟଙ୍ଗ ବାହାରେ ପଡ଼ିଥିଲା। ଅନ୍ୟ ଜଣଙ୍କ ମୃତଦେହ କାର୍ ତଳେ ଚାପି ହୋଇଯାଇଥିଲା। ୭ ବନ୍ଧୁ କୁନାଲ କୁକ୍ରେଜା (୨୩), ଅତୁଲ ଅଗ୍ରୱାଲ (୨୪), ଋଷଭ ଜୈନ (୨୪), ନବ୍ୟା ଗୋଏଲ (୨୩), କାମାକ୍ଷୀ (୨୦), ସିଦ୍ଧେଶ ଅଗ୍ରୱାଲ (୨୫) ଏବଂ ଗୁନେଟ (୧୯) ଏକାଠି ପାର୍ଟି କରି ମଦ ପିଇବା ସହ ବାହାରକୁ ବୁଲିବାକୁ ବାହାରିଥିଲେ। ସିଦ୍ଧେଶ ଡେରାଡୁନର ବାସିନ୍ଦା। ସେ ହିଁ ଏହି ପାର୍ଟିର ଆୟୋଜନ କରି ସାଙ୍ଗମାନଙ୍କୁ ଡାକିଥିଲେ। ଅନ୍ୟମାନଙ୍କର ମୃତ୍ୟୁ ହୋଇଥିବା ବେଳେ ସିଦ୍ଧେଶ ଏବେ ଗୁରୁତର ଥିବା ଜଣାଯାଇଛି।

## ୯୦୦ କୋଟିର କୋକେନ ଜବତ

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁର(ଏନସିବି) ଶୁକ୍ରବାର ରାଜଧାନୀ ଦିଲ୍ଲୀରୁ ୮୦ କେଜିରୁ ଅଧିକ ଓଜନର କୋକେନ ଜବତ କରିଛି।ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ ପ୍ରାୟ ୯୦୦ କୋଟି ଟଙ୍କା ହେବ। ଏହା ପୂର୍ବରୁ ଏନସିବି ଓ ଭାରତୀୟ ନୌସେନାର ଟିମ୍ ଗୁଜରାଟ ଉପକୂଳରୁ ୭୦୦ କେଜିର ନିଶାଦ୍ରବ୍ୟ ଜବତ କରିଥିଲା। ଏହି ଘଟଣାରେ ୮ ଜଣ ଇରାନ ନାଗରିକଙ୍କୁ ଗିରଫ କରାଯାଇଛି। ଗୋଟିଏ ଦିନରେ ଦୁଇଟି ବଡ଼ବଡ଼ ନିଶା କାରବାର ରାକେଟର ପର୍ଦ୍ଦାଫାସ କରିଥିବା ଏନସିବିକୁ ଅମିତ ଶାହା ଟ୍ୱିଟ କରି ଶୁଭେଚ୍ଛା ଜଣାଇଛନ୍ତି। ନିଶାମୁକ୍ତ ଭାରତ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଆଗକୁ ମଧ୍ୟ ନିଶା କାରବାର ରାକେଟ ବିରୋଧରେ ଅଭିଯାନ ଜାରି ରହିବ ବୋଲି ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ ଏନସିବି ପଶ୍ଚିମ ଦିଲ୍ଲୀର ନାଙ୍ଗଲୋ ଓ ଜନକପୁରୀ ଅଞ୍ଚଳରୁ ୮୨ କେଜି ଓଜନର କୋକେନ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଏହି ନିଶାଦ୍ରବ୍ୟକୁ ଗୋଟିଏ କୋରିୟର ଅଫିସରୁ ଜବତ କରାଯାଇଛି।ଏସବୁ ଅଷ୍ଟ୍ରେଲିଆ ପଠା ଯାଇଥାନ୍ତା।

# ବିଜେପି-ଏନ୍‌ସିପି ମେଣ୍ଟ ପାଇଁ ଆଦାନୀଙ୍କ ଘରେ ବୈଠକ



ମୁମ୍ବଇ, ୧୫।୧୧ (ଏଜେନ୍ସି): ମହାରାଷ୍ଟ୍ରରେ ବିଜେପି ଏବଂ ଏନ୍‌ସିପି ମଧ୍ୟରେ ମେଣ୍ଟ ହୋଇଥିଲା। ସରକାର ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶିଳ୍ପପତି ଗୌତମ ଆଦାନୀଙ୍କ ଘରେ ଏହାର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ନେଇଥିଲେ। ମାତ୍ର ଏହି ସରକାର କେବଳ ୮୦ ଘଣ୍ଟା ପର୍ଯ୍ୟନ୍ତ ତିଷ୍ଠି ଥିଲା। ବିଧାନସଭା ନିର୍ବାଚନ ପାଇଁ ମତଦାନ ପୂର୍ବରୁ ମହାରାଷ୍ଟ୍ର ରାଜନୀତିରେ ଏନ୍‌ସିପି (ଶରଦ ଗୋଷ୍ଠୀ) ମୁଖ୍ୟ ଶରଦ ପାୱାରଙ୍କ ଏହି ଦାବି ରାଜନୈତିକ ଭୂକମ୍ପ ସୃଷ୍ଟି କରିଛି। ପାଞ୍ଚ ବର୍ଷ ତଳେ ୨୦୧୯ ରେ ମହାରାଷ୍ଟ୍ରରେ ସରକାର ଗଠନ ଲାଗି ଚାଲିଥିବା ଛକାପଞ୍ଝାକୁ ନେଇ ସେ ଏହି ଖୁଲାସା କରିଛନ୍ତି। ବିଜେପି କେମିତି ସରକାର ଗଠନ କରିବାକୁ ଚାହୁଁଥିଲା ଏବଂ ଏଥିପାଇଁ କି ପନ୍ଥା ଆପଣାଇଥିଲା ତାହା କହିଛନ୍ତି। ଏଥିପାଇଁ ଶିଳ୍ପପତି ଆଦାନୀଙ୍କ ନୂଆଦିଲ୍ଲୀ ସ୍ଥିତ ଘରେ ରାତ୍ର ଭୋଜନ ଆୟୋଜନ କରା ଯାଇଥିଲା। ଆଦାନୀଙ୍କ ଦ୍ୱାରା ଆୟୋଜିତ ଏହି ରାତ୍ରିଭୋଜ ବୈଠକରେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ଏହି ସମୟରେ ତାଙ୍କ ସହ ସହଯୋଗୀ ପ୍ରଫୁଲ ପଟେଲ ଏବଂ ଅଜିତ ପାୱାର ଉପସ୍ଥିତ ଥିଲେ। ସେତେବେଳେ ଏନ୍‌ସିପି ବିଭାଜିତ ହୋଇ ନ ଥିଲା। ମାତ୍ର କିଛି ସହଯୋଗୀ ଭୟରେ ବିଜେପିରେ ସାମିଲ ହେବାକୁ ଚାହୁଁଥିଲେ। ପାୱାର କହିଛନ୍ତି ଯେ ତାଙ୍କର କିଛି ସହଯୋଗୀ ବିଜେପିରେ ସାମିଲ ହୋଇ ଯାଇଥିଲେ। ସେମାନଙ୍କ ବିରୋଧରେ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ରୁଜୁ ମାମଲାକୁ ପ୍ରତ୍ୟାହାର କରିବାକୁ ଆଶ୍ୱାସନା ଦିଆଯାଇଥିଲା। କିନ୍ତୁ ଶରଦ ଏହାକୁ ବିଶ୍ୱାସ କରିପାରି ନ ଥିଲେ। କାରଣ ବିଜେପି ଉପରେ ତାଙ୍କର ବିଶ୍ୱାସ ନ ଥିଲା। ସେ ଏକ ନ୍ୟୁଜ ପୋର୍ଟାଲକୁ ସାକ୍ଷାତକାର ଦେଇ କହିଛନ୍ତି ଯେ ଉପ-ମୁଖ୍ୟମନ୍ତ୍ରୀ ଭାବେ ଅଜିତ ଶପଥ ନେବା ପୂର୍ବରୁ ଏହି ବୈଠକ ବସିଥିଲା। କିନ୍ତୁ ସେ ଏଥିପାଇଁ ରାଜି ନ ଥିଲେ। ମାତ୍ର ସହଯୋଗୀମାନେ ବିଜେପି ନେତାଙ୍କ ସହ ମିଶି ତାଙ୍କ ଉପରେ ଚାପ ପକାଇ ଥିଲେ। ଏହି ଅଫରକୁ ନିଜେ ଶୁଣନ୍ତୁ ବୋଲି କହିଥିଲେ। ଏହା ପରେ ଅମିତ ଶାହାଙ୍କୁ ଭେଟିବା ଲାଗି ଗୌତମ ଆଦାନୀଙ୍କ ଘରକୁ ଯାଇଥିଲେ। ପରେ ଫଡନବୀଶଙ୍କ ନେତୃତ୍ୱରେ ବିଜେପି ସରକାର ଗଠନ କରିଥିଲା।

**ବିଜେପି ଉପରେ ଆଦୌ ଭରସା ନ ଥିଲା: ଶରଦ**

**ମାମଲା ପ୍ରତ୍ୟାହାର କରାଯିବ କୁହାଯାଇଥିଲା**

**ଧୋକା ଦେଇଥିଲେ ଶରଦ ପାୱାର: ଫଡନବୀଶ**

୨୦୧୯ର ଏହି ରାଜନୈତିକ ଚର୍ଚ୍ଚାରେ ଆଦାନୀ ସାମିଲ ନ ଥିଲେ ବୋଲି ପାୱାର କହିଛନ୍ତି। ଏହା ପୂର୍ବରୁ ଦୁଇ ଦିନ ତଳେ ଅଜିତ ପାୱାର ମଧ୍ୟ ଏହି ବୈଠକ ହୋଇଥିବା ସ୍ୱୀକାର କରିଥିଲେ। ଏଥିରେ ଦେବେନ୍ଦ୍ର ଫଡନବୀଶ ମଧ୍ୟ ଉପସ୍ଥିତ ଥିବା କହିଥିଲେ। ଏହାକୁ ନେଇ ଫଡନବୀଶ ଶୁକ୍ରବାର କହିଛନ୍ତି ଯେ ଏହି ବୈଠକ ଆଦାନୀଙ୍କ ଘରେ କିମ୍ବା ତାଙ୍କ ଉପସ୍ଥିତିରେ ହୋଇ ନ ଥିଲା। ଏଠାରେ ସରକାର ଗଠନ ଏବଂ ମନ୍ତ୍ରୀ ପଦ ପାଇଁ ମାରାଥନ୍ ଚର୍ଚ୍ଚା ହୋଇଥିଲା। ବିଭାଗ ବଣ୍ଟନ ଦାୟିତ୍ୱ ଅଜିତ ଏବଂ ତାଙ୍କୁ ମିଳିଥିଲା। ମାତ୍ର ସବୁକିଛି ସରିଲା ବେଳକୁ ଶରଦ ପାୱାର ଧୋକା ଦେଇଥିଲେ।ତାଙ୍କଠାରୁ ଏଭଳି କେବେ ଆଶା କରାଯାଇ ନ ଥିଲା।

### ‘ବଟେଙ୍ଗେ ତୋ କଟେଙ୍ଗେ’ ବିଗାଡୁଛି ଗଣିତ

## ଯୋଗୀଙ୍କ ମନ୍ତବ୍ୟକୁ ନେଇ ବିଜେପିରେ ଅସନ୍ତୋଷ



**ଅଶୋକ ଚୌହାନ, ପଙ୍କଜା ମୁଣ୍ଡେଙ୍କ ବିରୋଧ**

**ଦଳରେ ରହିଛୁ ବୋଲି ସମର୍ଥନ କରିବୁନି**

**ଏହା ମହାରାଷ୍ଟ୍ରରେ ଚଳିବନି: ଅଜିତ ପାୱାର**

ମୁମ୍ବଇ, ୧୫।୧୧ (ଏଜେନ୍ସି): ଉତ୍ତର ପ୍ରଦେଶ ଯୋଗୀ ଆଦିତ୍ୟନାଥ ଦେଇଥିବା ସ୍ଲୋଗାନ ‘ବଟେଙ୍ଗେ ତୋ କଟେଙ୍ଗେ’କୁ ନେଇ ମହାରାଷ୍ଟ୍ରର କ୍ଷମତାସୀନ ମେଣ୍ଟ ମହାଯୁତି ପରେ ବିଜେପିରେ ଅସନ୍ତୋଷ ସୃଷ୍ଟି ହୋଇଛି। ନେତାଙ୍କ ମଧ୍ୟରେ ମତଭେଦ ଦେଖାଯାଇଛି। ଖାଲି ବିଜେପିରେ ଥିବାରୁ ଏହାକୁ ସମର୍ଥନ କରିବୁ ନାହିଁ ବୋଲି ଦଳୀୟ ନେତା କହିଛନ୍ତି। ତେବେ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଶିବସେନା ଏବଂ ଏନ୍‌ସିପିର ଅଜିତ ଗୋଷ୍ଠୀ ଏହାକୁ ତୀବ୍ର ବିରୋଧ କରିଛି। ମହାରାଷ୍ଟ୍ରରେ ଏଭଳି ସ୍ଲୋଗାନ ଚଳିବ ନାହିଁ। ଏହାକୁ ସେ ସମର୍ଥନ ଦିଅନ୍ତି ନାହିଁ ବୋଲି ଅଜିତ ପାୱାର କହିଥିଲେ। ମୁଖ୍ୟମନ୍ତ୍ରୀ ସିନ୍ଦେ ମଧ୍ୟ ଏହି ସ୍ଲୋଗାନକୁ ବିଭାଜନକାରୀ ମାନୁଛନ୍ତି। କାରଣ ଏହା ଦ୍ୱାରା ମୁସଲମାନଙ୍କ ଭୋଟ ଦଳକୁ ମିଳିବନି ବୋଲି ଉଭୟେ ଭାବୁଛନ୍ତି। ‘ବଟେଙ୍ଗେ ତୋ କଟେଙ୍ଗେ’କୁ ନେଇ ମହାରାଷ୍ଟ୍ରରେ ରାଜନୀତି ନ ହେଉ ବୋଲି ସିନ୍ଦେ ଚାହୁଁଛନ୍ତି। ମହାରାଷ୍ଟ୍ର ବିଜେପିର ଏହି ଦୁଇ ସହଯୋଗୀ ଦଳ ବିଭାଜନକାରୀ ଏଜେଣ୍ଡାକୁ ମନା କରିଦେଇଛନ୍ତି।

ଏବେ ବିଜେପି ଭିତରେ ଏହାକୁ ନେଇ ଥିବା ଫାଟ ଖୋଲାଖୋଲି ଭାବେ ବାହାରକୁ ଆସି ଯାଇଛି। ବିଜେପି ନେତା ଅଶୋକ ଚୌହାନ ଏବଂ ପଙ୍କଜା ମୁଣ୍ଡେ ଏହାକୁ ବିରୋଧ କରିଛନ୍ତି। ଏମଏଲ୍‌ସି ପଙ୍କଜା କହିଛନ୍ତି ଯେ ନେତା ସମସ୍ତଙ୍କୁ ନିଜର ଭାବିବା ଦରକାର। ‘ବଟେଙ୍ଗେ ତୋ କଟେଙ୍ଗେ’ ଭଳି ପ୍ରସଙ୍ଗ ରାଜ୍ୟକୁ ଆଣିବା ଅନୁଚିତ। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜ ରାଜ୍ୟ ପାଇଁ ଏହା କହିଥିଲେ। ସେଠାକାର ସ୍ଥିତି ଅଲଗା ପ୍ରକାରର। ମହାରାଷ୍ଟ୍ରରେ ଏଭଳି ସ୍ଲୋଗାନ ଚଳିବ ନାହିଁ। କେବଳ ସେହି ଦଳରେ ଥିବାରୁ ଏହାକୁ ସମର୍ଥନ କରିହେବ ନାହିଁ।

ବିବାଦ ବଢ଼ିବା ପରେ ଉପ-ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଶୁକ୍ରବାର କହିଛନ୍ତି ଯେ ଏହି ସ୍ଲୋଗାନ ମହାବିକାଶ ଅଘାଡ଼ି (ଏମ୍‌ଭିଏ)ର ନିର୍ବାଚନ ପ୍ରଚାରକୁ ଜବାବ ଦେଉଛି। ମାତ୍ର ଦଳର ସହଯୋଗୀ ଏହାର ପ୍ରକୃତ ଅର୍ଥ ବୁଝିପାରି ନାହାନ୍ତି। ‘ବଟେଙ୍ଗେ ତୋ କଟେଙ୍ଗେ’ର ପ୍ରକୃତ ଅର୍ଥ ହେଉଛି ଏକାଠି ରହିବା। ଯୋଗୀଙ୍କ ଏହି ସ୍ଲୋଗାନରେ କିଛି ଭୁଲ୍ ନାହିଁ। ଯେତେବେଳେ ଦେଶକୁ ଜାତି, ପ୍ରଦେଶ ଏବଂ ସମୁଦାୟକୁ ନେଇ ବଣ୍ଟା ଯାଇଥିଲା ସେତେବେଳେ ଦେଶ ଗୋଲାମ ହୋଇଥିଲା। ଅଜିତ ଦୀର୍ଘ ଦିନ ପର୍ଯ୍ୟନ୍ତ ହିନ୍ଦୁ ବିରୋଧୀ ଏବଂ ଧର୍ମନିରପେକ୍ଷଙ୍କ ସହ ରହିଛନ୍ତି। ଜନତାଙ୍କ ଭାବନା ବୁଝିବାକୁ ତାଙ୍କୁ ସମୟ ଲାଗିବ। ଏହା ବ୍ୟତୀତ ଉଦ୍ଧବ ଠାକ୍‌ରେଙ୍କ ଲାଗି ବିଜେପି ଦ୍ୱାର ସବୁବେଳ ପାଇଁ ବନ୍ଦ ହୋଇଯାଇଛି ବୋଲି ଫଡନବୀଶ କହିଛନ୍ତି।

## ଅମିତ ଶାହାଙ୍କ ହେଲିକପ୍ଟର ଯାଞ୍ଚ



ମୁମ୍ବଇ, ୧୫।୧୧ (ଏଜେନ୍ସି): ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କ ହେଲିକପ୍ଟର ଯାଞ୍ଚ ପରେ ବିରୋଧୀ ନିର୍ବାଚନ କମିଶନ (ଇସି)ଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଉଛନ୍ତି। ଏହାକୁ ନେଇ ଉଦ୍ଧବ ଇସିଙ୍କୁ ନିଶାଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଯାଞ୍ଚ କରାଯିବ କି ବୋଲି ପଚାରି ଥିଲେ। ଏହାକୁ ନେଇ ରାଜନୀତି ଜୋର୍ ଧରିଥିବାବେଳେ ନିର୍ବାଚନ ଅଧିକାରୀ ପ୍ରଚାର ପାଇଁ ଆସୁଥିବା ବଡ଼ ନେତାଙ୍କ ସାମଗ୍ରୀ ଯାଞ୍ଚ କରୁଥିଲେ। ଏହା ମଧ୍ୟରେ ଶୁକ୍ରବାର ହିଙ୍ଗୋଲି ଜିଲ୍ଲାକୁ ପ୍ରଚାର ପାଇଁ ଯାଇଥିବା ଶାହାଙ୍କ ହେଲିକପ୍ଟର ଯାଞ୍ଚ କରାଯାଇଛି। ଇସି ଅଧିକାରୀ ଏହା ଭିତରେ ଥିବା ବ୍ୟାଗର ଯାଞ୍ଚ କରିଛନ୍ତି। ଏହାର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି। ଶାହା ଏହାକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି। ଶାହା ଲେଖିଛନ୍ତି ଯେ ମହାରାଷ୍ଟ୍ରର ହିଙ୍ଗୋଲି ନିର୍ବାଚନ ମଣ୍ଡଳୀକୁ ଆଜି ପ୍ରଚାର ପାଇଁ ଯାଇଥିବା ବେଳେ ନିର୍ବାଚନ ଅଧିକାରୀମାନେ ହେଲିକପ୍ଟର ଯାଞ୍ଚ କରିଛନ୍ତି। ବିଜେପି ସ୍ୱଚ୍ଛ ଓ ଉତ୍ତମ ନିର୍ବାଚନ ବ୍ୟବସ୍ଥାକୁ ବିଶ୍ୱାସ କରୁଛି। ଦଳ ନିର୍ବାଚନ କମିଶନ ପ୍ରସ୍ତୁତ କରିଥିବା ସମସ୍ତ ନିୟମକୁ ଅନୁସରଣ କରେ।

### ବିମାନ ପାଇଁ ହଟହଟା

## ମୋଦୀ ଅଢ଼େଇଘଣ୍ଟା, ରାହୁଲ ଦେଢ଼ଘଣ୍ଟା ଫସିଲେ



ରାଞ୍ଚି, ୧୫।୧୧ (ଏଜେନ୍ସି): ବିଧାନସଭା ନିର୍ବାଚନରେ ପ୍ରଚାର ପାଇଁ ଝାଡ଼ଖଣ୍ଡରେ ବିଭିନ୍ନ ଦଳର ହେଭିୱେଟ ନେତାଙ୍କ ସୁଅ ଛୁଟୁଛି। ରାଜନୀତି ସରଗରମ ରହିଛି। ଏହା ମଧ୍ୟରେ ଶୁକ୍ରବାର ବିମାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କଂଗ୍ରେସ ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ହଟହଟା ହୋଇଛନ୍ତି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପ୍ରଧାନମନ୍ତ୍ରୀ ବିମାନରେ ଅଢ଼େଇ ଘଣ୍ଟା ପର୍ଯ୍ୟନ୍ତ ବସିଥିବାବେଳେ ଉଡ଼ାଣ ଅନୁମତି ନ ମିଳିବା ଯୋଗୁଁ ରାହୁଲ ହେଲିକପ୍ଟରରେ ଦେଢ଼ ପର୍ଯ୍ୟନ୍ତ ଫସି ରହିଥିଲେ। ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଦେଓଘର ବିମାନବନ୍ଦରରେ ପହଞ୍ଚିବା ପରେ ସନ୍ଧ୍ୟାରେ ମୋଦୀ ସେଥିରେ ଦିଲ୍ଲୀ ଫେରିଥିଲେ। କିନ୍ତୁ ସେ ଯେଉଁ ବିମାନରେ ଆସିଥିଲେ ସେଥିରେ ଦିଲ୍ଲୀ ଫେରିବାର ଥିଲା। ମାତ୍ର ଏଥିରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା। ଏଥିଯୋଗୁ ଭାରତୀୟ ବାୟୁ ସେନାର ଆଉ ଗୋଟିଏ ବିମାନ ଦିଲ୍ଲୀରୁ ଯାଇଥିଲା। ସୂଚନା ଅନୁଯାୟୀ ମୋଦୀ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଜନଜାତି ଗୌରବ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସରିବା ପରେ ସେ ଦେଓଘରରୁ ଫେରିବାର ଥିଲା। ମାତ୍ର ବୈଷୟିକ ତ୍ରୁଟି ଯୋଗୁଁ ଏହା ହୋଇପାରି ନ ଥିଲା।

ଅନ୍ୟପକ୍ଷରେ ଝାଡ଼ଖଣ୍ଡ ଗୋଣ୍ଡାରେ ରାହୁଲଙ୍କ ହେଲିକପ୍ଟରକୁ ଉଡ଼ାଣ ପାଇଁ ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି) ଅନୁମତି ଦେଇ ନ ଥିଲେ। ଏଥିପାଇଁ ସେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ହେଲିପ୍ୟାଡରେ ଅପେକ୍ଷା କରି ରହିଥିଲେ। ଏହି ସମୟରେ ରାହୁଲ ମୋବାଇଲ ଦେଖୁଥିଲେ। ସେ ଶୁକ୍ରବାର ମହଗାମାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧନ କରିବାକୁ ଯାଇଥିଲେ। ଏବେ କଂଗ୍ରେସ ଏ ନେଇ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି। ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଛି।

## ନାବାଳିକା ପତ୍ନୀର ସହମତିରେ ଶାରୀରିକ ସମ୍ପର୍କ ରଖିବା ଦୁଷ୍କର୍ମ: ହାଇକୋର୍ଟ



ମୁମ୍ବଇ, ୧୫।୧୧ (ଏଜେନ୍ସି): ବମ୍ବେ ହାଇକୋର୍ଟଙ୍କ ନାଗପୁର ବେଞ୍ଚ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ନାବାଳିକା ପତ୍ନୀଙ୍କ ସହ ଶାରୀରିକ ସମ୍ବନ୍ଧ ରଖିବା ବି ଦୁଷ୍କର୍ମ ବୋଲି କୋର୍ଟ କହିଛନ୍ତି। ଏ ନେଇ ବ୍ୟକ୍ତିଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ରୁଜୁ କରାଯାଇପାରିବ। ଜଣେ ନାବାଳିକା ପତ୍ନୀଙ୍କ ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ସେ ନିଜ ସ୍ୱାମୀଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଲଗାଇ ଥିଲେ। ନିମ୍ନ କୋର୍ଟ ଏହି ମାମଲାରେ ସ୍ୱାମୀଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିଲେ। ମାତ୍ର ସେ ଏହାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ହାଇକୋର୍ଟ ଏହି ଦଣ୍ଡାଦେଶକୁ ବଜାୟ ରଖିଛନ୍ତି। ଏଥିସହ ୧୮ ବର୍ଷରୁ କମ୍ ବୟସର ଝିଅଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ ଦୁଷ୍କର୍ମ। ସେ ବିବାହିତା ହୋଇଥିଲେ ବି ଏହା ଦୁଷ୍କର୍ମ ଧରାଯିବ ବୋଲି କହିଛନ୍ତି।

ନାବାଳିକା ପତ୍ନୀ ଅଭିଯୋଗ କରିଥିଲେ ଯେ ବିବାହ ପୂର୍ବରୁ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ରହିଥିଲା। ସେତେବେଳେ ତାଙ୍କ ସ୍ୱାମୀ ଜୋର୍ ଜବରଦସ୍ତ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଗର୍ଭବତୀ ହେବାରୁ ବାଧ୍ୟବାଧକତାର ସହ ବିବାହ କରିଥିଲେ।କିନ୍ତୁ ବିବାହ ପରେ ତାଙ୍କ ସ୍ୱାମୀ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଥିଲେ। ଗର୍ଭନଷ୍ଟ କରିବାକୁ ମଧ୍ୟ ଚାପ ପକାଉଥିଲେ। ଗର୍ଭସ୍ଥ ଶିଶୁ ଆଉ କାହାର କହି ମାନସିକ ନିର୍ଯାତନା ଦେଉଥିଲେ। ଏହାକୁ ନେଇ ନାବାଳିକା ସ୍ୱାମୀଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଲଗାଇ ଥିଲେ।

### ମନ୍ତ୍ର ହାସଲ ପାଇଁ...

# ଶିଶୁକୁ ମାରି ଯକୃତ ଖାଇଲା ମାଆ



ରାଞ୍ଚି, ୧୫।୧୧ (ଏଜେନ୍ସି): ଝାଡ଼ଖଣ୍ଡରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ଗୁଣେଗାରେଡ଼ି ପାଇଁ ମାଆ ପିଶାଚ ପାଲଟି ଯାଇଛି। ପାଲାମୁ ଖରଡ଼ ଗ୍ରାମର ମହିଳା ଗୀତା ଦେବୀ ମନ୍ତ୍ର ହାସଲ କରିବା ପାଇଁ ନିଜର ଦେଢ଼ ବର୍ଷର ଶିଶୁକନ୍ୟାକୁ ବଳି ଦେଇଛି। ଆଉ ମୃତଦେହକୁ ଖଣ୍ଡ ଖଣ୍ଡ କରି ଯକୃତ ଖାଇଛି। ପୁଲିସ ଏହି ମହିଳାଙ୍କୁ ଗିରଫ କରିଛି। ସେ ନିଜ ଦୋଷ ସ୍ୱୀକାର କରିଛନ୍ତି। ଏହି ଘଟଣାକୁ ନେଇ ଗାଁରେ ଆଲୋଡ଼ନ ସୃଷ୍ଟି ହୋଇଛି। ମନୁଷ୍ୟ ସମାଜକୁ ଲଜ୍ଜିତ କରିଦେଇଛି। ଏକବିଂଶ ଶତାବ୍ଦୀରେ ମନୁଷ୍ୟ ପାଦ ଦେଇଥିବାବେଳେ ଗୁଣିଗାରେଡି ପଛରେ ପଡ଼ି ସବୁ କିଛି ସାରି ଦେଉଛି। ପୁଲିସ ସୂଚନା ଅନୁଯାୟୀ ମହିଳା ତନ୍ତ୍ର-ମନ୍ତ୍ର ଶିଖିବାକୁ ଚାହୁଁଥିଲେ। ଏଥିପାଇଁ ଝିଅ କିମ୍ବା ସ୍ୱାମୀଙ୍କୁ ବଳିଦେବାକୁ ପଡ଼ିବ ବୋଲି ସ୍ୱପ୍ନ ଦେଖି ଥିଲେ। ସ୍ୱାମୀ ଦିଲ୍ଲୀରେ ରହୁଥିବାରୁ ସେ ଝିଅକୁ ବଳିଦେବାକୁ ଯୋଜନା କରିଥିଲେ

ମହିଳା ପ୍ରଥମେ ବଜାରକୁ ଯାଇ ପୂଜା ପାଇଁ ଚୁଡ଼ି, ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଆଣିଥିଲେ। ସେହି ଦିନ ସନ୍ଧ୍ୟାରେ ଏହି ସବୁ ସାମଗ୍ରୀ ଧରି ଝିଅକୁ ନେଇ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ସେଠାରେ ଝିଅ ଶରୀରରୁ ପୋଷାକ ଏବଂ ନିଜ ଶାଢ଼ୀ ବାହାର କରି ଉଲଗ୍ନ ହୋଇ ନାଚିଥିଲେ। ପରେ ଝିଅର ତଣ୍ଟି କାଟି ବଳି ଦେଇଥିଲେ। ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ସେଥିରୁ ଯକୃତ ବାହାର କରି ଖାଇଥିଲେ ଏବଂ ମୃତଦେହକୁ ପୋତି ଉଲଗ୍ନ ହୋଇ ଘରକୁ ଫେରିଥିଲେ। ଏହା ଦେଖି ପଡ଼ୋଶୀ ଏବଂ ଶାଶୁ ପ୍ରଶ୍ନ କରିବାରୁ ଝିଅକୁ ମାରିଥିବା କହିଥିଲେ। ଏ ବିଷୟର ସୂଚନା ପାଇ ପୁଲିସ ମହିଳାଙ୍କୁ ଗିରଫ କରି ଘଟଣାସ୍ଥଳକୁ ନେଇଥିଲା। ସେଠାରୁ ଝିଅର ମୃତଦେହ ଉଦ୍ଧାର କରିଥିଲା।

## ପାକିସ୍ତାନରେ ଜମାତ୍‌ର ସାଧାରଣ ସମ୍ପାଦକଙ୍କୁ ହତ୍ୟା

ଇସଲାମାବାଦ, ୧୫।୧୧ (ଏଜେନ୍ସି): ପାକିସ୍ତାନର ଅଶାନ୍ତ ଖୈବର ପଖ୍‌ତୁନଖ୍ୱା ପ୍ରଦେଶର ବାଜୌରରେ ଜମାତ-ଇ-ଇସଲାମୀ (ଜେଆଇ)ର ସାଧାରଣ ସମ୍ପାଦକ ହମିଦ୍ ସୁଫିଙ୍କୁ ଗୁଳିମାରି ହତ୍ୟା କରାଯାଇଛି। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଜେଏମଇ ହେଉଛି ଦେଶର ସବୁଠାରୁ ବଡ଼ ଇସ୍‌ଲାମିକ ରାଜନୈତିକ ଦଳ। ପୁଲିସ ସୂଚନା ଅନୁଯାୟୀ ଗୁରୁବାର ସନ୍ଧ୍ୟାରେ ମସ୍‌ଜିଦ୍‌ରୁ ନମାଜ୍ ସାରି ଫେରୁଥିବାବେଳେ ଦୁଇ ଜଣ ଅଜ୍ଞାତ ଆକ୍ରମଣକାରୀ ବାଇକ୍‌ରେ ଆସି ତାଙ୍କ ଉପରକୁ ଅତର୍କିତ ଗୁଳି ମାରିଥିଲେ। ପରେ ଫେରାର ହୋଇ ଯାଇଥିଲେ। ମୁହଁରେ ମୁଖା ବାନ୍ଧିଥିବାରୁ ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇପାରି ନାହିଁ। ତେବେ ଏହି ହତ୍ୟା ପାଇଁ ଦାଏଶ ସଂଗଠନ ନିଜକୁ ଦାୟୀ କରିଛି।

## କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

# ନୃତ୍ୟ, ଗୀତରେ ଦର୍ଶକ ବିମୋହିତ



ପାରାଦୀପ, ୧୫।୧୧(ସମିସ)

କଳିଙ୍ଗ ବାଲିଯାତ୍ରାର ଦ୍ୱିତୀୟ ସନ୍ଧ୍ୟା ପାରାଦୀପ ସମୁଦ୍ର ବେଳାଭୂମିର ବିଜୁ ମଇଦାନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କୌଶିକ ବାସୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଆଇଓସିଏଲ, ସମ୍ମାନିତ ଅତିଥି ଭାବେ ଧନଞ୍ଜୟ କୁମାର ସିହ୍ନା, ଉପସଭାପତି, ଜେଏସଡବ୍ଲୁ (ଉତ୍କଳ), ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସଭାପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମା' ମଙ୍ଗଳା କଳା ପରିଷଦ କ୍ଲାସିକାଲମ୍ୟୁଜିକ, ମହାବୀର କଳାବିକାଶ କେନ୍ଦ୍ର ସମ୍ବଲପୁରୀ ନୃତ୍ୟ, ରୟାଲ ମ୍ୟୁଜିକ ସ୍କୁଲ ଲୋକନୃତ୍ୟ, ସରସ୍ୱତୀ କଳା ନିକେତନ ଡାନ୍ସ, ମୟୁରୀ କଳା ପରିଷଦ ସେମି କ୍ଲାସିକାଲ, ନଟରାଜ କଳା ପରିଷଦ ଓ ସଂସ୍କୃତି ଭାରତୀ ଡାନ୍ସ ଏକାଡେମୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ରୟାଲ ଡାନ୍ସ ଷ୍ଟୁଡିଓ, ବ୍ଲାକ କୋବ୍ରା ଡାନ୍ସ ଗ୍ରୁପ, ଗଡ ଫାଦର୍ ଡାନ୍ସ ଗ୍ରୁପ ବିଭିନ୍ନ ପ୍ରକାର ମଡର୍ଣ୍ଣ ଡାନ୍ସ ପରିବେଷଣ କରିଥିଲେ। ଏହା ପରେ ପରେ ସ୍ୱନାମଧନ୍ୟ ଗାୟିକା ଦିପ୍ତିରେଖା ପାଢ଼ୀ ତାଙ୍କର ସଂଗୀତ ମାଧମରେ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ। ଆଜି ଦ୍ୱିତୀୟ ସନ୍ଧ୍ୟା ଅବସରରେ ବାଲିଯାତ୍ରା ପଡିଆ ଖାଁ ଖାଁ ଦେଖିବାକୁ ମିଳିଥିଲା। ବହୁ ବ୍ୟବସାୟ ଷ୍ଟଲ ଆଜି ମଧ ପୂରଣ ହୋଇ ପାରି ନଥିଲା। କେବଳ ଫାଷ୍ଟ ଫୁଡ ଷ୍ଟଲ ଗୁଡିକରେ କିଛି ଗହଳି ଜଣାପଡୁ ଥିବା ବେଳେ ଅନ୍ୟ ଷ୍ଟଲ ଗୁଡିକ ଫାଙ୍କା ରହିଥିଲା। ଏଥର ଷ୍ଟଲ୍ ଭଡ଼ା ବୃଦ୍ଧି ହେତୁ ବହୁ ବ୍ୟବସାୟୀ ବ୍ୟବସାୟ କରିବାକୁ ନାପସନ୍ଦ କରିଥିବା ଶୁଣିବାକୁ ମିଳିଛି। ତେବେ କାର୍ତ୍ତିକ ମାସ ଆଜି ଶେଷ ହେଉଥିବାରୁ ଦର୍ଶକ ମାନେ ପ୍ରାୟତଃ ବାଲିଯାତ୍ରା ବୁଲି ଯାଇନାହାନ୍ତି। ଆସନ୍ତା କାଲି ଠାରୁ ଭରପୁର ସମାଗମ ହେବ ବୋଲି ଆଶା କରାଯାଉଛି।

# ଧାନ ଫସଲ ନଷ୍ଟ କରୁଛନ୍ତି ଅଜଣା ଜନ୍ତୁ





ବାଲିକୁଦା,୧୫।୧୧(ସମିସ): ବାଲିକୁଦା ବ୍ଲକ ବାଲିକୁଦା ପଞ୍ଚାୟତ ବାଲିସାହି ଗ୍ରାମର ଧାନ ଗହୀରରେ ଅଜଣା ଜନ୍ତୁ ରାତି ଅଧରେ ପଶି ଧାନ ଫସଲ ବ୍ୟାପକ କ୍ଷତି ଘଟାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ କ୍ଷେତରେ ଥିବା ପାଦ ଚିହ୍ନ ଦେଖି ଏହା ଏକ ବାର୍‌ହା ବୋଲି ଚାଷୀ ଅନୁମାନ କରିଛନ୍ତି। ଏଣୁ ଜଙ୍ଗଲ ବିଭାଗ ତୁରନ୍ତ ପଦକ୍ଷପ ଗ୍ରହଣ କରିବାକୁ ଦାବି କରିଛନ୍ତି ବରିଷ୍ଠ ବିଜେପି ନେତା ଶିବବ୍ରତ ଦାସ, ସରପଞ୍ଚ ରାଜକିଶୋର ସାହୁଙ୍କ ସମେତ ଚାଷୀ ଦେବେନ୍ଦ୍ର ମହାନ୍ତି, ଶିବ ବିଶ୍ୱାଳ, ନଟବର ରାଉତ, ଅଶୋକ ବିଶ୍ୱାଳ, ରଞ୍ଜନ ସ୍ୱାଇଁ, ବିକ୍ରମ ରାଉତ, ରଘୁନାଥ ରାଉତ, ରାଜେଶ ରାଉତ, ରାମଚନ୍ଦ୍ର ନାୟକ, ବାପି ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ, କ୍ଷେତ୍ରମୋହନ ସ୍ୱାଇଁ ପ୍ରମୁଖ।

ଏ ସମ୍ପର୍କରେ ବନ୍ଦର ବନପାଳ ନିର୍ମଳ ଚନ୍ଦ୍ର ନାୟକ ପତିକ୍ରିୟା ରଖି ପ୍ରକାଶ କରିଛନ୍ତି ଯେ, ପୂର୍ବରୁ ମଧ ଏଭଳି ଅଭିଯୋଗ ହୋଇଥିଲା। ତାଙ୍କ ଟିମ ସେଠାକୁ ତଦନ୍ତ କରିବାକୁ ଯାଇଥିଲେ, କିନ୍ତୁ ଜଙ୍ଗଲ ଜନ୍ତୁର ଆଭାସ ମିଳି ନଥିଲା।

ତେବେ ନିକଟରେ ଥିବା ୪ ଘୁଷୁରିଆଙ୍କ ଘୁଷୁରୀ ରାତି ଅନ୍ଧକାରରେ ଘାସ ଖାଇବା ପାଇଁ ଏଭଳି କରୁଥିବା ମନେ ହେଉଛି। ଯଦି ଚାଷୀ କୌଣସି ବାର୍‌ହା କିମ୍ବା ଜଙ୍ଗଲ ଜନ୍ତୁ ଦେଖି ଅଭିଯୋଗ କରନ୍ତି, ତେବେ ତୁରନ୍ତ ପଦକ୍ଷପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ବୋଇତ ବନ୍ଦାଣ ଉତ୍ସବ

# କମେଣ୍ଟ୍‌ମରାକୁ ନେଇ ଉତ୍ତେଜନା, ଥାନାରେ ଧାରଣା

ପାରାଦୀପ,୧୫।୧୧(ସମିସ): ପାରାଦୀପ ଗଡ଼ ପଞ୍ଚାୟତ ଚୂନଗ୍ରାମରେ ବୋଇତ ବନ୍ଦାଣ ଉତ୍ସବରେ ଘଟିଛି ଗଣ୍ଡଗୋଳ। ଏନେଇ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଲକ୍ ଥାନା ଘେରାଉ କରିଥିଲେ ଚୂନ ଗ୍ରାମବାସୀ। ସୂଚନା ମୁତାବକ ଗତକାଲି ରାତିରେ ଚୂନ ଗ୍ରାମରେ ବୋଇତ ବନ୍ଦାଣ ଚାଲିଥିବା ସମୟରେ ସ୍ଥାନୀୟ ନିମିଢ଼ିହି ଗ୍ରାମର କିଛି ଯୁବକ ଗାଡ଼ି ନେଇ ସେଠାରେ ପହଞ୍ଚି ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଯାହାଫଳରେ ଗ୍ରାମବାସୀମାନେ ଉକ୍ତ ଉତ୍ତ୍ୟକ୍ତ ହୋଇ ଯୁବକମାନଙ୍କୁ ଧରି କ୍ଲବ ଘର ନିକଟରେ ବସାଇଥିଲେ। ଖବର ପାଇ ନିମିଢ଼ିହି ଗ୍ରାମର କିଛି ମୁରବୀ ସେଠାରେ ପହଞ୍ଚି ଥିଲେ। ସେମାନଙ୍କ ଉପସ୍ଥିତିରେ ଏହାର ସମାଧାନ ହେବା ସହିତ ଉକ୍ତ ଯୁବକମାନେ ସେଠାରେ ଥିବା ମହିଳା ଓ ଯୁବତୀଙ୍କୁ ଭୁଲ୍ ମାଗି ସେଠାରୁ ଫେରିଥିଲେ। ମାତ୍ର ସକାଳୁ ଉକ୍ତ ଯୁବକମାନେ ଲକ୍ ଥାନାରେ ସେ ସମ୍ପର୍କରେ ଏତଲା ଦେଇଥିଲେ। ଯାହାକୁ ନେଇ ଚୂନ ଗ୍ରାମରେ ଉତ୍ତେଜନା ଦେଖାଦେବା ସହିତ ଗ୍ରାମର ମହିଳା ଓ ପୁରୁଷ ଲକ୍ ଥାନାରେ ପହଞ୍ଚି ସମ୍ପୃକ୍ତ ଯୁବକ ମାନଙ୍କୁ ଗିରଫ କରିବା ଦାବିରେ ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଯେତେବେଳେ ଯୁବକ ଜଣଙ୍କ ଆମ ଗ୍ରାମରେ ଆମ ଝିଅଙ୍କୁ ଅସଦାଚରଣ କରିଥିଲେ, ସେତେବେଳେ ଗ୍ରାମବାସୀ ଯୁବକଙ୍କୁ କାବୁ କରି ଅଟକ ରଖିଥିଲେ। ପରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇଥିଲା। କିନ୍ତୁ କାହିଁକି ପୁଣି ଉକ୍ତ ଯୁବକ ଥାନାରେ ଅଭିଯୋଗ କରିଛନ୍ତି, ତାକୁ ନେଇ ଏବେ ଉତ୍ତେଜନା ଦେଖାଦେଇଛି। ଏହାକୁ ରାଜନୈତିକ ରୂପ ଦିଆଯାଇଥିବା ଗ୍ରାମ।ସୀ ଅଭିଯୋଗ କରିଛନ୍ତି। ସରକାର ବଦଳିବାପରେ ବିଜେପିର କିଛି ଯୁବକଙ୍କ ଏଭଳି ଆଚରଣରେ ଗ୍ରାମର ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।



# ତାଳଦଣ୍ଡା କେନାଲରୁ ମୃତଦେହ ଉଦ୍ଧାର

କୁଜଙ୍ଗ,୧୫।୧୧ (ସମିସ): ଗତ ପହିଲାରେ ଯେଉଁ ଢଙ୍ଗରେ ତାଳଦଣ୍ଡା କେନାଲରୁ ଏକ ମୃତ ଗଳିତ ଶବ ଉଦ୍ଧାର କରାଯାଇଥିଲା ଆଜି ସେହିପରି ଏକ ମୃତଦେହ କୁଜଙ୍ଗ ପୁଲିସ ତାଳଦଣ୍ଡା କେନାଲରୁ ଉଦ୍ଧାର କରିଛି। ଗତକାଲି ଠାରୁ ଏହି ଶବ ରାହାମା ସନ୍ନିକଟ ଅଞ୍ଚଳରେ ଭାସୁଥିବା କିଛି ବ୍ୟକ୍ତି ଦେଖିଥିଲେ। ମାତ୍ର ଆଜି ଏହା ଭାସି ଭାସି ବଡପାଳ ନିକଟରେ ଏକ କଲଭର୍ଟରେ ଲାଗିବାରୁ ସ୍ଥାନୀୟ ଲୋକଙ୍କ ସୂଚନା ପାଇ କୁଜଙ୍ଗ ପୁଲିସ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର କରିଥିବା ସୂଚନା ମିଳିଛି। ଏହା ଜଣେ ପୁରୁଷ ଓ ବୟସ ପାଖାପାଖି ୫୦ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ ୧୫ ଦିନ ତଳେ ପାଇଥିବା ଶବ ପରିଚୟ ମିଳିନଥିବା ବେଳେ ଏବେ ପୁଣି ଏକ ସମାନ ଢଙ୍ଗରେ ଶବ ଦେଖାଦେବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ଯଶୋବନ୍ତ ଦାଶଙ୍କ ସ୍ମୃତିଚାରଣ

କୁଜଙ୍ଗ,୧୫।୧୧ (ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ଗ୍ରାମ ନିବାସୀ ଦିବଙ୍ଗତ ଶିକ୍ଷକ ଯଶବନ୍ତ ଦାଶଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା, ଗୀତା ପାଠ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ନିମ୍ନମାଧମିକ ଶିକ୍ଷକ ସଂଘର ଜିଲ୍ଲା ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ହିନ୍ଦୁ ଜାଗଣ ମଞ୍ଚର ରାଜ୍ୟ ସଂଯୋଜକ ତନ୍ମୟ କୁମାର ଦାଶ, ଶିକ୍ଷକ ନେତା ରାଜକିଶୋର ଦାଶ, ବାବୁରାମ ଚୌଧୁରୀ, ହାଇକୋର୍ଟର ଏଜିଏ ତପନ କୁମାର ଦାଶ, ପ୍ରାକ୍ତନ , ଏସ୍‌ଆଇ ନବୀନ କୁମାର ପ୍ରଧାନ, ଯଦୁ ମଣି ଦାସ, ରବୀନ୍ଦ୍ର ସିଂହ, ଗନ୍ଧର୍ବ ମଲ୍ଲ, କୈଳାସ ଚନ୍ଦ୍ର ଷଡଙ୍ଗୀ, ପ୍ରାଣକୃଷ୍ଣ ଜେନା, ରାଜତ ମିଶ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ।

ପୁତ୍ର ସଚ୍ଚିକାନ୍ତ ଦାଶ ଧନ୍ୟବାଦ ଦେଇଥିବା ବେଳେ ଗୋପୀନାଥ ଶତପଥି, ପ୍ରକାଶ ମିଶ୍ର ଓ ତାପସ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚମ୍ପକେଶ୍ୱରଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମୀ

କୁଜଙ୍ଗ,୧୫।୧୧ (ସମିସ): କୁଜଙ୍ଗ ଜଗନ୍ନାଥପୁର ନାଥ ସାହିରେ ବାବା ଚମ୍ପକେଶ୍ୱରଙ୍କ କାର୍ତ୍ତିକ ପୂର୍ଣ୍ଣିମା ପୂଜା, ବଡ଼ଓଷା ଓ ଅନ୍ୟାନ ବିଧି ଯଥାରିତ ଅନୁଷ୍ଠିତ ହୋଇଯାଇଛି। ଅରୁଣ କୁମାର ନାଥ, ସୁପ୍ରଭା ନାଥ, ଅକ୍ଷୟ ନାଥ, ଦିପକ କୁମାର ନାଥ, ରବୀନ୍ଦ୍ର ନାଥ, ଅଶୋକ ନାଥ ଓ ଆଲୋକ ନାଥ ପ୍ରମୁଖ ଏହି ଉତ୍ସବ ପରିଚାଳନା କରିଥିଲେ।

# ବସ୍ ଧକ୍କାରେ ମୃତକଙ୍କ ପରିଚୟ ମିଳିଲା

ବାଲିକୁଦା,୧୫।୧୧(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥ ତହସିଲ ଛକଠାରେ ଗତ ୩ ଦିନ ତଳେ ବସ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ବାଲିକୁଦା ଥାନାକୁ ସୂଚନା ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତକକୁ ଜଗତସିଂହପୁର ମେଡିକାଲ ପଠାଇବା ସହ ବସକୁ ଜବତ କରିଥିଲା। ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇ ଯାଇଥିଲା। ଦୀର୍ଘ ୩ ଦିନ ବିତିଯାଇଥିଲେ ସୁଦ୍ଧା ଦୁର୍ଘଟଣାରେ ମୃତକର ମୁହଁ ବିକୃତ ହୋଇ ଯାଇଥିବା କାରଣରୁ ପରିଚୟ ଜାଣିବା ପୁଲିସ ପକ୍ଷରେ ସମ୍ଭବ ହୋଇ ନଥିଲା। ତେବେ ପିନ୍ଧିଥିବା ଡ୍ରେସ ଓ ବେକରେ ଫିତା ଥିବା ଫଟୋ ପ୍ରକାଶ ପାଇବା ପରେ ବାଲିକୁଦା ଥାନା ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଛଇଳି ସ୍ୱାଇଁ ମୃତକ ଜଣଙ୍କ ତାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ସ୍ୱାଇଁ (୪୨) ବୋଲି ଦାବି କରିଥିଲେ। ଏନେଇ ଥାନା ଅଧିକାରୀଙ୍କ ନିକଟରେ ପୁତୁରା ଚରଣ ସ୍ୱାଇଁ ଓ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ପାଇଟାଲଙ୍କ ସହଯୋଗରେ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ କରି ମେଡିକାଲ କର୍ତ୍ତୃପକ୍ଷଙ୍କଠାରୁ ଶବ ଗ୍ରହଣ ପାଇଁ ଦାବି କରିଥିଲେ। ଦୁର୍ଯ୍ୟୋଧନ ଦିନ ମଜୁରିଆ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଅସହାୟ ପରିବାର ପାଇଁ ପତ୍ନୀ ଛଇଳି ଆଶାକର୍ମୀ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି। ତେଣୁ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଦୁର୍ଯ୍ୟୋଧନର ପରିବାର ପ୍ରତିପୋଷଣ ପାଇଁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ବାଲିକୁଦା,୧୫।୧୧(ସମିସ): ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ଅନନ୍ତପୁର ସ୍ଥିତ ଧାଁ ଦୌଡ଼ ଅଲେଖ ମହିମା ମଠ ପରିସରରେ ଉତ୍କଳ ଗ୍ରାମ୍ୟ ସ୍ୱରାଜ ଅନୁଷ୍ଠାନ ପକ୍ଷରୁ ସନ୍ଥକବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟକ ଭାବେ ସ୍ୱାମୀ ଗୁରୁପାଦ ବ୍ରହ୍ମ ଅବଧୂତ ଶ୍ରୀ ଶ୍ରୀ ସୁକାନ୍ତ ଦାସଜୀ ମହାରାଜ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ମଠ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ପରେ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଆଦିତ୍ୟ ପ୍ରସାଦ ଧଳ, ମହିମା ଗବେଷକ ଡ.ଏକାଦଶୀ ପ୍ରଧାନ, ବରେଣ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ସରପଞ୍ଚ କବିତା ପଲେଇ,ବିଶିଷ୍ଟ ଅତିଥି ଭାବେ ସାରସ୍ୱତ ସାଧକ ପତିତପାବନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଡ.ଶୋଭାବତୀ ସେନାପତି, ଶରତ କୁମାର ନାୟକ, ବାମଦେବ ବରାଳ, ଚୈତନ୍ୟ କୁମାର ରାଉତ, ପ୍ରମୋଦ କୁମାର ଦାଶ, ପ୍ରଶାନ୍ତ କୁମାର ଶତପଥୀ, ପୂର୍ବତନ ସମିତି ସଭ୍ୟ ରାଜୁ ମିଶ୍ର ପ୍ରମୁଖ ଉପସ୍ଥିତ ରହି ସନ୍ଥ କବି ଭୀମ ଭୋଇଙ୍କ ଜୀବନ ଆଦର୍ଶ ଉପରେ ଆଲୋଚନା କରିଥିଲେ। ଏହି ମହାନ କବିଙ୍କ ପ୍ରତିମୂର୍ତ୍ତି ଅଞ୍ଚଳବାସୀଙ୍କୁ ଦିଗଦର୍ଶନ ଯୋଗାଇବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମଠର ମହନ୍ତ ବାବା କଳ୍ପତରୁ ଦାସ ମଠରେ ଏହି ମହାନ କବିଙ୍କ ପ୍ରତିମୂର୍ତ୍ତି ଶୋଭା ବର୍ଦ୍ଧନ କରିବ ବୋଲି ଆଶା ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ ମାଳ ମରିଚପୁର ଉର୍ଣ୍ଣୟନ ପରିଷଦ ସଭାପତି ସୁବାସ ନାୟକ ପ୍ରଦାନ କରିଥିବା ବେଳେ ସ୍ଥାନୀୟ ସମିତି ସଭ୍ୟା ଜ୍ୟୋସ୍ନା ରାଣୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ସଂଖ୍ୟାରେ ମହିମା ଭକ୍ତ ଉପସ୍ଥିତ ଥିଲେ।

# ଏଏମ୍‌ଏନ୍‌ଏସ୍ କମ୍ପାନୀର ପାଚେରି ନିର୍ମାଣ କାର୍ଯ୍ୟକୁ ହାଣ୍ଡିଆବାସୀଙ୍କ ବିରୋଧ

ପାରାଦୀପ,୧୫।୧୧(ସମିସ): ଏଏମଏନଏସ କମ୍ପାନୀ ପାଚେରି ନିର୍ମାଣ କାମକୁ ବିରୋଧ କରି ହାଣ୍ଡିଆ ଗ୍ରାମବାସୀଙ୍କ ଧାରଣା ୩ ଦିନରେ ପହଞ୍ଚିଛି। ଏପର୍ଯ୍ୟନ୍ତ କୌଣସି ସମାଧାନର ସୂତ୍ର ବାହାରି ପାରିନାହିଁ। ଷ୍ଟିଲ୍ କମ୍ପାନୀର ପାଚେରି କାମକୁ ନେଇ ଠିକାଦାର ଓ ଆନ୍ଦୋଳନକାରୀ ହାଣ୍ଡିଆ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଘଟଣାସ୍ଥଳରେ ସବୁଦିନ ଲାଗିରହିଛି ଉତ୍ତେଜନା। କମ୍ପାନୀର ପାଚେରି କାମକୁ ବନ୍ଦ କରିଦେଇଛନ୍ତି ଗ୍ରାମବାସୀ। ଆଜି ତୃତୀୟ ଦିନରେ କିଛି ଗଣମାଧମ ପ୍ରତିନିଧି ଖବର ସଂଗ୍ରହ କରିବାକୁ ଉକ୍ତ ପାଚେରି ନିକଟକୁ ଯାଇଥିବା ବେଳେ ପାଚେରି କାମ ନେଇଥବା ବ୍ୟକ୍ତି ରାସ୍ତା ଉପରେ ଜେସିବି ରଖି ରାସ୍ତା ଅବରୋଧ କରିଥିବା ଅଭିଯୋଗ ହୋଇଛି। ଗଣମାଧମ ପ୍ରତିନିଧିମାନେ ପଚାରିବାରୁ 'ମୋ ନିଜ ଜାଗାରେ ମୁଁ ଜେସିବି ରଖିବାର ଅସୁବିଧା କେଉଁଠି'ବୋଲି ପାଲଟା ଉତ୍ତର ରଖିଥିଲେ। ଅନ୍ୟତ୍ର ବିସ୍ଥାପିତ ନ ହେବାକୁ ଗ୍ରାମବାସୀ ଦୋହରାଇଥିଲେ। ଗ୍ରାମର ବେକାର ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ଦାବିରେ ଏହି ଧାରଣା ଦିଆଯାଇଥିବା କହିଛନ୍ତି ହାଣ୍ଡିଆ ଗ୍ରାମବାସୀ। ନିଜର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣାରେ ବସିରହିବାକୁ ଚେତାବନୀ ଦେଇଛନ୍ତି।



# ବାଲିକୁଦାରେ ବୋଇତ ବନ୍ଦାଣ ଉତ୍ସବ



ବାଲିକୁଦା,୧୫।୧୧(ସମିସ): ବାଲିକୁଦା ବ୍ଲକ ବାଲିକୁଦା ବୋଇତ ବନ୍ଦାଣ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ବାଲିକୁଦା ପଞ୍ଚାୟତର ଅଳକା ନଦୀର ତିନି ମୁହାଣୀଠାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ସଭାପତି ଶିବବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ବୈରାଗୀ ଚରଣ ରାଉତ,ସମ୍ମାନିତ ଅତିଥି ଭାବେ ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ,କୃଷକ ନେତା ଦୁର୍ଗାଚରଣ ସ୍ୱାଇଁ,ମାନବାଧିକାର କର୍ପଶନ ରାଷ୍ଟ୍ରୀୟ ସଂଯୋଜକ ଦିଲ୍ଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ଓ ସାଧବ ପୁଅ ମାନେ ଯେଉଁଭଳି ନିଜର ବ୍ୟବସାୟ କରୁଥିଲେ ସେହି ଐତିହ୍ୟ ଗାଥାକୁ ଉଜ୍ଜୀବିତ କରିବା ପାଇଁ ଏହି ଆୟୋଜନ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି ସମ୍ପାଦକୀୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅତିଥି ପରିଚୟ କମଳାକାନ୍ତ ମହାପାତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଟଂରପୁର ସାଇ କଳା ବିକାଶକେନ୍ଦ୍ର ପକ୍ଷରୁ କୁନି କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସାଧବ ବୋହୁ ବେଶରେ ସୁସଜ୍ଜିତ କନ୍ୟାମାନେ ସାଧବ ପୁଅମାନଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରି ବୋଇତ ବନ୍ଦାଣ କରିଥିଲେ।

# କନକପୁରରେ ବୋଇତ ବନ୍ଦାଣ ଉତ୍ସବ

ତିର୍ତ୍ତୋଲ, ୧୫।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଝଙ୍କଡ଼ କନକପୁରଠାରେ ଝଙ୍କଡ଼ ବୋଇତ ବନ୍ଦାଣ ପରିଷଦର ଆନୁକୁଲ୍ୟରେ ବୋଇତ ବନ୍ଦାଣ ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବେଦପାଠ ପରେ ସରପଞ୍ଚ ରେବତୀ ମହାନ୍ତି ଓ ସମାଜସେବୀ ଅଶୋକ ମହାନ୍ତି ସାରଳା ଦାସ ପଟ୍ଟନାୟିକା ପୋଖରୀରେ ପହଞ୍ଚି ବୋଇତକୁ ପୂଜାର୍ଚ୍ଚନା କରି ଭସାଇଥିଲେ। କନକପୁର ପଞ୍ଚାୟତର ବହୁ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ।



## ଜିଲ୍ଲାସ୍ତରୀୟ ବିଶ୍ୱ ମଧୁମେହ ଦିବସ

# 'ରୋଗର ପ୍ରତିରୋଧ ପାଇଁ ସଚେତନତା ଜରୁରୀ'

ଜଗତସିଂହପୁର,୧୫।୧୧(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହଠାରେ ବିଶ୍ୱ ମଧୁମେୟ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଘୁନାଥ ନାୟକଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଘୁନାଥ ନାୟକ ବିଶ୍ୱ ମଧୁମେୟ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରମୋଦ କୁମାର ବାରିକ ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଗ୍ରାମାଞ୍ଚଳରେ ମଧୁମେୟର ପ୍ରତିରୋଧ ନିମନ୍ତେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ।

ଯାହାର ଏହି ମଧୁମେୟ ଅଛି ପରୀକ୍ଷା ନ କରି କୌଣସି ଔଷଧ ଖାଇବା ନିରାପଦ ନୁହେଁ, ପ୍ରତ୍ୟେକ ଗର୍ଭବତୀଙ୍କର ମଧୁମେୟ ପରୀକ୍ଷା କରାଇବା ଉଚିତ ଓ ଏହି ପରୀକ୍ଷା ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ର, ଉପକେନ୍ଦ୍ର ଓ ଜିଲ୍ଲା ଡାକ୍ତରଖାନା ପର୍ଯ୍ୟନ୍ତ ମାଗଣାରେ ଉପଲବ୍ଧ। ମଧୁମେୟ ଚିହ୍ନଟ ହେଲେ ଚିକିତ୍ସା ମଧ ମାଗଣାରେ ଯୋଗାଇ ଦିଆଯାଇଥାଏ ବୋଲି ବକ୍ତବ୍ୟ ରଖିଥିଲେ। ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଚକ୍ରଧର ଜେନା ଏ ସମ୍ପର୍କରେ ଅବଗତ କରାଇଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ଓ ଗାଦିବ୍ରହ୍ମ ମହିଳା ମହାବିଦ୍ୟାଳୟ କଢୁଆପଡାର ଛାତ୍ରୀମାନଙ୍କ ମଧ୍ୟରେ ଡାଇବେଟିସର ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ସେଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରୀମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଘୁନାଥ ନାୟକ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ଉକ୍ତ ସଭାକୁ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ।



ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରିଣୀ ସଚଳା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରୁ ମାଇକ୍ରୋ ବାୟୋଲୋଜିଷ୍ଟ ଡାକ୍ତର ବିବେକାନନ୍ଦ ପଣ୍ଡା, ଆସିଷ୍ଟାଣ୍ଟ ମ୍ୟାନେଜର ଅସିତ ଦାଶ, ମହେନ୍ଦ୍ର କୁମାର ସ୍ୱାଇଁ, ଶିକ୍ଷୟିତ୍ରୀ ସସ୍ମିତା ଶତପଥୀ, ଅନନ୍ୟା ମହାନ୍ତି, ମନ୍ଲସୁ ମଲ୍ଲିକ, ମହିମା ଓ ନାରାୟଣୀ ସ୍କୁଲ ଅଫ୍ ନର୍ସିଂର ପ୍ରିନ୍‌ସିପାଲ ଏବଂ ଛାତ୍ରଛାତ୍ରୀ, ଜଗତସିଂହପୁରର ଆଶା କର୍ମୀମାନେ, ମହିଳା ଆରୋଗ୍ୟ ସମିତିର ସଦସ୍ୟ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସ ପାଳିତ

# ପାଇପ୍ ଯୋଗେ ଇନ୍ଧନ ଗ୍ୟାସ୍ ପ୍ରକଳ୍ପର ଶୁଭାରମ୍ଭ






ପାରାଦୀପ, ୧୫ ।୧୧ (ସମିସ) : ପାରାଦୀପ ପୋର୍ଟର ୱେଟ ବେସିନଠାରେ ପାରାଦୀପ ବନ୍ଦର ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଓ ବନ୍ଦର ଦିବସକୁ ବହୁ ଆଡମ୍ବର ସହ ପାଳନ କରାଯାଇଛି । ଏହି ବୋଇତ ବନ୍ଦାଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସାଧବ ମାନଙ୍କୁ ମେଲାଣି ଦେବା ଉଦ୍ଦେଶ୍ୟରେ ବୋଇତକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ଏହି ଅବସରରେ ଆୟୋଜିତ ସଭାରେ ସେ କହିଥିଲେ ଯେ, ଓଡ଼ିଶାର ସମସ୍ତ ପର୍ବ ଧାର୍ମିକ ଭାବନା ସହ ଜଡିତ ଥିବାବେଳେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ଇତିହାସ ସହ ସମ୍ପୃକ୍ତ। ସେହି ପୂର୍ବ ଗୌରବ ଓ ଇତିହାସ ଗାଥାକୁ ମନେପକାଇ ଦେବା ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପାରମ୍ପରିକ ଭାବେ ଏହି ଉତ୍ସବ ପାଳନ କରିଆସୁଛନ୍ତି। ସେ କହିଲେ ଓଡ଼ିଶା ଅର୍ଥନୀତିର ଏହାକୁ ମୁଖଶାଳା କହିଲେ ଅତ୍ୟୁକ୍ତି ହେବନାହିଁ। ୧୫୦୦୦ କୋଟି ଅର୍ଥ

### ଭାରୀଯାନ କ୍ଷମତା ସମ୍ପନ୍ନ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ

ବିନିମୟରେ ତିଆରି ହେବ ଜାତୀୟ ଜଳପଥ। ଯାହା ତାଳଚେରଠାରୁ କଳିଙ୍ଗ ନଗର ଦେଇ ପାରାଦୀପକୁ ଯୋଡ଼ିବା ସହ ପୂର୍ବୋଦୟର ବିକାଶ କରିବ। ସେହିପରି ମେରିଟାଇମ ଇଣ୍ଡିଆ ଭିଜନ-୨୦୩୦ ଓ ଅମୃତ କାଳ ୨୦୪୭ ସୁଦ୍ଧା ଭାରତୀୟ ବନ୍ଦର କ୍ଷେତ୍ରରେ ପ୍ରାୟ ୭୦ ଲକ୍ଷ କୋଟି ଟଙ୍କାର ନିବେଶ କରାଯିବ ବୋଲି କହିଥିଲେ ମୁଖ୍ୟମନ୍ତ୍ରୀ। ଏହାପରେ ମୁଖ୍ୟମନ୍ତ୍ରୀ ପାରାଦୀପ ବନ୍ଦର ଓ ବିପିସିଏଲ୍‌ର ସହଭାଗିତାରେ ବନ୍ଦର ଅଞ୍ଚଳର ୭ ହଜାରରୁ ଅଧିକ ଘର ନିମନ୍ତେ ପାଇପ୍ ଯୋଗେ ଇନ୍ଧନ ଗ୍ୟାସ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।୨୪.୮୯ କୋଟି ବ୍ୟୟ ଅଟକଳରେ ନିର୍ମିତ ତିନି ଲେନ୍ ବିଶିଷ୍ଟ ୫ ଶହ ମିଟର ଦୀର୍ଘ ଓ ଭାରୀଯାନ କ୍ଷମତା ସମ୍ପନ୍ନ ପୋଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଜେ ସୋନାଲ, ଡିଆଇଜି ଚରଣ ସିଂ ମୀନା ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ବନ୍ଦର ଅଧକ୍ଷ ପି ଏଲ୍ ହରନାଧ ସ୍ୱାଗତ ଭାଷଣ ଦେବା ସହ ପାରାଦୀପ ବନ୍ଦରର ଅଭୂତପୂର୍ବ ସଫଳତା ବିଷୟରେ କହିଥିଲେ। ବନ୍ଦର ଉପାଧକ୍ଷ ନୀଳଭ୍ର ଦାସଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଉଳସାହିରେ କାର୍ତ୍ତିକେଶ୍ୱର ପୂଜା

ଓଲାଭର,୧୫ ।୧୧(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ଗ୍ରାମପଞ୍ଚାୟତ ଦେଉଳସାହି ଗ୍ରାମରେ ପ୍ରତି ବର୍ଷ ପରି ଚଳିତବର୍ଷ ମଧ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ କାର୍ତ୍ତିକେଶ୍ୱରଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଇଛି । ଏହି ମହାର୍ଘ୍ୟ କାର୍ଯ୍ୟକ୍ରମର ପ୍ରାରମ୍ଭରେ କମିଟିର ସଦସ୍ୟମାନେ ଆଜି କଳସ ଶୋଭାଯାତ୍ରାରେ ଗ୍ରାମ୍ୟ ପୋଖରୀରୁ ପାଣି ଆଣି ଘଟ ସ୍ଥାପନ କରିବା ଠାକୁରଙ୍କୁ ଆବାହନ କରାଯାଇଛି । ସମସ୍ତ ନୀତିକାନ୍ତି ଅନୁସାରେ ଏଠାରେ ପୂଜାର୍ଚ୍ଚନା କରା ଯିବାକୁ ସ୍ଥିର ହୋଇଛି। ଏହି ପୂଜାରେ ସ୍ଥାନୀୟଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ଠାକୁରଙ୍କ ଆଶିଷ ଲାଭକରିବେ । ଏଥିପାଇଁ ଏଠାରେ ଭିଡକୁ ଆଖି ଆଗରେ ରଖି ବହୁ ସ୍ୱେଚ୍ଛାସେବୀକର୍ମୀ ବି ନିୟୋଜିତ ଅଛନ୍ତି । ଏହି ପୂଜା କମିଟି ଏକ "ପୁରାତନ ଅନୁଷ୍ଠାନ ହୋଇ ଥିବାରୁ ଦେଉଳସାହି ଗ୍ରାମବାସୀ,ଯୁବକ ସଂଘ ଓ କାର୍ତ୍ତିକେଶ୍ୱର ପୂଜା କମିଟି ଏହାକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି।

## ଏଫ୍‌ଆଇଆରକୁ ଓଡ଼ିଆ ଭାଷା ମାଧ୍ୟମରେ ପ୍ରକାଶ କରିବାକୁ ଦାବି

ପଟ୍ଟାମୁଣ୍ଡାଇ,୧୫।୧୧(ସମିସ): ପ୍ରଥମ ସୂଚନା ରିପୋର୍ଟ (ଏଫଆଇଆର)କୁ ଓଡ଼ିଆ ଭାଷା ମାଧ୍ୟମରେ ପ୍ରକାଶ କରିବାକୁ ଦାବି ହେଉଛି। ସମ୍ପ୍ରତି ଦୀର୍ଘଦିନ ଧରି ଥାନା ମାନଙ୍କରେ ଚାଲି ଆସିଛି ଇଂରାଜୀ ଏଫଆଇଆର ବ୍ୟବସ୍ଥା। ଏହି ବ୍ୟବସ୍ଥାର ସୁଧାର ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା। ଏନେଇ ଶ୍ରୀ ବେହେରା ରାଜ୍ୟ ଗୃହ ବିଭାଗ, ମୁଖ୍ୟ ଶାସନ ସଚିବ, ଓଡ଼ିଶା ହାଇକୋର୍ଟଙ୍କ ନିକଟକୁ ଚିଠି ଲେଖିଛନ୍ତି। ଗୌତମଙ୍କ ପ୍ରସ୍ତାବ ଅନୁସାରେ ସମ୍ପ୍ରତି, ଓଡ଼ିଆ ଅନଲାଇନ୍ ଏଫ୍‌ଆଇଆର୍ ପଞ୍ଜୀକରଣ ପାଇଁ ନ୍ୟାସନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନସିଆରବି) ଦ୍ୱାରା ଜାରି କରାଯାଇଥିବା ଇଣ୍ଟିଗ୍ରେଟେଡ୍ ଇନଭେଷ୍ଟିଗେସନ୍ ଫର୍ମ -୧ (ଆଇଆଇଏଫ-୧) ବ୍ୟବହାର କରାଯାଉଛି। ଏହି ଦ୍ୱିଭାଷୀ ଫର୍ମାଟରେ ଇଂରାଜୀ ଏବଂ ହିନ୍ଦୀ ଅନ୍ତର୍ଭୁକ୍ତ। ଓଡ଼ିଶାର ଗ୍ରାମାଞ୍ଚଳର ଲୋକମାନେ ଏଭଳି ଭାଷାକୁ ବୁଝି ପାରନ୍ତି ନାହିଁ। ଅପରାଧିକ ପ୍ରକ୍ରିୟା, ୧୯୭୩ର ଧାରା ୧୫୪ (୧) ଆଦେଶ ଅନୁସାରେ ସୂଚନାଦାତା କିମ୍ବା ଅଭିଯୋଗକାରୀ ବୁଝିପାରୁଥିବା ଭାଷାରେ ଏଫ୍‌ଆଇଆର ରେକର୍ଡ କରାଯାଏ। ଏଫ୍‌ଆଇଆର ଫର୍ମାଟରେ ଓଡ଼ିଆ ଭାଷା ସ୍ଥାନିତ ନହେବା ହେତୁ ସାଧାରଣ ଲୋକଙ୍କ ପାଇଁ ବୁଝିବା ଅତ୍ୟନ୍ତ କଷ୍ଟକର ହୋଇଥାଏ। ଅପରାଧିକ ନ୍ୟାୟ ବ୍ୟବସ୍ଥାର କାର୍ଯ୍ୟକାରିତା ଏବଂ ନ୍ୟାୟ ଉପରେ ପ୍ରଭାବ ପକାଇ ଓଡ଼ିଆ ଭାଷା ବିକଳ୍ପର ଉପଲବ୍ଧତା ନ ଥିବାରୁ ଏଫଆଇଆର ଗୁଡିକ ଭୁଲ୍ ଭାବରେ ପଞ୍ଜୀକୃତ ହୋଇଥିବା ବିଭିନ୍ନ ସମୟରେ ଦେଖିବାକୁ ମିଳୁଛି। ଏହା ମଧ ଓଡ଼ିଶା ସରକାରୀ ଭାଷା ଅଧିନିୟମ, ୧୯୫୪କୁ ବିରୋଧ କରେ। ଯାହା ଧାରା ୨(୧) ରେ ଉଲ୍ଲେଖ କରିଛି ଯେ, ଓଡ଼ିଶା ରାଜ୍ୟ କିମ୍ବା ସମସ୍ତ ସରକାରୀ ଉଦ୍ଦେଶ୍ୟରେ ବ୍ୟବହୃତ ହେବାକୁ ଥିବା ଭାଷା ଓଡ଼ିଆରେ ହିଁ ହେବ। ଆସାମ, ଗୁଜୁରାଟ, ମହାରାଷ୍ଟ୍ର, ପଞ୍ଜାବ, କେରଳ ଏବଂ ଦିଲ୍ଲୀ ଭଳି ରାଜ୍ୟମାନେ ନିଜ ନାଗରିକଙ୍କ ପାଇଁ ଅଧିକ ସୁଗମ ତଥା ସ୍ୱଚ୍ଛ ନ୍ୟାୟ ବ୍ୟବସ୍ଥାକୁ ସହଜ କରିବା ପାଇଁ ଇଂରାଜୀ ସହିତ ନିଜ ନିଜ ରାଜ୍ୟର ମାତୃଭାଷାରେ ଏଫଆଇଆର ପଞ୍ଜୀକରଣ କରି ଆସୁଛନ୍ତି। ଓଡ଼ିଶାରେ ସମାନ ଆଭିମୁଖ୍ୟ ଗ୍ରହଣ କରିଲେ ଏହା କେବଳ ନ୍ୟାୟକୁ ସମର୍ଥନ କରିବ ନାହିଁ ବରଂ ଓଡିଆ ଅସ୍ମିତା ପଦକ୍ଷେପ ମାଧ୍ୟମରେ ଆମ ଐତିହ୍ୟ, ସମ୍ମାନ ଏବଂ ଗର୍ବର ଭାବନା ବଢ଼ାଇବ। ତତ୍ ସହିତ ଏହା ରାଜ୍ୟର ଲୋକଙ୍କ ପାଇଁ ସଠିକ୍, ନିରପେକ୍ଷ ଏବଂ ବୁଝାମଣା ପ୍ରକ୍ରିୟାକୁ ଅଧିକ ସକ୍ଷମ କରିବ। ଗୌତମଙ୍କ ଏହି ପ୍ରସ୍ତାବ ଆଗତ ପରେ ଉପମୁଖ୍ୟ ଶାସନ ସଚିବ ସୁଧିର କୁମାର ସାହୁ ସ୍ୱରାଷ୍ଟ୍ର ବିଭାଗର ଯୁଗ୍ମ ଶାସନ ସଚିବଙ୍କୁ ଚିଠି ନଂ-୬୫୩୩ ତା୧୩.୧୧.୨୦୨୪ ରେ ଲେଖି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି।

## ପାରାଦୀପଗଡ଼ରେ ବୋଇତ ଭସାଣ ଉତ୍ସବ



ପାରାଦୀପ,୧୫ ।୧୧(ସମିସ) : ପାରାଦୀପଗଡ ଗ୍ରାମ ପଞ୍ଚାୟତ ପାରାଦୀପ ଗଡ ଗ୍ରାମରେ ଦୀର୍ଘ ୧୦୦ ବର୍ଷ ରୁ ଉଦ୍ଧ୍ୱର୍ ହେବ ପାରମ୍ପରିକ ରୀତି ନୀତି ଅନୁସାରେ ବୋଇତ ଭସାଣି ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି ।ଗ୍ରାମର ବିଭିନ୍ନ ୱାର୍ଡରେ ନିର୍ମିତ ହୋଇଥିବା ୬ ଗୋଟି ସୁସଜ୍ଜିତ ବୋଇତକୁ ସରପଞ୍ଚ ସସ୍ମିତା ବେହେରା ପୂଜାର୍ଚ୍ଚନା କରି ଉଦଘାଟନ କରିବା ପରେ ଗ୍ରାମ ପରିକ୍ରମା କରି ତାଳଦଣ୍ଡା କେନାଲ, ଚନ୍ଦନ ପୋଖରୀ ଓ ପାପନାଶିନୀ ପୋଖରୀରେ ଭସାଣି କରିଥିଲେ। ପାରାଦୀପ ଲକ୍ ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଉଥିଲା ସେହିପରି ଭସାଣି ଉତ୍ସବକୁ ତଦାରଖ କରିବା ପାଇଁ ପଞ୍ଚାୟତ ତରଫରୁ ୧୦ ଜନ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଥିଲା ଗ୍ରାମର ହଜାର ହଜାର ଗ୍ରାମବାସୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଆସନ୍ତା ସାଧାରଣତନ୍ତ୍ର ଦିବସ ସମାରୋହ ଉତ୍ସବ ଅବସରରେ ବୋଇତର ସାଜସଜ୍ଜା, ଶୃଙ୍ଖଳା, ନୃତ୍ୟ, ଗୀତ ଓ ସଙ୍ଗୀତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବୋଇତ ଭସାଣି କମିଟିକୁ ପଞ୍ଚାୟତ ତରଫରୁ ପୁରସ୍କୃତ କରାଯିବ ବୋଲି ସରପଞ୍ଚ ଶ୍ରୀମତୀ ବେହେରା ପ୍ରକାଶ କରିଥଲେ । ଉକ୍ତ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଚନ୍ଦ୍ର ଶେଖର ଚୌଧୁରୀ, ଅଲେଖ ମହାରଥା, ରମେଶ ଚନ୍ଦ୍ର ବେହେରା, ଦେବ ଦୁର୍ଲ୍ଲଭ କର, ସତ୍ୟନାରାୟଣ ମହାପାତ୍ର, ସନ୍ତୋଷ ଦୋରା, ରାକେଶ ମଙ୍ଗରାଜ, ଜିତେନ୍ଦ୍ର ସାମଲ, ରଞ୍ଜନ ସାମଲ, ସୁଧାଂଶୁ ଶେଖର ସାହୁ, ସୁଭଶ୍ମିତା ମଙ୍ଗରାଜ, ପାପୁନା ସେଠୀ, ବିପିନ ସେଠୀ, ଧନେଶ୍?ର ସାହୁ, ରୋଜକିନି ନାୟକ, ବାପିନା ପଣ୍ଡା, ଲିପୁନ ବେହେରା, ଦୀପକ ପଣ୍ଡା, ଫୁଲ ସାହୁ, ସନାତନ ମାଝୀ, ସାରଦା ପ୍ରସନ୍ନ ସ୍ୱାଇଁ, ରବୀନ୍ଦ୍ର ସାହୁ, ପ୍ରମୁଖ ଉକ୍ତ ଉତ୍ସବକୁ ପରିଚାଳନା କରିଥିଲେ।

## 'ପ୍ରାଣୀ ସମ୍ପଦର ବିକାଶ ହେଲେ ଅଞ୍ଚଳର ବିକାଶ ହେବ'

### ଯୁବ ଉଦ୍ୟୋଗୀଙ୍କୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି

ପଟ୍ଟାମୁଣ୍ଡାଇ,୧୫।୧୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୮୦ ଭାଗ ଲୋକ ସମ୍ପ୍ରତି କୃଷି ଓ ଗୋପାଳନ କରୁଥିବା ଜଣାଯାଇଛି। ତେଣୁ ପ୍ରାଣୀ ସମ୍ପଦର ବିକାଶ ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଭଳି ଏକ ସୁବିସ୍ତିର୍ଣ୍ଣ ଚାରଣ ଭୂମୀ ମହଜୁଦ ଥିବା ଅଞ୍ଚଳରେ ପ୍ରାଣୀ ସମ୍ପଦ ବିଶେଷ କରି ଗୋ-ସମ୍ପଦର ସୁରକ୍ଷା ଓ ବିକାଶ ବହୁଳ ମାତ୍ରାରେ ବାଧାପ୍ରାପ୍ତ। ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଗୋପାଳନ ଏକ ପ୍ରମୁଖ ଭୂମିକା ନିର୍ବାହ କରିବା କଥା। କୃଷି, ଗୃହପାଳିତ ପଶୁ ପକ୍ଷୀ ପାଳନ ଉପରେ ଅଞ୍ଚଳବାସୀ ମୁଖ୍ୟତଃ ନିର୍ଭରଶୀଳ। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୋଧନର ବିକାଶ ନେଇ କୌଣସି ଠୋସ ପଦକ୍ଷେପ ନିଆ।ଉନଥିବା ଦେଖା।ଉଛି। ୨୦୧୨ ଓ ୨୦୧୯ ମସିହାରେ ପ୍ରାଣୀ ସମ୍ପଦ ଗଣନା ଅନୁଯାୟୀ ଗୋଧନଙ୍କ ସଂଖ୍ୟା ହ୍ରାସ ପାଇଛି। ପଟ୍ଟାମୁଣ୍ଡାଇ ଭଳି ଏକ କୃଷିପ୍ରଧାନ ଅଞ୍ଚଳ ଗୋଧନଙ୍କ ସଂଖ୍ୟା କମିବା ନିହାତି ଚିନ୍ତାର ବିଷୟ। ଏହାର ବହୁବିଧ କାରଣ ମଧ୍ୟରୁ ବ୍ୟକ୍ତିଗତ ମାଲିକାନାରେ ଚାଲୁଥିବା ଗୋଶାଳା ଗୁଡ଼ିକର ବିକାଶ ନେଇ ବିଭାଗ ପକ୍ଷରୁ ସେପରି କୌଣସି ପ୍ରୋତ୍ସାହନ ଯୋଗାଇ ଦିଆଯାଉନଥିବା ହେତୁ ହାତଗଣତି କେତୋଟି ଗୋଶାଳାକୁ ଛାଡ଼ିଦେଲେ ବହୁ ଗୋଶାଳା ବନ୍ଦ ହୋଇ ରହିଛି। ଏଥିପାଇଁ ଚାରଣ ଭୂମୀର ବେଆଇନ ଦଖଲ, ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ସରକାରୀ ତଥା ବିଭାଗୀୟ ଉଦାସୀନତାକୁ ଦାୟୀ କରାଯାଇପାରେ। ଯୁବଗୋଷ୍ଠୀ ଅତ୍ୟାଧୁନିକ ଉପାୟରେ ଗୋପାଳନ କରି ସ୍ୱାବଲମ୍ବୀ ହେବାକୁ ବିଭାଗ ପକ୍ଷରୁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉନାହିଁ। ପ୍ରାଣୀମାନଙ୍କର ଚିକିତ୍ସା ଭିତ୍ତିଭୂମି ମଧ୍ୟ ଦୁର୍ବଳ ହୋଇପଡ଼ିଛି। ଫଳରେ ଏମାନଙ୍କର ସମୟ ମୁତାବକ ଉପଯୁକ୍ତ ଚିକିତ୍ସା ହୋଇପାରୁନାହିଁ। ଏଣୁ ଏହି କ୍ଷେତ୍ରକୁ ନୂତନ ଉଦ୍ୟୋଗୀଙ୍କ ପ୍ରବେଶ ନିରୁତ୍ସାହ ଜନକ ରହୁଛି। ପ୍ରାଣୀ ଚିକିତ୍ସା କେନ୍ଦ୍ର ଗୁଡିକରେ ବହୁ ଚିକିତ୍ସକ ପଦବୀ ଖାଲି ପଡ଼ିଛି। ଅନେକ ସ୍ଥାନରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ପାଇଁ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସୁଦୃଶ୍ୟ କୋଠା ମାନ ନିର୍ମାଣ ହେଉଥିଲେ ମଧ ଚିକିତ୍ସକ ଓ କର୍ମଚାରୀ ଅଭାବରୁ ସେଗୁଡିକ ଖୋଲି ନପାରି ବିଲଡିଂ ସବୁ ଲଟାବୁଦା ମାଡ଼ି ନଷ୍ଟ ହେବା ସହିତ ବିଲ୍‌ଡିଂ ଗୁଡିକରୁ କବାଟ ଝରକା ଅସାମାଜିକ ଲୋକେ ଖୋଲି ନେଲେଣି। ଫଳରେ ଜନସାଧାରଣ ତଥା ଗୋ-ସମ୍ପଦ ଉଦ୍ୟୋଗୀ ମାନେ ସ୍ଥଳ ବିଶେଷରେ ସମୟ ମୁତାବକ ଚିକିତ୍ସା ନପାଇ ଲକ୍ଷାଧିକ ଟଙ୍କା କ୍ଷତିରେ ପଡୁଛନ୍ତି। ସରକାରୀ ବିଭାଗୀୟ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି କୌଣସି ତୃଣମୂଳ ରିପୋର୍ଟ କିମ୍ବା ସମସ୍ୟାକୁ ତର୍ଜମା ନକରି କେବଳ ପ୍ରତି ପଞ୍ଚାୟତରେ ପ୍ରାଣୀ ଚିକିତ୍ସାଳୟ ଖୋଲାଯିବାର ଘୋଷଣା କରି ଚିକିତ୍ସାଳୟ ବିଲଡିଂ ନିର୍ମାଣ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ତେବେ ସେହି ଚିକିତ୍ସାଳୟ ଚଳାଇବା ପାଇଁ ଆବଶ୍ୟକୀୟ ଡାକ୍ତର ଓ କର୍ମଚାରୀ ନିଯୁକ୍ତ ନ କରିବା ଏ କ୍ଷେତ୍ରରେ ମୁଖ୍ୟ ବାଧକ ସାଜିଥିବା କୁହାଯାଉଛି। କିଛି ତଥାକଥିତ ସଂଗଠନ ବେଆଇନ ଗୋ-ଚାଲାଣ ନେଇ ଭିଡ଼ ସୃଷ୍ଟି କରିବା ଓ ହିଂସାତ୍ମକ ଆଚରଣ କରିବାକୁ ସେମାନଙ୍କର ଅଧିକାର ବୋଲି ଭାବି ନେଉଛନ୍ତି। ଗୋ-ସମ୍ପଦର ବିକାଶ ବାସ୍ତବରେ କିଭଳି ସମ୍ଭବ ହେବ ତାହା ଚିନ୍ତା କରୁନଥିବାର ଦେଖାଯାଇଛି। ସରକାର ଏଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେଇ ସମସ୍ୟାର ସମାଧାନ କରିବା ସହିତ ଜିଲ୍ଲାରେ ପ୍ରାଣୀ ସମ୍ପଦର ବିକାଶ ଦିଗରେ ଅଧିକ ସୁଯୋଗ ସୃଷ୍ଟି କରିବାକୁ ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

## ଦଣ୍ଡାସାହିରେ ରାସ ଉତ୍ସବ



ତିର୍ତ୍ତୋଲ,୧୫।୧୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ପଞ୍ଚାୟତ ଦଣ୍ଡସାହି ପଡା ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ରାସ ଉତ୍ସବ ପାଳିତ ହୋଇଯାଇଛି । ଏହି ରାସ ଉତ୍ସବ ୧୦୦ ବର୍ଷରୁ ଉର୍ଦ୍ଧ ସମୟ ହେଲାଣି ଗ୍ରାମରେ ପାଳିତ ହୋଇଆସୁଛି । ପୂଜକ ମାନସ ଦାସଙ୍କ ଦ୍ୱାରା ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଭୁବନାନନ୍ଦ ସ୍ୱାଇଁ, ନିରଞ୍ଜନ ରାଉତ, ବାବାଜୀ ସ୍ୱାଇଁଙ୍କ ଦ୍ୱାରା ରାସ କରାଯାଇଥିଲା । ନାଏବ ସରପଞ୍ଚ ମହେନ୍ଦ୍ର ରାଉତ, ସୁରେନ୍ଦ୍ର ରାଉତ, ରବି ଦାସ, ନୃସିଂହ ମହାନ୍ତି ଓ ରାମେଶ୍ୱର କୀର୍ତ୍ତନ ମଣ୍ଡଳୀର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ଚେଳିତୋଳ ବୋଇତ ବନ୍ଦାଣ ଉତ୍ସବ



ତିର୍ତ୍ତୋଲ,୧୫।୧୧(ସମିସ): ପ୍ରାଚୀନ ଉତ୍କଳର ମହାନ୍ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ ପୂର୍ବକ ତିର୍ତ୍ତୋଲ ନିକଟସ୍ଥ ଗୋପିଆକୁଦ ତାର୍‌ତୋଲ ମହାନଦୀ ପୋଲ ନିକଟରେ ଆଜି କାର୍ତ୍ତିକ ପୂର୍ଣ୍ଣିମା ସକାଳ ସମୟରେ ଚେଳିତୋଳ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ଡାକ ବଙ୍ଗଳାଠାରୁ ଏକ ପଟୁଆରରେ ବାଜାବାଣ ସହ ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇ ସାଧବପୁଅ ବେଶରେ ମହାନଦୀ କୂଳରେ ପହଞ୍ଚିଥିଲେ। ଋତୁପର୍ଣ୍ଣା କଳା ସାହିତ୍ୟ ସଂସଦର ସମ୍ପାଦିକା ଅଧାପିକା ରାଜଶ୍ରୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସଂସଦର କଳାକାରମାନେ ସାଧବାଣୀ ବେଶରେ ବୋଇତକୁ ବନ୍ଦାପନା କରିଥିଲେ। ପଣ୍ଡିତ ବଟଚରଣ ଦାଶ ଓ ପଣ୍ଡିତ ଶିଶିର କୁମାର ପଣ୍ଡାଙ୍କ ମନ୍ତ୍ରୋଚ୍ଚାରଣରେ ସାଧବ ପୁଅ ଭାବେ ବିଧାୟକ ଡ.ଭୋଇ ବୋଇତକୁ ପୂଜାର୍ଚ୍ଚନା କରି ମହାନଦୀ ଜଳ ରାଶିରେ ଭସାଇ ମେଲାଣି ଦେଇଥିଲେ। ଜିଲ୍ଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ ବେହେରା, ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ରଘୁନାଥପୁର ବ୍ଲକ ଅଧକ୍ଷ ଲକ୍ଷ୍ମୀ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସୁନୀଲ ବେହେରା, ଅଶ୍ୱିନୀ ଦାସ, ବସନ୍ତ ମହାପାତ୍ର, ଅରବିନ୍ଦ ହୋତା, ସୁବ୍ରତ ଦାଶ, ଦେବବ୍ରତ ମହାନ୍ତି, ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ସମିତି ସଭ୍ୟ ପ୍ରନୀର ରାୟ, ବିମଳ ମହାପାତ୍ର, ଅମରଜ୍ୟୋତି ସାହୁ, ତପନ ମହାନ୍ତି, ସୁମିତ ଦାସ, ନିହାର ମହାନ୍ତି, ଯଶୋବନ୍ତ ରାଉତ, ଦେବୀପ୍ରସାଦ ମହାପାତ୍ର, ସୁଦର୍ଶନ ପଣ୍ଡା, ସମିତିସଭ୍ୟା ରୋଜାଲିନ ଜେନା, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ଦିଲିପ ମହାନ୍ତି, ରାଜେଶ ମିଶ୍ର, ବିନ୍ଧ୍ୟବାସିନୀ ମହାନ୍ତି, ପ୍ରମୋଦିନୀ ସେଠୀ, ଯୋଶେଫ ସ୍ୱାଇଁ, ରମେଶ ରାଉଳ, ଶ୍ରୀନିବାସ ଦାଶଙ୍କ ସମେତ ତିର୍ତ୍ତୋଲ ଅଞ୍ଚଳର ବହୁ ଜନସାଧାରଣ, ମହିଳା, ବୁଦ୍ଧିଜୀବି, ସରପଞ୍ଚ ଓ ସମିତି ସଭ୍ୟ, ଲୋକପ୍ରତିନିଧି ମାନେ ସାମିଲ ହୋଇଥିଲେ। ପରେ ବିଧାୟକ ଡ. ଭୋଇ ଫିତା କାଟି ଗୋପିଆକୁଦଠାରେ ଚେଳିତୋଳ ବାଲିଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ବାଲିଯାତ୍ରା ଷ୍ଟଲ୍ ଗୁଡ଼ିକ ପରିଦର୍ଶନ କରିଥିଲେ।

## ଶିଶୁ ଦିବସ ପାଳିତ



ତିର୍ତ୍ତୋଲ, ୧୫।୧୧(ସମିସ): ଶିଶୁ ଦିବସ ପାଳନ ଅବସରରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ନୂଆପଡାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବକ୍ତୃତା, ଚିତ୍ରାଙ୍କନ ଓ କୁଇଜ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପ୍ରଧାନଶିକ୍ଷୟିତ୍ରୀ ସରସ୍ୱତୀ ସାସମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ବିଦ୍ୟାଳୟର ପୂର୍ବତନ ଛାତ୍ର ଆଶୀଷ କୁମାର ଦଳାଇ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ସହକାରୀ ଶିକ୍ଷକ ବନମାଳୀ ସ୍ୱାଇଁ ଯୋଗ ଦେଇଥିଲେ । ଏହି ଅବସରରେ ସହକାରୀ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା । ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଠଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଦେବସ୍ମିତା ଖୁଣ୍ଟିଆ, ଶୁଭସ୍ମିତା ଖୁଣ୍ଟିଆ, ପ୍ରୟାସ ନାୟକ, ସୁଶ୍ରୀ ଶ୍ରୀୟା ଗାଉଣିଆ, ସୋନାଲି ମହାରଣା, ଆଦ୍ୟାଶା ଖୁଣ୍ଟିଆ, ଅଭିପ୍ସା ନାୟକ, ଶ୍ରଦ୍ଧା ନାୟକ, ମେଘନା ମଲ୍ଲିକଙ୍କୁ ମୁଖ୍ୟ ଅତିଥି ଶ୍ରୀ ଦଳାଇ ପୁରସ୍କାର ପ୍ରଦାନ କରିଥିଲେ ।

## ଶ୍ରୀ ଜଗନ୍ନାଥ କୋଚିଂ ସେଣ୍ଟର୍‌ରେ ଶିଶୁ ଦିବସ ପାଳିତ



ପାରାଦୀପ,୧୫ ।୧୧(ସମିସ): ଶ୍ରୀ ଜଗନ୍ନାଥ କୋଚିଂ ସେଣ୍ଟରର କୋଡିଏ ବର୍ଷ ପୂର୍ତ୍ତି ଓ ଶିଶୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ଶ୍ରମିକ ସାମୁଖ୍ୟ ର କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲ ଯୋଗ ଦେଇ କହିଲେ ଶିକ୍ଷା ବିନା ଜୀବନ ଅନ୍ଧକାରମୟ, ଛାତ୍ରମାନେ ଭଲ ପାଠ ପଢିଲେ ଯାଇ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ । ସମ୍ମାନିତ ଅତିଥିଭାବେ ଯୁବ ସମାଜସେବୀ ରମାକାନ୍ତ ସ୍ୱାଇଁ ଓ ଦୀପ୍ତିଭାନୁ ପାଣି ଯୋଗଦେଇଥିଲେ ।ଏଥିରେ ସଙ୍ଗୀତ, ବକ୍ତୃତା, ସାଧାରଣ ଜ୍ଞାନ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ବିଚାରପତି ଭାବେ ବରିଷ୍ଠ ଶିକ୍ଷକ ପ୍ରଭୁଦତ୍ତ ମହାପାତ୍ର କାର୍ଯ୍ୟ ପରିଚାଳନା କରିଥିଲେ। ପାରାଦୀପର ତିନି ବର୍ଷର ବିସ୍ମୟ ବାଳକ ଗୀତା ପାଠ କରିବା ସହ ଛାତ୍ର ଛାତ୍ରୀ ମାନଙ୍କୁ ଗୀତା ବଣ୍ଟନ କରିଥିଲେ । ଏ ଅଞ୍ଚଳର ଜଣେ ଆଦର୍ଶ ଛାତ୍ର ପ୍ରତିଭା ପ୍ରତ୍ୟୁଷ ପ୍ରିତମ ମହାପାତ୍ର ଙ୍କୁ ମୋନିଦିପା ସର୍ଖେଲ୍ ମାନପତ୍ର ଓ ଉପଢ୍ଢୌକନ ଦେଇ ସମ୍ମାନିତ କରିବା ସହ ଭବିଷ୍ୟତରେ ଜଣେ ଆଦର୍ଶ ମଣିଷହେବା ପାଇଁ ପ୍ରେରଣା ଦେଇଥିଲେ ।ଶ୍ରୀ ଜଗନ୍ନାଥ କୋଚିଂ ସେଣ୍ଟରର ଶିକ୍ଷକ ପାର୍ଥସାରଥୀ ଚୌଧୁରୀ, ସମୀର ଜେନା,ଲମ୍ବୋଦର ଖଟୁଆ, ସ୍ମାଇଲ ଇପ୍ସିତା ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ରଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ




ପାରାଦୀପ,୧୫।୧୧(ସମିସ): ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାରେଶ୍ୱର୍ ଉଚ୍ଚ ବାଳିକା ବିଦ୍ୟାଳୟ ରେ ପିତାମାତା ସହଭାଗିତା ଓ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବ ରେ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ସସ୍ମିତା ବେହେରା ଯୋଗଦେଇ ପିତା ମାତା ଓ ସ୍କୁଲର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କର ବକ୍ତବ୍ୟ ରଖିଥିଲେ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଛାତ୍ରୀ ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଅବିଭାବକ ଓ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଧ୍ୟାନ ଦେବାକୁ ପରାମର୍ଶ ଦେବା ସହ ସହିଦ୍ ବିର୍ସା ମୁଣ୍ଡା ଙ୍କ ପରି ଦେଶ ମାତୃକାର ସେବା କରିବାକୁ ପରାମର୍ଶ ଦେଇଥିଲେ ।ସମ୍ମାନୀତ ଅତିଥି ଭାବେ ପାରାଉ ଟୁଡୁ, ମୋନାଲିସା ସ୍ୱାଇଁ, ଯୋଗଦେଇ ସ୍କୁଲ ଅନ୍ତେବାସୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ବାସିର କୁଲୁ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନାଚ, ଗୀତର ଆୟୋଜନ କରାଯାଇଥିଲା ।ଉକ୍ତ କାର୍ଯ୍ୟକର୍ମକୁ ବରିଷ୍ଠ ଶିକ୍ଷକ ରାଜକିଶୋର ପ୍ରତିହାରୀ, ତୃପ୍ତି ଦାସ ପରିଚାଳନା କରିଥିଲେ ।

# ବିଶ୍ୱ ଡାଇବେଟିସ ଦିବସ ପାଳିତ



ଅନୁଗୋଳ, ୧୫ ।୧୧(ସମିସ): ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଶ୍ୱ ଡାଇବେଟିସ ଦିବସ ପାଳିତ ହୋଇଛି। ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶିବାନନ୍ଦ ମହାନ୍ତି ଅଧ୍ୟକ୍ଷତା କରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ଓ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୁସ୍ଥ ଜୀବନଶୈଳୀ ଡାଇବେଟିସମୁକ୍ତ ସମାଜର ମୂଳମନ୍ତ୍ର ବୋଲି କହିଥିଲେ। ଡା. ଧନଞ୍ଜୟ ବେହେରା ସ୍ୱାସ୍ଥ୍ୟକର ଖାଦ୍ୟ, କମ ଶର୍କରାଯୁକ୍ତ ଖାଦ୍ୟ, ପନିପରିବା ଓ ଫଳ ଅଧିକ ଖାଇବା, ଧୂମ୍ରପାନ ଓ ମଦ୍ୟପାନରୁ ଦୂରେଇ ରହିବା, ନିୟମିତ ଶାରୀରିକ ଶ୍ରମ ଓ ବ୍ୟାୟାମ, ଓଜନ ନିୟନ୍ତ୍ରଣ କରିବା ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଶଙ୍କର୍ଷଣ ଅଗ୍ରୱାଲ, ଦୀପକ କୁମାର ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ, ନର୍ସିଂ ଅଫିସର, ପାରାମେଡିକାଲ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଦିବସରେ ଛାତ୍ରୀଙ୍କୁ କାଠ ବୁହାଇଲେ ପ୍ରଧାନଶିକ୍ଷକ

ବଇଣ୍ଡା, ୧୫ ।୧୧(ସମିସ)

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ପାଇକସାହି ରାଧାମାଧବ ହାଇସ୍କୁଲରେ ଗୁରୁବାର ଶିଶୁ ଦିବସ ଅବସରରେ ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକ କାଠ ବୁହାଇଥିବା ଅଭିଯୋଗ ହୋଇଛି। ଶିଶୁ ଦିବସ ଭଳି ପବିତ୍ର ଦିବସରେ ଶିକ୍ଷକଙ୍କ ଏଭଳି ଅମାନବୀୟ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲର ଏସ୍‌ସି-ଏସ୍‌ଟି ଛାତ୍ରୀ ନିବାସର ଛାତ୍ରୀମାନଙ୍କୁ ଛାତ୍ରୀନିବାସରେ ୨୦୦ ଛାତ୍ରୀ ରହି ସ୍କୁଲରେ ପାଠ ପଢୁଛନ୍ତି। ତେବେ ସେମାନଙ୍କୁ ବିଦ୍ୟାଳୟର ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଗୁରୁବାର ଶିଶୁଦିବସ ଥିବା ବେଳେ ଅପରାହ୍ନ ୪ଟାରେ ପ୍ରଧାନଶିକ୍ଷକ କିଛି ଛାତ୍ରୀଙ୍କୁ ଛାତ୍ରୀନିବାସରେ ରୋଷେଇ କରିବା ପାଇଁ ନିକଟସ୍ଥ ଜଙ୍ଗଲ ପଡ଼ିଆରୁ କାଠ ଆଣିବାକୁ କହିଥିଲେ। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଛାତ୍ରୀମାନେ କାଠ ବୋହି ଛାତ୍ରୀନିବାସକୁ ନେଇଥିଲେ। ଛାତ୍ରୀମାନେ କାଠ ଆଣିବା ପାଇଁ



## ● ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଅଞ୍ଚଳବାସୀ

ନିକଟସ୍ଥ ପଡ଼ିଆରୁ ଛାତ୍ରୀନିବାସକୁ କାଠ ବୁହାଉଥିବା ଜଣାପଡ଼ିଛି। ଗୁରୁବାର ଅପରାହ୍ନ ୪ଟାରେ ଅଞ୍ଚଳବାସୀ ଏହି ଦୃଶ୍ୟ ଦେଖି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଶୁକ୍ରବାର ଅଞ୍ଚଳବାସୀ ଏ ନେଇ ଅନୁଗୋଳ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ନକଲ ରାଜ୍ୟ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ପଠାଇଛନ୍ତି।

ଅଞ୍ଚଳବାସୀଙ୍କ କହିବାନୁଯାୟୀ ଉକ୍ତ ଅମଙ୍ଗ ହୋଇଥିବା ବେଳେ ସେମାନଙ୍କୁ ବିଭିନ୍ନ ଧମକ ଦିଆଯିବାରୁ ଭୟରେ ସେମାନେ କାମ କରୁଥିବା ଅଭିଯୋଗ ହୋଇଛି। ଛାତ୍ରୀନିବାସରେ ମାଗଣା ରହି ପାଠ ପଢ଼ିବା ପାଇଁ ସରକାରୀ ସ୍ତରରେ ନିର୍ଦ୍ଦେଶନାମା ଥିବାବେଳେ ଏଠାରେ ବ୍ୟତିକ୍ରମ ହେଉଥିବା ଅଭିଯୋଗ ହୋଇଛି। ଏପରି କି ପୂର୍ବରୁ ମଧ୍ୟ ଅନେକବାର ନିକଟସ୍ଥ ଜଙ୍ଗଲରୁ ଛାତ୍ରୀଙ୍କ ଦ୍ୱାରା କାଠ ଅଣାଯିବା ସହ ବିଭିନ୍ନ କାମରେ ନିୟୋଜିତ କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଏଭଳି ବେଆଇନ କାମ କରାଯାଉଥିବା ବେଳେ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟିଦେଇ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ଶୁକଦେବ ସାହୁ କୁହନ୍ତି, ଛାତ୍ରୀନିବାସରେ ରୋଷେଇ କରିବା ପାଇଁ କିଛି କାଠ ଅଭାବ ପଡ଼ିବାରୁ ଆଣିବାକୁ କହିଥିଲି। ଭୁଲ୍ ହୋଇଯାଇଛି ବୋଲି ସେ କହିଛନ୍ତି।

# ପଞ୍ଚୁକରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ମହାପ୍ରସାଦ ବ୍ୟବସ୍ଥା

ଢେଙ୍କାନାଳ, ୧୫ ।୧୧(ସମିସ): ସ୍ଥାନୀୟ ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ କାର୍ତ୍ତିକ ମାସ ପଞ୍ଚୁକର ପବିତ୍ର ଗରୁଡ଼ ଦ୍ୱାଦଶୀ ତିଥିରେ ପୁରୀ ଶ୍ରୀ ମହାପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ ନାଏକ ତାଙ୍କ ଦିବଂଗତ ମା'ଙ୍କ ଶ୍ରାଦ୍ଧ ଦିବସ ଅବସରରେ ମହାପ୍ରସାଦ ସେବନର ଏହି ବିଶେଷ ବ୍ୟବସ୍ଥା ଆୟୋଜନ କରିଥିଲେ। ଏଥିରେ ଅନ୍ନ, ମିଠା ଖେଚୁଡ଼ି, ଘିଅଅନ୍ନ, ଡାଲି, ବେସର, ମହୁର, ବିଭିନ୍ନ ଫଳର ଦହି ସାଲାଡ୍ ଓ ଖିରା ଆଦି ସାମିଲ ହୋଇଥିଲା। ବିଦ୍ୟାଳୟ ସଭାଗୃହରେ ତଳେ ବସି କଦଳୀ ପତ୍ରରେ ସମସ୍ତେ ମହାପ୍ରସାଦ ସେବନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସହ ସମସ୍ତ ଶିକ୍ଷକ, କର୍ମଚାରୀ, ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ, ଯୁଗ୍ମ ସମ୍ପାଦକ ମଳୟ ପଟ୍ଟନାୟକ, କୋଷାଧ୍ୟକ୍ଷ ମଳୟ ପାଣିଗ୍ରାହୀ, ସଭ୍ୟ ପ୍ରଦୀପ କୁମାର ଧଳ ଓ ସ୍ଥାନୀୟ ପୌରପରିଷଦର ସଭ୍ୟ ସୂର୍ଯ୍ୟପ୍ରତାପ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ■ ବୋଇତ ବନ୍ଦାଣ ଉତ୍ସବ

# ନାରଣ ସାଗର କୂଳରେ ୫ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼



ଅନୁଗୋଳ, ୧୫ ।୧୧(ସମିସ): ଗତ ଦୁଇବର୍ଷ ଧରି ନାରଣ ସାଗର କୂଳରେ ଡଙ୍ଗା ଭସାଇବା ନେଇ ଅବ୍ୟବସ୍ଥା ଲାଗି ରହିବା ପରେ ଚଳିତ ବର୍ଷ କିନ୍ତୁ ବୋଇତ ବନ୍ଦାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ମଗଧ ଯୁବ ବିକାଶ ସମିତି ଓଡ଼ିଶା ତରଫରୁ ବାସନ୍ତୀ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ବୋଇତ ବନ୍ଦାଣ ପାଇଁ ପୋଖରୀ କୂଳ ସଫା କରାଯିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରାଯାଇଥିଲା। ଶୁକ୍ରବା ଭୋର୍‌ରୁ ପ୍ରାୟ ୫ ହଜାର ଶ୍ରଦ୍ଧାଳୁ କାଗଜ ଓ କଦଳୀ ପଟୁକା ଡଙ୍ଗା ଧରି ପୋଖରୀରେ ଭସେଇ ମନ୍ଦିରଗୁଡ଼ିକରେ ଦେବ ଦର୍ଶନ କରିଥିଲେ। ଜଗନ୍ନାଥ ମନ୍ଦିର, ବୁଢ଼ୀ ଠାକୁରାଣୀ ମନ୍ଦିର, ଗାୟତ୍ରୀ ମନ୍ଦିର, ଆଖଣ୍ଡଳମଣି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ତ୍ତିକ ପୂର୍ଣ୍ଣିମିରେ ଧର୍ମମାସ କାର୍ତ୍ତିକର ଅନ୍ତ ଘଟିଛି।



# ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆଠମଲ୍ଲିକ, ୧୫ ।୧୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଏନଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ, କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ, ଏନଏସି ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଶିଶୁ ବିଭାଗ, ଅସ୍ଥିଶଲ୍ୟ ବିଭାଗ, କାନ, ନାକ, ଗଳା, ଚକ୍ଷୁ ବିଭାଗରେ ମୋଟ ୫୫୬ ଭିନ୍ନକ୍ଷମ ପଞ୍ଜିକୃତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୨୪ ଜଣଙ୍କୁ ବସ ଓ ଟ୍ରେନ ପାସ, ୧୧ ଜଣଙ୍କୁ ଲୋନ ଓ ୩ ଜଣକୁ ଟ୍ରାଇ ସାଇକଲ ବଣ୍ଟନ କରାଯାଇଛି।



ଡା. ପିକେ ମହାନ୍ତି, ଡା. ଅଶୋକ କୁମାର ମଲ୍ଲିକ, ଡା. ଜିଆର ବିଶ୍ୱାଳ, ଡା. ଏନ ପ୍ରଧାନ, ଡା. ରଶ୍ମିତା ଭଞ୍ଜଦେଓ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିକୁଞ୍ଜ ରଞ୍ଜନ ଦାଶ, ପ୍ରିୟଦର୍ଶୀ ସାମଲଙ୍କ ସମେତ ବ୍ଲକ କର୍ମଚାରୀ ଏବଂ ଆଠମଲ୍ଲିକ ମହାବିଦ୍ୟାଳୟ ଏନସିସି କ୍ୟାଡେଟମାନେ ସହଯୋଗ କରିଥିଲେ।

# ଜାତୀୟ ଆଇନସେବା ଦିବସ ପାଳିତ

ବଅଁରପାଳ, ୧୫ ।୧୧(ସମିସ): ବଅଁରପାଳ ବିଚାର ବିଭାଗୀୟ ଅଦାଲତ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏଥିରେ ଅଦଲାତର ବିଚାରପତି ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷା ସାବିତ୍ରୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ପଛୁଆବର୍ଗ, ଦଳିତ, ଆଦିବାସୀ, ମହିଳା, ଶିଶୁ, ବରିଷ୍ଠ ନାଗରିକ, କିନ୍ନର, ଶ୍ରମିକ, ସ୍ୱଳ୍ପ ରୋଜଗାରକ୍ଷମ ବ୍ୟକ୍ତି, ଦଙ୍ଗା ପୀଡ଼ିତ ଓ ପ୍ରାକୃତିକ ବିପର୍ଯ୍ୟୟ ପୀଡ଼ିତ ବ୍ୟକ୍ତିମାନଙ୍କୁ ମାଗଣା ଆଇନସେବା କିପରି ଉପଲବ୍ଧ ହେବ ଓ କିପରି ଆବେଦନ କରିବେ ସେ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। କମିଟି ସଦସ୍ୟ ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁ ଓ ଶୁଭଜିତ ବିଶୋଇ ଜାତୀୟ ଆଇନ ଦିବସ ପାଳନର ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଅବଗତ କରାଇବା ସହ ମାଗଣା ଆଇନ ସେବା ପ୍ରଦାନ ବିଷୟରେ ସଚେତନ କରିଥିଲେ।

# ନବାହ୍ନ ପାରାୟଣ ମହାଯଜ୍ଞର ପୂର୍ଣ୍ଣାହୁତି

ଆଠମଲ୍ଲିକ, ୧୫ ।୧୧(ସମିସ): ସହରସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ ଉଦଯାପିତ ହେବା ସହିତ ଭକ୍ତିମୟ ପରିବେଶରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ୟାସ ଭାବେ ଶ୍ରୀକୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରବଚକ ଭାବେ ସନ୍ଥ ମନୋହର ଦାସ ମହାରାଜ, ପଣ୍ଡିତ ପ୍ରଶାନ୍ତ କୁମାର ମିଶ୍ର, କର୍ତ୍ତା ଭାବେ ସ୍ୱଦେଶ ରଥ, ସହଧର୍ମିଣୀ ସରସ୍ୱତୀ ରଥ, ଚିତ୍ତରଞ୍ଜନ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ପାରାୟଣ ଓ ପ୍ରବଚନ ମହାଯଜ୍ଞ କମିଟି ସଭାପତି ତୁଳସୀଦାସ ଅଗ୍ରୱାଲ, ସମ୍ପାଦକ ବିରଞ୍ଚି ଦେହୁରି, ସଭ୍ୟ ଅମିୟ ଦାଶ, ଉମେଶ ଅଗ୍ରୱାଲ, କୁଲୁ ପ୍ରଧାନ, କମ୍ବୁପାଣି ଲଉରିଆ, ମିଲୁ ଭୋକ୍ତା, ଅଂଶୁମାନ ଆଚାର୍ଯ୍ୟ, ବିଶାଳ ଅଗ୍ରୱାଲ, ହାଡ଼ିବନ୍ଧୁ ବାରିକ, ବାବୁଲି ପାଣିଗ୍ରାହୀ, ବୁଲୁ ପାଣିଗ୍ରାହୀ, କୁବେର ଗିରି ପ୍ରମୁଖ ୯ ଦିନ ବ୍ୟାପୀ ଏହି ପ୍ରବଚନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ଲାଗିଲା ୨୮୦ ହଣ୍ଡା ଭଣ୍ଡାର ଭୋଗ

ଭୁବନ, ୧୫ ।୧୧(ସମିସ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭୁବନର ବାବା ବୁଦ୍ଧେଶ୍ୱର ମନ୍ଦିର ପରିସରରେ ପ୍ରସିଦ୍ଧ ବଡ଼ଓଷା ପାଳିତ ହୋଇଛି। ଶ୍ରଦ୍ଧାଳୁମାନେ ମାନସିକ ପୂରଣ ପାଇଁ ପ୍ରତ୍ୟୁଷରୁ ଧାଡ଼ିରେ ଯାଇ ବାବା ବୁଦ୍ଧେଶ୍ୱରଙ୍କୁ ଦର୍ଶନ କରିଥିଲେ। ପରେ ଭଣ୍ଡାର ଭୋଗ ରାନ୍ଧି ବାବାଙ୍କ ନିକଟରେ ଅର୍ପଣ କରିଥିଲେ। ସମୁଦାୟ ୨୮୦ ହଣ୍ଡା ଭଣ୍ଡାର ଭୋଗ ଲାଗି ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସନାତନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଅନୁରୂପ ଭାବେ ଭୁବନ ଏନ୍‌ଏସି ଅନ୍ତର୍ଗତ ୧ନଂ ୱାର୍ଡ କାଶୀବିଶ୍ୱନାଥ ମନ୍ଦିର (ଛତାମଠ) ପରିସରରେ ମଧ୍ୟ ଭଣ୍ଡାର ଭୋଗ ଲାଗି ହୋଇଥିଲା। ପଞ୍ଚୁକ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ବୁଦ୍ଧେଶ୍ୱର ମନ୍ଦିର। ରବିବାରଠାରୁ ଚତୁର୍ଦ୍ଦଶ ବାର୍ଷିକ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଗୁରୁବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଦୋଳି ଏବଂ ମିନାବଜାର ପାଇଁ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି।

# ନାଟ୍ୟ ନିର୍ଦ୍ଦେଶକ ସମ୍ମାନିତ

କାମାକ୍ଷାନଗର, ୧୫ ।୧୧(ସମିସ): କାମାକ୍ଷାନଗରର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ଭୂମିକା'ର ବାର୍ଷିକ ଉତ୍ସବରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ବେତାର ଶିଳ୍ପୀ ବିପିନ ବିହାରୀ ତ୍ରିପାଠୀଙ୍କୁ ସମ୍ମାନିତ କରାଯାଇଛି। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଓଡ଼ିଶା ନାଟ୍ୟସଙ୍ଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଉପସ୍ଥିତ ଥିଲେ। ବିପିନ ତ୍ରିଲୋଚନ ତ୍ରିପାଠୀ ଓ ରୂପ ତ୍ରିପାଠୀଙ୍କ ସୁପୁତ୍ର ଅଟନ୍ତି। ସେ ଏହା ପୂର୍ବରୁ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ଶିଳ୍ପୀକା ନାଟ୍ୟ ସମ୍ମାନ, ମହିମା ନାଟ୍ୟ ସମ୍ମାନ, ନଟରାଜ ନାଟ୍ୟ ସମ୍ମାନ ପାଇଥିବା ବେଳେ ଢେଙ୍କାନାଳ ତ୍ରିରଙ୍ଗା ଓ ସୁପ୍ରଭାତ ସାମ୍ବାଦିକ ସଂଘ ଦ୍ୱାରା ସମ୍ମାନିତ ହୋଇଛନ୍ତି।

# ବଏଜାରେ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ

କିଶୋରନଗର, ୧୫ ।୧୧(ସମିସ): କିଶୋରନଗର ବ୍ଲକ ବଏଜାରେ ଶିଶୁ ଦିବସ ଅବସରରେ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସିଡିପିଓ ଆରତୀ ସିଂହ ଯୋଗଦେଇ କୃତୀ କିଶୋରୀ ବାଳିକାଙ୍କୁ ପୁରସ୍କୃତ କରିଥିଲେ। ବ୍ଲକର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ଦିବସ ପାଳିତ ହୋଇଛି।



# ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ



ଅନୁଗୋଳ, ୧୫ ।୧୧(ସମିସ)

ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୁରୁବାର ଶିଶୁ ଦିବସ ପାଳିତ ହୋଇଛି।

## ● ତାଏକ୍ୱୋଣ୍ଡୋ ଆସୋସିଏସନ

ଅମଳାପଡ଼ା ବାସନ୍ତୀ ପାଠାଗାର ପରିସରରେ ଅନୁଗୋଳ ତାଏକ୍ୱୋଣ୍ଡୋ ଆସୋସିଏସନ୍ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଛି। ସମାରୋହରେ ମୁଖ୍ୟଅତିଥି ରୂପେ ପୂର୍ବତନ ଟାମଡ଼ା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦେବତା ଯୋଗଦେଇଥିଲେ। ସଂସ୍ଥାର ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ଦୁଷ୍ମନ୍ତ କୁମାର ନାଥ ଅତିଥିଙ୍କୁ ସ୍ୱାଗତ କରିବା ସହ ସାମ୍ପ୍ରତିକ ସମୟରେ ମାର୍ଶାଲ ଆର୍ଟର ଉପଯୋଗିତା ଉପରେ ଆଲୋକପାତ କରିଥିଲେ।

## ● ସମାଧାନ ଶିକ୍ଷା ନିକେତନ

ଆଠମଲ୍ଲିକ: ଅଏଡ଼ାସ୍ଥିତ ସମାଧାନ ଶିକ୍ଷା ନିକେତନରେ ଅନୁଷ୍ଠାନର ସମ୍ପାଦକ ବିନୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଶିଶୁ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଉପଦେଷ୍ଟା ମାଧବଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସେଚ୍ଛାସେବୀ ତପନ ବେହେରା, ଭଗବାନ ନାଏକ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ରମେଶ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ଉପଦେଷ୍ଟା ଅରବିନ୍ଦ ଖେତୀ ଉପସ୍ଥିତ ଥିଲେ। ଗୁରୁଜୀ ନରହରି ପ୍ରଧାନ, ବିଶାଳ କୁମାର ସାହୁ ଏବଂ ଗୁରୁମା ପ୍ରଭାତ ନଳିନୀ କ୍ଷେତୀ, ଲିପି ବେହେରା, ମାମାଲି ତରିଆ ସହଯୋଗ କରିଥିଲେ। ଗୁରୁମା ରୋଜି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ● ତାଲୁକ ଆଇନ ସେବା କମିଟି

କାମାକ୍ଷାନଗର: କାମାକ୍ଷାନଗର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ କାମାକ୍ଷାନଗର ଓକିଲ ସଙ୍ଘ ସଭାପତି ଧର୍ମାନନ୍ଦ ମଲିକଙ୍କ ସଭାପତିତ୍ୱରେ ସ୍ଥାନୀୟ କୋର୍ଟ ପରିସରରେ ଶିଶୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଏଡିଜେ ମଧୁସ୍ମିତା ମହାନ୍ତି ଯୋଗଦେଇ ଶିଶୁଦିବସରେ ଶିଶୁମାନଙ୍କ ଅଧିକାର ବିଷୟରେ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଶେଷରଞ୍ଜନ ଦାସ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରା, ସାରଙ୍ଗଧର ଉଚ୍ଚ ବିଦ୍ୟାଳୟର ଆଇନ ପ୍ରଶିକ୍ଷଣ କ୍ଲବ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଦୁର୍ଯ୍ୟୋଧନ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଇନ ପ୍ରଶିକ୍ଷଣ କ୍ଲବ ଦାୟିତ୍ୱରେ ଥିବା ବରିଷ୍ଠ ଶିକ୍ଷକ ଦୁର୍ଗାପ୍ରସାଦ ତ୍ରିପାଠୀ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସ୍ମିତାଞ୍ଜଳି ସାମଲ ଯୋଗଦେଇ ଶିଶୁମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଉପାଦେୟ ଉଦବୋଧନ ଦେବା ସହ ମୋବାଇଲ ଦେଖିବା ସମୟ କମେଇବା ପାଇଁ ଶପଥପାଠ କରେଇଥିଲେ। କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ଓକିଲ ଅଶୋକ ଖୁଣ୍ଟିଆ, ଲକ୍ଷ୍ମୀନାରାୟଣ ପ୍ରଧାନ, ମଳୟ ରାଉତ ପ୍ରମୁଖଙ୍କ ସମେତ କୋର୍ଟ କର୍ମଚାରୀ ସହଯୋଗ କରିଥିଲେ।

## ■ ଭାରତ ବିକାଶ ପରିଷଦର ଭିନ୍ନ ପ୍ରୟାସ

# ଗୋଟିଏ ମଞ୍ଚରେ ଗୁରୁ ଓ ଶିଷ୍ୟ ସମ୍ବର୍ଦ୍ଧିତ




ଅନୁଗୋଳ, ୧୫ ।୧୧(ସମିସ): ସ୍ଥାନୀୟ ପିଟିସି ଉଚ୍ଚ ବିଦ୍ୟାଳୟରେ ଭାରତ ବିକାଶ ପରିଷଦ ପକ୍ଷରୁ ଗୁରୁବନ୍ଦନା ଓ ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପରିଷଦ ସଭାପତି ଶାନ୍ତନୁ କୁମାର ସରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସ୍ୱାମୀ ସଚ୍ଚିଦାନନ୍ଦଜୀ ମହାରାଜ ମୁଖ୍ୟଅତିଥି ରୂପେ ଯୋଗଦେଇ ସନାତନ ହିନ୍ଦୁ ଧର୍ମର ବିଶେଷତା ସହ ଅତୀତରେ ଭାରତ ମଧ୍ୟ ବିଶ୍ୱଗୁରୁ ହୋଇ ପାରିଥିଲା ବୋଲି ବେଦ ଉପନିଷଦ, ଗୀତା, ରାମାୟଣ ଆଦିରୁ ଉଦ୍ଧୃତି ଦେଇ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସ୍କୁଲ ପ୍ରଧାନଶିକ୍ଷକ କେଦାର ବେହେରା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଚରିତ୍ର ଗଠନ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପରିଷଦ ସଭାପତି ସର ଗୁରୁଭକ୍ତି, ଦେଶପ୍ରୀତି ଏବଂ ମାତୃଭାଷାରେ ଶ୍ରଦ୍ଧା ରଖିବା ପାଇଁ ସମସ୍ତଙ୍କୁ ନିବେଦନ କରିଥିଲେ। ବିଜୟ ମୋଦି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ପୋକତୁଙ୍ଗା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ପାତ୍ର, କଙ୍କରେଇ ସ୍କୁଲ ପ୍ରଧାନଶିକ୍ଷୟିତ୍ରି ଲକ୍ଷ୍ମୀପ୍ରିୟା ସାହୁ, ପରତରା ସ୍କୁଲ ପ୍ରଧାନଶିକ୍ଷକ ସରୋଜ କୁମାର ସାହୁ, ଗଡ଼ମଣ୍ଡଳ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପ୍ରଧାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ରନ୍ତଲେଇର ଛାତ୍ରୀ ସ୍ମୃତିରେଖା ରାଉତ, ଖଲାରୀର ସୀମାରାଣୀ ଭୁତିଆ, କୁମଣ୍ଡର ସୋନମ୍ ସ୍ୱସ୍ତିକା ଏବଂ କେଭି -୨ର ସାଇକୃପା ମହାନ୍ତି ପ୍ରମୁଖ ପ୍ରତିଭାସମ୍ପନ୍ନ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପରିଷଦର ପୃଷ୍ଠପୋଷକ ବଜରଙ୍ଗ ଅଗ୍ରୱାଲ, ଉପସଭାପତି ଭରତ ଗଡ଼ନାୟକ, ପ୍ରିୟମ୍ବଦା ପାଣି, ହୃଦାନନ୍ଦ ପଣ୍ଡା, ଅରୁଣା ମିଶ୍ର, ଅଞ୍ଜଳି ତ୍ରିପାଠୀ, ସଂଘମିତ୍ରା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମଥର ପ୍ରତ୍ୟୁଷ ଜିତିଲେ ଏଆଇଟିଏ ପୁରୁଷ ଟାଇଟଲ




ଭୁବନେଶ୍ୱର, ୧୫।୧୧ (ସମିସ): ଓଡ଼ିଶାର ଉଦୀୟମାନ ଖେଳାଳି ପ୍ରତ୍ୟୁଷ ମହାନ୍ତି ଶୁକ୍ରବାର ଜାମସେଦ୍‌ପୁରର ବେଲଡି ଏଆଇଟିଏ ନ୍ୟାନାଲ ର୍‍ୟାଙ୍କିଙ୍ଗ୍ ଏକ ଲକ୍ଷ ଟଙ୍କା ପୁରସ୍କାର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ପ୍ରତ୍ୟୁଷଙ୍କର କ୍ୟାରିୟରରେ ଏହା ପ୍ରଥମ ଏଆଇଟିଏ ଟାଇଟଲ। ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ଫାଇନାଲରେ ସେ କର୍ଣ୍ଣାଟକର ଚନ୍ଦନ ଶିବରାଜଙ୍କୁ ୨-୧ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ରଥମ ସେଟ୍‌ରେ ହାରିଯିବା ସତ୍ତ୍ୱେ ସେ ଥଣ୍ଡା ମିଜାଜରେ ଖେଳି ପରବର୍ତ୍ତୀ ୨ଟି ସେଟ୍‌କୁ ଜିତିବା ସହ ଟାଇଟଲ କବ୍‌ଜା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିବାରୁ ତାଙ୍କୁ ୨୦ ପଏଣ୍ଟ ମିଳିଛି ଓ ଏବେ ଏଆଇଟିଏ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ୫୦ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତ ହୋଇଛି।

## ତ୍ରିପୁରା ବିପକ୍ଷରେ ଓଡ଼ିଶା ୧୫୭ରେ ଆଉଟ

**ସିକେ ନାଇଡୁ ଟ୍ରଫି**

ସୁନ୍ଦରଗଡ଼, ୧୫।୧୧ (ସମିସ): ଓଡ଼ିଶାରେ କ୍ରିକେଟ ପ୍ରତିଭା ଧୀରେ ଧୀରେ କମିବାରେ ଲାଗିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ସିକେ ନାଇଡୁ ଟ୍ରଫିର ୫ମ ମୁକାବିଲାରେ। ପୂର୍ବାଞ୍ଚଳରେ ଏକ ଦୁର୍ବଳ ଦଳ ଭାବେ ବିବେଚିତ ହେଉଥିବା ତ୍ରିପୁରା ବିପକ୍ଷ ଏହି ମ୍ୟାଚ୍‌ର ପ୍ରଥମ ଦିନରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୧୫୭ ରଦଥରେ ଆଉଟ ହେବା ଏହାକୁ ପ୍ରମାଣିତ କରୁଛନ୍ତି। ଦଳ ପକ୍ଷରୁ କେବଳ ଦୁଇ ଖେଳାଳି ସାଇଦୀପ ମହାପାତ୍ର ୪୩ ଓ ସୁଜଲ କୁମାର ସିଂ ୪୧ ରନ୍ କରିଥିଲେ। ଘରୋଇ ପିଚ୍‌ରେ ଖେଳୁଥିଲେ ମଧ୍ୟ ଓଡ଼ିଶାର ଅନ୍ୟ ବ୍ୟାଟର ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓମ୍‌ଟି ମୁଣ୍ଡେ ଓ ସମ୍ବିତ ବରାଳ ୧୫ ରନ୍ ଲେଖାଏଁ ଓ ଅଧିନାୟକ ସୱାନ ପାହାଡିଆ ୧୨ ରନ୍ କରିଥିଲେ। ତ୍ରିପୁରା ପକ୍ଷରୁ ଅଭିଜିତ ଦେବବର୍ମା ୪୨ ରନ୍‌ରେ ୬ଟି ୱିକେଟ ନେଇ ଓଡ଼ିଶାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ସୌରଭ କର ୩ ଜଣ ଖେଳାଳିଙ୍କୁ ଆଉଟ କରି ଅଭିଜିତଙ୍କୁ ଉପଯୁକ୍ତ ସହାୟତା ଯୋଗାଇଦେଇଥିଲେ। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ତ୍ରିପୁରା ପ୍ରଥମ ଇନିଂସରେ ୧୪ ରନ୍‌ରେ ୧ ୱିକେଟ ହରାଇଛି।

## ଦୌଡ଼କୁଦ ପ୍ରଶିକ୍ଷକଙ୍କ ଶିକ୍ଷା କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୫।୧୧ (ସମିସ): କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଦ୍ୱିତୀୟଥର ଲାଗି ବିଶ୍ୱ ଦୌଡ଼କୁଦ ପ୍ରଶିକ୍ଷକଙ୍କ ଲାଗି ଉଦ୍ଦିଷ୍ଟ ଲେଭଲ-୧ ଶିକ୍ଷା କାର୍ଯ୍ୟକ୍ରମ ଶୁକ୍ରବାର ଆରମ୍ଭ ହୋଇଛି। ୧୯ ତାରିଖଯାଏ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମଗ୍ର ଭାରତବର୍ଷରୁ ମୋଟ ୩୫ ଜଣ ପ୍ରଶିକ୍ଷକ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଏସିଆନ ଗେମ୍ସ ସ୍ୱର୍ଣ୍ଣପଦକ ବିଜେତା ତଥା ଅର୍ଜୁନ ପୁରସ୍କାର ବିଜେତା ସ୍ୱପ୍ନା ବର୍ମନ, ଓଡ଼ିଶା ସରକାରଙ୍କ ଦୌଡକୁଦ ପ୍ରକଳ୍ପର ପ୍ରଶିକ୍ଷକ ଶ୍ରୀମତୀ ସଂଘମିତ୍ରା ଦାଶ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ହରିୟାଣାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଜୟପ୍ରକାଶ ଭୂକାର କୋର୍ସ ଡାଇରେକ୍ଟର, ସହଯୋଗୀ ତଥା ବେଙ୍ଗାଲୁରୁ ସାଇ ଦୌଡ଼କୁଦ ପ୍ରଶିକ୍ଷକ ସୁମା ପାଟ୍‌ଲୁମାନେ ଏହି କାର୍ଯ୍ୟକ୍ରମ ଦାୟିତ୍ୱରେ ରହିବେ।

## ସେକ୍ରେଟାରିଏଟ ଚେସ୍: ଜଗନ୍ନାଥ ଚାମ୍ପିଅନ

ଭୁବନେଶ୍ୱର, ୧୫।୧୧ (ସମିସ): ଓଡ଼ିଶା ସେକ୍ରେଟାରିଏଟ ଚେସ୍ ସଂଘ ଆନୁକୂଲ୍ୟରେ ସେକ୍ରେଟାରିଏଟ ଚେସ୍ ପ୍ରତିଯୋଗିତା ଗୁରୁବାର ଖାରବେଳ ନଗରସ୍ଥିତ ସେକ୍ରେଟାରିଏଟ୍ ସର୍ଭିସ ଆସୋସିଏସନ ହାଉସରେ ଅନୁଷ୍ଠିତ ହୋଇଯାଇଛି। ରାପିଡ୍ ଫର୍ମାଟରେ ୪ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ୫୦ରୁ ଅଧିକ ସଚିବାଳୟର କର୍ମଚାରୀ ଯୋଗଦେଇଥିଲେ। ଶେଷରେ ଜଗନ୍ନାଥ ଦାଶ ଟାଇଟଲ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ପଞ୍ଚାନନ ନାୟକ, ରଞ୍ଜନ ମେହେର, ପି ଶ୍ରୀରାମ ପ୍ରସାଦ ଓ କୃପାସିନ୍ଧୁ ମଲିକ ଦ୍ୱିତୀୟରୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟର ପ୍ରଥମ ମହିଳା ଚେସ୍ ଗ୍ରାଣ୍ଡମାଷ୍ଟର କିରଣ ମନିଷା ମହାନ୍ତି ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ଏଆଇସିଏଫ୍ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ରଞ୍ଜନ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ସଂଘ ସଭାପତି ସତୀଶଚନ୍ଦ୍ର ସିଂ ଓ ସମ୍ପାଦକ ନୀଳମଣି ପାତ୍ର ଉପସ୍ଥିତ ଥିଲେ।



**ମହାରାଷ୍ଟ୍ର ପରାସ୍ତ: ସୁମିତଙ୍କୁ ୯ ୱିକେଟ୍, ଗୋବିନ୍ଦ ଶ୍ରେଷ୍ଠ ଖେଳାଳି**

# ଚଳିତ ସଂସ୍କରଣରେ ଓଡ଼ିଶାର ପ୍ରଥମ ବିଜୟ




କଟକ, ୧୫।୧୧(ସମିସ): ବାରବାଟୀରେ ପୁଣିଥରେ ଚମକିଛି ବାମହାତୀ ସ୍ପିନର୍ ସୁମିତ ଶର୍ମାଙ୍କ ସ୍ପିନ୍ ବୋଲିଂ। ରଣଜୀ ଟ୍ରଫିରେ ପ୍ରଥମଥର ପାଦ ଥାପିଥିବା କଟକର ଏହି ଯୁବ ପ୍ରତିଭା ପୁନର୍ବାର ୫ ୱିକେଟ ସଫଳତା ପାଇ ଓଡ଼ିଶାକୁ ଚଳିତ ରଣଜୀ ସଂସ୍କରଣର ପ୍ରଥମ ବିଜୟର ସ୍ୱାଦ ଚଖାଇଛନ୍ତି। ଏଠାରେ ଚାଲିଥିବା ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୩ ୱିକେଟରେ ଜିତି ଗ୍ରୁପ-ଏ ଟେବଲର ଗୋଟିଏ ସ୍ଥାନ ଉପରକୁ ଉଠିଛି। ମହାରାଷ୍ଟ୍ରଠାରୁ ୬ ପଏଣ୍ଟ ଆଣି ୭ମ ସ୍ଥାନରେ ରହିଥିବା ଓଡ଼ିଶା ମୋଟ୍ ୧୦ ପଏଣ୍ଟ ସହିତ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ମ୍ୟାଚରେ



ଗୋବିନ୍ଦ ପୋଦ୍ଦାର

**ବାରବାଟୀ ରଣଜୀ ମୁକାବିଲା**

ମୋଟ୍ ୪୯ ସହ ୬ ୱିକେଟ୍ ନେଇଥିବା ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପରବର୍ତ୍ତୀ ମୁକାବିଲାରେ ଓଡ଼ିଶା ଜାନୁଆରୀ ୨୩ରୁ ମେଘାଳୟ ବିପକ୍ଷରେ ଖେଳିବ। ଲିଗ ପର୍ଯ୍ୟାୟର ଅବଶିଷ୍ଟ ଦୁଇଟି ଯାକ ମ୍ୟାଚ୍‌ରେ ବିଜୟ ଆଶା ନେଇ ଓଡ଼ିଶା କ୍ୱାର୍ଟର ଦୌଡ଼ରେ ରହିବ ବୋଲି ଅଧିନାୟକ ଗୋବିନ୍ଦ ପୋଦ୍ଦାର ମତ ଦେଇଛନ୍ତି।

ମହାରାଷ୍ଟ୍ରର ପ୍ରଥମ ଇନିଂସ ୧୬୨ ରନ ଜବାବରେ ଓଡ଼ିଶା ୨୦୦ ରନରେ ଅଲଆଉଟ ହୋଇଥିଲା। ଗୁରୁବାର ଷ୍ଟମ୍ପ ଅପସାରଣ ସୁଦ୍ଧା ମହାରାଷ୍ଟ୍ର ଦ୍ୱିତୀୟ ଇନିଂସରେ ୩ ୱିକେଟ ବିନିମୟରେ ୭୮ ରନ ସଂଗ୍ରହ କରିବା ସହ ୪୦ରନରେ ଆଗୁଆ ରହିଥିଲା। ଅଧିନାୟକ ଅଙ୍କିତ ବାୱନେ ୭ ଏବଂ ପ୍ରଶାନ୍ତ ସୋଲାଙ୍କି କୌଣସି ରନ୍ ନ କରି ଅପରାଜିତ ଥିଲେ। ଶୁକ୍ରବାର ସକାଳେ ଅଙ୍କିତ କୌଣସି ରନ୍ ସଂଗ୍ରହ ପୂର୍ବରୁ ଘରୋଇ ଦଳର ଅଧିନାୟକ ଗୋବିନ୍ଦଙ୍କ ଅଫ ସ୍ପିନ୍‌ରେ ଫସି ପ୍ୟାଭିଲିୟନ ଫେରିଥିଲେ। ଅଙ୍କିତ ପ୍ରଥମ ପାଳିରେ ମଧ୍ୟ ଗୋବିନ୍ଦଙ୍କ ଶିକାର ପାଲଟିଥିଲେ। ମଧ୍ୟନିମ୍ନକ୍ରମ ବ୍ୟାଟର ହର୍ଶଲ କାଟେ ଏବଂ ରାମକ୍ରିଷ୍ଣ ଘୋଷଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳି ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ଫଳରେ ମହାରାଷ୍ଟ୍ରର ଦ୍ୱିତୀୟ ଇନିଂସ ୧୬୬ ରନରେ ସୀମିତ ରହିଥିଲା। ହର୍ଶଲ ୩୪ ଏବଂ ରାମକ୍ରିଷ୍ଣ ୩୯ ରନ କରିଥିଲେ। ଓଡ଼ିଶା ପକ୍ଷରୁ ସୁମିତ ୧୭.୪ ଓଭର ବୋଲିଂ କରି ୪୬ ରନ ବିନିମୟରେ ୫ଟି ୱିକେଟ ଅକ୍ତିଆର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଗୋବିନ୍ଦ ୩ଟି ଏବଂ ତରଣୀ ସ ୨ଟି ୱିକେଟ ଦଖଲ କରିଥିଲେ। ପୂର୍ବରୁ ପ୍ରଥମ ପାଳିର ୪ଟି ୱିକେଟକୁ ମିଶାଇ ସୁମିତ ଏହି ମ୍ୟାଚ୍‌ରେ ମୋଟ୍ ୯ଟି ୱିକେଟ ସଫଳତା ପାଇଛନ୍ତି। ଯାହାକି ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଭାବେ ପରିଗଣିତ ହୋଇଛି। ଜବାବରେ ଓଡ଼ିଶା ସମ୍ମୁଖରେ ମାତ୍ର ୧୨୯ ରନର ବିଜୟ ଲକ୍ଷ୍ୟ ରହିଥିଲା। ମ୍ୟାଚ୍‌ର ୩ୟ ଦିନରେ ନିର୍ଣ୍ଣାୟକ ସ୍ଥିତି ଉପୁଜିଥିବାବେଳେ ବିପକ୍ଷ ମହାରାଷ୍ଟ୍ର ମଧ୍ୟ ସ୍ପିନ ବୋଲିଂ ଜାଲରେ ଘରୋଇ ଓଡ଼ିଶାକୁ ଫସାଇବାକୁ ଉଦ୍ୟମ କରିଥିଲା। ପ୍ରଥମ ପାଳିରେ ଶତକ ହାସଲ କରିଥିବା ଓପନର ସ୍ୱସ୍ତିକ ସାମଲ ୯ ଏବଂ ଖରାପ ଫର୍ମ ଜାରି ରଖିଥିବା ଅନ୍ୟତମ ଓପନର ଶାନ୍ତନୁ ମିଶ୍ର ୧୦ ରନରେ ପ୍ୟାଭିଲିୟନ ଫେରିଥିଲେ। ସନ୍ଦୀପ ପଟ୍ଟନାୟକ ଏବଂ ଅଧିନାୟକ ଗୋବିନ୍ଦ ବଡ ସଟ୍ ଖେଳି ଓଡ଼ିଶାକୁ ଚାପମୁକ୍ତ ବିଜୟ ଦେବା ପାଇଁ ଚେଷ୍ଟା କରିଥିଲେ। ମାତ୍ର ସନ୍ଦୀପ ୩୬ ଏବଂ ଗୋବିନ୍ଦ ୪୮ ରନରେ ଆଉଟ ହୋଇଥିଲେ। ପରେ କାର୍ତ୍ତିକ ବିଶ୍ୱାଳ ୨, ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ୧୮ ଏବଂ ସୂର୍ଯ୍ୟକାନ୍ତ ପ୍ରଧାନ ଖାତା ଖୋଲିବା ପୂର୍ବରୁ କ୍ରିଜ ଛାଡ଼ିଥିଲେ। ରାଜେଶ ଧୂପର ୧ ଏବଂ ସୁମିତ ୫ ରନରେ ଅପରାଜିତ ରହି ଓଡ଼ିଶାକୁ ବିଜୟ ପଏଣ୍ଟ ନିଶ୍ଚିତ କରାଇଥିଲେ। ଦ୍ୱିତୀୟ ପାଳିରେ ମହାରାଷ୍ଟ୍ରର ସ୍ପିନର ପ୍ରଶାନ୍ତ ସୋଲାଙ୍କି ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଛନ୍ତି।

## ଇନୋଭାରେ କପ୍‌ରେ ୧୬ ଟିମ୍

ଭୁବନେଶ୍ୱର, ୧୫।୧୧ (ସମିସ): ଇନୋଭାରେ କ୍ଲାଉଡ୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ରବିବାରଠାରୁ ଇନୋଭାରେ କପ୍ ଆରମ୍ଭ ହେବ। ଏହି କର୍ପୋରେଟ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୧୬ଟି କର୍ପୋରେଟ୍ ଦଳ ଅଂଶଗ୍ରହଣ କରିବେ। ଡିସେମ୍ବର ୨୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ମ୍ୟାଚ୍‌ଗୁଡ଼ିକ ପ୍ରତ୍ୟେକ ସପ୍ତାହ ରବିବାର ଖେଳାଯିବ। ଭୁବନେଶ୍ୱରର ଇଡ୍‌କୋ ଓ ସୋଆ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଓ ଜର୍ସି ଉନ୍ମୋଚନ ଅବସରରେ ଇନୋଭାରେ'ର କୋ-ଫାଉଣ୍ଡର ମୋହର ମନୋହର ମିଶ୍ର ସୂଚନା ଦେଇଛନ୍ତି।

ଅଂଶଗ୍ରହଣକାରୀ ୧୬ ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ। ଏହାପରେ ପଏଣ୍ଟ ଆଧାରରେ ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟରଫାଇନାଲକୁ ଉନ୍ନିତ ହେବେ। ଇନୋଭାରେ କ୍ଲାଉଡ୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆର୍ଥିକ ଦୁର୍ବଳ ଥିବା ଦୁଇ ପ୍ରତିଭାବାନ (୧୪ ଓ ୧୬ ବର୍ଷରୁ କମ୍) ଖେଳାଳିଙ୍କୁ ଚନ୍ଦ୍ରଶେଖରପୁରସ୍ଥିତ ରାଓ କ୍ରିକେଟ୍ ଏକାଡେମୀରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥାଏ। ଏହି ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରିକେଟ୍ ପ୍ରଶିକ୍ଷକ କ୍ଷୀରୋଦ ବେହେରା, ପୂର୍ବତନ କ୍ରିକେଟର୍ ଦୀପକ ମଙ୍ଗରାଜ, ବିବିସିସି ମହାପାତ୍ର, ସଭାପତି ସରୋଜ ପାଢ଼ୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହିଥିଲେ।




## ଆଶୁତୋଷଙ୍କୁ ତୃତୀୟ ରାଜ୍ୟ ସ୍ନୁକର ଟାଇଟଲ୍




ଭୁବନେଶ୍ୱର, ୧୫।୧୧ (ସମିସ): ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଚାଲିଥିବା ୩୦ତମ ନିଖିଳ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସିନିଅର ସ୍ନୁକର ଫାଇନାଲରେ ଆଶୁତୋଷ ପାଢ଼ୀ ୬-୩ (୧୧-୫୭, ୬୭-୨୮, ୬୬-୨୩, ୯୩-୦୦, ୬୧-୭୦, ୭୨-୧୮, ୪୬-୫୪, ୬୦-୩୦) ଫ୍ରେମରେ ନିଜ ଗୁରୁ ସୁବ୍ରତ ଦାସଙ୍କ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏଥିସହ ଆଶୁତୋଷ ୩ୟଥର ଲାଗି ରାଜ୍ୟ ସିନିଅର ସ୍ନୁକର ଟାଇଟଲ୍ ଜିତିଛନ୍ତି। ଅପରପକ୍ଷରେ ସୁବ୍ରତ ୬ଷ୍ଠ ଟ୍ରଫି ଜିତିବାରୁ ବଞ୍ଚିତ ହୋଇଛନ୍ତି। ବିଏସ୍‌ଏଓ ସମ୍ପାଦକ ସମୀର ଅଲି, ଟୁର୍ଣ୍ଣାମେଣ୍ଟ ଡିରେକ୍ଟର ଗୋବିନ୍ଦ ଶର୍ମା, ୬ପକେଟ୍ସ କ୍ଲବ ଓନର୍ ଚେତନ ଆନନ୍ଦ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଆଇପିଏଲ୍‌ରେ ଓଡ଼ିଆଙ୍କୁ ସ୍ଥାନ ନାହିଁ !

କଟକ, ୧୫।୧୧(ସମିସ): ବିଶ୍ୱର ସବୁଠାରୁ ଚର୍ଚ୍ଚିତ ପେଶାଦାର କ୍ରିକେଟ୍ ଲିଗ୍ ଆଇପିଏଲରେ ଓଡ଼ିଆ ଖେଳାଳି ଦେଖିବାକୁ ମିଳିବା ଏକ ଅବାସ୍ତବ ସ୍ୱପ୍ନ ପାଲଟିଛି। ରାଜ୍ୟର ଜଣେ ହେଲେ ବି ଖେଳାଳି ନିଲାମୀ ତାଲିକା ପର୍ଯ୍ୟନ୍ତ ପହଞ୍ଚି ପାରୁନାହାନ୍ତି। ଯାହାର ସ୍ପଷ୍ଟ ଚିତ୍ର ବାରମ୍ବାର ସାମ୍ନାକୁ ଆସୁଛି। ଆଇପିଏଲର ଆଗାମୀ ୧୮ ତମ ସଂସ୍କରଣ ନିମନ୍ତେ ଶୁକ୍ରବାର ପ୍ରକାଶ ପାଇଥିବା ମେଗା ନିଲାମୀ ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳିଙ୍କ ନାମ ଉଲ୍ଲେଖ ନାହିଁ। ଏଣୁ ବିଗତ ବର୍ଷ ଭଳି ପୁଣିଥରେ ଓଡ଼ିଆ କ୍ରିକେଟପ୍ରେମୀ ଆଗାମୀ ଦିନରେ ନିରାଶ ହେବେ। ହଳଧର ଦାସ, ବିପ୍ଳବ ସାମନ୍ତରାୟଙ୍କ ପରେ ଶୁଭ୍ରାଂଶୁ ସେନାପତି କ୍ରିକେଟ ଜଗତର ବଡ଼ ମଞ୍ଚ

**୫୭୪ ଖେଳାଳି ନିଲାମୀ ତାଲିକାରେ ଓଡ଼ିଶାରୁ ଶୂନ**

ଆଇପିଏଲରେ ନଜରକୁ ଆସିଥିଲେ। ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ଆଇପିଏଲ ପରିଚାଳନା କମିଟିର ଦୃଷ୍ଟି ଆକର୍ଷଣ କରିବାରେ ଓଡ଼ିଆ ଖେଳାଳିମାନେ ବିଫଳ ହେଉଛନ୍ତି। ଆଗାମୀ ସଂସ୍କରଣ ନିମନ୍ତେ ୧୧ଜଣ ଓଡ଼ିଆ ଖେଳାଳି ନାମ ପଞ୍ଜୀକରଣ କରିଥିଲେ। ଏମାନେ ହେଲେ ଗୋବିନ୍ଦ ପୋଦ୍ଦାର, ଆଶୀର୍ବାଦ ସ୍ୱାଇଁ, କାର୍ତ୍ତିକ ବିଶ୍ୱାଳ, ପ୍ରୟାସ ସିଂହ, ସୁମିତ ଶର୍ମା, ସ୍ୱସ୍ତିକ ସାମଲ, ରାଜେଶ ଧୂପର, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ଯାଦବ, ତରଣୀ ସ ଏବଂ ସୁନୀଲ ରାଉଳ। ଶୁକ୍ରବାର ସନ୍ଧ୍ୟାରେ ଆଇପିଏଲ-୧୮ ଲାଗି ନିଲାମୀ ତାଲିକା ପ୍ରକାଶ ପାଇଥିଲା। ୫୭୪ ଜଣିଆ ଏହି ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳି ସ୍ଥାନ ପାଇବାରେ ସମର୍ଥ ହୋଇନାହାନ୍ତି। ଅନ୍ୟ ରାଜ୍ୟରୁ ମାଳମାଳ ଖେଳାଳି ରହିଛନ୍ତି। ହେଲେ ଜଣେ ହେଲେ ଓଡ଼ିଆଙ୍କୁ ତାଲିକା ଅର୍ନ୍ତଭୁକ୍ତ କରା ନ ଯିବା ରାଜ୍ୟ କ୍ରିକେଟର ସ୍ଥିତି ଓ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଛି।

## ୧୭ରେ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା

ଭୁବନେଶ୍ୱର, ୧୫।୧୧(ସମିସ): ସ୍ଥାନୀୟ ମଞ୍ଚେଶ୍ୱର ସାମେଇଗାଡିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀଠାରେ ଆୟୋଜନ ହେବ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜିଲ୍ଲା ପ୍ରତିଯୋଗିତା। ଭୁବନେଶ୍ୱର ଜିମ୍ନାଷ୍ଟିକ୍ ଆସୋସିଏସନ (ବିଜିଏ) ଆନୁକୂଲ୍ୟରେ ରବିବାର ଆୟୋଜନ ହେବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥି ଓ ଭୁବନେଶ୍ୱର ୫ ନଂ ୱାର୍ଡ କର୍ପୋରେଟର ମିନୁଶ୍ରୀ ଖୁଣ୍ଟିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେବେ ବୋଲି ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏସନ ଉପ- ସଭାପତି ମୀରାରାଣୀ ଦାସ ସୂଚନା ଦେଇଛନ୍ତି।

**ଜାତୀୟ ବରିଷ୍ଠ ପୁରୁଷ ହକି**

## ଫାଇନାଲରେ ଓଡ଼ିଶା-ହରିୟାଣା ଲଢ଼େଇ

ଭୁବନେଶ୍ୱର, ୧୫।୧୧ (ସମିସ): ଚେନ୍ନଇରେ ଚାଲିଥିବା ଜାତୀୟ ସିନିଅର ପୁରୁଷ ହକିର ୧୪ତମ ସଂସ୍କରଣରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ସେମିଫାଇନାଲରେ ଓଡ଼ିଶା ୪-୨ ଗୋଲରେ ମଣିପୁରକୁ ମାତ୍ ଦେଇଥିଲା। ଶନିବାର ହେବାକୁ ଥିବା ଫାଇନାଲରେ ଓଡ଼ିଶାର ମୁକାବିଲା ହରିୟାଣା ସହ ହେବ। ଅନ୍ୟ ଏକ ସେମିଫାଇନାଲରେ ହରିୟାଣା ୩-୨ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା।

ଶୁକ୍ରବାର ଓଡ଼ିଶା ଓ ମଣିପୁର ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପ୍ରଥମାର୍ଦ୍ଧ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା। ପ୍ରଥମ କ୍ୱାର୍ଟର ତଥା ମ୍ୟାଚର ୭ମ ମିନିଟ୍‌ରେ ମଣିପୁରକୁ ଏକ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ନୀଳକାନ୍ତ ଶର୍ମା କୌଣସି ତ୍ରୁଟି ନ କରି




ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଶିଳାନନ୍ଦ ଲାକ୍ରା

ବଲ୍‌କୁ ଓଡ଼ିଶା ନେଟ୍ସ ମଧ୍ୟକୁ ପଠାଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ସେହି ପ୍ରଥମ କ୍ୱାର୍ଟରରେ ହିଁ ଓଡ଼ିଶା ଗୋଲଟି ଶୁଝିଦେଇଥିଲା। ୧୩ତମ ମିନିଟ୍‌ରେ ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ରୂପାନ୍ତରିତ କରି ନୀଳମ ସଞ୍ଜୀପ ଖେସ୍ ମ୍ୟାଚକୁ ୧-୧'ର ସମାନସ୍ତରକୁ ଆଣିଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମାର୍ଦ୍ଧ ୨-୨ ସ୍ଥିତିରେ ରହିଥିଲା। ଓଡ଼ିଶା ପାଇଁ ଶିଳାନନ୍ଦ ଲାକ୍ରା ଓ ମଣିପୁରର ଜ୍ଞାନେନ୍ଦ୍ରଜିତ୍ ନିଙ୍ଗୋମବାମ୍‌ଙ୍କ ଷ୍ଟିକ୍‌ରୁ ଏହି ଗୋଲ୍ ବାହାରିଥିଲା। ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। କିନ୍ତୁ ନିର୍ଣ୍ଣାୟକ ୪ର୍ଥ କ୍ୱାର୍ଟରରେ ଗୋଟିଏ ମିନିଟ୍‌ରେ ୨ଟି ଗୋଲ୍ ଦେଇ ଓଡ଼ିଶା ମ୍ୟାଚକୁ ନିଜ ସପକ୍ଷକୁ ଆଣିଥିଲା। ୫୨ତମ ମିନିଟ୍ ପ୍ରଥମେ ପ୍ରସାଦ କୁଜୁର ଓ ପରେ ସୁଦୀପ ଚିର୍‌ମାକୋଙ୍କ ଏହି ଗୋଲ୍ ଓଡ଼ିଶାକୁ ୪-୨ ଗୋଲରେ ଜିତାଇଥିଲା। ଶିଳାନନ୍ଦ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବରୁ କ୍ୱାର୍ଟର ଫାଇନାଲରେ ଓଡ଼ିଶା ସୁଟ୍‌ଆଉଟ୍‌ରେ ୩-୧ (୩-୩)ରେ କର୍ଣ୍ଣାଟକୁ ପରାସ୍ତ କରିଥିଲା।

**■ ବିସିସିଆଇ ମହିଳା କ୍ରିକେଟ ଲାଗି ଓଡ଼ିଶାର ଦୁଇ ଦଳ ଘୋଷିତ**

## ସୁଶ୍ରୀ ବରିଷ୍ଠ ଓ ଅନୁଷ୍କା କନିଷ୍ଠ ଦଳ ଅଧିନାୟିକା

ଭୁବନେଶ୍ୱର, ୧୫।୧୧ (ସମିସ): ବିସିସିଆଇ ଘରୋଇ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶାର ବରିଷ୍ଠ ଓ ୧୫ ବର୍ଷରୁ କମ୍ ବୟସର ଦୁଇଟି ଦଳର ଖେଳାଳି ତାଲିକା ଘୋଷଣା କରାଯାଇଛି। ବରିଷ୍ଠ ମହିଳା ଦିନିକିଆ ଟୁର୍ଣ୍ଣାମେଣ୍ଟ ଅହମ୍ମଦାବାଦ୍‌ରେ ଡିସେମ୍ବର ୪ରୁ ୧୬ ଯାଏ ଓ ୧୫ ବର୍ଷରୁ କମ୍ ଦିନିକିଆ ଟୁର୍ଣ୍ଣାମେଣ୍ଟ ଛତିଶଗଡ଼ର ରାୟପୁରଠାରେ ନଭେମ୍ବର ୨୧ରୁ ୨୯ ଯାଏ ଅନୁଷ୍ଠିତ ହେବ। ଏହି ଦୁଇଟି ଟୁର୍ଣ୍ଣାମେଣ୍ଟ ଲାଗି ଅଲରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନଙ୍କୁ ବରିଷ୍ଠ ଓ ୱିକେଟରକ୍ଷକ ଅନୁଷ୍କା ମହାନ୍ତିଙ୍କୁ କନିଷ୍ଠ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ମାଧୁରୀ ମେହେଟା ଟି-୨୦ ଦଳର ନେତୃତ୍ୱ ନେଇଥିଲେ। କନିଷ୍ଠ ଦଳ ନଭେମ୍ବର ୨୧ରେ ମଣିପୁର, ୨୩ରେ ମିଜୋରାମ, ୨୫ରେ ଗୁଜରାଟ, ୨୭ରେ ବିଦର୍ଭ ଓ ୨୯ରେ ଝାଡଖଣ୍ଡ ସହ ଖେଳିବ। ସେହିପରି ବରିଷ୍ଠ ଦଳ ଡିସେମ୍ବର ୪ରେ ଆସାମ, ୬ରେ ଉତ୍ତରାଖଣ୍ଡ, ୮ରେ ଅରୁଣାଞ୍ଚଳ ପ୍ରଦେଶ, ୧୦ରେ କେରଳ, ୧୨ରେ ନାଗାଲାଣ୍ଡ, ୧୪ରେ ମୁମ୍ବାଇ ଓ ୧୬ରେ ହାଇଦ୍ରାବାଦ୍ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି।

### ଘୋଷିତ ବରିଷ୍ଠ ମହିଳା ଦଳ

ସୁଶ୍ରୀ ଦିବ୍ୟଦର୍ଶିନୀ (ଅଧିନାୟିକା), ମାଧୁରୀ ମେହେଟା, ସରିତା ମେହେର, ପ୍ରଜ୍ଞାପାରମିତା ମହାନ୍ତି, ମୋନାଲିସା ରାଉତ, ସଙ୍ଗୀତା ଖାଡ଼ିଆ, ରୀମାଲକ୍ଷ୍ମୀ ନାୟକ, ରାମେଶ୍ୱରୀ ନାଏକ, ତରନ୍ନା ପ୍ରଧାନ, ଡି ଜାନକୀ ରେଡ୍ଡୀ, ରସନାରା ପରବିନ୍, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ପ୍ରିୟଙ୍କା ସାହୁ, ଜ୍ୟୋତି କେ, ପ୍ରସାଦ, ରଶ୍ମିତା ଚିନ୍ନାରା ଓ ତନ୍ମୟୀ ବେହେରା।

### କନିଷ୍ଠ ମହିଳା ଦଳ

ଅନୁସ୍କା ମହାନ୍ତି (ଅଧିନାୟିକା), ଆଞ୍ଜେଲ ରାଜ (ଉପଅଧିନାୟିକା ଓ ୱିକେଟରକ୍ଷକ), ଯୁବଲିପି ପରିଡ଼ା, ଶିତଳ ରାଉତ, ଅନୁସ୍କା ମିଶ୍ର, ଚିରଶ୍ରୀ ରାଉତ, ଅଭିପ୍ରଜ୍ଞା ଅବିନାଶ, ଅନ୍ୱେଷା ସ୍ୱାଇଁ, ସାଇସ୍ମିତା ପାତ୍ର, ମେଘା ପ୍ରଧାନ, ରୋମି ମଲ୍ଲିକ, ସୁଭଦ୍ରା ମାଝୀ, ଚିତ୍ତ ସୋରେନ୍, ସୁଜୀ ଖାନ୍ ଓ ପୂର୍ଣ୍ଣଶ୍ରୀ ମିଶ୍ର।

## ଅଭ୍ୟାସ ମ୍ୟାଚ୍‌ରେ ରାହୁଲ ଆହତ

**ପର୍ଥ, ୧୫ ।୧୧(ଏଜେନ୍ସି):** ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଭାରତକୁ ଜବରଦସ୍ତ ଝଟ୍‌କା ଲାଗିଛି । ତାରକା ବ୍ୟାଟର ଲୋକେଶ ରାହୁଲ ଆହତ ହୋଇଛନ୍ତି । ଶୁକ୍ରବାର ସ୍ଥାନୀୟ ୱାକା ଗ୍ରାଉଣ୍ଡରେ ଅନୁଷ୍ଠିତ ଇଣ୍ଟ୍ରା ସ୍କ୍ୱାଡ୍ ଅଭ୍ୟାସ ମ୍ୟାଚ୍‌ରେ ରାହୁଲଙ୍କ କହୁଣୀରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍ ବାଜିଥିଲା । ସ୍କାନ ପାଇଁ ସେ ପଡ଼ିଆ ବାହାରକୁ ଯାଇଥିଲେ । ସେହିପରି ବିରାଟ କୋହଲି ମଧ୍ୟ ଏକ ଆଘାତ ସମସ୍ୟା ପାଇଁ ସ୍କାନ କରାଇଛନ୍ତି ବୋଲି ଅଷ୍ଟ୍ରେଲିଆ ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି । ରାହୁଲ ଓ କୋହଲିଙ୍କ ଇଞ୍ଜୁରୀ ଖବର ଭାରତୀୟ ଶିବିରରେ ଚିନ୍ତା ବଢ଼ାଇଛି । ୩୨ ବର୍ଷୀୟ ରାହୁଲ ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ଓପିନଂ କରିବାର ସମ୍ଭାବନା ରହିଥିଲା । ରୋହିତ ଏଠାରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଖେଳିବେ ନାହିଁ ବୋଲି ଜଣାପଡ଼ିଛି । ସେହିପରି କୋହଲି ବିଦେଶରେ ଖାସ୍ କରି ଅଷ୍ଟ୍ରେଲିଆରେ ସବୁଠାରୁ ଅଧିକ ରନ ସଂଗ୍ରହ କରିଛନ୍ତି । ଏହି ଇଣ୍ଟ୍ରାସ୍କ୍ୱାଡ ଅଭ୍ୟାସ ମ୍ୟାଚ୍‌ର ପ୍ରଥମ ପାଳିରେ ରାହୁଲ ଆହତ ହେବା ପୂର୍ବରୁ ୧୮, ଯଶସ୍ୱୀ ଜୟସ୍ୱାଲ ୧୫, ଶୁବମାନ ଗିଲ୍ ୨୮, କୋହଲି ୧୫, ଋଷଭ ପନ୍ତ ୧୯, ରବିଚନ୍ଦ୍ରନ ଅଶ୍ୱିନ ୫ ଓ ୱିକେଟରକ୍ଷକ ବ୍ୟାଟର ଧ୍ରୁବ ଜୁରେଲ ୨୦ ରନ କରିଥିବା ବେଳେ ମୁକେଶ କୁମାର ୩, କ୍ରିଷ୍ଣା ୨, ନବଦୀପ ସଇନି ୨, ନୀତୀଶ ରେଡ୍ଡୀ ୨ ୱିକେଟ ନେଇଥିଲେ । ସେହିପରି ଦ୍ୱିତୀୟ ପାଳିରେ ଜୟସ୍ୱାଲ ୫୮*, ଗିଲ୍ ୪୨*, କୋହଲି ୩୦, ପନ୍ତ ୨୪ ରନ ସଂଗ୍ରହ କରିଥିଲେ ।

### ଭାରତ-ଦକ୍ଷିଣ ଆଫ୍ରିକା ଚତୁର୍ଥ ଟି-୨୦

# ତିଳକ ବର୍ମା, ସଞ୍ଜୁ ସାମ୍‌ସନ୍‌ଙ୍କ ବିସ୍ଫୋରକ ଶତକ

**ଜୋହାନ୍ସବର୍ଗ, ୧୫।୧୧(ଏଜେନ୍ସି):** ଓପନର ସଞ୍ଜୁ ସାମସନ ଓ ନଂ-୩ ତିଳକ ବର୍ମାଙ୍କ ବିସ୍ଫୋରକ ଶତକ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ୪ର୍ଥ ଟି-୨୦ ମୁକାବିଲାରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୧ ୱିକେଟ ହରାଇ ୨୮୩ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ସଞ୍ଜୁ ତୃତୀୟ ଟି-୨୦ ଶତକ ହାସଲ କରିବା ସହ ୫୬ ବଲ୍‌ରେ ୧୦୯ ଓ ତିଳକ କ୍ରମାଗତ ଦ୍ୱିତୀୟ ଶତକ ସହ ୪୭ ବଲ୍‌ରେ ୧୨୦ ରନ୍ କରି ଅପରାଜିତ ରହିଥିଲେ । ଏମାନେ ଦ୍ୱିତୀୟ ୱିକେଟ ପାର୍ଟନରସିପ୍‌ରୁ ୮୬ ବଲ୍‌ରେ ୨୧୦ ରନ୍ ଉଠାଇବା ଫଳରେ ଭାରତ ଏକ ବିଶାଳ ସ୍କୋର କରିବାରେ ସମର୍ଥ ହୋଇଛି । ସମସ୍ତ ଟି-୨୦ ଇଣ୍ଟରନ୍ୟାସନାଲ କ୍ରିକେଟରେ ଏହା ୫ମ ତଥା ଭାରତର ଦ୍ୱିତୀୟ ସର୍ବବୃହତ୍ ସ୍କୋର । ସେହିପରି ଦ୍ୱିତୀୟ ୱିକେଟରେ ସଂଗୃହୀତ ୨୧୦ ରନ୍ ଭାରତ ଲାଗି ଯେ କୌଣସି ୱିକେଟରେ ସର୍ବାଧିକ ଓ ବିଶ୍ୱରେ ଷଷ୍ଠ ତଥା ଟେଷ୍ଟ ଖେଳୁଥିବା ଦେଶମାନଙ୍କ ମଧ୍ୟରେ ତୃତୀୟ ସର୍ବାଧିକ ପାର୍ଟନରସିପ୍ । ୧-୨ରେ ସିରିଜ୍ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ୨୮୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୬ ଓଭର ଖେଳ ଶେଷ ସୁଦ୍ଧା ୪ ୱିକେଟ ହରାଇ ୩୦ ରନ୍ ସଂଗ୍ରହ କରିନେଇଛି । ଏହି ସମୟରେ ଡେଭିଡ୍ ମିଲର୍ ୫ ଓ ଟ୍ରିଷ୍ଟାନ ଷ୍ଟବ୍ସ ୧୨ ରନ୍ କରି ଅପରାଜିତ ରହିଛନ୍ତି ।





**୪ ମ୍ୟାଚ୍‌ରେ ୪ ଶତକ:** ୱାଣ୍ଡରର୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଚତୁର୍ଥ ମ୍ୟାଚ୍‌ରେ ଟସ୍ ଜିତିବା ପରେ ଭାରତ ପ୍ରଥମେ ବ୍ୟାଟିଂ ନେଇ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲା । ପାୱାର ପ୍ଲେ'ରେ ଦୁଇ ଓପନର ୭୩ ରନ୍ ଉଠାଇବା ପରେ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିଥିଲେ । ୧୮ ବଲ୍‌ରୁ ୨ ଚୌକା ଓ ୪ ଛକା ସହ ୩୬ ରନ୍‌ରେ ଅଭିଷେକ ଶର୍ମା ଆଉଟ ହେବା ପରେ ଭାରତର ଦୁଇ ଅପରାଜିତ ବ୍ୟାଟର ଆଉ ପଛକୁ ଫେରି ଚାହିଁ ନ ଥିଲେ । ଚଳିତ ସିରିଜ୍‌ରେ ଭାରତର ପ୍ରଥମ ମ୍ୟାଚ୍ ହିରୋ ସଞ୍ଜୁ ସାମସନ ଓ ତୃତୀୟ ମ୍ୟାଚ୍ ହିରୋ ତିଳକ ବର୍ମା ଏକାଠି ହେବା ପରେ ୱାଣ୍ଡରର୍ସ ଷ୍ଟାଡିୟମ୍‌ରେ ରନ୍ ବର୍ଷା ହୋଇଥିଲା । ଉଭୟ ଖେଳାଳି ପଡ଼ିଆର ଚାରିଆଡକୁ ଆକର୍ଷଣୀୟ ସଟ୍‌ମାନ ମାରି ଏକ ବିଶାଳ ସ୍କୋର କରିବା ସ୍ପଷ୍ଟ କରିଥିଲେ । ପୂର୍ବରୁ ଉଭୟ ଖେଳାଳି ଚଳିତ ସିରିଜ୍‌ରେ ହାସଲ କରିଥିବା ଶତକୀୟ ଇନିଂସ ଅଭିଜ୍ଞତା ଏହି ଫ୍ଲାଟ୍ ପିଚ୍‌ରେ କାମ ଦେଇଥିଲା । ଫଳରେ ସଞ୍ଜୁ ୫୧ ଓ ତିଳକ ୪୧ ବଲ୍‌ରେ ଶତକ ହାସଲ କରିଥିଲେ । ସଞ୍ଜୁ ୫୬ ବଲ୍ ଖେଳି ୬ ଚୌକା ଓ ୯ ଛକା ବଳରେ ୧୦୯ ଓ ତିଳକ ୪୭ ବଲ୍‌ରୁ ୯ ଚୌକା ଓ ୧୦ ଛକା ବଳରେ ୧୨୦ ରନ୍ କରି ଅପରାଜିତ ରହିଥିଲେ । ଏମାନେ ଏତେ ସେଟ୍ ହୋଇଯାଇଥିଲେ ଯେ, ଦକ୍ଷିଣ ଆଫ୍ରିକାର ସମସ୍ତ ଯୋଜନାକୁ ପଣ୍ଡ କରିଦେଇଥିଲେ । ଫଳରେ ସଞ୍ଜୁ ଓ ତିଳକ ଦ୍ୱିତୀୟ ୱିକେଟରୁ ଭାରତ ଲାଗି ୨୧୦ ରନ୍‌ର ରେକର୍ଡ ପାର୍ଟନରସିପ୍ କରିଥିଲେ । ଟି-୨୦ରେ ଏହା ଭାରତ ଲାଗି ଯେ କୌଣସି ୱିକେଟରେ ସର୍ବାଧିକ ପାର୍ଟନରସିପ୍ ହୋଇଥିଲା । ସେହିପରି ଦୁଇଟି ଟେଷ୍ଟ ଖେଳୁଥିବା ଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଦ୍ୱିତୀୟ କିମ୍ବା ଏହା ପର ୱିକେଟ ଯୋଡିରେ ମଧ୍ୟ ଏହା ସର୍ବାଧିକ ପାର୍ଟନରସିପ୍ । ଏହି ପାର୍ଟନରସିପ୍ ବଳରେ ଭାରତ ୧ ୱିକେଟରେ ୨୮୩ ରନ୍ କରି ସମସ୍ତ ଟି-୨୦ ଅନ୍ତର୍ଜାତୀୟରେ ଦ୍ୱିତୀୟ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ମଧ୍ୟ ସର୍ବାଧିକ ସ୍କୋର କରିଛି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ସଞ୍ଜୁ ସାମସନ ଓ ତୃତୀୟ ମ୍ୟାଚ୍‌ରେ ତିଳକ ବର୍ମା ଶତକ ହାସଲ କରିଥିଲେ ।

### ସଂକ୍ଷିପ୍ତ ସ୍କୋର

ଭାରତ ଇନିଂସ : ୨୮୩/୧, ୨୦ ଓଭର (ସଞ୍ଜୁ ସାମସନ-୧୦୯*, ତିଳକ ବର୍ମା-୧୨୦*, ଅଭିଷେକ ଶର୍ମା-୩୬, ଲୁଥୋ ସିପମ୍ଲା- ୧/୫୮) ।

### ରଣଜୀ ଟ୍ରଫି: ଇତିହାସ ସୃଷ୍ଟି କଲେ ଅଂଶୁଳ କାମ୍ବୋଜ

# ଗୋଟିଏ ଇନିଂସରେ ନେଲେ ୧୦ ୱିକେଟ



**ରୋହତକ, ୧୫ ।୧୧(ଏଜେନ୍ସି):** ହରିୟାଣା ଦ୍ରୁତ ବୋଲର ଅଂଶୁଳ କାମ୍ବୋଜ ଚଳିତ ରଣଜୀ ଟ୍ରଫିରେ ଇତିହାସ ସୃଷ୍ଟି କରିଛନ୍ତି । ସ୍ଥାନୀୟ ଚୌଧୁରୀ ବଂଶୀଲାଲ ଷ୍ଟାଡିୟମରେ ଚାଲିଥିବା କେରଳ ବିପକ୍ଷ ରଣଜୀ ମ୍ୟାଚ୍‌ରେ ସେ ପ୍ରଥମ ଇନିଂସରେ ୧୦ଟି ଯାକ ୱିକେଟ (ପରଫେକ୍ଟ ୧୦) ଅକ୍ତିଆର କରି ଐତିହାସିକ ସଫଳତା ଅର୍ଜନ କରିଛନ୍ତି । ରଣଜୀ ଇତିହାସରେ ଗୋଟିଏ ପାଳିରେ ସମସ୍ତ ୧୦ ୱିକେଟ ନେବାରେ ୨୩ ବର୍ଷୀୟ କାମ୍ବୋଜ ତୃତୀୟ ବୋଲର ବିବେଚିତ ହୋଇଛନ୍ତି । କିନ୍ତୁ ୩୯ ବର୍ଷ ପରେ ସେ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ବୋଲର ଭାବେ ପରଫେକ୍ଟ ୧୦ ସଫଳତା ହାସଲ କରିଛନ୍ତି । କାମ୍ବୋଜଙ୍କ ପୂର୍ବରୁ ଦୁଇ ଜଣ ବୋଲର ଏହି ସଫଳତା ହାସଲ କରିଥିଲେ । ବେଙ୍ଗଲର ପ୍ରେମାଂଶୁ ଚାଟାର୍ଜୀ ୧୯୫୬-୫୭ ସିଜନରେ ଆସାମ ବିପକ୍ଷରେ ଓ ୧୯୮୫-୮୬ ସିଜନରେ ରାଜସ୍ଥାନର ପ୍ରଦୀପ ସୁନ୍ଦରମ ବିଦର୍ଭ ବିପକ୍ଷରେ ଗୋଟିଏ ଇନିଂସରେ ସମସ୍ତ ୧୦ ୱିକେଟ ହାସଲ କରିଥିଲେ । କିନ୍ତୁ ପ୍ରଥମ ଶ୍ରେଣୀ କ୍ରିକେଟରେ କାମ୍ବୋଜ ଭାରତର ଷଷ୍ଠ ବୋଲର ଭାବେ ଏହି ସଫଳତା ହାସଲ କରିଛନ୍ତି । ତାଙ୍କୁ ପୂର୍ବରୁ କିମ୍ବଦନ୍ତୀ ଲେଗ୍ ସ୍ପିନର ଅନିଲ କୁମ୍ବଲେ, ସୁଭାଷ ଗୁପ୍ତେ ଓ ଓଡ଼ିଶାର ଦେବାଶିଷ ମହାନ୍ତି ଏହି ସଫଳତା ହାସଲ କରିଥିଲେ ।

### ଦେବାଶିଷ ମଧ୍ୟ ନେଇଥିଲେ ୧୦ ୱିକେଟ

ଓଡ଼ିଶାର ଏକମାତ୍ର ଅନ୍ତର୍ଜାତୀୟ ଦ୍ରୁତ ବୋଲର ଦେବାଶିଷ ମହାନ୍ତି ମଧ୍ୟ ଗୋଟିଏ ପାଳିରେ ୧୦ ୱିକେଟ ଅକ୍ତିଆର କରି ଐତିହାସିକ ସଫଳତା ଅର୍ଜନ କରିଥିଲେ । ୨୦୦୧ରେ ତ୍ରିପୁରା ରାଜଧାନୀ ଅଗରତାଲାରେ ଅନୁଷ୍ଠିତ ଦୁଲୀପ ଟ୍ରଫି ମ୍ୟାଚ୍‌ରେ ଦେବାଶିଷ ପୂର୍ବାଞ୍ଚଳ ତରଫରୁ ପ୍ରତିନିଧିତ୍ୱ କରି ଦକ୍ଷିଣାଞ୍ଚଳ ବିପକ୍ଷରେ ଏହି ସଫଳତା ପାଇଥିଲେ । ସେ ପ୍ରଥମ ପାଳିରେ ୧୯ ଓଭର ବୋଲିଂ କରି ୫ ମେଡେନ ନେବା ସହ ୪୬ ରନ ବ୍ୟୟ କରି ସବୁ ୧୦ଟି ଯାକ ୱିକେଟ ଅକ୍ତିଆର କରିଥିଲେ । ଏହି ମ୍ୟାଚ୍‌ରେ ପୂର୍ବାଞ୍ଚଳ ୪ ୱିକେଟ ବିଜୟ ହାସଲ କରିଥିଲା । ସେ ଏହି କ୍ରମରେ ଦ୍ରାବିଡ, ଭିଭିଏସ୍ ଲକ୍ଷ୍ମଣ, ବିଜୟ ଭରଦ୍ୱାଜ, ସୁନୀଲ ଜୋଶୀ, ଶ୍ରୀଧରନ ଶ୍ରୀରାମଙ୍କ ଭଳି ବ୍ୟାଟରଙ୍କୁ ଆଉଟ କରିଥିଲେ ।

**ରଣଜୀ ଟ୍ରଫିରେ ୧୦ ୱିକେଟ ସଫଳତା**

| ପ୍ରଦର୍ଶନ | ବୋଲର | ମ୍ୟାଚ୍ | ସିଜନ |
|---|---|---|---|
| ୧୦/୨୦ | ପ୍ରେମାଂଶୁ ଚାଟାର୍ଜୀ | ବେଙ୍ଗଲ- ଆସାମ | ୧୯୫୬-୫୭ |
| ୧୦/୪୯ | ଅଂଶୁଳ କାମ୍ବୋଜ | ହରିୟାଣା- କେରଳ | ୨୦୨୪-୨୫ |
| ୧୦/୭୮ | ପ୍ରଦୀପ ସୁନ୍ଦରମ | ରାଜସ୍ଥାନ- ବିଦର୍ଭ | ୧୯୮୫-୮୬ |

**ପ୍ରଥମଶ୍ରେଣୀରେ ୧୦ ୱିକେଟ ସଫଳତା**

| ପ୍ରଦର୍ଶନ | ବୋଲର | ମ୍ୟାଚ୍ | ସିଜନ |
|---|---|---|---|
| ୧୦/୪୬ | ଦେବାଶିଷ ମହାନ୍ତି | ପୂର୍ବାଞ୍ଚଳ- ଦକ୍ଷିଣାଞ୍ଚଳ | ୨୦୦୦-୦୧ |
| ୧୦/୭୪ | ଅନିଲ କୁମ୍ବଲେ | ଭାରତ- ପାକିସ୍ତାନ | ୧୯୯୯ |
| ୧୦/୭୮ | ସୁଭାଷ ଗୁପ୍ତେ | ବମ୍ବେ- ପାକିସ୍ତାନ ମିଳିତ ଏକାଦଶ | ୧୯୫୪-୫୫ |

## କୁଚ୍ ବିହାର ଟ୍ରଫିରେ ଓଡ଼ିଶାର ଇନିଂସ ବିଜୟ

**ବରଗଡ଼, ୧୫।୧୧ (ସମିସ):** ସୟଦ୍ ତୁଫାଏଲ ଅହମ୍ମଦ୍ ଓ ସମ୍ବିତ ବେଜାଙ୍କ ଚମତ୍କାର ବୋଲିଂ ବଳରେ ମେଘାଳୟକୁ ଏକ ଇନିଂସ ଓ ୧୨୧ ରନ୍‌ରେ ପରାସ୍ତ କରି କୁଚ୍ ବିହାର ଟ୍ରଫିର ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପୂରା ପଏଣ୍ଟ ପାଇଛି । ପୂର୍ବରୁ ଶ୍ରେୟାଂସ ଭରଦ୍ୱାଜଙ୍କ ନେତୃତ୍ୱରେ ଗଠିତ ଦଳ ଦିଲ୍ଲୀକୁ ପରାସ୍ତ କରିଥିଲା । ସ୍ଥାନୀୟ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଶେଷ ହୋଇଥିବା ଏହି ମୁକାବିଲାରେ ତୁଫାଏଲ ୫ଟି ଓ ଅଭିଷେକ ସିଂ ୩ଟି ୱିକେଟ ନେବା ଫଳରେ ମେଘାଳୟ ପ୍ରଥମ ପାଳିରେ ମାତ୍ର ୯୬ ରନ୍ କରିଥିଲା । ଜବାବରେ ପାନକଳ ମୋକ୍ଷିତ ୧୧୬ ଓ ଶ୍ରେୟାଂଶ ୧୦୩ ରନ୍ କରିବା ଫଳରେ ଓଡ଼ିଶା ୯ ୱିକେଟରେ ୪୨୪ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା । ପ୍ରଥମ ଇନିଂସରେ ୩୨୮ ରନ୍ ପଛୁଆ ରହିଥିବା ମେଘାଳୟ ଦ୍ୱିତୀୟ ଇନିଂସରେ କିଛିଟା ଲଢୁଆ ବ୍ୟାଟିଂ କରି ୨୦୭ ରନ୍ କରିଥିଲା । ଏହା ସତ୍ତ୍ୱେ ଦଳ ଇନିଂସ ପରାଜୟ ଏଡ଼ାଇ ପାରି ନ ଥିଲା । ଏହି ଇନିଂସରେ ତୁଫାଏଲ ଓ ସମ୍ବିତ ବେଜା ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।


ସମ୍ବିତ ବେଜା


ସୟଦ୍ ତୁଫାଏଲ ଅହମ୍ମଦ୍

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
4th Anniversary
ଦୈନିକ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୪
Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with
SRI VINAYAKA CLASSES SINCE 2006 BHUBANESWAR
୧୭ ନଭେମ୍ବର ୨୦୨୪
ସକାଳ ୯ ଘଟିକା
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ । ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ ।
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ
ପ୍ରତିଯୋଗିତାର ସ୍ଥାନ
**ଅନୁଗୁଳ:** ସ୍ୱର୍ଣ୍ଣ ମଣ୍ଡପ, ଜିଲ୍ଲା ଟ୍ରକ ମାଲିକ ସଂଘ, ଅନୁଗୁଳ ଟାଉନ (ମୋ: ୯୪୩୯୦୧୭୦୧୯), **ବାଲେଶ୍ୱର:** ସକାଳ ଭବନ, ବାଲେଶ୍ୱର (ମୋ: ୯୪୩୯୪୫୨୧୮୮), **ବରଗଡ:** ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ, ଭଟଲି ଛକ, ବରଗଡ (ମୋ: ୯୯୩୭୦୬୧୩୩୦), **ବାରିପଦା:** ସାଇ ଆଦର୍ଶ ବିଦ୍ୟାଳୟ, ରଘୁନାଥପୁର, ବାରିପଦା (ମୋ: ୯୪୩୮୨୪୮୪୯୧), **ଭଦ୍ରକ:** ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକ (ମୋ: ୯୦୯୦୯୦୪୦୬୭), **ଭୁବନେଶ୍ୱର:** ଷ୍ଟୁଆର୍ଟ ସ୍କୁଲ୍, ଭୁବନେଶ୍ୱର (ମୋ:୬୩୭୨୧୬୯୪୧୪୨), **ବଲାଙ୍ଗୀର:** ସାମ୍ବାଦିକ ଭବନ, ବଲାଙ୍ଗୀର (ମୋ: ୯୪୩୮୦୪୧୬୫୯), **ବୌଦ୍ଧ:** ସେଣ୍ଟ ଜାଭିୟର ପବ୍ଲିକ୍ ସ୍କୁଲ, ବୌଦ୍ଧ (ମୋ:୭୦୦୮୭୩୯୮୬୦), **କଟକ:** ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସୀପୁର, କଟକ (ମୋ:୯୩୩୮୧୦୧୦୮୩), **ଦେଓଗଡ:** ଆପ୍ରାଇଜ୍ ଏଜୁକେସନାଲ ଇନଷ୍ଟିଚ୍ୟୁଟ, ପୁରୁଣାଗଡ, ଦେଓଗଡ (ମୋ:୭୮୪୭୦୨୩୩୦୩), **ଢେଙ୍କାନାଳ:** ସିନର୍ଜି ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ଢେଙ୍କାନାଳ (ମୋ: ୯୪୩୭୦୭୪୦୩୩), **ଗଜପତି:** ମହେନ୍ଦ୍ରଗିରି (ପୌର) ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି (ମୋ:୯୪୩୭୨୧୪୦୦୦୨), **ବ୍ରହ୍ମପୁର:** ଶ୍ରୀ ଅରବିନ୍ଦ ଉଚ୍ଚ ଶିକ୍ଷା ଅନୁଷ୍ଠାନ, ବ୍ରହ୍ମପୁର (ମୋ: ୯୪୩୯୭୬୧୧୧୬/୭୭୪୯୧୧୭୦୩), **ଜଗତସିଂହପୁର:** ପାରାଦୀପ କଲେଜ, ପାରାଦୀପ (ମୋ: ୯୪୩୮୬୯୯୭୯୫), **ଯାଜପୁର:** ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର ଟାଉନ (ମୋ: ୯୪୩୯୪୯୭୬୪୫), **ଝାରସୁଗୁଡା:** ସରକାରୀ ଉଚ୍ଚ ବିଦ୍ୟାଳୟ, ସରବାହାଲ, ଝାରସୁଗୁଡା (ମୋ: ୯୭୭୭୩୪୩୬୯୩), **କଳାହାଣ୍ଡି:** ଅମଲା ଭବନ, ଭବାନୀପାଟଣା (ମୋ: ୯୪୩୭୨୨୨୯୨୨), **କନ୍ଧମାଳ:** ଡିଆଇପିଆରଓ କନଫରେନ୍ସ ହଲ୍, ଫୁଲବାଣୀ (ମୋ: ୯୪୩୭୭୬୫୨୯୪), **କେନ୍ଦ୍ରାପଡା:** ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା (ମୋ: ୯୯୩୭୨୨୭୯୯୪), **କେନ୍ଦୁଝର:** ସି ଟି ଜି ଫାଉଣ୍ଡେସନ, ଶିକ୍ଷା ନିକେତନ ଡିମ୍ବୋ, କେନ୍ଦୁଝର (ମୋ: ୯୪୩୭୬୧୭୮୫), **ଖୋର୍ଦ୍ଧା:** ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟ, ବାଣପୁର (ମୋ: ୯୪୩୭୪୫୬୫୬୭), **କୋରାପୁଟ:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଅରବିନ୍ଦ ନଗର, ପାରାବେଢ଼ା, ଜୟପୁର (ମୋ: ୯୪୩୯୫୧୦୦୯୧), **ମାଲକାନଗିରି:** ମାଲକାନଗିରି କଲେଜ, ମାଲକାନଗିରି (ମୋ: ୯୦୭୮୯୩୨୨୬୬), **ନବରଙ୍ଗପୁର:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମିର୍ଗାନ ଗୁଡା, ନବରଙ୍ଗପୁର କଲେଜ ନିକଟ, ନବରଙ୍ଗପୁର (ମୋ: ୭୯୭୮୭୩୩୬୩୬), **ନୟାଗଡ:** ବ୍ଲକ ସଭା ଗୃହ, ନୟାଗଡ (ମୋ: ୭୩୭୭୭୧୦୦୯୭), **ନୂଆପଡା:** ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ, ନୂଆପଡା (ମୋ: ୯୯୩୭୬୯୨୧୩୨), **ପୁରୀ:** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର, ପୁରୀ (ମୋ: ୭୯୭୮୬୬୨୧୧୬), **ରାୟଗଡା:** ସେଞ୍ଚୁରିଆନ ପବ୍ଲିକ୍ ସ୍କୁଲ, ରାୟଗଡା (ମୋ: ୭୦୦୮୧୪୧୨୧୬), **ରାଉରକେଲା :** ରିମସ, ଛେଣ୍ଡ, ରାଉରକେଲା (ମୋ: ୯୪୩୭୦୮୨୭୭୭), **ସମ୍ବଲପୁର:** ଗୁରୁନାନକ ପବ୍ଲିକ୍ ସ୍କୁଲ, ସମ୍ବଲପୁର (ମୋ:୯୭୭୭୫୪୯୪୫୮), **ସୋନପୁର:** ସାହାରା ଟ୍ରଷ୍ଟ ହାଇ ସ୍କୁଲ, ସୋନପୁର (ମୋ: ୯୬୫୮୬୨୮୫୫୦), **ସୁନ୍ଦରଗଡ:** ସରକାରୀ କଲେଜ, ସୁନ୍ଦରଗଡ (ମୋ: ୯୯୩୮୧୭୪୫୬୭) ।
Follow us on: SakalaNews

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS